ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ରବିବାର, ମେ ୩/୨୦୨୬ (୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 3/2026 | Page 18 | ₹ 7.00
୫୨ଶ ଭାଗ ୧୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 157 | ମୂଲ୍ୟ ₹୭/-



**ଜାତୀୟ ରେକର୍ଡ ଭାଙ୍ଗିଲେ କୁଳଦୀପ**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ ଇନ୍‌ଡୋର ଓପନ ପୋଲଭଲ୍ଟ ଇଭେଣ୍ଟରେ ଜାତୀୟ ରେକର୍ଡର ଅଧିକାରୀ ହୋଇଛନ୍ତି ମଧ୍ୟପ୍ରଦେଶର କୁଳଦୀପ କୁମାର।

୧୮

୦୨

**ହିଲ୍ସ ପିନ୍ଧି ନାଚିଲେ ଅକ୍ଷୟ**

ଅଭିନେତା ଅକ୍ଷୟ କୁମାର ତାଙ୍କ ଗେମ୍ ଶୋ 'ହ୍ୱିଲ୍ ଅଫ୍ ଫର୍ଚ୍ୟୁନ'ରେ ହାଇ ହିଲ୍ ପିନ୍ଧି ନୃତ୍ୟ କରିବା ସୋସିଆଲ ମିଡିଆରେ ଚର୍ଚ୍ଚା ବଢ଼ାଇଛି।



# ମାଟ୍ରିକ୍ ପରୀକ୍ଷା: ୯୫.୩୩% ପାସ୍ ହାର



ମାଟ୍ରିକ୍ ପରୀକ୍ଷାଫଳ ଶନିବାର ଅପରାହ୍ଣରେ ପ୍ରକାଶ ପାଇବା ପରେ କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

- **ଓଡ଼ିଆ, ଇଂଲିଶ ଭାଷାରେ ମିଳିବ ସାର୍ଟିଫିକେଟ**
- **୩,୩୧୦ ହାଇସ୍କୁଲରେ ଶତପ୍ରତିଶତ ଫଳ**
- **ଏଥର ବି ଝିଅ ଆଗରେ**
- **ଗଜପତିରେ ପାସ୍ ହାର ସର୍ବାଧିକ, କେନ୍ଦୁଝରରେ ସର୍ବନିମ୍ନ**

**କଟକ,୨।୫(କାର୍ତ୍ତିକ ସାହୁ)**

ଚଳିତବର୍ଷର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା(ମାଟ୍ରିକ୍ ପରୀକ୍ଷା) ଫଳ ଶନିବାର ପ୍ରକାଶ ପାଇଛି। ଏଥର ରାଜ୍ୟରେ ପାସ୍ ହାର ୯୫.୩୩% ହୋଇଥିବାବେଳେ ଝିଅମାନେ ଆଗରେ ରହିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୯୬.୩୭% ରହିଥିବା ବେଳ ଛାତ୍ରଙ୍କ ପାସ୍ ହାର ୯୪.୦୩% ରହିଛି। ଗଜପତି ଜିଲାରେ ପାସ୍ ହାର ସର୍ବାଧିକ ୯୯.୩୧% ଓ କେନ୍ଦୁଝର ଜିଲାରେ ପାସ୍ ହାର ସର୍ବନିମ୍ନ ୯୪.୩୫% ହୋଇଛି। ଅପରପକ୍ଷରେ ରାଜ୍ୟର ୩,୩୧୦ ହାଇସ୍କୁଲରେ ପରୀକ୍ଷାଫଳ ଶତପ୍ରତିଶତ ହୋଇଥିବାବେଳେ ୩ଟି ହାଇସ୍କୁଲର ପରୀକ୍ଷାଫଳ ଶୂନ ହୋଇଛି।

କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ମୁଖ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଫଳାଫଳ ଘୋଷଣା କରିବା ସହ ପରିସଂଖ୍ୟାନ ପୁସ୍ତିକା ଉନ୍ମୋଚନ କରିଛନ୍ତି। ସମଗ୍ର ରାଜ୍ୟରେ ଚଳିତ ବର୍ଷ ୫,୪୪,୬୭୦ଜଣ ରେଗୁଲାର୍ ଛାତ୍ରୀଛାତ୍ର ମାଟ୍ରିକ ଫର୍ମ ପୂରଣ କରିଥିବାବେଳେ ୫,୩୬,୩୦୬ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫,୧୯,୨୫୧ଜଣ ପାସ୍ କରିଛନ୍ତି। ଏ-୧ ଗ୍ରେଡ୍‌ରେ ୨୪୫୬, ଏ-୨ ଗ୍ରେଡ୍‌ରେ ୧୫୬୮୧, ବି-୧ ଗ୍ରେଡ୍‌ରେ ୪୩୫୬୫, ବି-୨ ଗ୍ରେଡ୍‌ରେ ୮୬୧୦୩, ସି ଗ୍ରେଡ୍‌ରେ ୧୨୯୮୧୩, ଡି ଗ୍ରେଡ୍‌ରେ ୧୪୬୧୫୨, ଇ ଗ୍ରେଡ୍‌ରେ ୯୫୪୮୧ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ☞ପୃଷ୍ଠା-୪

## ବୀମା କ୍ଷେତ୍ରରେ ୧୦୦% ଏଫ୍‌ଡିଆଇକୁ ଅନୁମତି

**ନୂଆଦିଲ୍ଲୀ, ୨।୫**

ବୀମା କ୍ଷେତ୍ରରେ ବିଦେଶୀ ପୁଞ୍ଜି ନିବେଶକୁ ଅଧିକ ପ୍ରୋତ୍ସାହନ ଦେବାକୁ କେନ୍ଦ୍ର ସରକାର ନିବେଶ ପ୍ରକ୍ରିୟାକୁ ଆହୁରି ସହଜ କରିବା ସହ ଏଥିପାଇଁ ଉଦାରୀକରଣ ନୀତି ଗ୍ରହଣ କରିଛନ୍ତି। ଏଣିକି ବିଦେଶୀ କମ୍ପାନୀ ଭାରତୀୟ ବୀମା କ୍ଷେତ୍ରରେ ଶତପ୍ରତିଶତ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ କରିବାକୁ ସରକାର ଅନୁମତି ଦେଇଛନ୍ତି। ଏହି ବ୍ୟବସ୍ଥାରେ ଅଟୋମେଟିକ୍ ରୁଟ୍‌ରେ ଯେକୌଣସି ବିଦେଶୀ କମ୍ପାନୀ ବୀମା କ୍ଷେତ୍ରରେ କାର୍ଯ୍ୟକରୁଥିବା ଭାରତୀୟ କମ୍ପାନୀରେ ୧୦୦ ପ୍ରତିଶତ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ କରିପାରିବେ। ଏହାଦ୍ୱାରା ବୀମା କ୍ଷେତ୍ରରେ ବିଦେଶୀ ପୁଞ୍ଜି ନିବେଶ ଲାଗି ରହିଥିବା ପ୍ରତିବନ୍ଧକ ହଟିବା ସହ ପର୍ଯ୍ୟାପ୍ତ ପୁଞ୍ଜି ନିବେଶ ଲାଗି ପଥ ଉନ୍ମୁକ୍ତ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି କ୍ରମରେ କେନ୍ଦ୍ର ଶିଳ୍ପ ପ୍ରୋତ୍ସାହନ ଓ ଆଭ୍ୟନ୍ତରୀଣ ବାଣିଜ୍ୟ (ଡିପିଆଇଆଇଟି) ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏଣିକି ପୋର୍ଟଫୋଲିଓ ସହ ପ୍ରତ୍ୟକ୍ଷ ପୁଞ୍ଜି ନିବେଶକୁ ଅଟୋମେଟିକ୍ ରୁଟ୍‌ରେ କରାଯାଇପାରିବ। ତେବେ ଏଥିପାଇଁ ଭାରତୀୟ ବୀମା ନିୟନ୍ତ୍ରକ ଓ ବିକାଶ ପ୍ରାଧିକରଣ (ଆଇଆର୍‌ଡିଏଆଇ) ନିକଟରୁ ଅନୁମୋଦନ ଲାଭ କରିବାକୁ ପଡ଼ିବ। ତେବେ ଭାରତର ସର୍ବବୃହତ ଜୀବନ ବୀମା କମ୍ପାନୀ ଭାରତୀୟ ବୀମା ନିଗମ (ଏଲଆଇସି) ଏକ ସ୍ୱତନ୍ତ୍ର କାର୍ଯ୍ୟଧାରାରେ ପରିଚାଳିତ ହେବ ଏବଂ ଏଥିରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | **ପକ୍ଷପାତ ବିଚାର**

RAMRAJ COTTON
WHITE SHIRTS
OWN EVERY MOMENT in WHITE
www.ramrajcotton.in
For Trade Enquiry Ph : 90920 99147



KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India
• Only 29 Years as an Institute • 24 Years as a Deemed to be University
THE World University Rankings 2026 Asia — 1st in Eastern India — 169th in Asia
THE World University Rankings 2026 — 5th Among All Universities in India — 501+ Cohort Globally
KIIT Accomplishes QS 5-Star & PLATINUM I-GAUGE — Only University in Eastern India with QS 5-Star & Platinum Ratings
QS World University Rankings 2026 — 1st in Odisha & 8th in India among pvt. universities
• Best Campus — Outstanding infrastructure & world-class facilities
• Best Placement — Excellent Opportunities & Career Outcomes
• Best Environment & Ambience — Supportive learning environment with a vibrant campus atmosphere
• Student Friendly Campus — Student-centric approach with comprehensive support services
• Parent-Friendly Institution — Transparent communication & parent engagement
ADMISSION OPEN
KIITEE 2026 PHASE - 2
APPLY NOW
through KIIT Websites
www.kiitee.ac.in / www.kiit.ac.in
No Examination Fee (Computer-Based Test)
Scan to Apply
Director Admissions, Admission Cell (Koel Campus), KIIT DU, Bhubaneswar, Odisha, India-751024
admission@kiit.ac.in | kiitee.ac.in | 8080 735 735
Key Rankings & Achievements
A++ Grade Accredited by NAAC
nirf 2025 17th Among Indian Universities
NBA Tier 1 Re-accredited by NBA
ABET (US) Accreditation
IET Accredited Programme The Institution of Engineering and Technology
Special Consultative Status by the UN-ECOSOC
Partnership with UN VOLUNTEERS
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.



## ସନ୍ଦୀପ୍ ପାଠକଙ୍କ ନାମରେ ୨ ଏତଲା

ଚଣ୍ଡିଗଡ଼/ନୂଆଦିଲ୍ଲୀ,୨।୫: ନିକଟରେ ଆପ୍ ଛାଡ଼ି ଅନ୍ୟ ୬ ଏମ୍‌ପିଙ୍କ ସହ ଭାଜପାରେ ଯୋଗ ଦେଇଥିବା ରାଜ୍ୟ ସଭା ସଦସ୍ୟ ସନ୍ଦୀପ୍ ପାଠକଙ୍କ ନାମରେ ପଞ୍ଜାବ ପୋଲିସ ୨ଟି ଏତଲା ଦାଏର କରିଛି। ଜାମିନବିହୀନ ଅପରାଧରେ ଏତଲା ଦାଏର ହୋଇଥିବାରୁ ପାଠକଙ୍କୁ ପୋଲିସ ଗିରଫ କରିପାରେ। ସେଥିପାଇଁ ସେ ପଛଦ୍ୱାର ଦେଇ ଘରୁ କାରରେ ବାହାରିଯିବା ଏକ ଭିଡିଓରେ ଦେଖିବାକୁ ମିଳିଛି। ପାଠକଙ୍କ ଫୋନ୍ ସୁଇଚ୍ ଅଫ୍ ଥିବାବେଳେ ସେ କୌଣସି ଅଜଣା ସ୍ଥାନରେ ରହିଛନ୍ତି।





ଏଲ୍‌ପିଜି ମୂଲ୍ୟ ବୃଦ୍ଧି ପ୍ରତିବାଦରେ ବେଙ୍ଗାଲୁରୁରେ ଶନିବାର ଯୁବକଂଗ୍ରେସ କର୍ମୀ ପ୍ଲାକାର୍ଡ ଧରି ବିକ୍ଷୋଭ କରୁଛନ୍ତି। ୧୯ କେଜି ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ଦାମ୍ ୯୯୩ ଟଙ୍କା ବଢ଼ିଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି।

# ଇସି ଭୋଟଗଣନା କର୍ମଚାରୀ ଚୟନ କରିପାରିବେ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨।୫

ପଶ୍ଚିମବଙ୍ଗ ଭୋଟଗଣତି ବେଳେ କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କୁ ନିର୍ବାଚନ କମିଶନ (ଇସି) ନିଯୁକ୍ତ କରିଥିବାରୁ ଏହାକୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସର୍ବୋଚ୍ଚ ଅଦାଲତ ଏହା ଉପରେ କୌଣସି ନିର୍ଦ୍ଦେଶ ଦେବାକୁ ଶନିବାର ମନା କରିଦେଇଛନ୍ତି। ନିର୍ବାଚନ କମିଶନ ଭୋଟଗଣନା କର୍ମଚାରୀଙ୍କୁ ଚୟନ କରିପାରିବେ ବୋଲି ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ଗତ ଏପ୍ରିଲ ୧୩ରେ ନିର୍ବାଚନ କମିଶନଙ୍କ ସର୍କୁଲାରରେ ରାଜ୍ୟ କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତ କରାଯିବାର ବ୍ୟବସ୍ଥା ଥିଲା। ତେଣୁ ଏହାକୁ ଭୁଲ୍ କୁହାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। କୌଣସି ଅନିୟମିତତାକୁ ନେଇ ତୃଣମୂଳ କଂଗ୍ରେସ ଆଶଙ୍କା ବ୍ୟକ୍ତ କରିବା ଭୁଲ୍ ବୋଲି ନିର୍ବାଚନ କମିଶନ କହିଛନ୍ତି। କାରଣ ଭୋଟଗଣତି କାର୍ଯ୍ୟରେ ଉଭୟ କେନ୍ଦ୍ରୀୟ ଓ ରାଜ୍ୟ କର୍ମଚାରୀ ରହିବେ ବୋଲି ସର୍କୁଲାରରେ ସ୍ପଷ୍ଟ ଉଲ୍ଲେଖ ରହିଥିଲା। ଉକ୍ତ ସର୍କୁଲାର ଅନୁଯାୟୀ କାର୍ଯ୍ୟ କରାଯିବ ଏବଂ ଆସନ୍ତା ୪ ତାରିଖ ଭୋଟଗଣତି ବେଳେ ରାଜ୍ୟ ସରକାରଙ୍କ କର୍ମଚାରୀ ନିୟୋଜିତ ରହିବେ ବୋଲି ଇସି ଅଦାଲତଙ୍କୁ କହିଛନ୍ତି।

# ଅନ୍ୟକୁ ଟାର୍ଗେଟ କରିବାକୁ ମୋ କାନ୍ଧ ବ୍ୟବହାର କରନାହିଁ

ମୁମ୍ବାଇ,୨।୫

**ଟ୍ରାଫିକ୍ ଜାମ୍‌କୁ ନେଇ ମନ୍ତ୍ରୀଙ୍କ ସହ ମୁହାଁମୁହିଁ ହୋଇଥିବା ମହିଳାଙ୍କ ନିବେଦନ**

ଗତ ମାସରେ ଭାଜପା ରାଲି ଯୋଗୁ ଟ୍ରାଫିକ୍ ଜାମ୍‌କୁ ନେଇ ମହାରାଷ୍ଟ୍ର ଜଳସମ୍ପଦ ମନ୍ତ୍ରୀ ଗିରୀଶ ମହାଜନ ଏବଂ ସ୍ଥାନୀୟ ପୋଲିସ ସହ ମୁହାଁମୁହିଁ ହୋଇ ଚର୍ଚ୍ଚାକୁ ଆସିଥିବା ମୁମ୍ବାଇ ମହିଳା ରାଜନୈତିକ ଦଳଗୁଡ଼ିକ ଅନ୍ୟକୁ ଟାର୍ଗେଟ କରିବା ପାଇଁ ତାଙ୍କ କାନ୍ଧ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛନ୍ତି। ଗତ ମାସ ୨୧ରେ ଟିନା ଚୌଧରୀ ନାମ୍ନୀ ମହିଳା ତାଙ୍କ ଝିଅକୁ ସ୍କୁଲ୍‌ରୁ ଆଣିବାକୁ ଯାଉଥିବାବେଳେ ଟ୍ରାଫିକ୍ ଜାମ୍ ଯୋଗୁ ୨୫ ମିନିଟ୍ ରାସ୍ତାରେ ଫସିରହିଥିଲେ। ଏଥିପାଇଁ ସେ ଭାଜପା ରାଲିକୁ ଦୋଷାରୋପ କରିବା ସହ ମନ୍ତ୍ରୀ ମହାଜନଙ୍କ ସହ ଯୁକ୍ତି କରିଥିଲେ। ସେହି ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ନେଇ ଅନେକେ ଭିନ୍ନ ଭିନ୍ନ ମତ ଦେଇଛନ୍ତି। ତେବେ କାହାକୁ ଟାର୍ଗେଟ କରିବା ପାଇଁ ତାଙ୍କୁ କାନ୍ଧ ଭାବେ ବ୍ୟବହାର ନ କରିବାକୁ ଚୌଧରୀ ନିବେଦନ କରିଛନ୍ତି। ଆପଣମାନେ ସମସ୍ତେ ଗୋଟିଏ ଅପରାଧରେ ଦୋଷୀ। ରାଜନୈତିକ ଫାଇଦା ପାଇଁ ତାଙ୍କୁ ବ୍ୟବହାର ନ କରିବାକୁ ଚୌଧରୀ କହିଛନ୍ତି।

# ଲେବାନନ୍‌ରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍:୭ ମୃତ

ବିରୁଟ୍,୨।୫

ଇସ୍ରାଏଲ୍ ଏବଂ ହେଜବୋଲ୍ଲା ମଧ୍ୟରେ ଅସ୍ତ୍ରବିରତି ସତ୍ତ୍ୱେ ଯୁଦ୍ଧ ଜାରି ରହିଛି। ଇସ୍ରାଏଲ୍ ଶନିବାର ଦକ୍ଷିଣ ଲେବାନନ୍‌ରେ ଏୟାରଷ୍ଟ୍ରାଇକ୍ କରିବାରୁ ଅନ୍ୟୁନ ୭ ଜଣଙ୍କ ମୃତ୍ୟୁ ଘଟିଛି। ଆକ୍ରମଣ ପୂର୍ବରୁ ଇସ୍ରାଏଲୀ ସେନା ଉକ୍ତ ଅଞ୍ଚଳରେ ଥିବା ୯ଟି ଗ୍ରାମକୁ ଖାଲି କରିବାକୁ ଚେତାବନୀ ଦେଇଥିଲା। ସୂଚନାଯୋଗ୍ୟ, ଏପ୍ରିଲ ୧୭ରେ ଇସ୍ରାଏଲୀ ସେନା ଏବଂ ଲେବାନନ୍‌ର ହେଜବୋଲ୍ଲା ମଧ୍ୟରେ ଅସ୍ତ୍ରବିରତି ଘୋଷଣା ହୋଇଥିଲା। ଏହା ସତ୍ତ୍ୱେ ଆକ୍ରମଣ ଜାରି ରହିଛି। କାଫର ଡାଜଲ ଗ୍ରାମରେ ଏକ କାର୍ ଉପରେ ବୋମାମାଡ଼ ହେବାରୁ ୨ ଜଣ ପ୍ରାଣ ହରାଇଥିବାବେଳେ ଲ୍ୱାଇଜେହ ଗ୍ରାମର ଏକ ଘର ଉପରେ ବୋମାପଡ଼ି ୩ ଜଣଙ୍କ ଜୀବନ ଯାଇଛି। ସେହିପରି ଶୌକିନ୍ ଗ୍ରାମରେ ଏୟାରଷ୍ଟ୍ରାଇକ୍ ଯୋଗୁ ୨ ଜଣ ପ୍ରାଣ ହରାଇଛନ୍ତି। ଇସ୍ରାଏଲୀ ବାୟୁସେନା ୨୪ ଘଣ୍ଟା ମଧ୍ୟରେ ୫୦ ଥର ଏୟାରଷ୍ଟ୍ରାଇକ୍ କରିଥିବା ଏହାର ମୁଖପାତ୍ର Xରେ ପୋଷ୍ଟ କରିଛନ୍ତି। ବାୟେଡ ଉପକୂଳ ଗ୍ରାମରେ ଶନିବାର ଇସ୍ରାଏଲୀ ସେନା ଏକାଠି ହୋଇଥିବାବେଳେ ହେଜ୍‌ବୋଲ୍ଲା ପକ୍ଷରୁ ସେମାନଙ୍କ ଉପରେ ଡ୍ରୋନ୍ ଆକ୍ରମଣ ହୋଇଥିଲା।

# ହର୍ମୁଜରେ ଇରାନକୁ ଶୁଳ୍କ ଦେଲେ କଟକଣା ଲାଗିବ

**ଜାହାଜ କମ୍ପାନୀଙ୍କୁ ଟ୍ରମ୍ପଙ୍କ ଚେତାବନୀ**

ଦୁବାଇ,୨।୫

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ସୁରକ୍ଷିତ ଭାବେ ଅତିକ୍ରମ କରିବା ପାଇଁ ଇରାନକୁ ଶୁଳ୍କ ଦେଉଥିବା ଜାହାଜ କମ୍ପାନୀଗୁଡ଼ିକ ଉପରେ କଟକଣା ଲଗାଇବାକୁ ଆମେରିକା ଚେତାବନୀ ଦେଇଛି। ଆମେରିକା ବିଦେଶ ସମ୍ପତ୍ତି ନିୟନ୍ତ୍ରଣ କାର୍ଯ୍ୟାଳୟ (ଓଏଫ୍‌ଏସି) ପକ୍ଷରୁ ଏହି ଚେତାବନୀ ପୋଷ୍ଟ କରାଯାଇଥିବାବେଳେ ହର୍ମୁଜ୍ ନିୟନ୍ତ୍ରଣକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ଲାଗିରହିଥିବା ଅଚଳାବସ୍ଥା ଉପରେ ଏହା ଆଉ ଏକ ଚାପ ବୋଲି କୁହାଯାଉଛି।

ଯୁଦ୍ଧ ପୂର୍ବରୁ ବିଶ୍ୱ ତୈଳ ଓ ପ୍ରାକୃତିକ ଗ୍ୟାସ୍ ବାଣିଜ୍ୟର ଏକ-ପଞ୍ଚମାଂଶ ପାରସ୍ୟ ଉପସାଗରର ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଜଳପଥ ଦେଇ ହେଉଥିଲା। ଫେବୃଆରୀ ୨୮ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍ ମିଳିତ ଆକ୍ରମଣ କରିବା ପରେ ତେହରାନ୍ ଉକ୍ତ ଜଳପଥକୁ ଜାହାଜ ଚଳାଚଳ ପାଇଁ ବନ୍ଦ କରିଦେବାରୁ ତୈଳ ଓ ଗ୍ୟାସ୍ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି।



ଫଳରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଇବା ସହ ବିଶ୍ୱ ଅର୍ଥନୀତି ପ୍ରଭାବିତ ହୋଇଛି। ପରବର୍ତ୍ତୀ ସମୟରେ ଇରାନ କେତେକ ଜାହାଜକୁ ବିକଳ୍ପ ମାର୍ଗ ଦେଇ ସୁରକ୍ଷିତ ଯାତ୍ରା ନିମନ୍ତେ ସୁଯୋଗ ଦେଲା ଓ ଏହି ସେବା ପାଇଁ ବେଳେବେଳେ ଦେୟ ଆଦାୟ କଲା। ଏହି ଟୋଲ୍ ଆଦାୟକୁ ଆମେରିକା ବିରୋଧ କରିବା ସହ କଟକଣା ଧମକ ଦେଇଛି।

ଓଏଫ୍‌ଏସି କହିଛି ଯେ, ଇରାନକୁ କେବଳ ନଗଦ ଅର୍ଥ ନୁହେଁ, ବରଂ ଡିଜିଟାଲ ଆସେଟ୍ସ, ଅଫ୍‌ସେଟ, ଇନ୍‌ଫର୍ମାଲ ସ୍ୱାପ୍ ବା ଅନ୍ୟାନ୍ୟ ମାଧ୍ୟମରେ ଶୁଳ୍କ ପୈଠ କରିବାକୁ ପଡ଼ିପାରେ। ସେଥିପାଇଁ ଓଏଫ୍‌ଏସି ଆମେରିକା ଏବଂ ଅଣଆମେରିକୀୟ ବ୍ୟକ୍ତିବିଶେଷଙ୍କୁ ସତର୍କ କରାଇବା ପାଇଁ ଉପରୋକ୍ତ ଚେତାବନୀ ଜାରି କରିଛି। ଶୁଳ୍କ ପୈଠ କରିବାର ଯେକୌଣସି ପଦ୍ଧତି ବ୍ୟବହାର କଲେ ମଧ୍ୟ ସେଥିରେ ବିପଦ ରହିଥିବା କୁହାଯାଇଛି।

ଇରାନର ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଅବରୋଧର ଜବାବରେ ଆମେରିକା ନୌସେନା ଗତ ୧୩ ତାରିଖରୁ ଏହାର ବନ୍ଦରଗୁଡ଼ିକୁ ଅବରୋଧ କରି ରଖିଛି। ଫଳରେ ଇରାନର ଜାହାଜଗୁଡ଼ିକ ଏହାର ବନ୍ଦର ମଧ୍ୟକୁ ପ୍ରବେଶ କିମ୍ବା ପ୍ରସ୍ଥାନ କରିପାରୁ ନାହିଁ। ଯୁଦ୍ଧରେ କ୍ଷତିଗ୍ରସ୍ତ ଅର୍ଥନୀତିକୁ ସୁଧାରିବା ପାଇଁ ଇରାନ ଆବଶ୍ୟକ କରୁଥିବା ତୈଳ ରାଜସ୍ୱ ପାଇବାରୁ ବଞ୍ଚିତ ହୋଇଛି। ଅବରୋଧ ଆରମ୍ଭ ହେବା ଦିନରୁ ୪୫ଟି ବାଣିଜ୍ୟିକ ଜାହାଜକୁ ଫେରାଇ ଦିଆଯାଇଥିବା ଆମେରିକା ସେଣ୍ଟ୍ରାଲ କମାଣ୍ଡ କହିଛି।

ସୂଚନାଯୋଗ୍ୟ, ଯୁଦ୍ଧ ବନ୍ଦ ପାଇଁ ଇରାନ ଦେଇଥିବା ସଦ୍ୟତମ ପ୍ରସ୍ତାବକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରତ୍ୟାଖ୍ୟାନ କରିଦେବା ପରେ ଉପରୋକ୍ତ ଚେତାବନୀ ଜାରି ହୋଇଛି। ସେମାନେ ଏକ ଡିଲ୍ କରିବାକୁ ଚାହୁଁଥିଲେ, ମୁଁ ସେଥିରେ ସନ୍ତୁଷ୍ଟ ନୁହେଁ, ତେଣୁ କ'ଣ ହେଉଛି ଦେଖିବା ବୋଲି ଟ୍ରମ୍ପ୍ ଶୁକ୍ରବାର ହ୍ୱାଇଟ୍ ହାଉସ୍‌ରେ କହିଥିଲେ। ତେବେ ଟ୍ରମ୍ପ୍ ଇରାନ ପ୍ରସ୍ତାବରେ ଥିବା ତ୍ରୁଟିବିଚ୍ୟୁତି ବିଷୟରେ ବିସ୍ତୃତ ଭାବେ କିଛି କହି ନ ଥିଲେ ମଧ୍ୟ ଏହାର ନେତୃତ୍ୱକୁ ନେଇ ନିରାଶା ବ୍ୟକ୍ତ କରିଥିଲେ।

## ଆମେରିକା ସହ ପୁଣି ଯୁଦ୍ଧ ହୋଇପାରେ: ଇରାନ ସେନା ଅଧିକାରୀ

ତେହରାନ୍,୨।୫

ଆମେରିକା ଓ ଇରାନ ମଧ୍ୟରେ ପୁନର୍ବାର ଯୁଦ୍ଧ ହୋଇପାରେ ବୋଲି ଇରାନର ଜଣେ ବରିଷ୍ଠ ସେନା ଅଧିକାରୀ କହିଛନ୍ତି। ତେହରାନ୍‌ର ନୂଆ ବୁଝାମଣା ପ୍ରସ୍ତାବରେ ସନ୍ତୁଷ୍ଟ ନୁହନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିବା ପରେ ଇରାନ ସେନା ଅଧିକାରୀ ଏଭଳି ସଙ୍କେତ ଦେଇଛନ୍ତି। ଇରାନ ଗୁରୁବାର ସନ୍ଧ୍ୟାରେ ମଧ୍ୟସ୍ଥ ରାଷ୍ଟ୍ର ପାକିସ୍ତାନକୁ ନୂଆ ବୁଝାମଣା ପ୍ରସ୍ତାବ ଦେଇଥିଲା ବୋଲି ଇରାନ ସରକାରୀ ଗଣମାଧ୍ୟମ କହିଛି। ଏପ୍ରିଲ ୮ରୁ ଇରାନ ଓ ଆମେରିକା ମଧ୍ୟରେ ଅସ୍ତ୍ରବିରତି ଜାରି ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଯୁଦ୍ଧ ବନ୍ଦ ପାଇଁ ପାକିସ୍ତାନ ମଧ୍ୟସ୍ଥତାରେ ଗୋଟିଏ ପର୍ଯ୍ୟାୟ ଆଲୋଚନା ବିଫଳ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଆମେରିକା ଉଦ୍ୟମ ଚଳାଇଥିଲେ ମଧ୍ୟ ଇରାନର କଡ଼ା ସର୍ତ୍ତ ଯୋଗୁ ତାହା ସମ୍ଭବ ହୋଇପାରି ନାହିଁ। ଆଲୋଚନା ବନ୍ଦ ରହିବା ପାଇଁ ଟ୍ରମ୍ପ୍ ଇରାନ ନେତୃତ୍ୱରେ ପ୍ରବଳ ମତଭେଦକୁ ଦାୟୀ କରିଛନ୍ତି।

# ପ୍ରସାର ଭାରତୀ ଅଧ୍ୟକ୍ଷ ହେଲେ ପ୍ରସୂନ୍ ଜୋଷୀ



ନୂଆଦିଲ୍ଲୀ,୨।୫

ଯୋଗାଯୋଗ ବିଶେଷଜ୍ଞ ପ୍ରସୂନ୍ ଜୋଷୀଙ୍କୁ ପ୍ରସାର ଭାରତୀର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଜୋଷୀଙ୍କୁ ପ୍ରସାର ଭାରତୀ ଅଧ୍ୟକ୍ଷ ପଦରେ ନିଯୁକ୍ତି ଦେଇଛି। ଜୋଷୀ ପ୍ରଶଂସିତ ଚଳଚ୍ଚିତ୍ର ଗୀତ ସାଙ୍ଗକୁ ବିଜ୍ଞାପନ ଅଭିଯାନ ଏବଂ ସାମାଜିକ ସଚେତନତା ସୃଷ୍ଟିକାରୀ କ୍ଷୁଦ୍ରଗଳ୍ପ ଲେଖିଥାନ୍ତି, ଯାହା ଲୋକଙ୍କ ସହ ଭାବନାତ୍ମକ ଭାବେ ଜଡ଼ିତ ଥାଏ। ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଜୋଷୀ ବିଜ୍ଞାପନ, ସାହିତ୍ୟ, କଳା ଓ ସିନେମା ଜଗତରେ ପ୍ରଶଂସିତ ବିରଳ ସୃଜନଶୀଳ ବ୍ୟକ୍ତିତ୍ୱ। ତାଙ୍କ ଭାଷାରେ ମାଟିର ମହକ ଥାଏ ଏବଂ ଦୃଷ୍ଟିକୋଣରେ ଦେଶ ସଂସ୍କୃତିର ଅମର ସାରସତ୍ୱ ପ୍ରତିଫଳିତ ହୋଇଥାଏ। ଜୋଷୀଙ୍କ ନେତୃତ୍ୱରେ ପ୍ରସାର ଭାରତୀ ନୂଆ ଶକ୍ତି ଏବଂ ନୂତନ ସୃଜନଶୀଳ ସ୍ୱର ପାଇବ ବୋଲି ଅଶ୍ୱିନୀ କହିଛନ୍ତି।

# ଜବଲପୁର ବୋଟ୍ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୧୧

ଜବଲପୁର,୨।୫

**ଯାତ୍ରୀଙ୍କୁ ଲାଇଫ୍ ଜାକେଟ ଦିଆଯାଇ ନ ଥିଲା**

ମଧ୍ୟପ୍ରଦେଶର ଜବଲପୁରରେ ବୋଟ୍ ଦୁର୍ଘଟଣା ମୃତ୍ୟୁସଂଖ୍ୟା ଶନିବାର ୧୧ରେ ପହଞ୍ଚିଥିବାବେଳେ ୪ ଜଣ ନିଖୋଜ ଅଛନ୍ତି। ରାଜ୍ୟରେ ଏହା ସବୁଠୁ ମରଣାନ୍ତକ ପର୍ଯ୍ୟଟନ ବିପର୍ଯ୍ୟୟ। ବାର୍ଗି ଡ୍ୟାମ୍‌ରେ ଦୁର୍ଘଟଣା ସମୟର କ୍ରୁଜ୍ ବୋଟ୍ ଭିତରର ଭିଡିଓ ପ୍ରକାଶ ପାଇଛି। ଯାତ୍ରୀମାନେ ବୋଟ୍ ଭିତରେ ବସିଥିବାବେଳେ ହଠାତ୍ ପାଣି ପଶିଯାଇଥିବା ଦେଖିବାକୁ ମିଳିଛି। ଯାତ୍ରୀମାନଙ୍କ ଖୁସି ମୁହୂର୍ତ୍ତକ ମଧ୍ୟରେ ଚିତ୍କାରରେ ପରିଣତ ହୋଇଥିଲା। ବୋଟ୍ ଯାତ୍ରା ନିୟମର ଉଲ୍ଲଂଘନ ଏବଂ ପାଣିପାଗ ସତର୍କ ସୂଚନାର ଅଣଦେଖା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି।

ବୋଟ୍ ବୁଡ଼ିବାକୁ ଆରମ୍ଭ କଲାବେଳେ ଏହାର କର୍ମଚାରୀ ଲାଇଫ୍ ଜାକେଟ୍ ବଣ୍ଟଲ ଖୋଲୁଥିବା ଭିଡିଓରୁ ଦେଖାଯାଇଛି। ଅଧିକାଂଶ ଯାତ୍ରୀ ବିନା ଲାଇଫ୍ ଜାକେଟରେ ଥିଲେ ଏବଂ ଜାକେଟ୍ ପାଇବାକୁ ସଂଘର୍ଷ କରୁଥିଲେ। ଅନ୍ତର୍ଦେଶୀୟ ବୋଟ୍ ଯାତ୍ରା ଆଇନ, ୨୦୨୧ ଅନୁଯାୟୀ, ବୋଟ୍‌ରେ ଯାତ୍ରା ପୂର୍ବରୁ ପ୍ରତ୍ୟେକ ଯାତ୍ରୀଙ୍କୁ ଲାଇଫ୍ ଜାକେଟ ପ୍ରଦାନ କରାଯିବା ଓ ସେମାନେ ଏହାକୁ ଠିକ୍ ଭାବେ ପିନ୍ଧିବା ଅନିବାର୍ଯ୍ୟ। ଉକ୍ତ ନିୟମର ସମ୍ପୂର୍ଣ୍ଣ ଉଲ୍ଲଂଘନ ହୋଇଥିବା ସ୍ପଷ୍ଟ ହୋଇଛି। ବୋଟ୍‌ର ଯାତ୍ରୀ ନେବା କ୍ଷମତା ୨୯ ହୋଇଥିବାବେଳେ ସେଥିରେ ୪୦ରୁ ଅଧିକ ପର୍ଯ୍ୟଟକ ଥିଲେ। ପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୫୦ କି.ମି. ବେଗରେ ପବନ ବହିବା ନେଇ ପାଣିପାଗ ବିଭାଗ ଅରେଞ୍ଜ ଆଲର୍ଟ ଜାରି କରିଥିବା ସତ୍ତ୍ୱେ ଉକ୍ତ ବୋଟ୍‌କୁ ବାର୍ଗି ଡ୍ୟାମ୍ ଜଳରାଶିରେ ପ୍ରବେଶ ଲାଗି ଅନୁମତି ଦିଆଯାଇଥିଲା।

# ଫାଲ୍‌ଟାର ୨୮୫ ବୁଥ୍‌ରେ ୨୧ରେ ସାନି ଭୋଟ

କୋଲକାତା,୨।୫

ଏକ ବିରଳ ଘଟଣାକ୍ରମରେ ନିର୍ବାଚନ କମିଶନ ପଶ୍ଚିମବଙ୍ଗର ଫାଲ୍‌ଟା ନିର୍ବାଚନ ମଣ୍ଡଳୀର ସମସ୍ତ ୨୮୫ ବୁଥ୍‌ରେ ଆସନ୍ତା ୨୧ରେ ସାନି ମତଦାନ ପାଇଁ ଶନିବାର ନିର୍ଦ୍ଦେଶ ଦେଇଛନ୍ତି ଓ ୨୪ରେ ଫଳାଫଳ ପ୍ରକାଶ ପାଇବ ବୋଲି କହିଛନ୍ତି। ଗମ୍ଭୀର ନିର୍ବାଚନୀ ତ୍ରୁଟି ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଦୁର୍ବଳ କରେ ବୋଲି କମିଶନ କହିଛନ୍ତି।

ଗତ ୨୯ରେ ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବେଳେ ଫାଲ୍‌ଟା ଆସନର କେତେକ ଭାଗରେ ଅନିୟମିତତା ଅଭିଯୋଗ ଆସିବା ପରେ ଇସି ଏହାକୁ ବିଚାରକୁ ନେଇ ସମଗ୍ର ନିର୍ବାଚନମଣ୍ଡଳୀରେ ମତଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନମଣ୍ଡଳୀର କେତେକ ବୁଥ୍‌ରେ ଇଭିଏମ୍‌ରେ ଭାଜପାର ନିର୍ବାଚନୀ ଚିହ୍ନ ଥିବା ବଟନ୍‌ରେ ଟେପ୍ ଲଗାଯାଇଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଥିଲା।

ଦକ୍ଷିଣ ୨୪ ପ୍ରଗଣା ଜିଲା ଅନ୍ତର୍ଗତ ମାଗ୍ରାହାଟ ଏବଂ ଡାଇମଣ୍ଡ ହାର୍ବର ନିର୍ବାଚନମଣ୍ଡଳୀର ୧୫ଟି ବୁଥ୍‌ରେ ଶନିବାର ସାନି ମତଦାନ ହୋଇଥିଲା। ଗତ ୨୯ ତାରିଖ ଭୋଟ ବେଳେ ଉକ୍ତ ବୁଥ୍‌ଗୁଡ଼ିକରେ ଅନିୟମିତତା ଦେଖାଦେଇଥିବାରୁ ସେଠାରେ ସାନି ମତଦାନ ପାଇଁ ନିର୍ବାଚନ କମିଶନ ଶୁକ୍ରବାର ନିର୍ଦ୍ଦେଶ ଦେଇଥିଲେ। ସୋମବାର ଭୋଟଗଣନା ଥିବାବେଳେ ଏହା ପୂର୍ବରୁ ଟିଏମ୍‌ସି କର୍ମୀଙ୍କ ଧମକକୁ ନେଇ ଫାଲ୍‌ଟାର ଲୋକେ ଶନିବାର ବିକ୍ଷୋଭ କରିଥିଲେ।

# ରାଜସ୍ଥାନ ବିଶ୍ୱବିଦ୍ୟାଳୟରେ ଗୁଣ୍ଡୁଚିମୂଷା ଆତଙ୍କ

ଜୟପୁର,୨।୫

**୨୦ ଜଣଙ୍କୁ କାମୁଡ଼ିଲାଣି**



ରାଜସ୍ଥାନର ଏକ ବିଶ୍ୱବିଦ୍ୟାଳୟକୁ ଗୋଟିଏ ଗୁଣ୍ଡୁଚିମୂଷା ଆତଙ୍କିତ କରି ରଖିଛି। ଉକ୍ତ ଗୁଣ୍ଡୁଚିମୂଷା ଇତିମଧ୍ୟରେ ୨୦ ଜଣଙ୍କୁ କାମୁଡ଼ିଲାଣି। ଏହାକୁ ଧରିବା ପାଇଁ ପ୍ରାଣୀ ସହାୟତା ଉଦ୍ଧାରକାରୀ ଟିମ୍‌କୁ ୨ ଥର ଡକାଗଲାଣି।

ରାଜସ୍ଥାନ ଉଦୟପୁର ଡିଭିଜନରେ ସର୍ବବୃହତ୍ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ମୋହନଲାଲ୍ ସୁଖାଡିଆ ୟୁନିଭର୍ସିଟି (ଏମ୍‌ଏଲ୍‌ଏସ୍‌ୟୁ)କୁ ଭିନ୍ନ ପ୍ରକାର ଆତଙ୍କ କବଳିତ କରି ରଖିଛି। ବିଶ୍ୱବିଦ୍ୟାଳୟର ଆର୍ଟ୍ସ କଲେଜ କ୍ୟାମ୍ପସରେ ଏକ ହିଂସ୍ର ଗୁଣ୍ଡୁଚିମୂଷା ଏଭଳି ଆତଙ୍କର ବାତାବରଣ ସୃଷ୍ଟି କରିଛି। ଗତ ୬ ସପ୍ତାହ ମଧ୍ୟରେ ଗୁଣ୍ଡୁଚିମୂଷା ୨୦ ଜଣ ଛାତ୍ରୀଛାତ୍ର ଓ କଲେଜ କର୍ମଚାରୀଙ୍କୁ କାମୁଡ଼ିଲାଣି। ଏପରିକି ଡିନ୍‌ଙ୍କୁ ମଧ୍ୟ ଗୁଣ୍ଡୁଚିମୂଷା ଛାଡ଼ିନାହିଁ। ସ୍ଥିତି ଏଭଳି ହୋଇଛି ଯେ, ଛାତ୍ରୀଛାତ୍ର ଓ ଅଧ୍ୟାପକ ମନସ୍ତତ୍ତ୍ୱ ବିଭାଗ ଯିବାକୁ ଥିବା ରାସ୍ତାକୁ ବ୍ୟବହାର କରିବାକୁ ଚାହୁଁ ନାହାନ୍ତି।

ଗୁଣ୍ଡୁଚିମୂଷାର ହିଂସ୍ର ଆଚରଣ ତା'ର ନିଜ ସୀମାକୁ ସୁରକ୍ଷା ଦେବାରେ ଭୁଲ୍ ପ୍ରଦର୍ଶନ। କୌଣସି ବିପଦ ନ ଥାଇ ମଧ୍ୟ ଏହା ହଠାତ୍ ଆକ୍ରମଣ କରୁଛି। ସାଇକୋଲୋଜି ଡିପାର୍ଟମେଣ୍ଟ ନିକଟରେ ଗୁଣ୍ଡୁଚିମୂଷାଟି ବସା କରିଥିବାବେଳେ ସେହି ବାଟ ଦେଇ ଯାଉଥିବା ଲୋକଙ୍କୁ ଆକ୍ରମଣକାରୀ ସନ୍ଦେହ କରି ନିଜ ସୀମାକୁ ସୁରକ୍ଷା ଦେଉଛି। କ୍ୟାମ୍ପସ୍‌ରେ ଯାହା ଏକ କୌତୂହଳର ବିଷୟ ଥିଲା, ତାହା ଏବେ ସୁରକ୍ଷା ଚିନ୍ତାର କାରଣ ହୋଇଛି। ଏହାକୁ ନେଇ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଉତ୍ତେଜନାପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି।

# ବିଚାରପତିଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ,୨।୫

ଦକ୍ଷିଣ ଦିଲ୍ଲୀର ସଫଦରଜଙ୍ଗ ଅଞ୍ଚଳରେ ଜଣେ ୩୦ ବର୍ଷୀୟ ବିଚାରପତି ପାରିବାରିକ କଳହରୁ ତାଙ୍କ ବାସଭବନରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଅମନ କୁମାର ଶର୍ମା ନାମକ ଉକ୍ତ ବିଚାରପତିଙ୍କ ମୃତଦେହ ସିଲିଂ ଫ୍ୟାନରେ ଝୁଲୁଥିବା ଦେଖି ତାଙ୍କ ଭିଣୋଇ ପୋଲିସକୁ ଜଣାଇଥିଲେ। ଅମନ ୨୦୨୧ ଜୁନ୍ ୧୯ରେ ଦିଲ୍ଲୀ ନ୍ୟାୟିକ ସେବାରେ ଯୋଗ ଦେଇଥିଲେ। ନ୍ୟାୟିକ ଅଫିସର ଥିବା ସ୍ତ୍ରୀ ସ୍ୱାତୀଙ୍କ ବ୍ୟବହାରରେ ସେ ଅତିଷ୍ଠ ହୋଇପଡ଼ିଥିଲେ। ସ୍ୱାତୀଙ୍କ ଭଉଣୀ ତଥା ଜମ୍ମୁରେ ପୋଷ୍ଟିଂ ହୋଇଥିବା ଆଇଏଏସ୍ ଅଫିସର ନିଧି ମଲିକ୍ ସେମାନଙ୍କ ପରିବାରରେ ହସ୍ତକ୍ଷେପ କରୁଥିଲେ ବୋଲି ଅମନଙ୍କ ବାପା ପୋଲିସକୁ ଜଣାଇଛନ୍ତି। ଆତ୍ମହତ୍ୟା କରିବାର କିଛି ସମୟ ପୂର୍ବରୁ ଅମନ ତାଙ୍କ ବାପାଙ୍କୁ ଫୋନ୍ କରି ସବୁକଥା କହିଥିଲେ।



# ହିଲ୍ସ ପିନ୍ଧି ନାଚିଲେ ଅକ୍ଷୟ

ମୁମ୍ବାଇ

ବଲିଉଡ୍ ଅଭିନେତା ଅକ୍ଷୟ କୁମାର ବର୍ତ୍ତମାନ ତାଙ୍କ ଗେମ ଶୋ 'ହୁଇଲ ଅଫ୍ ଫର୍ଚ୍ୟୁନ'ରେ ୬ ଇଞ୍ଚ ହାଇ ହିଲ୍ ପିନ୍ଧି ନୃତ୍ୟ କରୁଥିବା ଦୃଶ୍ୟ ସୋସିଆଲ ମିଡିଆରେ ଚର୍ଚ୍ଚା ଚାଲିଛି। ଏହି ଶୋ'ରେ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ, ଭୂମି ପେଡନେକର ଏବଂ ଫାର୍‌ହା ଖାନ୍ ଅତିଥି ଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଅକ୍ଷୟ ସେଟ୍‌ରେ ସେମାନଙ୍କ ଉପରେ ଭୟଙ୍କର ପ୍ରାଙ୍କ୍ କରିଥିଲେ। ପ୍ରତିଶୋଧ ନେବା ପାଇଁ ଜ୍ୟାକ୍‌ଲିନ୍ ଅକ୍ଷୟଙ୍କୁ ହିଲ୍ ପିନ୍ଧି ଗୋଟିଏ ମିନିଟ୍ ନାଚିବାକୁ ଏକ ଟାସ୍କ ଦେଇଥିଲେ। ଯଦି ଅକ୍ଷୟ ଅଟକିଯାଆନ୍ତି, ତେବେ ତାଙ୍କୁ ତାଙ୍କ ଆକାଉଣ୍ଟକୁ ୧ଲକ୍ଷ ଟଙ୍କା ଟ୍ରାନ୍ସଫର କରିବାକୁ ପଡ଼ିବ। ଏଥିରେ ଅକ୍ଷୟ ହଡ଼ବଡ଼େଇଯାଇ କହିଥିଲେ, ତୁମେ ପାଗଳ କି? ମୋ ଗୋଡ଼ ମୋଡ଼ି ହୋଇଯିବ। ମୁଁ କେବେ ଏଭଳି ନାଚିନାହିଁ। ଫାର୍‌ହାଙ୍କ ଜିଦ୍‌ରେ ଅକ୍ଷୟ ଶେଷରେ ହିଲ୍ସ ପିନ୍ଧିବାକୁ ରାଜି ହେଲେ। ସେ ତାଙ୍କ ଫିଲ୍ମ 'ହାଉସ୍‌ଫୁଲ୍ ୪'ର 'ଲାଲ ପରୀ' ଗୀତରେ ହିଲ୍ସ ପିନ୍ଧି ଜୋର୍‌ଦାର ନାଚିଥିଲେ। ଅକ୍ଷୟଙ୍କୁ ହିଲ୍ସ ପିନ୍ଧି ନାଚୁଥିବା ଦେଖି ଫାର୍‌ହା ଏବଂ ଭୂମି ତାଙ୍କ ସହ ଯୋଗଦେଇଲେ। କିନ୍ତୁ ନାଚୁଥିବା ସମୟରେ ଅକ୍ଷୟଙ୍କ ହିଲ୍ସ ଫାଟିଗଲା ଏବଂ ସେ ଖସିପଡ଼ିବାରୁ ଅଳ୍ପକେ ବର୍ତ୍ତିଯାଇଥିଲେ।

ଧରିତ୍ରୀ
DHARITRI
ଧରିତ୍ରୀ 52 Years






ଜାତୀୟ ଶିକ୍ଷାନୀତି-୨୦୨୦ର କାର୍ଯ୍ୟକାରିତା ଓ କାର୍ଯ୍ୟାନ୍ୱୟନକୁ ନେଇ ଶନିବାର ଭୁବନେଶ୍ୱର ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ଆୟୋଜିତ ଦୁଇ ଦିନିଆ ଜାତୀୟସ୍ତରୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଉଚ୍ଚଶିକ୍ଷା ବିଭାଗ କମିଶନର (ବାମ) ଅରବିନ୍ଦ ଅଗ୍ରୱାଲ ଏବଂ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ (ଡାହାଣ) କାଳୀପ୍ରସନ୍ନ ମହାପାତ୍ର।

# ଓଡ଼ିଶା ହେବ 'ଜ୍ଞାନର ରାଜଧାନୀ': ମୁଖ୍ୟମନ୍ତ୍ରୀ

■ ଏନ୍‌ଇପି-୨୦୨୦ କାର୍ଯ୍ୟକାରିତା ନେଇ ଜାତୀୟ କର୍ମଶାଳା

■ ଛାତ୍ରୀଙ୍କ ପାଇଁ 'ଶକ୍ତିଶ୍ରୀ' ଆପ୍ ଲୋକାର୍ପିତ

ଭୁବନେଶ୍ୱର,୨।୫(ସୁଚିସ୍ମିତା ସାହୁ)

ବହୁବର୍ଷ ଧରି ଶିକ୍ଷାକ୍ଷେତ୍ରରେ ଥିବା ଜଡ଼ତାକୁ ଦୂର କରିବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ପ୍ରଣୀତ ନୂଆ ଶିକ୍ଷାନୀତି କେବଳ ଏକ ସରକାରୀ ଦସ୍ତାବିଜ ନୁହେଁ, ବରଂ ଏହା ଭାରତକୁ ବିଶ୍ୱର 'ନଲେଜ କ୍ୟାପିଟାଲ' ଭାବେ ପ୍ରତିଷ୍ଠିତ କରିବାର ଏକ ମହତ୍ତ୍ୱ ମିଶନ। ଶିକ୍ଷା କେବଳ ପୁସ୍ତକଗତ ଜ୍ଞାନ ନୁହେଁ, ବରଂ ଏହା ମାନବ ସଭ୍ୟତାର ପ୍ରଗତିର ମୂଳଦୁଆ। ଆମ ପିଲାମାନେ ଯେପରି 'ଇଣ୍ଡଷ୍ଟ୍ରି ରେଡି' ହେବେ ଏବଂ ବିଶ୍ୱସ୍ତରରେ ପ୍ରତିଯୋଗିତା କରିପାରିବେ, ସେଥିପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜାତୀୟ ଶିକ୍ଷା ନୀତି (ଏନ୍‌ଇପି-୨୦୨୦)ର କାର୍ଯ୍ୟାନ୍ୱୟନ ନେଇ ଶନିବାର ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରଠାରେ ଆୟୋଜିତ ଦୁଇଦିନିଆ ଜାତୀୟସ୍ତରୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଶୈକ୍ଷିକ ପରିବେଶରେ ଏକ ବୈପ୍ଳବିକ ପରିବର୍ତ୍ତନ ପାଇଁ ଆହ୍ୱାନ ଦେବାସହ ଓଡ଼ିଶାକୁ ଭାରତର 'ଜ୍ଞାନର ପେଣ୍ଠସ୍ଥଳୀ' ଭାବେ ଗଢ଼ିତୋଳିବାକୁ ଏକ ଦୂରଦର୍ଶୀ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଲେ, ଶିକ୍ଷାକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି। ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଶିକ୍ଷାକ୍ଷେତ୍ର ପାଇଁ ୪୧,୨୭୩ କୋଟି ଟଙ୍କାର ଏକ ବିଶାଳ ପାଣ୍ଠି ବ୍ୟୟବରାଦ କରାଯାଇଛି। ଗ୍ରାମାଞ୍ଚଳ ଓ ସହର ମଧ୍ୟରେ ଥିବା ଶୈକ୍ଷିକ ପାର୍ଥକ୍ୟକୁ ଦୂର କରିବା ପାଇଁ ସରକାର 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ' ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ ପାଇଁ ୧୨,୦୦୦ କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ରାଜ୍ୟର ୬,୭୯୪ଟି ଗ୍ରାମପଞ୍ଚାୟତରେ ଗୋଟିଏ ଲେଖାଏ ଅତ୍ୟାଧୁନିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଏଣିକି ଉଚ୍ଚଶିକ୍ଷା ନିମନ୍ତେ ଏସ୍‌ଇବିସି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଛି। ଏଥିସହ ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କ ଡ୍ରପ୍-ଆଉଟ୍ ରୋକିବା ପାଇଁ 'ଶହୀଦ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା' ମାଧ୍ୟମରେ ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଅନ୍ୟପଟେ ଓଡ଼ିଆ ଅସ୍ମିତାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ଏବଂ ମାତୃଭାଷାରେ ଶିକ୍ଷାଦାନକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଅଭିନବ ପ୍ରୟାସ କରିଛନ୍ତି। ବୈଷୟିକ ଏବଂ ଉଚ୍ଚଶିକ୍ଷା ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପ୍ରଚଳନ କରିବା ପାଇଁ ରାଜ୍ୟ ସରକାର ଇଗ୍ନୁ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହି ସମସ୍ତ ପଦକ୍ଷେପ ଓଡ଼ିଶାକୁ ଦେଶର ଶ୍ରେଷ୍ଠ 'ଜ୍ଞାନଭିତ୍ତିକ ସମାଜ' ଭାବେ ଗଢ଼ିତୋଳିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, ସମଗ୍ର ଭାରତ ବର୍ଷରେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ ସଂସ୍କୃତି ଓ ଶିକ୍ଷାର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ଶିକ୍ଷା ଏବେ କେବଳ ଡିଗ୍ରୀ ମଧ୍ୟରେ ସୀମିତ ନାହିଁ, ☞ ପୃଷ୍ଠା-୧୩

# ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା

■ ୬୫ ବର୍ଷୀୟ ଅଭିଯୁକ୍ତ ଗିରଫ

■ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ

ପୁଣେ,୨।୫(ପି.ଟି.)

ମହାରାଷ୍ଟ୍ରର ପୁଣେ ଜିଲା ଅନ୍ତର୍ଗତ ଭୋର୍ ତହସିଲ ଅଞ୍ଚଳରେ ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ତ୍ୟକ୍ତ ଲୋକେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସିସିଟିଭି ଫୁଟେଜ୍ ଆଧାରରେ ୬୫ ବର୍ଷୀୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଭାରତୀୟ ନ୍ୟାୟ ସଂହିତାର ଆନୁଷଙ୍ଗିକ ଧାରା ଏବଂ ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ (ପୋକ୍‌ସୋ) ଅନୁଯାୟୀ ତାଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ପୋଲିସ କହିଛି। ତାଙ୍କୁ ପୁଣେର ସେସନ୍ସ କୋର୍ଟରେ ହାଜର କରାଯିବା ପରେ ମେ' ୭ ପର୍ଯ୍ୟନ୍ତ ପୋଲିସ ରିମାଣ୍ଡରେ ପଠାଯାଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଘଟଣାକୁ ଅତ୍ୟନ୍ତ ଲଜ୍ଜାଜନକ ଓ ଯନ୍ତ୍ରଣାଦାୟକ ବୋଲି କହିବା ସହ ଫାଷ୍ଟ-ଟ୍ରାକ୍ କୋର୍ଟରେ ତୁରନ୍ତ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜଣେ ସ୍ୱତନ୍ତ୍ର ସରକାରୀ ଓକିଲ ନିଯୁକ୍ତି ପାଇଁ ସେ ହାଇକୋର୍ଟଙ୍କୁ ନିବେଦନ କରିବେ ବୋଲି କହିଛନ୍ତି। ଯଥାଶୀଘ୍ର ସମ୍ଭବ ଅପରାଧୀଙ୍କୁ ସର୍ବୋଚ୍ଚ ଦଣ୍ଡବିଧାନ କରାଯିବ ବୋଲି ଫଡ଼ନବିସ୍ କହିବା ସହ ଘଟଣାକୁ ରାଜନୈତିକ ରଙ୍ଗ ଦେବା ସମ୍ବେଦନହୀନତା ବୋଲି କହିଛନ୍ତି। ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ ପାଇଁ ଏନ୍‌ସିପି(ଏସ୍‌ପି) ନେତା ତଥା ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖ ଦାବି କରିଛନ୍ତି।

ପୋଲିସ କହିବା ଅନୁଯାୟୀ, ଅଭିଯୁକ୍ତ ଜଣେ ଶ୍ରମିକ। ସେ ଶୁକ୍ରବାର ଶିଶୁଙ୍କୁ ଖାଇବାକୁ ଦେବାକୁ କହି ଏକ ଗୁହାଳ ମଧ୍ୟକୁ ନେଇଯାଇଥିଲେ। ସେଠାରେ ସେ ଶିଶୁକନ୍ୟାଙ୍କୁ ବଳାତ୍କାର କରିବା ପରେ ପଥରରେ ଛେଚି ମାରିଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗାଡ଼ିରେ ବସାଇ କୋର୍ଟ ପରିସରକୁ ନେଉଥିବାବେଳେ ମରାଠା ସଙ୍ଗଠନର ସଦସ୍ୟମାନେ ଗାଡ଼ି ଅଟକାଇବାକୁ ଉଦ୍ୟମ କରିଥିଲେ। ଭୋର ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବା ସହ ଶତାଧିକ ଗ୍ରାମବାସୀ ସ୍ଥାନୀୟ ଥାଣାରେ ପହଞ୍ଚି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସେମାନେ ମୁମ୍ବାଇ-ବେଙ୍ଗାଲୁରୁ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ୧୫ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରାଯିବା ସହ ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ପୁଣେ (ଗ୍ରାମାଞ୍ଚଳ) ସୁପରିଣ୍ଟେଣ୍ଡେଣ୍ଟ ସନ୍ଦିପ ସିଂ ଗିଲ୍ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ଅଭିଯୁକ୍ତଙ୍କ ନାମରେ ୧୯୯୮ ଏବଂ ୨୦୧୫ରେ ଅପରାଧ ମାମଲା ରୁଜୁ ହୋଇଥିଲା। ଉଭୟ ମାମଲାରେ ସେ ଦୋଷମୁକ୍ତ ହୋଇଥିଲେ।

**निर्माण ठेकेदार की आवश्यकता**

अनुभवी निर्माण ठेकेदारों की आवश्यकता है, जो कुशल और अकुशल लेबर (जैसे-कारपेंटर, बार बेंडर, हेल्पर और रिगर) उपलब्ध करा सकें।

स्थान

• गुजरात : अहमदाबाद, मुंद्रा, जामनगर, सूरत
• महाराष्ट्र : मुंबई, पुणे, • कर्नाटक : बेंगलुरु

न्यूनतम आवश्यकता : हमें 5000 से ज्यादा लेबर चाहिए। कृपया वहीं ठेकेदार संपर्क करें जो 50 से ज्यादा लेबर दिला सकें।

**कृपया इस पते पर संपर्क करे :**

मिलने की दिनांक : 6 मई से 8 मई
समय : सुबह 10 बजे से रात 8 बजे तक

प्राइड प्लाजा होटल, कोलकाता टर्मिनस, बी.जी.-12, एक्शन एरिया 1-बी, न्यू टाउन, राजारहाट, कोलकाता

92233 33351
lrd@rivierainfra.com




# ଅତିରିକ୍ତ ତହସିଲଦାରଙ୍କୁ ଗାଡ଼ି ମଡ଼ାଇ ହତ୍ୟା ଉଦ୍ୟମ

ଗତ ଏପ୍ରିଲ ୧୮ରେ ଯାଜପୁର ଜିଲା ବ୍ୟାସନଗର ତହସିଲଦାର ମାଟି ଚୋରା ଚାଲାଣ ଯାଞ୍ଚ କରିବାକୁ ଯାଇ ମାଫିଆଙ୍କ ଦୌରାତ୍ମ୍ୟର ଶିକାର ହୋଇଥିଲେ। ତାଙ୍କ ଗୋଡ଼ ଉପରେ ଟ୍ରାକ୍ଟର ଚଢ଼ାଇ ଦିଆଯାଇଥିଲା। ବେଆଇନ ମାଟି ଚାଲାଣ ରୋକିବାକୁ ଯାଇ ସେ ଗୁରୁତର ହୋଇଥିବା ଘଟଣା ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା। ୨ ମେ'ରେ ସେଭଳି ଘଟଣାର ପୁନରାବୃତ୍ତି ଘଟିଛି ବାଲେଶ୍ୱର ଜିଲା ସୋର ଅଞ୍ଚଳରେ। ବାଲି ଚୋରାଚାଲାଣ ହେଉଥିବା ଖବର ପାଇ ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂ ୧୬ ନମ୍ବର ଜାତୀୟ ରାଜପଥର ପଣପଣାରେ ଯାଞ୍ଚ କରୁଥିବା ବେଳେ ଏକ ବାଲିବୋଝେଇ ହାଇୱା ତାଙ୍କ ଉପରକୁ ମାଡ଼ିଯାଇଥିଲା। ଏଥିରେ ଅତିରିକ୍ତ ତହସିଲଦାର ଅଳ୍ପକେ ବର୍ତ୍ତିଯାଇଥିଲେ ହେଁ ତାଙ୍କ ଗାଡ଼ି ଭାଙ୍ଗିଯାଇଛି। ଏହି ଦୁଇ ଘଟଣାକୁ ଦେଖିଲେ ମାଟି, ବାଲି ଭଳି ଲଘୁ ଖଣିଜ ପଦାର୍ଥର ମାଫିଆମାନେ ଶକ୍ତିଶାଳୀ ଏବଂ ସେମାନଙ୍କର ପ୍ରଶାସନ ପ୍ରତି ଭୟ ନ ଥିବା ସ୍ପଷ୍ଟ ହେଉଛି। ଏହା ପଛରେ ପ୍ରଭାବଶାଳୀ ବ୍ୟକ୍ତି ରହିଥିବାରୁ ସେମାନେ ଏଭଳି ଔଦ୍ଧତ୍ୟ ଦେଖାଉଥିବା ସାଧାରଣରେ ଆଲୋଚନା ହେଉଛି।



## ବାଲି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ୁଛି

ସୋର,୨।୫(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକ ଅଞ୍ଚଳ ଦେଇ ଦିନଦ୍ୱିପ୍ରହରରେ ଅବାଧରେ ବାଲି ଚୋରାଚାଲାଣ ଚାଲିଛି। ପ୍ରଶାସନ ପକ୍ଷରୁ ରୋକିବାକୁ ଚେଷ୍ଟା କଲେ ରକ୍ତମୁଖା ହୋଇପଡ଼ୁଛନ୍ତି ବାଲି ଚୋରାଚାଲାଣକାରୀ। ଶନିବାର ସକାଳେ ବାଲି ଚୋରାଚାଲାଣ ହେଉଥିବା ଖବରପାଇ ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ ୧୬ନମ୍ବର ଜାତୀୟ ରାଜପଥରେ ଜଗି ରହିଥିଲେ। ଏହି ସମୟରେ ପାଇକାଳି ପୋଲ ନିକଟରେ ଥିବା ଏକ ଷ୍ଟକ୍‌ପଏଣ୍ଟରୁ ଦୁଇଟି ବାଲିଗାଡି ଜବତ କରିବା ସମୟରେ ଏକ ବାଲି ବୋଝେଇ ହାଇୱା(ନଂ. ଓଡି ୭୧୯୩)କୁ ଅଟକାଇଥିଲେ। ମାତ୍ର ଉକ୍ତ ଗାଡ଼ି ଦ୍ରୁତଗତିରେ ବାଲେଶ୍ୱର ଅଭିମୁଖେ ପଳାଇଯାଇଥିଲା। ଅତିରିକ୍ତ ତହସିଲଦାର ନିଜେ ଗାଡ଼ି ଚଳାଇ ବାଲିଗାଡ଼ିକୁ ପିଛା କରିଥିଲେ। ପଣପଣା ନିକଟରେ ବାଲିଗାଡିକୁ ଅଟକାଇବାକୁ ଚେଷ୍ଟା କରିବା ବେଳକୁ ☞ ପୃଷ୍ଠା-୧୩

# ପ୍ଳୁଟୋ ବାମନ ନୁହେଁ ପୂର୍ଣ୍ଣ ଗ୍ରହ, ଲଢ଼େଇ ଚଳାଇଛି ନାସା

ୱାଂଶିଟନ,୨।୫

ସୌରମଣ୍ଡଳର ନବମ ଗ୍ରହ ଭାବେ ପରିଚିତ 'ପ୍ଳୁଟୋ'କୁ ନେଇ ଦୁଇ ଦଶନ୍ଧି ହେଲା ବିବାଦ ଚାଲିଥିବାବେଳେ ଏବେ ଏହା ନୂଆ ମୋଡ଼ ନେଇଛି। ୨୦୦୬ରେ ଅନ୍ତର୍ଜାତୀୟ ଜ୍ୟୋତିର୍ବିଜ୍ଞାନ ସଂଘ (ଆଇଏୟୁ) ପ୍ଳୁଟୋକୁ ପୂର୍ଣ୍ଣ ଗ୍ରହ ଭାବେ ଗ୍ରହଣ ନ କରି ଏହାକୁ ବାମନ ଗ୍ରହ (ଡ୍ୱାର୍ଫ ପ୍ଲାନେଟ୍) ଶ୍ରେଣୀରେ ଗଣତି କରିଥିଲା। ଏବେ ପ୍ଳୁଟୋକୁ ପୁଣି ଥରେ ଏକ ପୂର୍ଣ୍ଣ ଗ୍ରହର ମାନ୍ୟତା ଦେବା ପାଇଁ ନାସା ପ୍ରଶାସକ ଜେରେଡ ଆଇଜାକମ୍ୟାନ୍ ଦୃଢ଼ ଦାବି କରିଛନ୍ତି। ନାସା ପକ୍ଷରୁ ଏ ସମ୍ପର୍କିତ ବୈଜ୍ଞାନିକ ତଥ୍ୟ ଖୁବ୍‌ଶୀଘ୍ର ଆଇଏୟୁ ନିକଟରେ ଉପସ୍ଥାପନ କରାଯିବ ବୋଲି ସୂଚନା ମିଳିଛି।




ସୂଚନାଥାଉ କି ୨୦୦୬ ମସିହାରେ ଆଇଏୟୁ ପକ୍ଷରୁ ଗ୍ରହର ଏକ ନୂତନ ସଂଜ୍ଞା ନିର୍ଦ୍ଧାରଣ କରାଯାଇଥିଲା। ଏହି ନିୟମ ଅନୁସାରେ ଏକ ଗ୍ରହ ବା ମହାଜାଗତିକ ବସ୍ତୁ ସୂର୍ଯ୍ୟ ଚାରିପଟେ ପରିକ୍ରମା କରୁଥିବ, ଏହାର ପର୍ଯ୍ୟାପ୍ତ ମାଧ୍ୟାକର୍ଷଣ ଶକ୍ତି ଥିବ, ଯାହା ଫଳରେ ଏହାର ଆକାର ଗୋଲାକାର ହୋଇଥିବ ଏବଂ ନିଜ କକ୍ଷପଥ ସଫା ରଖିଥିବ, ଅର୍ଥାତ୍ ତା'ର ପରିକ୍ରମା ପଥରେ ଅନ୍ୟ କୌଣସି ବଡ଼ ମହାଜାଗତିକ ବସ୍ତୁ ନ ଥିବ। ପ୍ଳୁଟୋ ଶେଷ ସର୍ତ୍ତଟି ପୂରଣ କରିବାରେ ବିଫଳ ହୋଇଥିଲା, କାରଣ ଏହା 'କୁଇପର ବେଲ୍ଟ' ଅଞ୍ଚଳରେ ରହିଛି। ସେଠାରେ ଅନେକ ବରଫାବୃତ୍ତ ବସ୍ତୁ ଏବଂ କ୍ଷୁଦ୍ର ଗ୍ରହ ରହିଛନ୍ତି। ସେଥିପାଇଁ ପ୍ଳୁଟୋକୁ 'ବାମନ ଗ୍ରହ' ଶ୍ରେଣୀଭୁକ୍ତ କରାଗଲା।

ନାସାର ବୈଜ୍ଞାନିକମାନଙ୍କ ମତରେ, ୨୦୧୫ରେ 'ନ୍ୟୁ ହୋରାଇଜନ୍ସ' ମିଶନରୁ ପ୍ରାପ୍ତ ତଥ୍ୟ ପ୍ଳୁଟୋର ଏକ ଭିନ୍ନ ☞ ପୃଷ୍ଠା-୧୩



**ଗିଲ୍ସ ଶୁଟିଂ ବେଳେ କୋଲାବ ଜଳଭଣ୍ଡାରରେ ବୁଡ଼ି ଛାତ୍ର ମୃତ**

କୋରାପୁଟ,(ଅମିତାଭ ବେହେରା): କୋରାପୁଟ ଜିଲା କୋଲାବ ଜଳଭଣ୍ଡାରରେ ରିଲ୍ସ କରୁଥିବା ବେଳେ ପାଣିରେ ବୁଡ଼ି ଜଣେ ଛାତ୍ରଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ମୃତକ ହେଲେ କୋରାପୁଟ କୋଲାବ ନଗରର ମଜେଶ ଖୋସଲା।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଜୟ ଓଡ଼ିଶା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ରେଡକ୍ରସ ଭବନ, ସମୟ: ସକାଳ ୯ଟା ୩୦।
- ଉତ୍କଳ ବିପନ୍ନ ସହାୟତା ସମିତି ପକ୍ଷରୁ ବାର୍ଷିକ ଉତ୍ସବ ଏବଂ ଗୋପବନ୍ଧୁ ସେବା ସମ୍ମାନ ସମାରୋହ, ସ୍ଥାନ: ରେଲ୍‌ୱେ ଅଡିଟୋରିୟମ୍, ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା।
- ଯାତ୍ରା ସଂସ୍କୃତି ସୁରକ୍ଷା ମଞ୍ଚ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଦ୍ୱିତୀୟ ବାର୍ଷିକ ଉତ୍ସବ ଏବଂ କଳାକାର ସମ୍ମାନ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ପକ୍ଷରୁ ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଆଇଏମ୍‌ଏମ୍‌ଟି ଅଡିଟୋରିୟମ୍, ସମୟ: ଅପରାହ୍ନ ୪ଟା ୩୦।
- ଓଡ଼ିଶୀ ସଂଗୀତ ସନ୍ଧ୍ୟା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ବିଶ୍ୱ ସମ୍ବାଦ କେନ୍ଦ୍ର କଟକ ଶାଖା ପକ୍ଷରୁ ଦେବର୍ଷି ନାରଦ ଜୟନ୍ତୀ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ନୀଳାଚଳ ତତ୍ତ୍ୱସନ୍ଧାନ ପରିଷଦ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ଜଗନ୍ନାଥବଲ୍ଲଭ ମଠ ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।
- ଦେବର୍ଷି ନାରଦ ଜୟନ୍ତୀ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ଅପରାହ୍ନ ୫ଟା ୪୫।

## ଖୋର୍ଦ୍ଧା
- ଷଣ୍ଢପୁର ଗ୍ରାମବାସୀଙ୍କ ପକ୍ଷରୁ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: କୁଣ୍ଡେଳେଶ୍ୱର ମହାଦେବଙ୍କ ମନ୍ଦିର ପରିସର, ଷଣ୍ଢପୁର, ଜଟଣୀ, ସମୟ: ସକାଳ ୮ଟା।
- ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜଟଣୀ ପକ୍ଷରୁ ସୁସ୍ଥ ସମୃଦ୍ଧ ସମାଜ ପାଇଁ ରାଜନୀତିରେ ଆଧ୍ୟାତ୍ମିକତା ଆଲୋଚନାଚକ୍ର, ସ୍ଥାନ: ଅଗ୍ରୱାଲ ଚାରିଟେବଲ ଟ୍ରଷ୍ଟ ଧର୍ମଶାଳା ପରିସର, ଜଟଣୀ, ସମୟ: ଅପରାହ୍ନ ୪ଟା ୩୦।

## ବାଲେଶ୍ୱର
- ସ୍ମୃତିଚାରଣ ସଭା, ସ୍ଥାନ : ଜିଲା ସାମ୍ବାଦିକ ପ୍ରକୋଷ୍ଠ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ ଟା।
- ବିଶ୍ୱ ହାସ୍ୟ ଦିବସ, ସ୍ଥାନ : ଉଦ୍ୟୋଗ ଭବନ, ବାଲେଶ୍ୱର, ସମୟ : ସନ୍ଧ୍ୟା ୭ଟା।

## ଭଦ୍ରକ
- କୀର୍ତ୍ତନ ମଣ୍ଡପ ଉଦ୍‌ଘାଟନ ଓ କଳସ ଶୋଭାଯାତ୍ରା, ସ୍ଥାନ:ଚତୁର୍ଭୁଜପୁର, ଭଣ୍ଡାରିପୋଖରୀ, ସମୟ: ସକାଳ ୬ଟା।
- ଶ୍ରୀ ଶ୍ରୀ ଶ୍ୟାମରାୟଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ନରସିଂହପୁର, ବାଲିଗାଁ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଧୁମିଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଭଣ୍ଡାରିପୋଖରୀ କଲ୍‌ଚରାଲ ଏକାଡେମୀର ବାର୍ଷିକ ଉତ୍ସବ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ବୈଶାଖୀ ମେଳାର ୮ମ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ଆମେ ୮୦ ପକ୍ଷରୁ ଜଳଛତ୍ର, ସ୍ଥାନ: କଚେରୀ ରୋଡ୍ ପୂର୍ତ୍ତ ବିଭାଗ ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବାରିପଦା ଏକ୍ସପୋ ମେଳା, ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ଶ୍ୱେତପଦ୍ମା ସାହିତ୍ୟ ସଂସଦର ପ୍ରତିଷ୍ଠା ଉତ୍ସବ, ସ୍ଥାନ:କ୍ଷୁଦ୍ର ଜଳସେଚନ ବିଭାଗ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା ।
- ଖବରଦାତା ସମ୍ମିଳନୀ, ସ୍ଥାନ: ଆନ୍ଧ୍ର ମହିଳା ସମାଜ, ଗିରି ମାର୍କେଟ ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ହସ ଦିବସ, ସ୍ଥାନ: ଗେଟ୍‌ବଜାର ଏନଜିଓ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ଶ୍ରୀଶ୍ରୀ ରଘନାଥଜୀଉ ସଙ୍ଗୀତ ବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ, ସ୍ଥାନ: କାମାକ୍ଷାନଗର ଅଡିଟୋରିୟମ, ସମୟ: ଅପରାହ୍ନ ୫ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା ।
- ଯୁବ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଜଳଛତ୍ର, ସ୍ଥାନ: ଗୋପହାଟ, କେନ୍ଦ୍ରାପଡା ସହର, ସମୟ: ସକାଳ ୭ଟା ।
- ପବିତ୍ର ସୀତା ନବମୀ ଉପଲକ୍ଷେ ଶ୍ରୀରାମଚରିତ ମାନସ ଓ ପଣ୍ଡିତ ପ୍ରମୋଦ କୁମାର ପଣ୍ଡାଙ୍କ ପ୍ରବଚନ, ସ୍ଥାନ:ମହୀପାଳ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୫ଟା ।
- କୈବର୍ତ୍ତ ମହାସଭାର ଚୈତ୍ର ଉତ୍ସବ, ସ୍ଥାନ: ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୫ଟା ।

## ଯାଜପୁର
- ମା' ତାରିଣୀଙ୍କ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ବ୍ରହ୍ମବରଦା ତାରିଣୀ ଛକ, ସମୟ: ସକାଳ ୬ଟା।
- ସାପ୍ତାହିକ ବୁଦ୍ଧ ଜୟନ୍ତୀ ସମାରୋହ, ସ୍ଥାନ : କାମେଶ୍ୱର ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥ ମନ୍ଦିର ପୁନଃ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଶ୍ରୀଦାରୁ ଛେଦନ ଉତ୍ସବ, ସ୍ଥାନ: ସୁକିନ୍ଦା ବ୍ଲକ ଡୁବୁରୀ କପିଳେଶ୍ୱର ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା ୪୫।

## ନୟାଗଡ଼
- ଶୁଳିଆ ଠାକୁରାଣୀଙ୍କ ବାର୍ଷିକଉତ୍ସବ, ସ୍ଥାନ:ଖଣ୍ଡପଡା ବ୍ଲକ ଗୋପିନାଥପୁର ଶୁଳିଆ ଠାକୁରାଣୀଙ୍କ ପୀଠ, ସମୟ:ସକାଳ ୮ଟା ।
- ଚନ୍ଦନ ଯାତ୍ରାର ଚତୁର୍ଦ୍ଦଶ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ଜୀଉ ମନ୍ଦିର ; ଶରଣକୁଳ ଲଡୁବାବାଙ୍କ ମନ୍ଦିର ; ଓଡଗାଁ ରଘୁନାଥ ଜୀଉ ମନ୍ଦିର, ସମୟ:ମଧାହ୍ନ ୧୨ଟା ୩୦ ।
- ଚନ୍ଦନ ଯାତ୍ରା ଚତୁର୍ଦ୍ଦଶ ଦିବସ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଚନ୍ଦନ ଯାତ୍ରା ଚତୁର୍ଦ୍ଦଶ ଦିବସ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ଜୀଉ ମନ୍ଦିର ; ରଣପୁର ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୨ଟା ।
- ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟର ଉଦ୍‌ଯାପନ, ସ୍ଥାନ:ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ସ୍କୁଲ ପଡିଆ, ସମୟ:ଅପରାହ୍ନ ୪ଟା ।

## କୋରାପୁଟ
- ଓଡ଼ିଶା ସେଲସ ରିପ୍ରେଜେଟିଭ ୟୁନିଟ ସମ୍ମିଳନୀ, ସ୍ଥାନ: ଶ୍ରମିକ କର୍ମଚାରୀ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ନିଟ୍(ୟୁଜି)୨୦୨୬ ପରୀକ୍ଷା, ସ୍ଥାନ: ଭିଡି କଲେଜ, ଜୟପୁର, ସମୟ: ଅପରାହ୍ନ ୨ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କୋରାପୁଟ ଜିଲା ଶାଖାର ପ୍ରମୁଖ ଜନସଂଗୋଷ୍ଠୀ, ସ୍ଥାନ: ଜେସିଏନ୍ କମ୍ପର୍ସ, ଜୟପୁର, ସମୟ: ଅପରାହ୍ନ ୫ଟା ୩୦।

## ସମ୍ବଲପୁର
- ସାଓଲିନ କୁଂଫୁ ଉସୁ ଆସୋସିଏଶନ ପକ୍ଷରୁ ବୁଦ୍ଧ ପୂର୍ଣ୍ଣିମା କାର୍ଯ୍ୟକ୍ରମ ସ୍ଥାନ: ବିନାଖଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା।
- ସ୍ୱାଭିମାନ ସମ୍ବଲପୁର ପକ୍ଷରୁ କ୍ରୀଡା ସଙ୍ଗଠକ ବିଶ୍ୱମ୍ଭର ବହିଦାରଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୮ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର, ସ୍ଥାନ: ସମ୍ବଲପୁର ପବ୍ଲିକ ଲାଇବ୍ରେରି ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- କ୍ଷେତରାଜପୁର କେଶବ ତରୁଣ ବ୍ୟବସାୟୀ ଶାଖା ପକ୍ଷରୁ ରକ୍ତଦାନ ଶିବିର ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ : ମାରୱାଡି ଧର୍ମଶାଳା ସଭାକକ୍ଷ, ସମୟ: ସକାଳ ୯ଟା ।

## ବଲାଙ୍ଗୀର
- ବ୍ୟାଡ଼ମିଣ୍ଟନ ପ୍ରଶିକ୍ଷଣ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୬ଟା ।

## ରାଉରକେଲା
- ଯୋଗ ମହୋତ୍ସବ ଆରମ୍ଭ, ସ୍ଥାନ: ସେକ୍ଟର-୨ ଗାୟତ୍ରୀ ମନ୍ଦିର, ସମୟ: ପ୍ରାତଃ ୫ଟା ୩୦।
- ଗ୍ରୀଷ୍ମକାଳୀନ ତାଲିମ ଶିବିର, ସ୍ଥାନ: ଉଦିତନଗର ମିନି ଷ୍ଟାଡିୟମ୍, ସମୟ: ପ୍ରାତଃ ୫ଟା ୪୫।
- ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ଛେଣ୍ଡ କଲୋନୀ, ସମୟ: ଅପରାହ୍ନ ୫ଟା।
- ୪୯ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ସେକ୍ଟର-୫ କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।
- ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାରର ୮ମ ଦିବସ, ସ୍ଥାନ: ସେକ୍ଟର-୧୩ ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା
- ନୃତ୍ୟାଞ୍ଜଳୀ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର,ସମୟ: ସଂଧ୍ୟା ୬ଟା ୩୦।

## ବରଗଡ଼
- ବରଗଡ଼ ଜିଲା ପ୍ରିମିୟର ଲିଗ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ଦୁର୍କେଲ ବ୍ରିଜ ନିର୍ମାଣ ଦାବିରେ କଂଗ୍ରେସର ଧାରଣା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ସକାଳ ୯ଟା।
- ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଭବାନୀପାଟଣା ହୋଟେଲ ଭାଗୀରଥି ଇନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ନାରଦ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ: ସଂସ୍କୃତି ଭବନ, ବାପୁଜୀ ନଗର, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ୍ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଦିନିକିଆ ସ୍ୱାସ୍ଥ୍ୟ ସଚେତନତା ଶିବିର, ସ୍ଥାନ: ସୁବର୍ଣ୍ଣପୁର ଟାଉନହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ତରଭାକୁ ଉପଖଣ୍ଡ ମାନ୍ୟତା ଦାବିରେ ବ୍ୟବସାୟୀ ସଂଘ ପକ୍ଷରୁ ବୈଠକ, ସ୍ଥାନ: ତରଭା ଏନ୍‌ଏସି ପାଠାଗାର, ସମୟ: ସନ୍ଧ୍ୟା ୫ଟା।
- ତରଭା ନୂଆପଡା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା କୁମ୍ଭାରପଡା ଶନିଶ୍ୱର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ରଜନା ପଞ୍ଚାୟତ ବେଲଗାଁ, ସମୟ: ପ୍ରାତଃ ୪ଟା ୩୫ ।
- ଶ୍ରୀପିପଲେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ପୂଜାରମ୍ଭ, ସ୍ଥାନ: ନୂଆପଡା ସଦର ବ୍ଲକ ଗୋଟମା ବସ୍ତି ପୋଖରି ହୁଡା (ଖରିଆର ରୋଡ), ସମୟ: ସକାଳ ୮ ଟା ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଲି ନ ଜାଣି ଦେଉଳ ଦୋଷ,**
**ଦେଉଳ ଯାଇଛି ଅଢ଼େଇ କୋଶ।**

ବାଟ ଚାଲି କରି ଦେଉଳକୁ ଯାଇପାରୁ ନ ଥିବା ବ୍ୟକ୍ତି ଦେଉଳ ଥରକୁ ଥର ଘୁଞ୍ଚି ଯାଉଥିବା କହିବା ନିହାତି ହାସ୍ୟାସ୍ପଦ କଥା ହୋଇଥାଏ। ନିଜର ଅସାମର୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟକୁ ଦୋଷାରୋପ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚାଉଳ ସେରକ କେତେ**
**ନା ମୁଁ ମଠରେ ଖାଉଛି**
**ସଉପ ଖଣ୍ଡକ କେତେ**
**ନା ମୁଁ ଖଟରେ ଶୋଉଛି।**

ମାଗଣାରେ ମିଳୁଥିବା ଜିନିଷର ପ୍ରକୃତ ଦରଦାମ୍ ବୁଝିବା ଆବଶ୍ୟକ ପଡ଼ି ନ ଥାଏ। ସେହିପରି ମାଗଣାରେ ଖାଉଥିବା ବ୍ୟକ୍ତି ପକ୍ଷରେ ଚାଉଳ ପ୍ରଭୃତିର ଦର ବୁଝିବା ଅନାବଶ୍ୟକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଅବଶିଷ୍ଟାଂଶ

## ମାଟ୍ରିକ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର,୨ ।୫(ସୁଚିସ୍ମିତା ସାହୁ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଏବଂ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ପରୀକ୍ଷା ଫଳରେ ବିଚଳିତ ନ ହୋଇ ଦୃଢ଼ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରୁଛି। ଆମ ବିଦ୍ୟାର୍ଥୀମାନଙ୍କ ସଂକଳ୍ପ ଓ ନିଷ୍ଠା ହିଁ ଆଗାମୀ ଦିନରେ ଏକ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ। ସମସ୍ତଙ୍କର ମଙ୍ଗଳ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସରେ ପୋଷ୍ଟ କରିଛନ୍ତି।

## ଶୁଭେଚ୍ଛା ଜଣାଇଲେ ଉଚ୍ଚଶିକ୍ଷା ମନ୍ତ୍ରୀ

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି। ରାଜ୍ୟରେ ୯୫.୩୩% ପାସ୍ ହାର ସହ ପିଲାମାନଙ୍କ ଏହି ସଫଳତା ଓଡ଼ିଶାର ଶିକ୍ଷା କ୍ଷେତ୍ର ପାଇଁ ଗୌରବର ବିଷୟ। ଯେଉଁମାନେ ଆଶାନୁରୂପ ଫଳ ପାଇନାହାନ୍ତି, ସେମାନେ ନିରାଶ ନ ହୋଇ ପରିଶ୍ରମ ଜାରି ରଖନ୍ତୁ। ଗୋଟିଏ ପରୀକ୍ଷା ଆପଣଙ୍କ ଭବିଷ୍ୟତ ସ୍ଥିର କରେନାହିଁ। ଆପଣଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରୁଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି।



କଟକସ୍ଥିତ ବୋର୍ଡ ମୁଖ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମାଟ୍ରିକ ପରୀକ୍ଷାଫଳ ଘୋଷଣା କରିବା ସହ ପରିସଂଖ୍ୟାନ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

## ମାଟ୍ରିକ୍ ପରୀକ୍ଷା...

୮,୩୬୪ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଥିଲେ। ଚଳିତବର୍ଷ ଓଡ଼ିଆ ଓ ଇଂଲିଶ ଉଭୟ ଭାଷାରେ ସାର୍ଟିଫିକେଟ ଉପଲବ୍ଧ ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଘୋଷଣା କରିଛନ୍ତି। ଫଳ ପ୍ରକାଶନ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡ. ଏନ୍. ତିରୁମାଲା ନାୟକ, ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ, ଉପସଭାପତି ଅମୂଲ୍ୟ କୁମାର ପ୍ରଧାନ, ସମ୍ପାଦକ ସରୋଜ କୁମାର ବେହେରା, ପରୀକ୍ଷା ନିୟନ୍ତ୍ରକ ଧରଣୀଧର ପାତ୍ର ଉପସ୍ଥିତ ଥିଲେ।

### ଜିଲାୱାରି ପାସ୍ ହାର

କଟକରେ ପାସ୍‌ହାର ୯୭.୨୨%, ଜଗତ୍‌ସିଂହପୁର ୯୭.୮୯%, ଯାଜପୁର ୯୪.୬୨%, କେନ୍ଦ୍ରାପଡ଼ା ୯୫.୯୭%, ରାୟଗଡ଼ା ୯୬.୫%, ମାଲକାନଗିରି ୯୫.୬୨%, ନବରଙ୍ଗପୁର ୯୭.୪%, ଅନୁଗୋଳ ୯୫.୫୫%, ଢେଙ୍କାନାଳ ୯୪.୫୩%, ପୁରୀ ୯୬.୮%, ଖୋର୍ଦ୍ଧା ୯୭.୧୭%, ନୟାଗଡ଼ ୯୬.୬୮%, ବାଲେଶ୍ୱର ୯୭.୭୧%, ଭଦ୍ରକ ୯୬.୦୧%, କୋରାପୁଟ ୯୬.୫୮%, ମୟୂରଭଞ୍ଜ ୯୭.୫୨%, ଗଞ୍ଜାମ ୯୮.୨୫%, ବୌଦ୍ଧ ୯୫.୫୮%, କନ୍ଧମାଳ ୯୮.୧୭%, କଳାହାଣ୍ଡି ୯୭.୮୬%, ନୂଆପଡ଼ା ୯୭.୮୭%, ବରଗଡ଼ ୯୬.୪୧%, ସମ୍ବଲପୁର ୯୭.୭୯%, ଦେବଗଡ଼ ୯୬.୨୬%, ଝାରସୁଗୁଡ଼ା ୯୭.୮୯%, ବଲାଙ୍ଗୀର ୯୬.୬୮%, ସୋନପୁର ୯୬.୨୧%, ସୁନ୍ଦରଗଡ଼ ୯୭.୪୮% ରହିଛି।

### ୧୧ରୁ ରିଚେକିଂ ଆବେଦନ

ପରୀକ୍ଷାଫଳରେ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ରମାନେ ରିଚେକିଂ ପାଇଁ ଆବେଦନ କରିପାରିବେ। ବୋର୍ଡ ପକ୍ଷରୁ ରିଚେକିଂ ଆବେଦନ ପାଇଁ ମେ' ୧୧ରୁ ୨୨ ମଧ୍ୟରେ ସମୟ ଦିଆଯାଇଛି। ଅନ୍‌ଲାଇନ ମାଧ୍ୟମରେ ମାଟ୍ରିକ୍ ପରୀକ୍ଷାର୍ଥୀ ଆବେଦନ କରିପାରିବେ।

### ୮ରୁ ସପ୍ଲିମେଣ୍ଟାରି ଫର୍ମ ପୂରଣ

କୌଣସି କାରଣରୁ ଚଳିତ ମାଟ୍ରିକ ରେଗୁଲାର ପରୀକ୍ଷା ଦେଇପାରି ନ ଥିବା କିମ୍ବା ଚଳିତ ମାଟ୍ରିକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ସପ୍ଲିମେଣ୍ଟାରି ପରୀକ୍ଷା ଫର୍ମ ପୂରଣ ତାରିଖ ଘୋଷଣା କରାଯାଇଛି। ଏହି ଛାତ୍ରୀଛାତ୍ରମାନେ ମେ' ୮ରୁ ୧୮ ମଧ୍ୟରେ ଫର୍ମ ପୂରଣ କରିପାରିବେ। ସପ୍ଲିମେଣ୍ଟାରି ପରୀକ୍ଷା ଜୁଲାଇ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ।

### ପରୀକ୍ଷାଫଳ ଶୂନ ସ୍କୁଲର ତର୍ଜମା କରାଯିବ

ଚଳିତ ମାଟ୍ରିକ୍ ପରୀକ୍ଷାରେ ୩ଟି ହାଇସ୍କୁଲର ପରୀକ୍ଷାଫଳ ଶୂନ ହୋଇଥିବାରୁ ଏହାର ତର୍ଜମା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଶୂନ ହାଇସ୍କୁଲଗୁଡ଼ିକ ମଧ୍ୟରେ କେନ୍ଦ୍ରାପଡ଼ା ଜିଲାର ଗୋଟିଏ ବିଦ୍ୟାଳୟ ରହିଛି, ଯାହାର ୧୦ଜଣ ଛାତ୍ରୀଛାତ୍ର ଥିବା ବେଳେ ୪ ଜଣ ପରୀକ୍ଷା ଦେଇଥିଲେ। ସେହିପରି ଢେଙ୍କାନାଳ ଜିଲାର ଏକ ବିଦ୍ୟାଳୟ ରହିଛି, ଯାହାର ୪ଜଣ ଛାତ୍ରୀଛାତ୍ର ଥିବାବେଳେ ଜଣେ ପରୀକ୍ଷା ଦେଇଥିଲେ। ଏଥିସହ ପୁରୀ ଜିଲାର ଏକ ବିଦ୍ୟାଳୟ ରହିଛି, ଯାହାର ୪ଜଣ ଛାତ୍ରୀଛାତ୍ର ଥିବା ବେଳେ ୩ଜଣ ପରୀକ୍ଷା ଦେଇଥିଲେ।

### ମଧ୍ୟମାରେ ପାସ୍ ହାର ୮୭.୩%

କଟକ,୨।୫(କାର୍ତ୍ତିକ ସାହୁ)

ଚଳିତବର୍ଷ ମଧ୍ୟମା ପରୀକ୍ଷାଫଳ ଶନିବାର ଅପରାହ୍ନରେ ପ୍ରକାଶ ପାଇଛି। ଏଥିରେ ପାସ୍‌ହାର ୮୭.୩% ହୋଇଛି। ମଧ୍ୟମା ପରୀକ୍ଷା ପାଇଁ ରାଜ୍ୟରେ ଏଥର ୩,୩୫୮ଜଣ ରେଗୁଲାର୍ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୨,୯୮୨ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୭୬ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଥିବା ବେଳେ ୨,୯୩୧ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏ-୨ ଗ୍ରେଡ୍‌ରେ ୮୧, ବି-୧ ଗ୍ରେଡ୍‌ରେ ୧୦୨୦, ବି-୨ ଗ୍ରେଡ୍‌ରେ ୧୧୭୪, ସି ଗ୍ରେଡ୍‌ରେ ୬୫୦, ଡି ଗ୍ରେଡ୍‌ରେ ୫, ଇ ଗ୍ରେଡ୍‌ରେ ଜଣେ ପାସ୍ କରିଛନ୍ତି। ପରୀକ୍ଷାଫଳରେ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ରମାନେ ରିଚେକିଂ ପାଇଁ ଅଫ୍‌ଲାଇନରେ ଆବେଦନ କରିପାରିବେ। ବୋର୍ଡ ପକ୍ଷରୁ ରିଚେକିଂ ଆବେଦନ ପାଇଁ ମେ' ୧୧ରୁ ୨୨ ତାରିଖ ସମୟ ଦିଆଯାଇଛି।

### ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ପାସ୍ ହାର ୫୯.୮୨%

ଚଳିତବର୍ଷ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାସ୍‌ହାର ୫୯.୮୨% ରହିଛି। ଏହି ପରୀକ୍ଷା ପାଇଁ ରାଜ୍ୟରେ ଏଥର ୧୨,୩୭୮ଜଣ ରେଗୁଲାର୍ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୧୦,୦୪୩ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨,୩୩୫ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଥିବା ବେଳେ ୭,୪୦୫ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏ-୧ ଗ୍ରେଡ୍‌ରେ ୨୨, ଏ-୨ ଗ୍ରେଡ୍‌ରେ ୨, ବି-୧ ଗ୍ରେଡ୍‌ରେ ୯୯, ବି-୨ ଗ୍ରେଡ୍‌ରେ ୮୦୫, ସି ଗ୍ରେଡ୍‌ରେ ୧୬୩୨, ଡି ଗ୍ରେଡ୍‌ରେ ୨୪୭୬, ଇ ଗ୍ରେଡ୍‌ରେ ୨୩୯୧ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ପରୀକ୍ଷାଫଳରେ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ର ରିଚେକିଂ ପାଇଁ ଅଫ୍‌ଲାଇନରେ ଆବେଦନ କରିପାରିବେ। ବୋର୍ଡ ପକ୍ଷରୁ ରିଚେକିଂ ଆବେଦନ ପାଇଁ ମେ' ୧୧ରୁ ୨୨ ସମୟ ଦିଆଯାଇଛି।

## ବୀମା କ୍ଷେତ୍ରରେ ୧୦୦% ...

ସର୍ବାଧିକ ୨୦ ପ୍ରତିଶତ ବିଦେଶୀ ପୁଞ୍ଜି ନିବେଶ କରାଯାଇପାରିବ ବୋଲି ଡିପିଆଇଆଇଟି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତୀୟ ବୀମା ନିଗମ ଆଇନ ୧୯୫୬ର ଧାରା ୧୯୫୬(୩୧) ଏବଂ ବୀମା ଆଇନ ୧୯୩୮ର ଧାରା ୪ ଅନୁସାରେ ଏଲ୍‌ଆଇସିରେ ବିଦେଶୀ ପୁଞ୍ଜି ନିବେଶ କରାଯାଇପାରିବ। ଏହାଛଡ଼ା ସରକାରୀ ସର୍ତ୍ତ ଅନୁସାରେ ଯଦି ଭାରତର କୌଣସି ବୀମା କମ୍ପାନୀରେ ବିଦେଶୀ କମ୍ପାନୀ ପୁଞ୍ଜି ନିବେଶ କରନ୍ତି ସମ୍ପୃକ୍ତ କମ୍ପାନୀର ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ କିମ୍ବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜଣେ ଭାରତୀୟ ନାଗରିକ ହେବେ। ଭାରତୀୟ ବୀମା କମ୍ପାନୀରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ବ୍ୟତୀତ ବୀମା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଇନ୍‌ସ୍ୟୁରାନ୍ସ ବ୍ରୋକର୍, ରିଇନ୍‌ସ୍ୟୁରାନ୍ସ ବ୍ରୋକର, କନ୍‌ସଲଟାଣ୍ଟ, କର୍ପୋରେଟ୍ ଏଜେଣ୍ଟ ଏବଂ ସର୍ଭେୟରର ଏଜେନ୍ସିଗୁଡ଼ିକରେ ମଧ୍ୟ ୧୦୦ ପ୍ରତିଶତ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ କରାଯାଇପାରିବ ବୋଲି କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ସାମାଜିକ ସ୍ତରରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ହାତରେ ଥିବା କାମକୁ ଶୀଘ୍ର ଶେଷ କରିବା ପାଇଁ ବ୍ୟସ୍ତ ହୋଇପାରନ୍ତି। ପ୍ରଶାସନ, ରାଜନୀତି ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବାର ସୌଭାଗ୍ୟ ଅର୍ଜନ କରିବେ। ସାହିତ୍ୟ, ସଂସ୍କୃତିର ଆଦର କରିବା ସାଙ୍ଗକୁ ସାହିତ୍ୟକୃତିରୁ ପ୍ରଶଂସିତ ହେବେ।

**ବୃଷ** - ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ବନ୍ଧୁମାନଙ୍କ ପରାମର୍ଶରେ ପରିବାରରେ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ଦୀର୍ଘଦିନରୁ ଲାଗି ରହିଥିବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଯାତ୍ରା ସମୟରେ ଜିନିଷ ହଜାଇ ଦେଇ ପାରନ୍ତି।

**ମିଥୁନ** - ଅନ୍ତରଙ୍ଗ ବନ୍ଧୁଙ୍କ ଘରୋଇ କାମରେ ଖୁସି ମିଜାଜରେ କାମ କରିବାର ସୁଯୋଗ ପାଇବେ। ଖୋଜୁଥିବା ଜିନିଷ, ଦରକାରୀ କାଗଜପତ୍ର କିମ୍ବା ସରକାରୀ ସୁବିଧା ସହଜରେ ପାଇଯିବାର ସୂଚନା ରହିଛି। ଆଜି ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। ରଚନାତ୍ମକ କାର୍ଯ୍ୟରେ, ଗବେଷଣାରେ, ଲେଖାପଢ଼ାରେ ଅଗ୍ରଗତି ଘଟିବାର ଆଶା ରହିଛି।

**କର୍କଟ** - ଈର୍ଷାପରାୟଣ ବନ୍ଧୁଙ୍କ ଦ୍ୱାରା ପରୋକ୍ଷ ଭାବରେ ମିଥ୍ୟା ଅଭିଯୋଗ ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି। ଆବଶ୍ୟକତାନୁଯାୟୀ ଋଣ ସୂତ୍ରରେ ଅର୍ଥଲାଭ କରି କୌଣସି ନୂତନ କର୍ମାରମ୍ଭର ଯୋଜନା କରିବେ। ନୂତନ ଗୃହୋପଯୋଗୀ ଜମିଜମା କ୍ରୟ କରିବା ସକାଶେ ବନ୍ଧୁମାନଙ୍କ ସହ ଆଲୋଚନାରେ ଅଗ୍ରଗତି ଘଟିବ।

**ସିଂହ** - ପାରିବାରିକ ସ୍ତରରେ କିଛିନା କିଛି ଅସୁବିଧା ସୃଷ୍ଟି ହେବାର ଲକ୍ଷ୍ୟ କରିବେ। କର୍ମକ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ ଓ ଶିଳ୍ପ, ବାଣିଜ୍ୟ ଓ ଏଜେନ୍‌ସିପ୍‌ରୁ ଖୁସି ରହିବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ମାଲିମକଦ୍ଦମା ଓ ପରିବହନରେ ସମସ୍ୟାଜନିତ ଦୁଶ୍ଚିନ୍ତା ବଢ଼ିଯାଇପାରେ।

**କନ୍ୟା** - ପରିବାରରେ ଆର୍ଥିକ ଅନଟନ ଲାଗି ରହିବାରୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ସମ୍ପର୍କୀୟଙ୍କ ସନ୍ଦେହଜନକ କାର୍ଯ୍ୟକଳାପ ହେତୁ ଅନ୍ୟକୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ବାଣିଜ୍ୟ, ପରିବହନ ଏବଂ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସମସ୍ୟା ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାମ ସକାଶେ ବନ୍ଧୁମାନଙ୍କ ସହ ଆଲୋଚନା କରିପାରନ୍ତି।

**ତୁଳା** - ପରିବାରର ଆବଶ୍ୟକତା ଅନୁଭବ କରି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି। ଆକସ୍ମିକ ଭାବରେ ସରକାରୀ ସ୍ତରରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାମାଜିକ କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯିବା ସାଙ୍ଗକୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବିଛା** - ଅଯଥା ବିବ୍ରତ ହୋଇ ତରବରିଆ ଭାବେ କାମ କଲେ ସବୁ ଓଲଟପାଲଟ ହୋଇଯିବ। ବାରମ୍ବାର ବିଫଳତା ପରେ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ। ଅନ୍ୟମନସ୍କତା କିମ୍ବା ଅସାବଧାନତା ହେତୁ ସାମୟିକ ଯାତ୍ରାରେ ଅସୁବିଧା ଘଟିପାରେ। ଆଜିର ଅଧିକାଂଶ ସମୟ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇପାରନ୍ତି।

**ଧନୁ** - ପରିସ୍ଥିତି ପ୍ରଭାବରେ ଅଫିସିଆଲି କାମରେ ଟେନସନ୍ ବଢ଼ିଯାଇପାରେ। ପାରିବାରିକ ସ୍ତରରେ ଅପୂରଣୀୟ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ବ୍ୟବସାୟ ଓ ପରିବହନରେ ସମସ୍ୟା ଦେଖାଦେବ, କିନ୍ତୁ ଆର୍ଥିକ ଉନ୍ନତି ଚିନ୍ତାପ୍ରଦ ରହିବ। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ।

**ମକର** - ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଜିନିଷପତ୍ର ଅଦଳବଦଳ ହୋଇଯାଇପାରେ। କ୍ରନିକ୍ ରୋଗରେ ପୀଡ଼ା ବୃଦ୍ଧି ଘଟିବାର ଆଶଙ୍କା ରହିଛି। ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି ଭ୍ରାତୃ ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହେବ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ଅନୁତପ୍ତ ହୋଇପାରନ୍ତି।

**କୁମ୍ଭ** - କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରିନେବେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ କ୍ଷେତ୍ରରେ ସଫଳତା ହାସଲ କରିବେ। ଆତ୍ମୀୟମାନଙ୍କ ସହାୟତାରେ ମୂଲ୍ୟବାନ୍ ଦ୍ରବ୍ୟ ଲାଭରୁ ଖୁସି ହୋଇପାରନ୍ତି।

**ମୀନ** - ଆଜି ଆପଣ କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରାର ସୁଯୋଗ ପାଇବାର ସୂଚନା ରହିଛି। ବନ୍ଧୁମାନଙ୍କ ସହିତ ଆଲୋଚନା କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ପରିବହନ, ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

ଆଜି ମେ ୩ ତାରିଖ, ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ, ବିଶ୍ୱ ହାସ୍ୟ ଦିବସ, (ମେ ପ୍ରଥମ ରବିବାର), ଜ୍ୟେଷ୍ଠ କୃଷ୍ଣ ଦ୍ୱିତୀୟା ରବିବାର, ରାଶିନକ୍ଷତ୍ର-ଅନୁରାଧା/ବିଛା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ବିବାହ ପାଣିଗ୍ରହଣ, ବ୍ରତୋପନୟନ ଏବଂ ଜଳାଶୟ ଖନନ ପାଇଁ ଶୁଭଦିନ, ଦିବା ଘ.୦୫।୨୦ ଗତେ ଘ.୦୯।୩୫ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୧ ଗତେ ଘ.୦୬।୦୬ ମଧ୍ୟେ ରାହୁକାଳ।




# ପିଏମ୍‌ଜିଏସ୍‌ୱାଇ-୪ରେ ୮ ଜିଲ୍ଲାକୁ ମିଳିବ ୧୭୦୦ କୋଟି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)

ରାଜ୍ୟର ଗ୍ରାମାଞ୍ଚଳ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ୪ର୍ଥ ପର୍ଯ୍ୟାୟ (ପିଏମ୍‌ଜିଏସ୍‌ୱାଇ-ଆଇଭି)ର ଶୁଭାରମ୍ଭ ହୋଇଛି। ରାୟଗଡ଼ାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର କୃଷି ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନଙ୍କ ଉପସ୍ଥିତିରେ ଏହି ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ପିଏମ୍‌ଜିଏସ୍‌ୱାଇ-୪ରେ ଓଡ଼ିଶାର ୮ ଜିଲ୍ଲା ପାଇଁ ପ୍ରାୟ ୧୭୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟବରାଦ କରାଯିବ। ଏଥିରେ ୮୯୮ଟି ଗାଁରେ ୧୭୦୨ କି.ମି. ପକ୍କାରାସ୍ତା ନିର୍ମାଣ କରାଯିବ। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ ରାୟଗଡ଼ା ଜିଲ୍ଲା ପାଇଁ ଅନେକ ନୂତନ ସଡ଼କ ପ୍ରକଳ୍ପ ଘୋଷଣା କରିବା ସହିତ ଏକାଧିକ ପାନୀୟ ଜଳ ଓ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ କହିଛନ୍ତି, ଗ୍ରାମାଞ୍ଚଳର ବିକାଶ ବିନା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଅସମ୍ଭବ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଦୂରଦୃଷ୍ଟିକୁ ସାକାର କରିବା ପାଇଁ ରାଜ୍ୟ ସରକାର ପିଏମ୍‌ଜିଏସ୍‌ୱାଇ-୪ ମାଧ୍ୟମରେ ଅଣସଂଯୋଜିତ ଗ୍ରାମଗୁଡ଼ିକୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ପର୍ଯ୍ୟାୟରେ କନ୍ଧମାଳ, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଓ ସମ୍ବଲପୁର ଭଳି ୮ ଜିଲ୍ଲାର ୮୯୮ଟି ଗ୍ରାମକୁ ସବୁଦିନିଆ ପକ୍କାରାସ୍ତା ଯୋଗାଇ ଦିଆଯିବ। ଏଥିପାଇଁ ୧୭୦୨ କି.ମି. ଦୈର୍ଘ୍ୟର ୮୨୭ଟି ନୂତନ ରାସ୍ତା ନିର୍ମାଣ ହେବ ; ଯେଉଁଥିରେ କେନ୍ଦ୍ର ଓ ରାଜ୍ୟ ସରକାର ଯଥାକ୍ରମେ ୬୦:୪୦ ଅନୁପାତରେ ଅର୍ଥ ବିନିଯୋଗ କରିବେ। ଏହି ଶୁଭ ଅବସରରେ ଓଡ଼ିଶା ପାଇଁ କେନ୍ଦ୍ରୀୟ ସହାୟତାର ବଡ଼ ଘୋଷଣା କରାଯାଇଛି। ଏହାସହିତ ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଅଧୀନରେ ୬୩୦ କୋଟି ଟଙ୍କା ଏବଂ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଜଳ ବିଭାଜିକା ବିକାଶ ଉପାଦାନ ପାଇଁ ୩୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ଶୁଭଦୃଷ୍ଟି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଶିବରାଜଙ୍କ ଓଡ଼ିଶା ପ୍ରୀତିକୁ ଉଚ୍ଚ ପ୍ରଶଂସା କରିଛନ୍ତି। ପିଏମ୍‌ଜିଏସ୍‌ୱାଇ-୪ରେ କେବଳ ରାୟଗଡ଼ା ଓ ମାଲକାନଗିରି ଜିଲ୍ଲାରେ ୪୪୨ଟି ନୂତନ ରାସ୍ତା ନିର୍ମାଣ କରାଯିବ। ଏହାଛଡ଼ା ମୁଖ୍ୟମନ୍ତ୍ରୀ ରାୟଗଡ଼ା ଜିଲ୍ଲାର ବହୁ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। କୋଲନରା, ମୁନିଗୁଡ଼ା ଓ ରାୟଗଡ଼ା ବ୍ଲକରେ ୯୭ କୋଟି ଟଙ୍କା ବ୍ୟୟରେ ୩ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ ହୋଇଛି ; ଯଦ୍ୱାରା ୯୮ଟି ଗାଁର ଜନସାଧାରଣ ଉପକୃତ ହେବେ। ରାୟଗଡ଼ା, କାଶୀପୁର, କେ. ସିଙ୍ଗପୁର, କୋଲନରା ଓ ମୁନିଗୁଡ଼ା ବ୍ଲକ ଅଞ୍ଚଳରେ ୧୦୪ କୋଟି ୫୬ ଲକ୍ଷ ଟଙ୍କା ବିନିଯୋଗରେ ୧୩ଟି ନୂଆ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ପ୍ରତି କୃଷି ଗ୍ରାମକୁ 'ବିହନ ଗ୍ରାମ'ରେ ଗଢ଼ି ତୋଳିବାକୁ ଇଚ୍ଛା ଅଛି: ଶିବରାଜ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର କୃଷି ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଜଣେ ହିତାଧିକାରୀଙ୍କୁ ବିବାହ ସହାୟତା ରାଶି ପ୍ରଦାନ କରୁଛନ୍ତି।

କେନ୍ଦ୍ରମନ୍ତ୍ରୀ ଶିବରାଜ କହିଛନ୍ତି, ସରକାର କେବଳ ପ୍ରତ୍ୟେକ ଗ୍ରାମକୁ ସଡ଼କ ପଥରେ ଯୋଡ଼ିବା ପାଇଁ ଆସିନାହାନ୍ତି। ପ୍ରତିଟି ହୃଦୟ ସହ ଯୋଡ଼ିହେବା ହେଉଛି ତାଙ୍କର ମୂଳ ଲକ୍ଷ୍ୟ। କୃଷି କ୍ଷେତ୍ରରେ ଓଡ଼ିଶାକୁ ଆଗକୁ ନେବା ଲାଗି କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ବୈଜ୍ଞାନିକ ଦଳ ପଠାଇବେ। ଏହି ବିଶେଷଜ୍ଞମାନେ ରାଜ୍ୟର ବିଭିନ୍ନ ଅଞ୍ଚଳ ବୁଲି ସମନ୍ୱିତ କୃଷି ବ୍ୟବସ୍ଥାର ସମୀକ୍ଷା କରିବେ। ଓଡ଼ିଶାର ପ୍ରତ୍ୟେକ କୃଷିଗ୍ରାମକୁ ଏକ ବିହନ ଗ୍ରାମ ଭାବେ ଗଢ଼ି ତୋଳିବା ପାଇଁ କେନ୍ଦ୍ର ସରକାରଙ୍କ ଇଚ୍ଛା ରହିଛି ବୋଲି ସେ କହିଛନ୍ତି। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି, ସ୍ୱର୍ଗତ ବାଜପେୟୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପ୍ରକଳ୍ପ ୪ର୍ଥ ପର୍ଯ୍ୟାୟରେ ପହଞ୍ଚିସାରିଛି। ଗାଁର କିପରି ବିକାଶ ହେବ ସେଥିନେଇ ଅନେକ ଯୋଜନା ହାତକୁ ନିଆଯିବା ସହିତ ଏହାର ସଫଳ ରୂପାୟନ ଦିଗରେ ଧ୍ୟାନ ଦିଆଯାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ରାୟଗଡ଼ା ବିଧାୟକ ଆପାଲା ସ୍ୱାମୀ କାଡ୍ରାକା, ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗୋ, ବିଷମକଟକ ବିଧାୟକ ନୀଳମାଧବ ହିକ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହାସହ ବିଭାଗୀୟ ସଚିବ ଯାମିନୀ ଷଡ଼ଙ୍ଗୀ, ରାୟଗଡ଼ା ଜିଲ୍ଲାପାଳ କୁଲକର୍ଣ୍ଣି ଆଶୁତୋଷ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ନିର୍ଦ୍ଦେଶିକା ରୀନା ନାଗର ପ୍ରମୁଖ ଉପସ୍ଥିତ ଥିଲେ।

# ଅମୃତ ୨.୦ କାର୍ଯ୍ୟକାରିତାରେ ଓଡ଼ିଶାର ଶ୍ରେଷ୍ଠ ପ୍ରଦର୍ଶନ

## ସହରାଞ୍ଚଳ ଜଳ ବିପ୍ଳବ ପାଇଁ ସରକାରଙ୍କ ଦୃଢ଼ ନେତୃତ୍ୱକୁ ଶ୍ରେୟ ଦେଲେ ମନ୍ତ୍ରୀ

ଭୁବନେଶ୍ୱର,୨।୫(ବନ୍ଦନା ସେଠୀ)

ଅଟଳ ନବୀକରଣ ଏବଂ ସହର ରୂପାନ୍ତରଣ ମିଶନ (ଅମୃତ) ୨.୦ ଅଧୀନ ପ୍ରକଳ୍ପ କାର୍ଯ୍ୟକାରିତାରେ ଓଡ଼ିଶା ହେଉଛି ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ। ରାଜ୍ୟ ସରକାରଙ୍କ ଦୃଢ଼ ନେତୃତ୍ୱ ଏବଂ ସୁଶାସନ ମାଧ୍ୟମରେ ସହରାଞ୍ଚଳ ଜଳ ନିରାପତ୍ତା ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏକ ରୂପାନ୍ତରଣକାରୀ ପଦକ୍ଷେପ ଗ୍ରହଣ କରାଯାଇଛି। କ୍ଷେତ୍ରସ୍ତରରେ ସଫଳତା ପାଇଁ ସରକାରଙ୍କ ସ୍ପଷ୍ଟ ରାଜନୈତିକ ପ୍ରତିବଦ୍ଧତା ଯୋଗୁ ରାଜ୍ୟର ୮୯ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ 'ଅମୃତ ୨.୦'ର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରାଯାଇଛି। ସାର୍ବଜନୀନ ଜଳ ଯୋଗାଣ ଏବଂ ଜଳାଶୟଗୁଡ଼ିକର ପୁନରୁଦ୍ଧାର ପାଇଁ ୪,୦୩୦.୧୮ କୋଟି ଟଙ୍କାର ବ୍ୟୟ ଅଟକଳରେ ୩୪୫ଟି ପ୍ରକଳ୍ପ ଆରମ୍ଭ କରାଯାଇଛି। ସମୟାନୁବର୍ତ୍ତୀ କାର୍ଯ୍ୟ ଏବଂ ଉତ୍ତରଦାୟିତ୍ୱ ଉପରେ ସରକାର ଦେଉଥିବା ଗୁରୁତ୍ୱର ପ୍ରତିଫଳନସ୍ୱରୂପ ୧୦୭ଟି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇସାରିଛି। ବାକି ପ୍ରକଳ୍ପଗୁଡ଼ିକର ଅଗ୍ରଗତିକୁ ଉଚ୍ଚସ୍ତରରେ ନିୟମିତ ମନିଟରିଂ କରାଯାଉଛି। ରାଜ୍ୟରେ ୪୩ ଏମ୍.ଏଲ୍.ଡି କ୍ଷମତାବିଶିଷ୍ଟ ୭ଟି ନୂତନ ଜଳ ବିଶୋଧନ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଛି, ଯାହାଦ୍ୱାରା ପ୍ରାୟ ୨.୮୩ ଲକ୍ଷ ନାଗରିକ ଉପକୃତ ହେଉଛନ୍ତି। ପ୍ରମୁଖ ସହରାଞ୍ଚଳରେ ୨୪x୭ ଜଳଯୋଗାଣ ବ୍ୟବସ୍ଥା ଏବଂ ୨.୭ ଲକ୍ଷରୁ ଅଧିକ ପରିବାରକୁ ପାଇପ୍ ଯୋଗେ ଜଳ ସଂଯୋଗ ଯୋଗାଇ ଦିଆଯାଇଛି। ସରକାରଙ୍କ ସମାବେଶୀ ଆଭିମୁଖ୍ୟ 'ଅମୃତ ମିତ୍ର' ଏବଂ 'ୱିମେନ ଫର୍ ଟ୍ରି' ଭଳି ପଦକ୍ଷେପ ମାଧ୍ୟମରେ ବ୍ୟାପକ ଜନଭାଗିଦାରୀ ସୃଷ୍ଟି କରାଯାଇଛି। ଜଳାଶୟଗୁଡ଼ିକର ପୁନରୁଦ୍ଧାର ଏବଂ ପରିବେଶ ସ୍ଥିରତା କ୍ଷେତ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେତୃତ୍ୱ ନେବା ପାଇଁ ସଶକ୍ତ କରାଯାଇଛି। ସେହିପରି 'କ୍ରେଡିଟ ଏନ୍‌ହାନ୍ସମେଣ୍ଟ ଇନିସିଏଟିଭ' ଅଧୀନରେ ଛୋଟ ସହରାଞ୍ଚଳ ପାଇଁ ୭୦.୨୭ କୋଟି ଟଙ୍କାର ୧୬ଟି ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ଏହାବ୍ୟତୀତ ଭୁବନେଶ୍ୱର, କଟକ, ସମ୍ବଲପୁର ଏବଂ ବ୍ରହ୍ମପୁର ଭଳିପ୍ରମୁଖ ସହରଗୁଡ଼ିକ ପାଇଁ 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ୍' ଅଧୀନରେ ୩,୦୩୦.୬୧ କୋଟି ଟଙ୍କାର ପାଞ୍ଚଟି ବୃହତ ଭିତ୍ତିଭୂମି ପ୍ରକଳ୍ପ ଦାଖଲ କରାଯାଇଥିବା ସୂଚନା ଦିଆଯାଇଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି , ଏହି ସଫଳତା ସହରୀ ଓଡ଼ିଶାକୁ ଦ୍ରୁତ, ବ୍ୟାପକ ଏବଂ ସ୍ଥାୟୀ ଭାବେ ରୂପାନ୍ତରିତ କରିବା ପାଇଁ ରାଜ୍ୟ ସରକାରଙ୍କ ଅଟଳ ପ୍ରତିବଦ୍ଧତାକୁ ଦର୍ଶାଉଛି। ଯୋଜନା କାର୍ଯ୍ୟକାରୀ କରିବା ସହ ସାମଗ୍ରିକ ସହରାଞ୍ଚଳ ଜଳ ବିପ୍ଳବ ଅଣାଯାଉଛି, ଯାହା ପ୍ରତିଟି ପରିବାରକୁ ନିରାପଦ ଏବଂ ନିର୍ଭରଯୋଗ୍ୟ ପାନୀୟ ଜଳ ଯୋଗାଇବା ନିଶ୍ଚିତ କରୁଛି।

# ଦ୍ୱିତୀୟ ସପ୍ତାହରେ ଲଘୁଚାପ ସମ୍ଭାବନା

- ବାତ୍ୟା ରୂପ ନେଇପାରେ: ଜିଏଫ୍‌ଏସ୍ ମଡେଲ
- କାଳବୈଶାଖୀ ପ୍ରଭାବରେ ୮ ଯାଏ ବର୍ଷା

ଭୁବନେଶ୍ୱର,୨।୫(ବନ୍ଦନା ସେଠୀ)

ରାଜ୍ୟରେ ଏବେ ଦିନରେ ଖରାତାତି ସହ ଗୁଳୁଗୁଳି ଜାରି ରହିଥିବାବେଳେ ଅପରାହ୍ଣରେ କାଳବୈଶାଖୀ ତାଣ୍ଡବ ରଚୁଛି। ଏଭଳି ସ୍ଥିତିରେ ଚଳିତ ମାସର ଦ୍ୱିତୀୟ ସପ୍ତାହ ବେଳକୁ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଅନ୍ତର୍ଜାତୀୟ ପାଣିପାଗ ମଡେଲ ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ୍‌ର ଆକଳନ ଅନୁଯାୟୀ, ମେ' ୧୧ରୁ ୧୫ ବେଳକୁ ଦକ୍ଷିଣ-ପୂର୍ବ-ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ଏହା ଉତ୍ତରରୁ ଉତ୍ତର-ପୂର୍ବ ଦିଗକୁ ଗତି କରି ଧୀରେ ଧୀରେ ଘନୀଭୂତ ହୋଇ ଲଘୁଚାପର ରୂପ ନେବାର ସମ୍ଭାବନା ରହିଛି। ପରବର୍ତ୍ତୀ ସମୟରେ ତାହା ଅଧିକା ଘନୀଭୂତ ହୋଇ ସାଇକ୍ଲୋଜେନେସିସ୍ ରୂପ ନେବାର ସମ୍ଭାବନା ରହିଥିବା ଜିଏଫ୍‌ଏସ୍ ଆକଳନ କରିଛି। ତେବେ ଏନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

ଅପରପକ୍ଷେ ରାଜ୍ୟରେ ଏବେ କାଳବୈଶାଖୀ ବର୍ଷା ଲାଗି ରହିଥିବାବେଳେ ମେ' ୮ ପର୍ଯ୍ୟନ୍ତଏହାର ପ୍ରଭାବ ଦେଖିବାକୁ ମିଳିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବର୍ଷା ହୋଇଥିଲା। ସେହିପରି ରବିବାର ବିଭିନ୍ନ ସ୍ଥାନରେ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ବିଶେଷକରି ମୟୂରଭଞ୍ଜ, ବାଲେଶ୍ୱର, ଖୋର୍ଦ୍ଧା, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ପୁରୀ, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼ ଆଦି ଜିଲ୍ଲାର କିଛି ସ୍ଥାନରେ ଅପରାହ୍ଣ କିମ୍ବା ସନ୍ଧ୍ୟାରେ ପ୍ରବଳ ଘଡ଼ଘଡ଼ି ବିଜୁଳି ସହ ବର୍ଷା ଓ ପବନ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ସୋମବାର ମଧ୍ୟ ବିଭିନ୍ନ ସ୍ଥାନରେ ବର୍ଷା ହେବାକୁ ଥିବାବେଳେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି ଏବଂ ରାୟଗଡ଼ା ଜିଲ୍ଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। କାଳବୈଶାଖୀ ସମୟରେ ସମୁଦ୍ର ଅଶାନ୍ତ ରହିବ ତେଣୁ ୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବିଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। କାଳବୈଶାଖୀ ପ୍ରଭାବରେ ଅନେକ ସ୍ଥାନରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୭ଟି ସହରର ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରେକର୍ଡ ହୋଇଛି। ବୌଦ୍ଧରେ ସର୍ବାଧିକ ୪୧.୬ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ଝାରସୁଗୁଡା ୪୧.୧, ଭବାନୀପାଟଣା ୪୦.୫, ତାଳଚେର, ମାଲକାନଗିରି ଏବଂ ବରଗଡ଼ରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।




# ମହାନଦୀରେ ଜଳ ସଂରକ୍ଷଣ ରିପୋର୍ଟ ଦେଲେ ୨ ରାଜ୍ୟ

ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)

- ଗତ ୮ ତାରିଖ ଶୁଣାଣି ବେଳେ ରିପୋର୍ଟକୁ ନେଇ ଅସହମତି ପ୍ରକାଶ ପାଇଥିଲା
- ୩୦ରେ ଟ୍ରିବ୍ୟୁନାଲରେ ପରବର୍ତ୍ତୀ ଶୁଣାଣି

ମହନଦୀ ଜଳ ବିବାଦ ପ୍ରସଙ୍ଗରେ ଶନିବାର ଅନୁଷ୍ଠିତ ଟ୍ରିବ୍ୟୁନାଲରେ ଦୁଇ ରାଜ୍ୟ ଓଡ଼ିଶା ଏବଂ ଛତିଶଗଡ଼ର ଉଦ୍ୟମକୁ ପ୍ରଶଂସା କରାଯାଇଛି। ଗତ ୮ ତାରିଖରେ ଅନୁଷ୍ଠିତ ଟ୍ରିବ୍ୟୁନାଲରେ ମହାନାଦୀ ବେସିନ୍‌ରେ କେତେ ପାଣି ସଂରକ୍ଷିତ ହୋଇ ରହିଛି ତା'ର ରିପୋର୍ଟକୁ ନେଇ ଉଭୟ ରାଜ୍ୟ ଭିତରେ ସାମାନ୍ୟ ଅସହମତି ପ୍ରକାଶ ପାଇଥିଲା। ଏହାପରେ ଗତ ୨୪ ତାରିଖରେ ମହାନାଦୀରେ କେତେ ଜଳ ସଂରକ୍ଷିତ ରହୁଛି ତାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୨ ରାଜ୍ୟର ବୈଷୟିକ ଟିମ୍ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହାପରେ ୨ ରାଜ୍ୟର ଇଞ୍ଜିନିୟର ଇନ୍ ଚିଫ୍ ଦସ୍ତଖତକରି ମହାନଦୀରେ କେତେ ଜଳ ସଂରକ୍ଷିତ ରହୁଛି ତା'ର ରିପୋର୍ଟ ଶନିବାର ଟ୍ରିବ୍ୟୁନାଲରେ ଦାଖଲ କରିଛନ୍ତି। ୨ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ସେହି ରିପୋର୍ଟକୁ ଅନୁମୋଦନ ଦେଇଛନ୍ତି ବୋଲି ଓଡ଼ିଶା ଆଡ୍‌ଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି।

ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଏହି ରିପୋର୍ଟ ଦାଖଲ ହେବା ପରେ ୨ରାଜ୍ୟ ମଧ୍ୟରେ ଦୀର୍ଘଦିନରୁ ଲାଗି ରହିଥିବା ବିବାଦର ସମାଧାନ ବାଟ ଖୋଲିଛି। ୨ ରାଜ୍ୟ ଭିତରେ ଜଳ ବଣ୍ଟନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ସୁପ୍ରିମକୋର୍ଟରେ ଜଳ ବଣ୍ଟନକୁ ନେଇ ଅନେକ ଶୁଣାଣି ରହିଛି। ତାକୁ ଆଧାରକରି ଏହି କାର୍ଯ୍ୟ କରାଯିବ। ମହାନଦୀ ଜଳ ବିବାଦ ପ୍ରସଙ୍ଗ ଦୀର୍ଘଦିନର ସମସ୍ୟା। ଗତ ସରକାର ଏହାର ସମାଧାନର ବାଟ ଖୋଜୁ ନ ଥିଲେ। ମାତ୍ର ଓଡ଼ିଶା ଓ ଛତିଶଗଡ଼ ସରକାର ଏବେ ଆପୋସ ସମାଧାନ ବାଟରେ ଯାଉଛନ୍ତି। କେନ୍ଦ୍ରମନ୍ତ୍ରୀ ଅମିତ ଶାହା ମଧ୍ୟ ଏଥିଲାଗି ୨ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। ଆସନ୍ତା ୩୦ରେ ପରବର୍ତ୍ତୀ ଶୁଣାଣି ହେବ। ସେହିଦିନ ଦୁଇଟି ବୈଠକ ମଧ୍ୟ ବସିବ ବୋଲି ପୀତାମ୍ବର କହିଛନ୍ତି।



ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ- ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ - ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ। – ଶ୍ରୀଅରବିନ୍ଦ

# ପକ୍ଷପାତ ବିଚାର



**ଆକାର ପଟେଲ**

ଆପଣ ଯଦି ଜଣେ ସାଧାରଣ ବ୍ୟକ୍ତି, ତେବେ ଯେକୌଣସି ଦଳକୁ ସମର୍ଥନ କରିପାରିବେ ଏବଂ ଭୋଟ ଦେଇପାରିବେ। ଡିଏମ୍‌କେ, ଏଡିଏମ୍‌କେ, ଟିଡିପି, ଏନ୍‌ସିପି, ପିଡିପି, ଟିଏମ୍‌ସି, ଆଇଏନ୍‌ସି, ଜେଡି (ଏସ୍) ଏବଂ ଜେଡି (ୟୁ), ଏନ୍‌ସିପି, ଟିଆର୍‌ଏସ୍, ନୂଆ ଦଳ ଟିଭିକେ ଏବଂ ସିପିଏମ୍, ସିପିଆଇ ଇତ୍ୟାଦି ଦଳ ଅଛନ୍ତି। ଭିନ୍ନ ଭିନ୍ନ ବିଚାରକୁ ଗ୍ରହଣ କରୁଥିବା ଦଳର ମଧ୍ୟ ଅଭାବ ନାହିଁ। କିନ୍ତୁ ଯଦି ଭାରତୀୟ ସଂଖ୍ୟାଲଘୁ, ବିଶେଷକରି ମୁସଲମାନଙ୍କ ପ୍ରତି ଧମକ ଏବଂ ଉତ୍ପୀଡ଼ନ ବିଷୟକୁ ନେଇ ଆପଣଙ୍କର ଆଗ୍ରହ ଥାଏ ତେବେ ଆପଣଙ୍କ ପସନ୍ଦର କେବଳ ଗୋଟିଏ ଦଳ ଅଛି ଏବଂ ତାହା ହେଉଛି ଭାଜପା। ଏହା ପକ୍ଷପାତି ଭାରତୀୟଙ୍କୁ ଏକାଠି କରେ। ସମ୍ପ୍ରତି ଗଣମାଧ୍ୟମ ସହିତ ଆଲୋଚନାରେ ଜଣେ ବିଶ୍ଳେଷକ ସମାନ କଥାକୁ ଭିନ୍ନ ଉପାୟରେ କହିଛନ୍ତି। ସେ ଭାଜପାର ଆହ୍ୱାନ ବିଷୟରେ କହିଛନ୍ତି, ''ଯାହାର ଦକ୍ଷିଣପନ୍ଥୀ ଚିନ୍ତାଧାରା ଅଛି ତାହାର ଗୋଟିଏ ଦଳ ଅଛି। ଅନ୍ୟପଟେ, ଏତେ ପ୍ରତିଯୋଗିତା ଅଛି ଯେ ସେହି ଭୋଟ ବିଭାଜିତ ହୋଇଯାଏ।'' କାହିଁକି ଏହା ହେଉଛି। କାରଣ ଏହା ସତ୍ୟ ଯେ, ଭାଜପା ଯାହା କରେ ସେହି କ୍ଷେତ୍ରରେ ତାହାର କୌଣସି ପ୍ରତିଯୋଗିତା ନାହିଁ। କାହିଁକି 'ଦକ୍ଷିଣପନ୍ଥୀ' ଏକ ଘୃଣା-ଆଧାରିତ ଶବ୍ଦ ତାହା କ୍ଷଣକରେ ଦେଖିପାରିବା। ପ୍ରଥମେ, ଭାଜପାର କୌଣସି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି ବୋଲି ସ୍ୱୀକାର କରିବା ପରେ ଆମକୁ ମଧ୍ୟ ଗ୍ରହଣ କରିବାକୁ ପଡ଼ିବ ଯେ, ଏହା ଏକ ସରଳ ଏବଂ ବୋଧଗମ୍ୟ ସୂତ୍ର ପ୍ରଦାନ କରେ। 'ମୁଁ ମୁସଲମାନଙ୍କୁ ଘୃଣା କରେ' ମନ୍ତବ୍ୟ ଅତ୍ୟନ୍ତ ସ୍ପଷ୍ଟ, ପ୍ରତ୍ୟକ୍ଷ ଏବଂ ପ୍ରଭାବଶାଳୀ। ଦଳ କ'ଣ ପ୍ରତିନିଧିତ୍ୱ କରୁଛି ତାହା ବୁଝିବା ପାଇଁ ଭୋଟରଙ୍କୁ ଇସ୍ତାହାର ଅନୁଧ୍ୟାନ କରିବା ଦରକାର ନାହିଁ। ଭାଜପା ଚିନ୍ତାଧାରାର ମୂଳ ହେଉଛି ସଂଖ୍ୟାଲଘୁ ବିରୋଧୀ। ଯଦି ଆପଣ ଏପରି କରୁଥିବା ଏକ ଦଳ ଖୋଜୁଛନ୍ତି, ତେବେ ଆପଣଙ୍କ ପାଖରେ ଏକ ଜାତୀୟସ୍ତରରେ ରହିଥିବା ଏବଂ ଏହି ପ୍ରସଙ୍ଗକୁ ଦଶନ୍ଧି ଧରି ପ୍ରଦର୍ଶନ କରିଥିବା ଦଳ ଅଛି। ତେବେ ଅନ୍ୟ ଏକ ଦଳ କାହିଁକି ଖୋଜିବେ? ଏହାର କୌଣସି ଆବଶ୍ୟକତା ନାହିଁ।

ପ୍ରଶ୍ନ ଉଠେ, ଭାଜପା କ'ଣ ଅନ୍ୟ ଏକ ଦଳଠାରୁ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇପାରିବ ନାହିଁ? ଏହା ହୋଇପାରିବ ଏବଂ ନିଶ୍ଚିତ ହୋଇପାରେ। ତେବେ ଯେତେବେଳେ ଉତ୍ତରାଧିକାର ସଂଘର୍ଷ ଆରମ୍ଭ ହେବ ସେତେବେଳେ ଆମେ ସମ୍ଭବତଃ ତାହା ଦେଖିପାରିବା। ସଂଖ୍ୟାଲଘୁଙ୍କୁ ଘୃଣା କରିବାଠାରୁ ଆରମ୍ଭ କରି ସେମାନଙ୍କ ପ୍ରତି ହିଂସା ଆଚରଣ କରିବା ଭାଜପା ବିଚାରଧାରା ପରିସରଭୁକ୍ତ। ଏହା ହେଉଛି ପ୍ରଥମ ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ କାରଣ ଯେ ବାସ୍ତବରେ ଭାଜପାର ସଂଖ୍ୟାଲଘୁ ବିରୋଧୀ ଭାବନାର କୌଣସି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି। ଦ୍ୱିତୀୟ କାରଣ ହେଉଛି, ଅନ୍ୟ ଦଳଗୁଡ଼ିକ ଭାଜପା ଯାହା ଉପରେ ଗୁରୁତ୍ୱ ଦିଏ ତାହା କରିବାକୁ ପସନ୍ଦ କରି ନ ଥାନ୍ତି। ଆମେ ଜାଣୁ ଭାରତରେ ଅନେକ ଦଳ ସାମ୍ପ୍ରଦାୟିକତାରେ ଲିପ୍ତ। କିନ୍ତୁ ସାମ୍ପ୍ରଦାୟିକତା ସେମାନଙ୍କ ରାଜନୀତି କିମ୍ବା ସେମାନଙ୍କ ପରିଚୟର କେନ୍ଦ୍ରରେ ନାହିଁ। ଭାଜପା ଏକମାତ୍ର ଦଳ ନୁହେଁ, ଯିଏ ବିଭାଜନ ଏବଂ ଘୃଣାରୁ ଲାଭ ପାଇଛି, କିନ୍ତୁ ଏହା ଏକମାତ୍ର ଦଳ, ଯିଏ ଏହାକୁ ନିଜର ବିଚାର ଭାବେ ଗ୍ରହଣ କରିଛି।

ଯେଉଁ ପ୍ରସଙ୍ଗଗୁଡ଼ିକ ଭାଜପାକୁ ସବୁଠାରୁ ବଡ଼ ଦଳ କରିଛି ସେସବୁର ତାଲିକା ଅନେକ ବର୍ଷ ଧରି ଅପରିବର୍ତ୍ତିତ ରହିଥିଲା। ପ୍ରଥମତଃ, ମୁସଲମାନମାନଙ୍କୁ ଅଯୋଧ୍ୟାରେ ସେମାନଙ୍କ ମସ୍‌ଜିଦ ଛାଡ଼ିବାକୁ ପଡ଼ିବ। ଦ୍ୱିତୀୟରେ ମୁସଲମାନଙ୍କୁ କଶ୍ମୀରରେ ସେମାନଙ୍କ ସାମ୍ବିଧାନିକ ସ୍ୱାୟତ୍ତତା ଛାଡ଼ିବାକୁ ପଡ଼ିବ। ତୃତୀୟତଃ, ମୁସଲମାନଙ୍କୁ ସେମାନଙ୍କ ବ୍ୟକ୍ତିଗତ ଆଇନ ଛାଡ଼ିବାକୁ ପଡ଼ିବ। ଲକ୍ଷ୍ୟ କରନ୍ତୁ ଏହି ବିଚାରଧାରାରେ ହିନ୍ଦୁଙ୍କ ପାଇଁ କିଛି ନାହିଁ। ଦଳ ଯାହା ହାସଲ କରିବାକୁ ଚାହୁଁଥିଲା ସେଥିରୁ ଅଧିକାଂଶ ହାସଲ କରିବା ପରେ ମଧ୍ୟ ସମାନ ପଥରେ ଥିବା ଦେଖିବାକୁ ପାଇଛେ। ମୁସଲମାନଙ୍କୁ ସେମାନଙ୍କର ଖାଦ୍ୟପେୟ ତ୍ୟାଗ କରିବାକୁ ପଡ଼ିବ; କାହାକୁ ପ୍ରେମ ଏବଂ ବିବାହ କରିବେ ସେ ସମ୍ପର୍କିତ କାର୍ଯ୍ୟକଳାପ ତ୍ୟାଗ କରିବାକୁ ପଡ଼ିବ; କେଉଁଠି ରହିବେ, କେଉଁଠି ପ୍ରାର୍ଥନା କରିବେ ସେ ସମ୍ପର୍କିତ କାର୍ଯ୍ୟକଳାପକୁ ତ୍ୟାଗ କରିବାକୁ ପଡ଼ିବ; ମୁସଲମାନମାନେ ଭୋଟ ଦେଇପାରିବେ କି ନାହିଁ; ସେମାନେ ଶରଣ ନେଇପାରିବେ କି ନାହିଁ ଇତ୍ୟାଦି ଏବଂ ଆହୁରି ଅନେକ କିଛି। ଏହାର କୌଣସି ଅନ୍ତ ନାହିଁ କାରଣ ଉତ୍ପୀଡ଼ନ ହେଉଛି ଉଦ୍ଦେଶ୍ୟ ଏବଂ ଧମକ ହିଁ ଏକମାତ୍ର ଚୂଡ଼ାନ୍ତ ଲକ୍ଷ୍ୟ।

ଏହି ଧର୍ମାନ୍ଧତାକୁ 'ଦକ୍ଷିଣପନ୍ଥୀ' ଚିନ୍ତାଧାରା ଏବଂ ରାଜନୀତି କୁହାଯିବା ଏହି ଶବ୍ଦ ପ୍ରତି ଏକ ଅପମାନ। ରାଜନୀତିରେ ସାଧାରଣରେ ରକ୍ଷଣଶୀଳତାର ଏକ ଦୀର୍ଘ ଏବଂ ମହାନ୍ ପରମ୍ପରା ଅଛି। ଏହା ନିରନ୍ତରତା ଚାହେଁ। ଏହା ସ୍ଥିରତାକୁ ଗୁରୁତ୍ୱ ଦିଏ। ଉଦାହରଣ ସ୍ୱରୂପ, ମୁଦ୍ରା ଉଚ୍ଛେଦ ଏକ ଉଗ୍ର ସୁଧାରବାଦୀ ଧାରଣା, ଯାହା ରକ୍ଷଣଶୀଳ ନୁହେଁ। ଆମେ ଯେଉଁ ସଂସ୍ଥାଗୁଡ଼ିକର ମନଇଚ୍ଛା ଅଦଳବଦଳ କରିବା, ପୁନଃ ନାମକରଣ, କାଟିବା ଏବଂ ପରିବର୍ତ୍ତନ ଆଦି ଦେଖୁଛୁ, ସେଥିମଧ୍ୟରୁ କୌଣସିଟି ରକ୍ଷଣଶୀଳ ନୁହେଁ। ଏଠାରେ ଦକ୍ଷିଣପନ୍ଥୀକୁ ଯାହା ଚିତ୍ରିତ କରାଯାଇଛି ତାହା ହେଉଛି ତୀବ୍ର ପକ୍ଷପାତ। ଏହି କାରଣରୁ ଦଶନ୍ଧି ଧରି ଭାଜପା ଇସ୍ତାହାର ଅନେକ ବିଷୟକୁ ପରୀକ୍ଷାନିରୀକ୍ଷା କରି ଗ୍ରହଣ କରିଛି ଏବଂ ପ୍ରତ୍ୟାଖ୍ୟାନ କରିଛି। ସେସବୁ ୧୯୬୦ ଏବଂ ୧୯୭୦ ଦଶକରେ ସମାଜବାଦୀ ରହିଥିଲା। ବାଜପେୟୀଙ୍କ ଶାସନରେ ଦଳ ଘୋଷଣା କରିଥିଲା ଯେ, ଏହା ସମସ୍ତ ଭାରତୀୟଙ୍କ ଆୟ ଏବଂ ଘରର ଆକାରକୁ ସୀମିତ କରିବ। ଏହା ପରିତ୍ୟାଗ କରାଗଲା। ଦଳ ଦାବି କରିଥିଲା ଯେ କାରଖାନାରେ ଶ୍ରମିକଙ୍କ ସ୍ଥାନ ନେବା ପାଇଁ ଯାନ୍ତ୍ରିକୀକରଣକୁ ଅନୁମତି ଦିଆଯିବ ନାହିଁ। ଏହାକୁ ମଧ୍ୟ ବାଦ୍ ଦିଆଯାଇଥିଲା। ଏହା ଚାହୁଁଥିଲା ଯେ ଚାଷୀମାନେ ଟ୍ରାକ୍ଟର ବଦଳରେ ବଳଦରେ ଚାଷ କରନ୍ତୁ, ଯେଉଁଥିରୁ ମଧ୍ୟ ଦୂରେଇଯାଇଥିଲା। ଏହି ବିଷୟଗୁଡ଼ିକୁ କାହିଁକି ଗ୍ରହଣ କରାଯାଇଥିଲା କିମ୍ବା ପ୍ରତ୍ୟାଖ୍ୟାନ କରାଯାଇ ଥିଲା, ସେ ସମ୍ପର୍କରେ କୌଣସି ବ୍ୟାଖ୍ୟା କରାଯାଇ ନ ଥିଲା। ଭାଜପା/ଜନସଂଘ ଯେଉଁ ପ୍ରାଥମିକ ଫଳାଫଳ ପ୍ରଦାନ କରୁଥିଲା ତାହା ସ୍ପଷ୍ଟତଃ ଥିଲା ସଂଖ୍ୟାଲଘୁଙ୍କ ପ୍ରତି ଏହାର ପ୍ରକୃତ ତଥା ଅପରିବର୍ତ୍ତନୀୟ ଘୃଣା ଭାବନା। ବାକି ସବୁ ଥିଲା ଅପ୍ରାସଙ୍ଗିକ।

Email:aakar.patel@gmail.com

# ସବୁଜ ଶକ୍ତି ଓ ନିଯୁକ୍ତି ସୁଯୋଗ



**ଡ. ଜୟକୃଷ୍ଣ ପାଣିଗ୍ରାହୀ**

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ପରି ଗମ୍ଭୀର ପରିବେଶ ସମସ୍ୟାର ପ୍ରଚ୍ଛଦରେ ରହିଛି ଶକ୍ତି ଉତ୍ପାଦନର ପ୍ରମୁଖ ଉତ୍ସ କୋଇଲା, ପେଟ୍ରୋଲିୟମ ତୈଳ ଏବଂ ପ୍ରାକୃତିକ ଗ୍ୟାସ ପରି ଜୀବାଶ୍ମ ଇନ୍ଧନର ଅତ୍ୟଧିକ ବ୍ୟବହାର। ଏହି ପ୍ରକ୍ରିୟାରେ ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପ ଏବଂ ଅନ୍ୟାନ୍ୟ ପ୍ରଦୂଷକ ବାୟୁମଣ୍ଡଳକୁ ନିର୍ଗତ ହୋଇ ଉତ୍ତାପ ବୃଦ୍ଧିରେ ସହାୟତା କରୁଛି। ମାନବ ସଭ୍ୟତାର ବିକାଶରେ ଶକ୍ତି ବ୍ୟବହାର ବିସ୍ତାରିତ ହୋଇଚାଲିଛି, ଜୀବାଶ୍ମ ଇନ୍ଧନର ଦହନ ବୃଦ୍ଧିପ୍ରାପ୍ତ ଏବଂ ଜଳବାୟୁ ସମସ୍ୟା ପରିବର୍ଦ୍ଧିତ ହେଉଛି। ସମସ୍ୟାର ସମାଧାନ ନିମନ୍ତେ ବିକଳ୍ପ ସ୍ୱଚ୍ଛ, ସବୁଜ ଶକ୍ତି ଉତ୍ସର ବ୍ୟବହାରକୁ ପ୍ରାଧାନ୍ୟ ଦେଇ ତ୍ୱରିତ ବେଗରେ ଜୀବାଶ୍ମ ଇନ୍ଧନକୁ ବର୍ଜନ କରିବା ଲକ୍ଷ୍ୟରେ ୨୦୧୫ ପ୍ୟାରିସ୍ ଜଳବାୟୁ ସମ୍ମିଳନୀରେ ନିଷ୍ପତ୍ତି ଗୃହୀତ ହୋଇଥିଲା। ଜୀବାଶ୍ମ ଇନ୍ଧନ-ଆଧାରିତ ଶକ୍ତିରେ ପରିବର୍ତ୍ତନ (ଏନର୍ଜି ଟ୍ରାଞ୍ଜିସନ)ର ଉଦ୍ଦେଶ୍ୟ ହେଉଛି ଶକ୍ତି ଉତ୍ପାଦନ ପ୍ରକ୍ରିୟାରେ ସୌର, ପବନ, ଜଳବିଦ୍ୟୁତ୍, ଭୂତାପଜ, ସାମୁଦ୍ରିକ ଢେଉ, ଜୈବିକ, ଉଦ୍‌ଜାନ (ହାଇଡ୍ରୋଜେନ) ଏବଂ ଅନ୍ୟାନ୍ୟ ନବୀକରଣୀୟ ଶକ୍ତି ପରି ସ୍ୱଚ୍ଛ, ଅଧିକ ସ୍ଥାୟୀ ଉତ୍ସକୁ ଅଗ୍ରାଧିକାର ପ୍ରଦାନ। ଏହି ପରିବର୍ତ୍ତନ କେବଳ ଏକ ପ୍ରଯୁକ୍ତିବିଦ୍ୟା ଏବଂ ପରିବେଶୀୟ ଆବଶ୍ୟକତା ନୁହେଁ, ବରଂ ଏକ ପ୍ରମୁଖ ଅର୍ଥନୈତିକ ଏବଂ ସାମାଜିକ ପରିବର୍ତ୍ତନ ମଧ୍ୟ। ଏହାର ଗୁରୁତ୍ୱପୂର୍ଣ୍ଣ ପରିଣାମ ମଧ୍ୟରୁ ଗୋଟିଏ ହେଉଛି ପରିବେଶଧର୍ମୀ ସବୁଜ ନିଯୁକ୍ତି ସୃଷ୍ଟିର ସୁଯୋଗ, ଯାହା ପରିବେଶକୁ ସଂରକ୍ଷଣ ଏବଂ ପୁନରୁଦ୍ଧାର କରିବାରେ ଅବଦାନ ରଖେ।

ଶକ୍ତି ପରିବର୍ତ୍ତନର ଅତ୍ୟାବଶ୍ୟକତା ମୁଖ୍ୟତଃ ଜଳବାୟୁ ପରିବର୍ତ୍ତନର ଗମ୍ଭୀର ପରିଣାମ ଦ୍ୱାରା ପରିଚାଳିତ। ଜୀବାଶ୍ମ ଇନ୍ଧନର ନିଷ୍କାସନ, ଉତ୍ପାଦନ, ପରିବହନ ଏବଂ ବ୍ୟବହାର ଦ୍ୱାରା ସବୁଜଗୃହ ଗ୍ୟାସ୍, ବିଶେଷକରି ଅଙ୍ଗାରକାମ୍ଳ, ମିଥେନ ଏବଂ ନାଇଟ୍ରସ ଅକ୍ସାଇଡ୍ ନିର୍ଗତ ହୁଏ, ଯାହା ବାୟୁମଣ୍ଡଳରୁ ମହାକାଶକୁ ଫେରି ଯାଉଥିବା ଅତିରିକ୍ତ ଉତ୍ତାପକୁ ବାନ୍ଧି ରଖେ; ପରିଣାମରେ ବୈଶ୍ୱିକ ଉଷ୍ଣତା ବୃଦ୍ଧିପାଏ। ବର୍ଦ୍ଧିତ ତାପମାତ୍ରା, ପ୍ରାକୃତିକ ବିପର୍ଯ୍ୟୟ ଘଟଣା ଏବଂ ପରିବେଶୀୟ ଅବକ୍ଷୟ ସ୍ପଷ୍ଟ କରିଛି ଯେ ପ୍ରଚଳିତ ଶକ୍ତି ବ୍ୟବସ୍ଥା ସହନୀୟ ମାର୍ଗରେ ପରିଚାଳିତ ହେଉନାହିଁ।

ପ୍ୟାରିସ୍ ସମ୍ମିଳନୀରେ ପାରିତ ଅନ୍ତର୍ଜାତୀୟ ଚୁକ୍ତିନାମା ଅନୁଯାୟୀ ରାଷ୍ଟ୍ରଗୁଡ଼ିକ ନିର୍ଗମନ ହ୍ରାସ କରିବାକୁ ପ୍ରତିବଦ୍ଧ ହୋଇଥିବାରୁ ସ୍ୱଚ୍ଛ ଶକ୍ତିକୁ ପରିବର୍ତ୍ତନ ଏକାନ୍ତ ଅପରିହାର୍ଯ୍ୟ। ଅବଶ୍ୟ ଏହି ପରିବର୍ତ୍ତନ ଆରମ୍ଭ ହୋଇସାରିଛି ଏବଂ ବିଗତ ଦଶନ୍ଧିରେ ନବୀକରଣୀୟ ଶକ୍ତି ପ୍ରଯୁକ୍ତିବିଦ୍ୟା ଅଧିକ ସୁଲଭ ହୋଇଛି ଏବଂ ଦକ୍ଷତା ଅର୍ଜନ କରିଛି। ଉଦାହରଣ ସ୍ୱରୂପ, ସୌର ପ୍ୟାନେଲ ଏବଂ ପବନ ଟର୍ବାଇନ୍‌ଗୁଡ଼ିକ ବର୍ତ୍ତମାନ ଅନେକ ଅଞ୍ଚଳରେ ପାରମ୍ପରିକ ଶକ୍ତି ଉତ୍ସ ସହିତ ମୂଲ୍ୟ-ପ୍ରତିଦ୍ୱନ୍ଦ୍ୱୀ ହୋଇପାରିଛି। ସରକାର ଏବଂ ଘରୋଇ କ୍ଷେତ୍ରଗୁଡ଼ିକ ସ୍ୱଚ୍ଛ ଶକ୍ତି ଭିତ୍ତିଭୂମି, ବୈଦ୍ୟୁତିକ ଯାନବାହନ ଏବଂ ଶକ୍ତି-ଦକ୍ଷ ପଦ୍ଧତିରେ ପ୍ରଚୁର ନିବେଶ କରୁଛନ୍ତି। ଏହି ନିବେଶଗୁଡ଼ିକ କେବଳ ନିର୍ଗମନ ହ୍ରାସ କରୁନାହିଁ, ବରଂ ଶ୍ରମ ବଜାର ଓ ନିଯୁକ୍ତି କ୍ଷେତ୍ରକୁ ମଧ୍ୟ ଅବଦାନ ରଖୁଛି।

ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଏପରି ପରିବର୍ତ୍ତନ ସବୁଜ ନିଯୁକ୍ତିର ପଥ ଉନ୍ମୁକ୍ତ ଓ ପରିବ୍ୟାପ୍ତ କରେ। ସମ୍ପ୍ରତି ନବୀକରଣୀୟ ଶକ୍ତି ଉତ୍ପାଦନ, ଶକ୍ତି ଦକ୍ଷତା, ସହନୀୟ କୃଷି, ବର୍ଜ୍ୟ ପରିଚାଳନା ଏବଂ ପରିବେଶ ସଂରକ୍ଷଣ ସମେତ ବିଭିନ୍ନ କ୍ଷେତ୍ରରେ ନୂତନ ନିଯୁକ୍ତି ସୃଷ୍ଟି ହେଉଛି। ଉଦାହରଣ ସ୍ୱରୂପ, ସୌର ପ୍ୟାନେଲ ସଂସ୍ଥାପନ, ପବନ ଟର୍ବାଇନ ରକ୍ଷଣାବେକ୍ଷଣ, ବୈଦ୍ୟୁତିକ ଯାନ ଉତ୍ପାଦନ ଏବଂ ପରିବେଶଧର୍ମୀ ଗୃହନିର୍ମାଣ କ୍ଷେତ୍ରରେ ନିଯୁକ୍ତିସବୁକୁ ସବୁଜ ଚାକିରି ରୂପେ ବିବେଚନା କରାଯାଏ। ଏପରି ନୂତନ ବିକାଶସବୁ ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବା ସହିତ ନକାରାତ୍ମକ ପରିବେଶୀୟ ପ୍ରଭାବକୁ ହ୍ରାସ କରେ। ସବୁଜ ନିଯୁକ୍ତିର ଏକ ପ୍ରମୁଖ ଉପକାର ହେଉଛି ବୃହତ୍ ପରିମାଣର ନିଯୁକ୍ତି ନିମନ୍ତେ ଏହା ଯଥେଷ୍ଟ ସୁଯୋଗ ସୃଷ୍ଟି କରେ। ନବୀକରଣୀୟ ଶକ୍ତି ଶିଳ୍ପଗୁଡ଼ିକ ସାଧାରଣତଃ ଜୀବାଶ୍ମ ଇନ୍ଧନ ଶିଳ୍ପ ଅପେକ୍ଷା ଅଧିକ ଶ୍ରମ-କୈନ୍ଦ୍ରିକ। ଦୃଷ୍ଟାନ୍ତ ସ୍ୱରୂପ, ସୌର ଫାର୍ମ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ କୋଇଲା ପ୍ଲାଣ୍ଟ ତୁଳନାରେ ପ୍ରତି ୟୁନିଟ୍ ଉତ୍ପାଦିତ ଶକ୍ତି ପାଇଁ ଅଧିକ ଶ୍ରମିକ ଆବଶ୍ୟକ ହୁଅନ୍ତି। ଏହାର ଅର୍ଥ ହେଉଛି ଯେ ରାଷ୍ଟ୍ରଗୁଡ଼ିକ ନବୀକରଣୀୟ ଶକ୍ତିରେ ନିବେଶ କଲେ, ସେମାନେ ସାମଗ୍ରିକ ଭାବରେ ଅଧିକ ନିଯୁକ୍ତି ସୃଷ୍ଟି କରିପାରିବେ। ବୈଶ୍ୱିକ ଆକଳନ ଅନୁଯାୟୀ, ଶକ୍ତି ପରିବର୍ତ୍ତନର ପରିଣାମରେ ଆଗାମୀ ଦଶନ୍ଧିଗୁଡ଼ିକରେ ଲକ୍ଷ ଲକ୍ଷ ନୂତନ ନିଯୁକ୍ତି ଉପଲବ୍ଧ ହେବାକୁ ଯାଉଛି।

ତେବେ ଏପରି ପରିବର୍ତ୍ତନ ଚ୍ୟାଲେଞ୍ଜ ସୃଷ୍ଟିର ସମ୍ଭାବନା ବହନ କରେ। କୋଇଲା ଏବଂ ତୈଳ ଚାହିଦା ହ୍ରାସ ପାଇବା ସହିତ ପାରମ୍ପରିକ ଜୀବାଶ୍ମ ଇନ୍ଧନ ଶିଳ୍ପରେ ଶ୍ରମିକମାନେ ଚାକିରି ହରାଇବାର ସମ୍ମୁଖୀନ ହୋଇପାରନ୍ତି। ଏହି ଶିଳ୍ପଗୁଡ଼ିକ ଉପରେ ଅତ୍ୟଧିକ ନିର୍ଭରଶୀଳ ଥିବା ଅଞ୍ଚଳଗୁଡ଼ିକ ଆର୍ଥିକ କ୍ଷେତ୍ରରେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ଅତଏବ ଏକ 'ନ୍ୟାୟସଙ୍ଗତ ପରିବର୍ତ୍ତନ' ଅତ୍ୟାବଶ୍ୟକ, ଯାହା



ନିଶ୍ଚିତ କରିବ ଯେ ପ୍ରଭାବିତ ଶ୍ରମିକଙ୍କୁ ପୁନଃ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସାମାଜିକ ସୁରକ୍ଷା ଏବଂ ନୂତନ ନିଯୁକ୍ତି ସୁଯୋଗ ମାଧ୍ୟମରେ ଥଇଥାନ ନିମନ୍ତେ ସମର୍ଥନ କରାଯାଉଛି। ଅନ୍ୟପକ୍ଷରେ, ସରକାରମାନେ ସାମାଜିକ ସମାନତା ସହିତ ପରିବେଶଗତ ଲକ୍ଷ୍ୟକୁ ସନ୍ତୁଳିତ କରୁଥିବା ନୀତି ନିର୍ଦ୍ଧାରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ସବୁଜ ନିଯୁକ୍ତି ନିମନ୍ତେ କର୍ମଶକ୍ତିକୁ ପ୍ରସ୍ତୁତ କରିବାର ମୁଖ୍ୟ ଅସ୍ତ୍ର ହେଉଛି ଉପଯୁକ୍ତ ଶିକ୍ଷା ଏବଂ ଦକ୍ଷତାର ବିକାଶ। ଏହି ଭୂମିକାଗୁଡ଼ିକ ମଧ୍ୟରୁ ଅନେକଙ୍କ ନିମନ୍ତେ ଇଞ୍ଜିନିୟରିଂ ଶିକ୍ଷା, ତଥ୍ୟ ବିଶ୍ଳେଷଣ କିମ୍ବା ବିଶେଷ ସଂସ୍ଥାପନ ଦକ୍ଷତା ଭଳି ବୈଷୟିକ ନିପୁଣତା ଆବଶ୍ୟକ। ବୃତ୍ତିଗତ ତାଲିମ କାର୍ଯ୍ୟକ୍ରମ, ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ ଏବଂ ସରକାରୀ-ବେସରକାରୀ ସହଭାଗିତା କର୍ମଚାରୀଙ୍କୁ ଆବଶ୍ୟକ ଜ୍ଞାନ ପ୍ରଦାନ ଦ୍ୱାରା ସୁଦକ୍ଷ ଓ ସଶକ୍ତ କରିବ। ଅବଶ୍ୟ ସମସ୍ତ ସବୁଜ ନିଯୁକ୍ତି ଅତ୍ୟନ୍ତ ବୈଷୟିକ ପ୍ରକୃତିର ନୁହେଁ; ପ୍ରଶାସନିକ, ଲଜିଷ୍ଟିକ୍ସ ଏବଂ ସମ୍ପ୍ରଦାୟ-ଭିତ୍ତିକ ପରିବେଶଜନିତ କାର୍ଯ୍ୟ କ୍ଷେତ୍ରରେ ମଧ୍ୟ ଯଥେଷ୍ଟ ନିଯୁକ୍ତିର ସୁଯୋଗ ରହିଛି।

ଭାରତ ସମେତ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଶକ୍ତି ପରିବର୍ତ୍ତନରୁ ଯଥେଷ୍ଟ ଲାଭ ହାସଲ କରିବାକୁ ହକ୍‌ଦାର। ସୂର୍ଯ୍ୟକିରଣ ଏବଂ ପବନ ଭଳି ପ୍ରଚୁର ନବୀକରଣୀୟ ସମ୍ବଳ ଉପଲବ୍ଧ ହେଉଥିବା ପରିସ୍ଥିତିରେ ସେମାନେ ପାରମ୍ପରିକ ଶକ୍ତି ବ୍ୟବସ୍ଥାକୁ ପରିତ୍ୟାଗ କରି ସ୍ୱଚ୍ଛ, ସବୁଜ ଅର୍ଥନୀତି ଗଠନ କରିପାରିବେ। ଭାରତରେ, ସୌର ପାର୍କର ସମ୍ପ୍ରସାରଣ ଏବଂ ବୈଦ୍ୟୁତିକ ଯାନ ଗତିଶୀଳତାକୁ ପ୍ରୋତ୍ସାହନ ଭଳି ପଦକ୍ଷେପଗୁଡ଼ିକ ପୂର୍ବରୁ ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି। କିନ୍ତୁ ପ୍ରସଙ୍ଗ ହେଉଛି, ଏହି ପ୍ରକ୍ରିୟାର ଅଭିବୃଦ୍ଧିରେ ସମସ୍ତେ ଅନ୍ତର୍ଭୁକ୍ତ ହେବା ଏବଂ ଉପଲବ୍ଧ ଲାଭ ଗ୍ରାମୀଣ ଓ ଦରିଦ୍ର ବର୍ଗ ପାଖରେ ପହଞ୍ଚିବାକୁ ନିଶ୍ଚିତ କରିବା ନିମନ୍ତେ ଯୋଜନା ଯତ୍ନବାନ ହେବା ଆବଶ୍ୟକ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ନବସୃଜନ। ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ନୂତନ ପ୍ରଯୁକ୍ତିବିଦ୍ୟା, ଯେପରିକି ବ୍ୟାଟେରି ସଂରକ୍ଷଣ, ଉଦ୍‌ଜାନ ଇନ୍ଧନ ଏବଂ ସ୍ମାର୍ଟ ଗ୍ରୀଡ୍‌ରେ ଗବେଷଣା ଏବଂ ବିକାଶକୁ ପ୍ରେରଣା ଦେଉଛି। ଏହି ନବସୃଜନ ବିଜ୍ଞାନ, ଇଞ୍ଜିନିୟରିଂ ଏବଂ ଉଦ୍ୟୋଗ କ୍ଷେତ୍ରରେ ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ଷ୍ଟାର୍ଟଅପ୍ ଏବଂ କ୍ଷୁଦ୍ର ବ୍ୟବସାୟଗୁଡ଼ିକ ମଧ୍ୟ ସ୍ଥାନୀୟ ସମସ୍ୟା ସମାଧାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ଏବଂ ନିଯୁକ୍ତି ସମ୍ଭାବନାକୁ ଆହୁରି ବିସ୍ତାରିତ କରୁଛନ୍ତି।

ଏହା ହୃଦୟଙ୍ଗମ ହେବା ବାଞ୍ଛନୀୟ ଯେ ଶକ୍ତି ପରିବର୍ତ୍ତନ ପରିବେଶୀୟ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ- ଏହା ଅଧିକ ନିରନ୍ତର ଏବଂ ସମସ୍ତଙ୍କ ହିତ ସାଧନକାରୀ ଅର୍ଥନୀତି ହାସଲ ଦିଗରେ ଏକ ସୁଗମ ପଥ। ସବୁଜ ନିଯୁକ୍ତି ସୃଷ୍ଟି ଏହି ପରିବର୍ତ୍ତନର କେନ୍ଦ୍ରରେ ଅବସ୍ଥିତ, ଯାହା ଚାକିରି, ନବସୃଜନ ଏବଂ ସାମାଜିକ ପ୍ରଗତି ନିମନ୍ତେ ସୁଯୋଗ ପ୍ରଦାନ କରେ। ଯଦିଓ ଅନେକ ଆହ୍ୱାନ ସମ୍ମୁଖରେ ବିଦ୍ୟମାନ, ବିଶେଷକରି ଜୀବାଶ୍ମ ଇନ୍ଧନରୁ ଦୂରେଇ ଯିବାରେ, ଶିକ୍ଷା ଏବଂ ଭିତ୍ତିଭୂମିରେ ସକ୍ରିୟ ନୀତି ଓ ନିବେଶ ସୁନିଶ୍ଚିତ କରିବ ଯେ ହିତଗୁଡ଼ିକ ସମ ଭାବରେ ବଣ୍ଟନ ହେଉଛି। ବିଶ୍ୱ ଏକ ନିମ୍ନ ଅଙ୍ଗାରକ (କାର୍ବନ) ଭବିଷ୍ୟତ ଆଡ଼କୁ ଗତି କରିବାର ଆବଶ୍ୟକତା ଥିବାରୁ, ଶକ୍ତି ପରିବର୍ତ୍ତନ ଏବଂ ସବୁଜ ନିଯୁକ୍ତି ମଧ୍ୟରେ ସମ୍ପର୍କ ଆର୍ଥିକ ବିକାଶ ଏବଂ ପରିବେଶଗତ ସ୍ଥିରତା ଉଭୟକୁ ହାସଲ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

– କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି
ମୋ: ୯୪୩୭୦୭୬୧୦୦

# ଯୋଗ ଦିବାରାତ୍ରି



**ବ୍ରଜମୋହନ ମିଶ୍ର**

ଭାରତ ନେତୃତ୍ୱରେ ସାରା ବିଶ୍ୱରେ ପାଳିତ ଯୋଗଦିବସରେ ଶହଶହ ଯୋଗୀ ଓ ଯୋଗିନୀ ବିଭିନ୍ନ ଆସନ, ପ୍ରାଣାୟାମ ଇତ୍ୟାଦି ପତଞ୍ଜଳିକୃତ ଯୋଗମାର୍ଗ ପ୍ରଦର୍ଶନ କରନ୍ତି । ଯୋଗ କଲେ ବ୍ୟକ୍ତି ସୁସ୍ଥ ରହିବ- ଏଇ ବିଶ୍ୱାସ ସେମାନଙ୍କ ମଧ୍ୟରେ ଚେରମାଡ଼ି ଶକ୍ତ ହୋଇଯାଇଥାଏ। ଅବଶ୍ୟ ଏହା କଦାପି ବି ଭୁଲ୍ ନୁହଁ। ଯଥାଯଥ ଯୋଗକ୍ରିୟା ସଂପାଦନ କଲେ ଯୋଗୀ ଅବା ଯୋଗିନୀମାନେ ନୀରୋଗ ରହିବେ। ମନ ଶାନ୍ତ ରହିବ ଏବଂ ପ୍ରାଣର ବୈକଲ୍ୟ କଟିଯିବ। ଆଉ ପାଦେ ଆଗକୁ ଯାଇ ପାରିଲେ ସେମାନେ ମଧ୍ୟ ଆତ୍ମବୋଧ କରିପାରନ୍ତି। ଏଇ ଆକାଂକ୍ଷା ତାଡ଼ିତ ଏଇ ଜୀବୀଗଣ ଯୋଗକୁ ଯେପରି ଓ ଯେତିକି ବୁଝିଥାନ୍ତି ସେମାନେ ସେପରି ଓ ସେତିକି କରିବା ବ୍ୟତୀତ ଆଉ ଅଧିକ କ'ଣ କରିପାରନ୍ତେ? ତେଣୁ ଯୋଗର ଏପରି ବୁଝାମଣା ଓ ସାଧନ ଓ ତା'ର ମାର୍ମିକ ଆବେଦନ ଏମାନଙ୍କଠାରେ ରହିଯାଏ ଅଜଣା ଯାହା ସେମାନେ ଜାଣିଥିଲେ ଅସଲ ଯୋଗୀ ଜୀବନ ଯାପନ କରିପାରିଥାନ୍ତେ ଏବଂ ସେତେବେଳେ ବିଶ୍ୱ ଯୋଗମୟ ହୋଇଥାନ୍ତା। ଆଉ ଏପରି ଏକ ପରିବର୍ତ୍ତିତ ଯୋଗମୟ ବିଶ୍ୱରେ ଠିକଣା ପ୍ରାଣାୟାମ ଚାଲି ତାକୁ ସକଳ 'ଗଣ୍ଡକୁହୁକ' (ଗଙ୍ଗାଧର ମେହେର) ରେ ପଡ଼ି ଘାରି ହୋଇ ଘୋରି ଯିବାରୁ ରକ୍ଷା କରି ଯଥାର୍ଥ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ଦେଇ ପାରିଥାନ୍ତା। ସେହି ସୁନାର ଦିବସ ଓ ରାତି ଆସିଥିଲେ ଯୋଗୀ ଓ ଯୋଗିନୀ ସମେତ ସେମାନଙ୍କୁ ଘେରିଥିବା ସେମାନଙ୍କ ସଂଖ୍ୟାହୀନ ଅଯୋଗୀ ଓ ଅଯୋଗିନୀମାନେ ମଧ୍ୟ ଯାବତୀୟ ଉପଦ୍ରବକୁ ଉପରଡିରେ ପରିବର୍ତ୍ତିତ କରିପାରିଥାନ୍ତେ।

ବ୍ୟକ୍ତିର କେବଳ ଦେହ ଅଛି ବୋଲି ସେ ନାହିଁ। କେବଳ ତା'ର ଆତ୍ମାଟିଏ ଥିଲେ ବି ସେ ନ ଥାନ୍ତା ଅର୍ଥାତ୍ ବ୍ୟକ୍ତ ହୋଇପାରି ନ ଥାନ୍ତା। ଅର୍ଥାତ୍ ସେ ଦୃଶ୍ୟ ଓ ଅଦୃଶ୍ୟର ଏକ ଚମତ୍କାର 'ଯୋଗ' ଯୋଗୁ ଏ ସଂସାରରେ ଅଛି। ପୁଣି ତା'ର ପ୍ରତିଦିନର ବଞ୍ଚିବା ସମ୍ଭବ ହେଉଛି ଭିନ୍ନ ଏକ ନିରନ୍ତର ଯୋଗରେ ଯାହା ତା'ର ପ୍ରତି ପଦପାତରେ ସେ ଲାଭ କରୁଛି ହୁଏତ କେତେବେଳେ ଲୋଡ଼ି ଏବଂ କେତେବେଳେ ବିନା ଲୋଡ଼ିବାରେ। ଏହା ସମ୍ଭବ ହେଉଛି ତା' ପାଇଁ ସଦା ଉପସ୍ଥିତ ରହି ତା' ଲାଗି ଯୋଗ କରିବାକୁ ସଦା ପ୍ରଣତ ଓ ପ୍ରସନ୍ନଥିବା ଏକ ବିରାଟ ବିଶ୍ୱ, ଯାହା ବିଭିନ୍ନ ସଂପଦସମ୍ପନ୍ନ। ତାହା ହୋଇପାରେ ପ୍ରାଣୀ, ଉଦ୍ଭିଦ ଏବଂ ମାନବ ସମାଜ। ଏମାନେ ତା' ପାଇଁ



ଯୋଗ କରୁଥିବାର ତତ୍ତ୍ୱ ବ୍ୟକ୍ତି ଦେଖିବାକୁ ଅନାଗ୍ରହୀ ତେଣୁ ଅଯୋଗ୍ୟ ଓ ଅସମର୍ଥ। ହେଲେ ବାସ୍ତବରେ ସେମାନଙ୍କ ଦୃଶ୍ୟମାନ ଆସନ, ପ୍ରାଣାୟାମ କ୍ରିୟା 'ଭାବ ଯୋଗ' କ'ଣ କମ୍ ବଡ଼ ବିଶ୍ୱାସ, ଶ୍ରଦ୍ଧା ଓ ସମର୍ପଣର ଅଭ୍ରାନ୍ତ ଦୃଷ୍ଟାନ୍ତ! ବ୍ୟକ୍ତିର ପାଖାପାଖି ବେଢ଼ି ରହିଥିବା ଏବଂ ତା'ର ପ୍ରତ୍ୟକ୍ଷ ବ୍ୟବହାରରେ ଲାଗୁ ନ ଥିବା ବୋଲି ସେ ଧାରଣା କରୁଥିବା ଫୁଲ ବଗିଚା ବ୍ୟକ୍ତି ପାଇଁ କ'ଣ କମ୍ ଯୋଗକରେ ନିରବଚ୍ଛିନ୍ନ ଭାବରେ! କୁନ୍ତଳା କୁମାରୀଙ୍କ ଶେଫାଳିର ଉନ୍ମେଷ, ବିକାଶ ଓ ସଂଧ୍ୟାରେ ତା'ର ବିନାଶ କ'ଣ କମ୍ ଯୋଗ କରେ କୁନ୍ତଳାଙ୍କ ପରି ଅସଂଖ୍ୟ ବ୍ୟକ୍ତିଙ୍କ ପାଇଁ ତାହା କେବଳ ମାତ୍ର ତାଙ୍କ କବିତା ସୃଷ୍ଟିର ଭିନ୍ନ ଏକ ହେତୁ ହୋଇଯାଏ ନାହିଁ, ତାହା ମଧ୍ୟ ହୋଇଯାଏ ମଣିଷମାନଙ୍କ ମଧ୍ୟରେ ଭାବ ସଂଚାରଣର ଉନ୍ମୁକ୍ତ ଆକୁତି କେହି କେବେ ନିବିଡ଼ ଭାବେ ଲକ୍ଷ୍ୟ କରିଛନ୍ତି କି ଶେଫାଳିର ଆକୁତିକୁ ଯଦିଓ ଅନେକେ ହୁଏତ ତା'ର ଆକୃତିରେ ମୁଗ୍ଧ ହୋଇଛନ୍ତି। ସେହି କୁନ୍ତଳା କୁମାରୀ ସତ୍ତା ତ ଶେଫାଳି ଯୋଗ ସମନ୍ୱୟରେ ବିସ୍ତୃତ ହୁଏ, ତେଣୁ ହୁଏ ବିଗଳିତ। ତା'ର ସକଳ ବାଚାଳତା ଓ ବିଚଳିତତା କଟିଯାଏ। ଫଳରେ ସେ ପରିବର୍ତ୍ତିତ ହୋଇଯାଏ ସେଇ ଅନାହତ ଧ୍ୱନିରେ ଯାହା ଉଚ୍ଚାରଣ କରୁଥାଏ, 'ଯୁକ୍ତ କରୋ ହେ ସବାର ସଙ୍ଗେ, ମୁକ୍ତ କରୋହେ ବନ୍ଧ' ଅବା ''ହୃଦେ ତ୍ୱା ମନସେ ତ୍ୱା ଦିବେତ୍ୱା ସୂର୍ଯ୍ୟାୟତ୍ୱା। ଊର୍ଦ୍ଧ୍ୱମିମ ମଧୁରଂ ଦିବି ଦେବେଷୁ ହୋତ୍ରାୟଚ୍ଛ''- ହେ ପୁତ୍ର। ହୃଦୟ ପାଇଁ ତୁମକୁ ଗଢ଼ିଅଛି। ହୃଦୟବାନ୍ ହୁଅ। ମନପାଇଁ ତୁମକୁ ଗଢ଼ିଛି। ମନସ୍ୱୀ ହୁଅ। ଦିବ୍ୟତା ପାଇଁ ତମକୁ ଶିକ୍ଷିତ କରିଛି। ଦିବ୍ୟତାରେ ଅଳଙ୍କୃତ ହୁଅ। ସୂର୍ଯ୍ୟତା ପାଇଁ ତୁମକୁ ଦୀକ୍ଷିତ କରିଛି। ସୂର୍ଯ୍ୟପରି ତେଜସ୍ୱୀ, ପ୍ରେମିକ ଓ ଆକର୍ଷକ ହୁଅ। ଶୋଭନୀୟ ହୋଇ ବିଦ୍ୟାର ମହତ୍ତ୍ୱ ବୃଦ୍ଧିକର (ଯଜୁର୍ବେଦ-ଅଧ୍ୟାୟ ୬, ମନ୍ତ୍ର ୨୫)।

ସେଇ ସ୍ଥିତିରେ ସେଇ ସତ୍ତା ଯୋଗୀ ହୋଇଯାଇଥାଏ। ସାଯୁଜ୍ୟ ହେବାର ମହାଭାବରେ ସେ ପାଲଟି ଯାଏ ସଂସାର ପ୍ରେମୀ ଅଥଚ ସାଂସାରିକତା ବିହୀନ ଅ-କାମୀ ତେଣୁ ଏପରି ଯୋଗାରୂଢ଼ତାର ନିତ୍ୟରାସରେ ଗଦ୍‌ଗଦ୍ ନ ହୋଇ ସେ ଆଉ କ'ଣ କରନ୍ତା? ତା'ର ସେ ଯୋଗମୟତା ଚାଲୁଥାଏ ଦିବସରେ, ରାତ୍ରିରେ ବି, ଶୟନରେ ବି, ଜାଗରଣରେ ବି, ଏଠା ପାଇଁ ବି ସେଠା ପାଇଁ ବି। ଏ ତ ହେଉଛି ବ୍ୟକ୍ତି ଜୀବନର ପ୍ରପଞ୍ଚମୁକ୍ତ ସାଧନା, ଯା'ର ସିଦ୍ଧି ହେଉଛି ଏକ ଆତ୍ମିକ ଅନୁଭବ ଅବା ସବୁ ସହ ଅଭିନ୍ନତାର ଅମୃତ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟଲାଭ। ଦିବାରାତି ଏପରି ଯୋଗ ସଂଯୋଗ, ଏବେ ପାଳିତ ହେଉଥିବା ଆନ୍ତର୍ଜାତିକ ଯୋଗଦିବସଠାରୁ ବହୁ ଊର୍ଦ୍ଧ୍ୱରେ, ଏହା ତା'ଠାରୁ ଷୋଳଅଣା ଭିନ୍ନ। କାରଣ ଏ କ୍ଷେତ୍ରରେ ଯୋଗୀ ପାଇଁ ସବୁଦିନ, ଯୋଗର ଦିନ, ସବୁ ରାତି ଯୋଗର ରାତି ପୁଣି ଏ ଯୋଗ ସବୁ ମଣିଷଙ୍କ ପାଇଁ, ସବୁ ବୃକ୍ଷଲତାଙ୍କ ପାଇଁ, ସବୁ ପାହାଡ଼, ପର୍ବତ, ନଦୀ ପାଇଁ, ସବୁ ପ୍ରାଣୀ ପାଇଁ, ସବୁ ଦ୍ୱେଷ ବିଦ୍ୱେଷର ରୂପାନ୍ତର ପାଇଁ, ସବୁ ଦରିଦ୍ରର ଧନବାନ୍ ହେବା ପାଇଁ, ସବୁ ଆଜି ସର୍ବକାଳ ହେବାପାଇଁ, ସବୁ ପ୍ରାର୍ଥନାରୁ ଯାଚଞ୍ଚା ନିରାକରଣ ପାଇଁ, ସବୁ ମନ୍ତ୍ରର ହୃଦୟୀକରଣ ପାଇଁ ଏବଂ ସର୍ବୋପରି 'ବ୍ୟକ୍ତିଗତ ଅହଂ'ର ଉପଦ୍ରବରୁ ମୁକ୍ତ ହୋଇ ସମଷ୍ଟିର ସାଥୀ ଓ ସାରଥି ହେବାପାଇଁ।

ଭଦ୍ରକ, ମୋ: ୮୦୧୮୦୮୭୮୩୫

## ଏଇ ଭାରତରେ

ନଡ଼ିଆକତାକୁ ସାମଗ୍ରୀ ତିଆରି କରିବାରେ ଯେତିକି ବ୍ୟବହାର କରାଯାଉଛି ତାହାଠାରୁ ଅଧିକ ବର୍ଜ୍ୟ ଆକାରରେ ପିଙ୍ଗି ଦିଆଯାଉଛି। ତେବେ ଏହି କତା ବର୍ଜ୍ୟକୁ କେରଳର ଅର୍ଦ୍ରା ନାୟର ସଂଗ୍ରହ କରି ସେଥିରୁ ପ୍ୟାକେଜିଂ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଅର୍ଦ୍ରାଙ୍କ ବୟସ ୨୯ । ସେ ୨୦୧୨ରେ ଗ୍ରୀନାମୋର କମ୍ପାନୀ ପ୍ରତିଷ୍ଠା କରି ଠିକ୍ ପ୍ଲାଷ୍ଟିକ ଭଳି ଦେଖାଯାଉଥିବା ପରିବେଶ ଉପଯୋଗୀ ବାୟୋପଲିମର ଉତ୍ପାଦନ କରୁଛନ୍ତି, ଯାହା ଖାଦ୍ୟ, ଔଷଧ ଏବଂ କସ୍‌ମେଟିକ ପ୍ୟାକେଜିଂରେ ବ୍ୟବହାର ହେଉଛି। ଏହି ପ୍ୟାକେଜିଂ ଉତ୍ପାଦ ବିଘଟନ ଯୋଗ୍ୟ ଏବଂ କମ୍ ଦିନରେ ମାଟିରେ ମିଶିଯାଉଛି। ଏହା ପ୍ଲାଷ୍ଟିକ ପଲିମର୍‌ର ପ୍ରଦୂଷଣକାରୀ ପ୍ରଭାବରୁ ପରିବେଶକୁ ରକ୍ଷା କରିବାରେ ପ୍ରମୁଖ ଭୂମିକା ନେଇପାରିବ। ଏହା ସହ ଅର୍ଦ୍ରାଙ୍କ ଦ୍ୱାରା ପ୍ରସ୍ତୁତ ଏହି ପରିବେଶ ଉପଯୋଗୀ ପ୍ୟାକେଜିଂ ଉତ୍ପାଦ ବି ଖାଦ୍ୟକୁ ପ୍ଲାଷ୍ଟିକର ବିଷାକ୍ତ କରାଇବାରୁ ସୁରକ୍ଷିତ ରଖିପାରିବ।

## ୫୦ ବର୍ଷ ତଳର ଧରିତ୍ରୀ

**୩ ମେ ୧୯୭୭**

- ମଇ ଦିବସ ଶୋଭାଯାତ୍ରାରେ ତୁର୍କୀ ପୋଲିସଙ୍କ ଗୁଳିରେ ୨୫ ଜଣଙ୍କ ମୃତ୍ୟୁ।
- ଭାରତୀୟ ରାଜନୀତିରେ ଏକ ଐତିହାସିକ ଘଟଣା କ୍ରମେ ବିଧିବଦ୍ଧ ଭାବେ ଜନତା ଦଳ ଗଠିତ ହେବା ସହ ଗଣତାନ୍ତ୍ରିକ କଂଗ୍ରେସ ଉକ୍ତ ଜନତାଦଳ ସହ ସାମିଲ ହେବା ନେଇ ଘୋଷଣା।
- ନଅଟି ରାଜ୍ୟ ଯଥା ଉତ୍ତରପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଓଡ଼ିଶା ଓ ମଧ୍ୟପ୍ରଦେଶରେ ରାଷ୍ଟ୍ରପତି ଶାସନ ଜାରୀ।

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | 8 | | | 7 | | 9 |
| | 2 | | | | | | | |
| | | | | | | 8 | 3 | |
| | | 5 | | 9 | | | 2 | |
| 7 | | 2 | | | | | | 8 |
| 9 | 1 | | | | 6 | | 5 | |
| | | 3 | | | | | | |
| | | | | | | 2 | 9 | 6 |
| 5 | | | 6 | 2 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 8 | 2 | 3 | 7 | 9 | 6 | 4 |
| 4 | 9 | 2 | 8 | 6 | 5 | 1 | 7 | 3 |
| 3 | 7 | 6 | 1 | 9 | 4 | 5 | 2 | 8 |
| 7 | 6 | 9 | 3 | 5 | 2 | 4 | 8 | 1 |
| 2 | 3 | 1 | 4 | 8 | 6 | 7 | 5 | 9 |
| 8 | 5 | 4 | 7 | 1 | 9 | 2 | 3 | 6 |
| 9 | 8 | 3 | 5 | 7 | 1 | 6 | 4 | 2 |
| 6 | 2 | 5 | 9 | 4 | 3 | 8 | 1 | 7 |
| 1 | 4 | 7 | 6 | 2 | 8 | 3 | 9 | 5 |

ପୂର୍ବ ସଂସ୍କରଣର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରେନ୍ ଠିକ୍ ସମୟରେ ଚାଲୁ

ମହାଶୟ,
ପାରାଦୀପରୁ କଟକ ଏକ ପାସେଞ୍ଜର ଟ୍ରେନ ସକାଳ ୬.୩୦ରେ ଛାଡ଼ି କଟକରେ ୮.୩୦ରେ ପହଞ୍ଚେ । ଏଥିରେ ବହୁ ସରକାରୀ ଓ ବେସରକାରୀ କର୍ମଚାରୀ ଯିବା ଆସିବା କରନ୍ତି । ସୁବିଧା ଦୃଷ୍ଟିରୁ ବସ୍ ଭଡାଠାରୁ ଟ୍ରେନ୍ ଭଡ଼ା କମ୍ ରହୁଥିବାରୁ ସେମାନେ ପ୍ରତିଦିନ ଯାତାୟାତ କରନ୍ତି । କିନ୍ତୁ ଦୁଃଖର ବିଷୟ, ପାସେଞ୍ଜର ଟ୍ରେନଟି ପ୍ରତ୍ୟେକ ଦିନ ସନ୍ଧ୍ୟା ୭ଟାରେ ସମୟ ନିର୍ଘଣ୍ଟ ଅନୁସାରେ କଟକରୁ ପାରାଦୀପ ଯିବା କଥା । ହେଲେ ୩/୪ ମାସ ହେବ ଠିକ୍ ସମୟରେ ଛାଡୁ ନ ଥିବାରୁ ପ୍ରତିଦିନ ଏହି ଟ୍ରେନରେ ଯିବାଆସିବା କରୁଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କିଛି ପ୍ରତିକାର ବ୍ୟବସ୍ଥା ହେଉ ନାହିଁ । କଟକ-ପାରାଦୀପ ଟ୍ରେନ୍‌ରେ ମଧ୍ୟ ଅନେକ କର୍ମଜୀବୀ ମହିଳା ଯାଉଛନ୍ତି। କଟକରୁ ଯାଉଥିବା ଏକମାତ୍ର ଟ୍ରେନ ୧-୨ ଘଣ୍ଟା ବିଳମ୍ବ ହେଉଥିବାରୁ ମଫସଲରୁ ଆସୁଥିବା ଏହି ମହିଳାମାନେ ସମସ୍ୟାରେ ପଡୁଛନ୍ତି। ଏହି ପରିପ୍ରେକ୍ଷୀରେ ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଉଚିତ। ଏହା ସହ ଠିକ୍ ସମୟରେ ଏହି ପାସେଞ୍ଜର ଟ୍ରେନ୍ ସନ୍ଧ୍ୟା ୭ଟାରେ ଯିବାର ବ୍ୟବସ୍ଥା କରାଯାଉ।

**– ସୁରେଶ ଚନ୍ଦ୍ର ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

## ଚିରନ୍ତନୀ

ଯାଏ ଯେହୁ ବିସ୍ମୃତି ତଳେ
ଫେରିଆସେ ପୁଣି ହୋଇ ନୂଆ
ତୋଟାତଳ କୁଡ଼ିଆରୁ ଏଇ
କି ଶବଦ କାନେ ଆସେ ତେଇଁ
କିଏ ଡାକେ କୁଆଁ କୁଆଁ କୁଆ
ପୁରାତନ ଫେରେ ହୋଇ ନୂଆ।
-(ପୌଷ-ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ବାଇକ୍ ଦୁର୍ଘଟଣା, ଯବାନଙ୍କ ସମେତ ୨ ମୃତ

ଭଞ୍ଜନଗର,୨।୫(ବାବୁଲା ପ୍ରଧାନ): ଗଞ୍ଜାମ ଜିଲା ଭଞ୍ଜନଗର ସୋରଡ଼ା ମୁଖ୍ୟ ରାସ୍ତାର କାଳିଆଗୁଡା ନିକଟରେ ଗୁରୁବାର ରାତି ପ୍ରାୟ ୧୦ଟାରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯବାନଙ୍କ ସମେତ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଭଞ୍ଜନଗର ଜଗନ୍ନାଥବିହାର ପ୍ରଥମ ଲାଇନ ବାସିନ୍ଦା ତଥା କାଳିଆଗୁଡ଼ାର ମୂଳବାସିନ୍ଦା ସଞ୍ଜୀବ ବେହେରା ଓ ବସନ୍ତ ସ୍ୱାଇଁ। ସୋରଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲ ପଠାଇଛି। କାଳିଆଗୁଡ଼ାର ୪ ସାଙ୍ଗ ଦୁଇଟି ବାଇକ୍‌ରେ ସୋରଡ଼ା ଯାଇଥିଲେ। ରାତି ୧୦ଟାରେ ସେମାନେ ଗ୍ରାମକୁ ଫେରୁଥିବା ବେଳେ ଗ୍ରାମଠାରୁ ଅଳ୍ପ ଦୂରରେ ସଞ୍ଜୀବ ଓ ବସନ୍ତଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।


## ନାମଲେଖା ବିଜ୍ଞପ୍ତି

**ନିମ୍ନଲିଖିତ ଅନୁଷ୍ଠାନଗୁଡ଼ିକରେ ନାମଲେଖା ପାଇଁ ସାଧାରଣ ପ୍ରବେଶିକା ପରୀକ୍ଷା - ୨୦୨୬**

| ଅନୁଷ୍ଠାନ | ପାଠ୍ୟକ୍ରମ |
|---|---|
| **ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜାତୀୟ ଶାରୀରିକ ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ) ଅନୁଷ୍ଠାନ (ପିଡିୟୁଏନ୍ଆଇପିପିଡି)** ୪, ବିଷ୍ଣୁ ଦିଗମ୍ବର ମାର୍ଗ, ନୂଆଦିଲ୍ଲୀ-୧୧୦୦୦୨ ୱେବ୍‌ସାଇଟ୍: https://pdunippd.nic.in ଇ-ମେଲ୍: cetpdunippd2026@gmail.com | • ବିପିଟି • ବିଓଟି • ବିପିଓ |
| **ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଗବେଷଣା ଅନୁଷ୍ଠାନ (ଦିବ୍ୟାଙ୍ଗଜନ), କଟକ (ଏସ୍‌ଭିନିର୍‌ତାର)** ଓଲଟପୁର, ପୋଷ୍ଟ- ବାଇରୋଇ, କଟକ, ଓଡ଼ିଶା-୭୫୪୦୧୦ ୱେବ୍‌ସାଇଟ୍: https://svnirtar.nic.in, ଇ-ମେଲ୍: nirtar@nic.in | • ବିପିଟି • ବିଓଟି • ବିପିଓ • ବିଏଏସ୍‌ଏଲ୍‌ପି |
| **ଜାତୀୟ ଗତିଶୀଳ ଭିନ୍ନକ୍ଷମତା (ଦିବ୍ୟାଙ୍ଗଜନ) ଅନୁଷ୍ଠାନ, କୋଲକାତା (ଏନ୍‌ଆଇଏଲ୍‌ଡି)** ବି.ଟି. ରୋଡ୍, ବନହୁଗଲୀ, କୋଲକାତା-୭୦୦୦୯୦ ୱେବ୍‌ସାଇଟ୍: https://nild.nic.in, ଇ-ମେଲ୍: nild@nic.in | • ବିପିଟି • ବିଓଟି • ବିପିଓ • ବିଏଏସ୍‌ଏଲ୍‌ପି |
| **ଜାତୀୟ ବହୁ ଭିନ୍ନକ୍ଷମଧାରୀ ବ୍ୟକ୍ତି (ଦିବ୍ୟାଙ୍ଗଜନ) ସଶକ୍ତୀକରଣ ଅନୁଷ୍ଠାନ, ଚେନ୍ନାଇ (ଏନ୍‌ଆଇଇପିଏମ୍‌ଡି)** ଇଷ୍ଟ କୋଷ୍ଟ ରୋଡ୍, ମୁଟ୍ଟୁକାଡୁ, କୋଭାଲମ ପୋଷ୍ଟ, ଚେନ୍ନାଇ-୬୦୩୧୧୨, ୱେବ୍‌ସାଇଟ୍: www.niepmd.tn.nic.in, ଇ-ମେଲ୍: niepmd@gmail.com | • ବିପିଟି • ବିଓଟି • ବିଏଏସ୍‌ଏଲ୍‌ପି |
| **ଅଲୀ ୟାଭର ଜଙ୍ଗ ଜାତୀୟ ବାକ୍ ଓ ଶ୍ରବଣ ଭିନ୍ନକ୍ଷମତା (ଦିବ୍ୟାଙ୍ଗଜନ) ଅନୁଷ୍ଠାନ, ମୁମ୍ବାଇ (ଏୱାଇଜେଏନ୍‌ଆଇଏସ୍‌ଏଚ୍‌ଡି(ଡି))** କେ.ସି. ମାର୍ଗ, ବାନ୍ଦ୍ରା (ପଶ୍ଚିମ) ରିକ୍ଲାମେଶନ୍ ମୁମ୍ବାଇ - ୪୦୦୦୫୦ ୱେବ୍‌ସାଇଟ୍: http://ayjnishd.nic.in, ଇ-ମେଲ୍: ayjnishh-mum@nic.in | • ବିଏଏସ୍‌ଏଲ୍‌ପି |
| **ସମ୍ମିଶ୍ରିତ ଆଞ୍ଚଳିକ କେନ୍ଦ୍ର, ସିକନ୍ଦରାବାଦ** ମନୋବିକାଶ ନଗର, ବୋୱେନପାଲ୍ଲୀ, ସିକନ୍ଦରାବାଦ, ତେଲଙ୍ଗାନା - ୫୦୦୦୦୯ | • ବିଏଏସ୍‌ଏଲ୍‌ପି |
| **ସମ୍ମିଶ୍ରିତ ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ) ଦକ୍ଷତା ବିକାଶ, ପୁନର୍ବାସ ଓ ସଶକ୍ତୀକରଣ ଆଞ୍ଚଳିକ କେନ୍ଦ୍ର**, ଗୁଆହାଟୀ (ସିଆର୍‌ସିଏସ୍‌ଆର୍‌ଇ) ଗୁଆହାଟୀ ମେଡିକାଲ କଲେଜ ହସ୍ପିଟାଲ କ୍ୟାମ୍ପସ୍, ପୋଷ୍ଟ ଅଫିସ ଇନ୍ଦ୍ରପୁର, ଜିଏମ୍‌ସି ହସ୍ପିଟାଲ ରୋଡ୍, ଭଙ୍ଗଗଡ଼, ଗୁଆହାଟୀ, ଆସାମ-୭୮୧୦୩୨ ୱେବ୍‌ସାଇଟ୍: crcguwahati.nic.in | • ବିଏଏସ୍‌ଏଲ୍‌ପି |
| **ସମ୍ମିଶ୍ରିତ ଆଞ୍ଚଳିକ କେନ୍ଦ୍ର, ପାଟନା** ଶେଖପୁରା, (ପୁରୁଣା ଧର୍ମଶାଳା), ନର୍ସିଂ କଲେଜ ପାଖ, ପାଟନା-୮୦୦୦୧୪, ୱେବ୍‌ସାଇଟ୍: https://crcpatna.nic.in, ଇ-ମେଲ୍: crcpatna@rediffmail.com | • ବିପିଓ |

**ଅନ୍‌ଲାଇନ୍‌ରେ ସୂଚନା ପୁସ୍ତିକା ଓ ଆବେଦନପତ୍ର ପ୍ରକାଶନର ଆରମ୍ଭ ତାରିଖ**
**ଅନ୍‌ଲାଇନ୍‌ରେ ଆବେଦନ ଫର୍ମ ପ୍ରାପ୍ତିର ଶେଷ ତାରିଖ**
**ପ୍ରବେଶିକା ପରୀକ୍ଷା ତାରିଖ**

**ବିବରଣୀ ପାଇଁ pdunippd.nic.in ରେ ଲଗ୍ ଅନ୍ କରନ୍ତୁ**

ସମସ୍ତ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ସଦୟ ଧ୍ୟାନାର୍ଥେ

cbc 38103/12/0001/2627 **ନିର୍ଦ୍ଦେଶକ, ପିଡିୟୁଏନ୍‌ଆଇପିପିଡି, ନୂଆଦିଲ୍ଲୀ**


# ସୀତାରାମନଙ୍କୁ ଚିଠି ଲେଖିଲେ ନବୀନ

**ବ୍ୟାଙ୍କକୁ ଭଉଣୀଙ୍କ କଙ୍କାଳ ବୋହିନେବା ଘଟଣା**

**ଚିଠି, ଗଣମାଧ୍ୟମରେ ବିବୃତି ଛଡ଼ା କିଛି କରିପାରିବେନାହିଁ: ହରିଚନ୍ଦନ**

ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)

ଜମା ଟଙ୍କା ପାଇବା ପାଇଁ ବ୍ୟାଙ୍କକୁ ନିଜ ଭଉଣୀଙ୍କ କଙ୍କାଳ ଧରି ଯାଇଥିବା କେନ୍ଦୁଝର ଜିଲାର ଜିତୁ ମୁଣ୍ଡାଙ୍କ ବିଷୟ ବର୍ତ୍ତମାନ ଦେଶ ଭିତରେ ଏବଂ ବାହାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାକୁ ନେଇ ଶାସକ ଦଳକୁ ବିରୋଧୀ ଟାର୍ଗେଟ କରିବାରେ ଲାଗିଛନ୍ତି। ନିକଟରେ ଅନୁଷ୍ଠିତ ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଆଲୋଚନା ସମୟରେ ବିରୋଧୀ ଦଳର ଅଧିକାଂଶ ସଦସ୍ୟ ଜିତୁ ମୁଣ୍ଡାଙ୍କ କଙ୍କାଳ ବୋହିବା କଥା ଉଠାଇ ସରକାରକୁ ଘେରିଥିଲେ। ଏହି ବିଷୟ ଉପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶନିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଚିଠି ଲେଖିବା ପରେ ତାହାକୁ ନେଇ ରାଜନୀତି ଜୋର୍ ଧରିଛି। ନବୀନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, କେନ୍ଦୁଝର ଜିଲା ମାଲିପୋଷୀ ସ୍ଥିତ ଗ୍ରାମ୍ୟ ବ୍ୟାଙ୍କରେ ଗତ ୨୭ ତାରିଖରେ ଯାହା ଘଟିଲା ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଜଣେ ଆଦିବାସୀ ବ୍ୟକ୍ତି ଜିତୁ ମୁଣ୍ଡା ବ୍ୟାଙ୍କରେ ଥିବା କିଛି ଟଙ୍କା ନେବା ଲାଗି ତାଙ୍କ ମୃତ ଭଉଣୀଙ୍କ କଙ୍କାଳ ବୋହିକି ଆଣିବାକୁ ବାଧ ହେଲେ। ନିଜ ଅର୍ଥ ଉଠାଇବା ଲାଗି ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ଶେଷରେ ବିଫଳ ହେବାପରେ ସେ ଏହା କରିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଆର୍‌ବିଆଇ ନିର୍ଦ୍ଦେଶାବଳୀର ଉଲ୍ଲଂଘନ କରି ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ଅମାନୁଷିକ କାର୍ଯ୍ୟ କରିଛନ୍ତି। ଗଣତନ୍ତ୍ରରେ ନାଗରିକଙ୍କୁ ସଶକ୍ତ କରିବାକୁ ନିୟମ ରଖାଯାଇଛି, କାହାକୁ ଅପମାନ କରିବାକୁ ନୁହେଁ। ଏହି ଘଟଣା ଓଡ଼ିଶାବାସୀଙ୍କ ମନରେ ଆଘାତ ଦେଇଛି। ଏହାବ୍ୟତୀତ ଅନ୍ତର୍ଜାତୀୟ ଗଣମାଧ୍ୟମ ନ୍ୟୁୟର୍କ ପୋଷ୍ଟ ଏବଂ ବିବିସିରେ ପ୍ରକାଶ ପାଇଛି। ଏଭଳି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନବୀନ ଅନୁରୋଧ କରିଛନ୍ତି। ଏହାଦ୍ୱାରା ନାଗରିକ କୈନ୍ଦ୍ରିକ ସେବା କ୍ଷେତ୍ରରେ ବହୁ ପରିମାଣରେ ସହାୟକ ହେବ। ଆଦିବାସୀ ବହୁଳ ଜିଲାଗୁଡିକରେ ବ୍ୟାଙ୍କ କର୍ତ୍ତୃପକ୍ଷ ନାଗରିକ କୈନ୍ଦ୍ରିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଉପଲବ୍ଧ କରିବା ଦରକାର। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଗଲେ ଏକ ସ୍ପଷ୍ଟ ବାର୍ତ୍ତା ଯିବ, ଯଦ୍ଦ୍ୱାରା ଗ୍ରାମାଞ୍ଚଳ ବ୍ୟାଙ୍କଗୁଡ଼ିକରେ ନାଗରିକଙ୍କୁ ଉଚିତ ସେବା ମିଳିପାରିବ ବୋଲି ନବୀନ କହିଛନ୍ତି।

ନବୀନଙ୍କ ଏହି ଚିଠି ପରେ ତାଙ୍କ ଉପରେ ପାଲଟା ବର୍ଷିଛି ଭାଜପା। ଭାଜପାର ବରିଷ୍ଠ ନେତା ତଥା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିଜେଡି ନେତାଙ୍କ ପାଖରେ ଚିଠି ଲେଖିବା ଛଡ଼ା ଏବଂ ଗଣମାଧ୍ୟମରେ କଥା କହିବା ବ୍ୟତୀତ ଆଉ କିଛି କରିପାରିବେ ନାହିଁ। ସେମାନେ ଚିଠି ଲେଖନ୍ତୁ, ଯାହା ଲୋକଙ୍କ ପାଇଁ ଭଲ ପଦକ୍ଷେପ ନିଆଯିବା କଥା ସେହି କାମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରୁଛନ୍ତି। ଦାନ ମାଝୀ ଘଟଣା ସମୟରେ ନବୀନ ମୁଖ୍ୟମନ୍ତ୍ରୀ ଥିଲେ, ସେତେବେଳେ କ'ଣ ହୋଇଥିଲା। ବ୍ୟାଙ୍କ କର୍ମଚାରୀ ଯାହା କରିବା କଥା କରିନାହାନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଆର୍‌ଡିସି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦାନ ମାଝୀ ଘଟଣାରେ ତତ୍କାଳୀନ ସରକାରଙ୍କ ସମ୍ପୂର୍ଣ୍ଣ ଭୁଲ୍ ଥିଲା। ସେହି ସମୟରେ କାହାକୁ ନବୀନ ଚିଠି ଲେଖିଥିଲେ। ଜିତୁ ମୁଣ୍ଡାଙ୍କ ଘଟଣାରେ ଯାହା ପଦକ୍ଷେପ ନେବା କଥା ସରକାର ସଙ୍ଗେ ସଙ୍ଗେ କରିଛନ୍ତି ବୋଲି ହରିଚନ୍ଦନ କହିଛନ୍ତି।

# ୮ ମଧ୍ୟସ୍ଥଙ୍କ ବିରୋଧରେ ସିବିଆଇର ଏନ୍‌ବିଡବ୍ଲ୍ୟୁ

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

ଭୁବନେଶ୍ୱର,୨।୫(ପ୍ରସନଜିତ୍ ସାହୁ)

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ସମ୍ପୃକ୍ତ ୮ଜଣ ମଧ୍ୟସ୍ଥଙ୍କ ବିରୋଧରେ ସିବିଆଇ ଶନିବାର ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛି। ସେମାନେ ହେଲେ ଅନ୍ୱେଷ ନାୟକ, ଆଶିଷ କୁମାର, ବଳରାମ ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ, ଗୋବିନ୍ଦ ତ୍ରିପାଠୀ, ଗୋପାଳ କୃଷ୍ଣ ଦାସ, ଗୋପି ରମଣ ଏବଂ ସଞ୍ଜୟ କୁମା। ଏହି ଅଭିଯୁକ୍ତଙ୍କ ମଧ୍ୟରୁ ଆଶିଷ କୁମାର, ସଞ୍ଜୟ କୁମାର ଏବଂ ଗୋପି ରମଣ ବିହାରର ହୋଇଥିବାବେଳେ ଓଡ଼ିଶାରେ ସେମାନେ ପ୍ରଶାସନିକ ଅଧିକାରୀଙ୍କ ସହ ଯୋଗାଯୋଗ କରି ମଧ୍ୟସ୍ଥତା କରିବା ସହ ଏହି ସ୍କାମ୍‌କୁ ସମ୍ପୂର୍ଣ୍ଣ ଭାବେ ପରିଚାଳନା କରୁଥିବା ସିବିଆଇ ଜାଣିବାକୁ ପାଇଛି। ମଧ୍ୟସ୍ଥମାନେ ଓଡ଼ିଶା ପୋଲିସ ବିଭାଗରେ ଏସ୍‌ଆଇ ନିଯୁକ୍ତି ପ୍ରକ୍ରିୟାରେ ହୋଇଥିବା ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ରହି ଜାଲିଆତିକୁ ପରିଚାଳନା କରୁଥିବା ନେଇ ଜଣାପଡ଼ିବା ପରେ ସେମାନଙ୍କୁ ସିବିଆଇ ନୋଟିସ୍ କରିଥିଲା। ସିବିଆଇ କାର୍ଯ୍ୟାଳୟରେ ହାଜର ପାଇଁ ବାରମ୍ବାର ନୋଟିସ୍ କରାଯାଇଥିଲେ ସୁଦ୍ଧା ସେମାନେ ଏହାକୁ ଅଣଦେଖା କରିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି) ପକ୍ଷରୁ ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ୨୦୨୫ ପାଇଁ ତାରିଖ ନିର୍ଦ୍ଧାରଣ କରାଯାଇଥିଲା। ହେଲେ ପରୀକ୍ଷା ପୂର୍ବରୁ ଏଥିରେ ବଡ଼ କେଲେଙ୍କାରି ଧରାପଡିଥିଲା। ପରୀକ୍ଷା ପରିଚାଳନାର ସମସ୍ତ ପ୍ରମୁଖ କାର୍ଯ୍ୟ ଯେପରିକି ପ୍ରଶ୍ନପତ୍ର ପ୍ରସ୍ତୁତି ଏବଂ ମୁଦ୍ରଣ ଜାତୀୟସ୍ତରୀୟ ସଂସ୍ଥା ଆଇଟିଆଇ ଲିମିଟେଡ୍‌କୁ ଦିଆଯାଇଥିଲା। ଆଇଟିଆଇ ଲିମିଟେଡ୍ ପରୀକ୍ଷା ପରିଚାଳନା ଦାୟିତ୍ୱ ସିଲିକନ ଭଳି ଠିକାସଂସ୍ଥାକୁ ଦେଇଥିଲା। ଫଳରେ ଜାଲିଆତି ପାଇଁ ବଡ଼ ସୁଯୋଗ ଦିଆଯାଇଥିଲା। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଠିକାସଂସ୍ଥା ହାତେଇ ନେବା ସହ ମଧ୍ୟସ୍ଥଙ୍କ ଜରିଆରେ ରାଜ୍ୟର ୫ରୁ ୬ ଶହ ଆଶାୟୀଙ୍କଠାରୁ କୋଟି କୋଟି ଟଙ୍କା ସଂଗ୍ରହ କରି ପରୀକ୍ଷା ପାଇଁ ଦୀଘା, ବିଜୟନଗରମ୍ ଓ ଆନ୍ଧ୍ରପ୍ରଦେଶକୁ ଆଗୁଆ ତାଲିମ ପାଇଁ ନିଆଯାଇଥିଲା। ଇତିମଧ୍ୟରେ ଏହି ଜାଲିଆତିରେ ମୋଟ ୧୩୩ଜଣ ଗିରଫ ହୋଇଥିବାବେଳେ ୧୧୪ ପରୀକ୍ଷାର୍ଥୀଙ୍କୁ ଜାମିନ ମିଳିଛି। ଏହାସହିତ ୧୬ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରାଯାଇଛି। ଏହି ଜାଲିଆତି ଲିଙ୍କ୍‌ରେ ଗତ ଜାନୁଆରୀ ୧ରେ ସିବିଆଇର ଏକ ଟିମ୍ ଭୁବନେଶ୍ୱର ତମାଣ୍ଡୋରେ ଥିବା ଅଭିଯୁକ୍ତ ଟି. ବିକାଶ ରଞ୍ଜନ ପାତ୍ରଙ୍କ ଘରେ ଚଢାଉ କରିଥିଲା। ସେଠାରୁ ୩୭୦ଟି ସିମ୍ କାର୍ଡ, ୪୧୪ଟି କ୍ରେଡିଟ୍ ଓ ଡେବିଟ୍ କାର୍ଡ, ବିପୁଳ ବ୍ୟାଙ୍କ ପାସବୁକ୍, ଆଧାରକାର୍ଡ, ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡ ଜବତ ହୋଇଥିଲା। ଜବତ ସମସ୍ତ ସାମଗ୍ରୀ ଫୋରେନସିକ୍ ଲାବ୍‌କୁ ପଠାଯାଇଛି। ଅନ୍ୟପଟେ ଉଭୟ ପରୀକ୍ଷାର୍ଥୀ ଓ ଦଲାଲଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ହେଉଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଏହି ବଡ଼ ନିଯୁକ୍ତି ଜାଲିଆତି ମାମଲା ହାଇକୋର୍ଟରେ ପହଞ୍ଚିବା ପରେ ପରୀକ୍ଷାକୁ ବାତିଲ କରାଯାଇଥିଲା।


ଭୁବନେଶ୍ୱର ଘାଟିକିଆ ଅଞ୍ଚଳରେ ଥିବା OUTR Govt College Canteen ପାଇଁ ହେଲପର ଏବଂ ବାସନ ଧୋଇବା ପିଲା ଦରକାର।
ହେଲପର – (10,000/– to 12,000/–)
ବାସନ ଧୋଇବା – 10,000/–
ଯୋଗାଯୋଗ - 9040566755

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଜରୁରୀ ନିଯୁକ୍ତି / ଚାକିରି ସୁଯୋଗ**
କମ୍ପାନୀରେ ସିଧାସଳଖ ନିଯୁକ୍ତି ପାଇଁ ନିର୍ମାଣ ଶ୍ରମିକ ଆବଶ୍ୟକ।
- ଶଟରିଂ ଏବଂ ଷ୍ଟିଲ୍ (ରଡ୍ ବାଇଣ୍ଡିଂ) କାମ ଜାଣିଥିବା
- ସ୍ଥାୟୀ କାମ (Permanent Job)
- କମ୍ପାନୀରେ ଡାଇରେକ୍ଟ ହାଇରିଂ
- କୌଣସି ଅଗ୍ରିମ ଦିଆଯିବ ନାହିଁ
- ଅନୁଭବୀଙ୍କୁ ପ୍ରାଥମିକତା

ଆଗ୍ରହୀ ପ୍ରାର୍ଥୀମାନେ ଯୋଗାଯୋଗ କରନ୍ତୁ
**Mob : 8847088916**
ଯୋଗେଶ ଶର୍ମା

**CREW EAST MANPOWER CONSULTANCY**
**URGENT HIRING**
CNC Laser Op – 5 (3+ yrs), Bending Op – 5 (4+ yrs), MIG Welder/Fitter – 10 (6+ yrs), Powder Coater – 10 (3+yrs), Wiremen – 20 (3+ yrs), Busmen – 15 (3+ Yrs), Panel Assembler – 10 (2+ yrs), Welders– 40 (4+ yrs), Fitters – 20 (4+ yrs), Helpers– 40 (1+ Yrs).
**Salary: Best in Industry.**
**Mob:7684080260 (WhatsApp)**
**Mail Id: creweast2025@gmail.com**


# ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ୪ରେ ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର,୨।୫(ସୁଚିସ୍ମିତା ସାହୁ)

ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ମେ ୪ରେ ମିଳିବ ସୁଭଦ୍ରା ଟଙ୍କା। ମୋଟ ୧ ଲକ୍ଷ ୨୩ ହଜାର ୮୪୯ ଜଣଙ୍କୁ ଏହି ଟଙ୍କା ପ୍ରଦାନ କରାଯିବ। ଏ ନେଇ ଶନିବାର ସୋସିଆଲ ମିଡିଆ 'ଏକ୍ସ' ମାଧ୍ୟମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସରେ ସୁଭଦ୍ରା ହିତାଧିକାରୀଙ୍କୁ ଚତୁର୍ଥ କିସ୍ତି ମିଳିଥିଲା। ରାଜ୍ୟର ୧ କୋଟିରୁ ଅଧିକ ମହିଳାଙ୍କ ଆକାଉଣ୍ଟକୁ ଏକକାଳୀନ ୫ ହଜାର କୋଟିରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ମୋଟ ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫ ଜଣଙ୍କୁ ସୁଭଦ୍ରା ଟଙ୍କା ଦିଆଯାଇଥିଲାବେଳେ ୨ ଲକ୍ଷ ୧୩ ହଜାର ୧୯୮ ଜଣ ନୂଆ ହିତାଧିକାରୀଙ୍କୁ ମଧ୍ୟ ସୁଭଦ୍ରା କିସ୍ତି ମିଳିଥିଲା। ହେଲେ ପୂର୍ବରୁ ପ୍ରଥମ ତିନୋଟି କିସ୍ତି ପାଇଥିବା ଅନେକ ହିତାଧିକାରୀଙ୍କୁ ଚତୁର୍ଥ କିସ୍ତିର ଟଙ୍କା ମିଳି ନ ଥିଲା। ପରବର୍ତ୍ତୀ ସମୟରେ ଯାଞ୍ଚ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରାଯାଇଥିଲା। ସେହିଭଳି ନୂଆ ଭାବେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ମଧ୍ୟ ମେ ୪ରେ ସୁଭଦ୍ରା ଟଙ୍କା ମିଳିବ ବୋଲି ସୂଚନା ଦିଆଯାଇଛି।


No. 10001/98/2627



## ଅଂଶୁଘାତ ସତର୍କତା



**ଲକ୍ଷଣ**
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

**ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ**

OIPR-10001/10003/2/26-27/0012

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା**
facebook.com/HFWOdisha
@HFWOdisha
http://www.health.odisha.gov.in/

**Indian Farmers Fertiliser Cooperative Limited, Paradeep Unit**

Advertisement No. PDP/HR/Rec/2026 Date: 28.04.2026

**Requirement of Assistant Trainee (Operator) for IFFCO, Paradeep Unit**

Indian Farmers Fertiliser Cooperative Limited, Paradeep Unit, District - Jagatsinghpur (Odisha) invites applications for the post of Assistant Trainee (Operator) for Paradeep Plant from candidates possessing Diploma (Chemical)/ B.Sc. (PCM) qualification and who have completed their apprenticeship / will be completing apprenticeship by 30.04.2026 under Apprentices Act 1961 from IFFCO / Fertilizer Industry / Heavy Chemical Industry / Petroleum Refinery / Petrochemical industry.

**How to apply:** For details of advertisement and required qualification, age, apprenticeship, categories, emoluments, other eligibility criteria of the above mentioned post and how to apply etc. visit our website www.iffco.in and go to careers and click on requirement of assistant trainee (operator) for IFFCO, Paradeep Unit and apply online or at www.iffcoyuva.in. The online application form may also be directly accessed on https://appspd.iffco.coop/candidate.

It is mandatory to submit online application form.

**Important Dates for candidates:**
Date of opening of online application: 01.05.2026, 08.00 hrs
Date of closing of online application: 08.05.2026, 23.59 hrs

**For queries / clarification:**
Contact No: 06722-22 4761

**UTKAL UNIVERSITY**
**VANI VIHAR, BHUBANESWAR-751004, ODISHA**
**Email: registrar@utkaluniversity.ac.in**

**Indicative Advertisement for Recruitment of Faculty Positions**

**No.: Estt.I/1041(Vol-IV)/5130/2026** **Dated: 02.05.2026**

Established in 1943, Utkal University occupies a foundational place in the higher education landscape of Odisha, emerging from an early generation of public universities that helped shape the intellectual architecture of modern India. Headquartered at its Vani Vihar campus in Bhubaneswar–spread across a sprawling ecosystem of 460 acres enriched by nature's bounty and complemented by the Utkal University Rural Campus at Chandikhole, spread over 66 acres, the University anchors an extensive academic network of nearly 430 affiliated colleges across the state. Embedded within the dynamic intellectual geography of South Asia, it aspires to evolve as a global destination for higher learning. Offering 47 academic programmes across diverse disciplines–including the Social Sciences, Natural Sciences, Pharmaceutical Sciences, and Management–and extending from undergraduate to doctoral levels, the University reflects a wide spectrum of academic engagement. Rooted in a distinguished legacy yet responsive to a transforming knowledge order, it advances cutting-edge curricula, fosters innovation and incubation, and promotes transdisciplinary engagements within contemporary knowledge ecologies. Through its commitment to research excellence and evolving pedagogic practices, it sustains a dynamic interface between heritage, convention, and futurity.

Utkal University invites **online applications from eligible Indian citizens** for appointment to the posts of **Assistant Professor, Associate Professor, and Professor** against sanctioned positions across various Post-Graduate Departments, in accordance with Letter No. 5322/HE dated 31.01.2026 issued by the Department of Higher Education, Government of Odisha..

**Disciplines / Departments:**
Analytical & Applied Economics; Anthropology; Ancient Indian History, Culture & Archaeology (AIHCA); Biotechnology; Botany; Business Administration; Chemistry; Centre for Distance and Online Education (CDOE); Commerce; Computer Science; English; Geography; Geology; History; Library & Information Science; Law; Personnel Management & Industrial Relations (PM&IR); Mathematics; Odia; Philosophy; Physics; Psychology; Political Science; Public Administration; Sanskrit; Sociology; Statistics; Zoology.

**Eligibility & Qualifications:**
Minimum qualifications, eligibility criteria, and service conditions shall be **governed by the UGC Regulations/Notifications, 2018**, as amended from time to time.

**Application Process:**
The application process shall be conducted **entirely in online mode** through the HIMS portal: **https://hims.odisha.gov.in/home**
Detailed advertisement, including department-wise vacancies and reservation positions, will be available on the University website: **www.utkaluniversity.ac.in** from **15.05.2026** onwards.

**Important Dates:**
- **Opening of Online Application:** 15.05.2026
- **Closing of Online Application:** 16.06.2026
- **Last Date for Receipt of Hard Copy (Registered/Speed Post):** 29.06.2026

In addition, a hard copy of the downloaded application form along with all relevant documents must be sent to the **Registrar, Utkal University, Vani Vihar, Bhubaneswar-751004, Khordha, Odisha** within the stipulated timeline.

**General Instructions:**
Applicants are advised to carefully review all eligibility conditions, qualifications, and procedural requirements before submission.
The University reserves the right to **modify, amend, or cancel** this advertisement, either in part or in full, without assigning any reason thereof.

**Sd/- Registrar**

# ଜିଲାରେ ପାସ୍ ହାର ୯୭.୧୭ %

ଖୋର୍ଦ୍ଧା,୨।୫(ପ୍ରଭାତ ପାଣିଗ୍ରାହୀ)

**ମାଟ୍ରିକ ପରୀକ୍ଷା ଫଳ**



ମାଟ୍ରିକ ପରୀକ୍ଷାର ଫଳ ପ୍ରକାଶ ପାଇବା ପରେ ଖୁସିରେ ଛାତ୍ରଙ୍କୁ ମିଠା ଖୁଆଇ ଦେଉଛନ୍ତି।

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ, ମଧ୍ୟମା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା-୨୦୨୬ ଫଳ ଶନିବାର ପ୍ରକାଶ ପାଇଛି। ଚଳିତ ବର୍ଷ ଖୋର୍ଦ୍ଧା ଜିଲାରେ ୩୩୮ବିଦ୍ୟାଳୟର ୨୮,୧୯୨ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୨୭,୯୫୦ ପରୀକ୍ଷା ଦେଇଥିଲେ। ୨୭,୧୫୮ଜଣ ପାସ୍ କରିଛନ୍ତି। ପାସ୍ ହାର ୯୭.୧୭ ପ୍ରତିଶତ ରହିଛି। ସେଥିରୁ ଛାତ୍ର ୧୩,୩୩୮ ଏବଂ ଛାତ୍ରୀ ୧୩,୭୭୫ ଜଣ ରହିଛନ୍ତି। ଚଳିତବର୍ଷ ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀଙ୍କ ପାସ୍ ହାର ଅଧିକା ରହିଛି। ୨୪୨ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ବେଳେ ୭୯୨ ଜଣ ଅକୃତକାର୍ଯ୍ୟ(ଫେଲ) ହୋଇଛନ୍ତି। ଏ-୧ରେ ୧୮୨, ଏ-୨ରେ ୧୦୭୮, ବି-୧ରେ ୨୫୪୬, ବି-୨ରେ ୪୮୩୮, ସି-ରେ ୫୭୮୭, ଡି-ରେ ୭୧୩୬ ଏବଂ ଇ-ରେ ୪୫୯୧ଜଣ ରହିଛନ୍ତି। ଜିଲାର ସରକାରୀ ଏବଂ ଘରୋଇ ବିଦ୍ୟାଳୟକୁ ମିଶାଇ ୯୭ ବିଦ୍ୟାଳୟର ଫଳାଫଳ ଶତପ୍ରତିଶତ ରହିଛି। ଚଳିତବର୍ଷ ବିଗତ ବର୍ଷର ସମସ୍ତ ରେକର୍ଡ ଭାଙ୍ଗି ଜିଲାରେ ଏ-୧ରେ ୫୫ଟି ସରକାରୀ ବିଦ୍ୟାଳୟର ପ୍ରାୟ ୭୭ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ଶ୍ରେଷ୍ଠ ଶହେ ଏବଂ ୨୦ ମଧ୍ୟରେ ସରକାରୀ ବିଦ୍ୟାଳୟର ଏକାଧିକ ଛାତ୍ରୀଛାତ୍ର ରହିଛନ୍ତି। ଜିଲାପାଳ ଅମ୍ରିତ୍ ଋତୁରାଜ ଜିଲାର ମାଟ୍ରିକ୍ ଫଳାଫଳକୁ ନେଇ ଖୁସିବ୍ୟକ୍ତ କରିବା ସହ ପାସ୍ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପଟେ ଚଳିତ ବର୍ଷ ମଧ୍ୟ ଛାତୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଏବଂ ଅକୃତକାର୍ଯ୍ୟ ହୋଇଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ତର୍ଜମା କରିବାକୁ ସାଧାରଣରେ ଦାବି ହୋଇଛି।

ବିଜେବି ହାଇସ୍କୁଲରେ ଚଳିତବର୍ଷ ୧୮୩ଜଣ ପରୀକ୍ଷା ଦେଇଥିବା ବେଳେ ୧୮୧ଜଣ ପାସ୍ କରିଛନ୍ତି। ପାସ ହାର ୯୮.୯ ପ୍ରତିଶତ ରହିଛି। ଏ-୧ରେ ଜଣେ ରହିଥିବା ବେଳେ ଏ-୨ରେ ୯, ବି-୧ରେ ୧୨, ବି-୨ରେ ୨୫, ସି-ରେ ୪୬, ଡି-ରେ ୪୬, ଇ-ରେ ୪୨ଜଣ ରହିଛନ୍ତି। ସିଦ୍ଧିଶେଖର ଛୋଟରାୟ ୫୪୫ ମାର୍କ ରଖି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ବୋଲି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୂପ୍ରସାଦ ସେନାପତି କହିଛନ୍ତି। ସେହିପରି ସରକାରୀ ବିଦ୍ୟାଳୟ ଗୁରୁଜଙ୍ଗରେ ଚଳିତବର୍ଷ ୧୪୨ଜଣ ପରୀକ୍ଷା ଦେଇଥିବା ବେଳେ ୧୩୨ଜଣ ପାସ୍ କରିଛନ୍ତି। ପାସ୍ ହାର ୯୩ ପ୍ରତିଶତ ରହିଛି। ଏ-୧ ଏବଂ ଏ-୨ରେ କେହି ଛାତ୍ରୀଛାତ୍ର ନ ଥିବା ବେଳେ ବି-୧ରେ ୮, ବି-୨ରେ ୨୬, ସିରେ ୪୩, ଡି-ରେ ୩୯ ଏବଂ ଇ-ରେ ୧୬ଜଣ ରହିଛନ୍ତି ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ସେହିପରି ସରକାରୀ ବାଳିକା ହାଇସ୍କୁଲରେ ଚଳିତବର୍ଷ ୧୭୮ଜଣ ପରୀକ୍ଷା ଦେଇଥିବା ବେଳେ ୧୭୨ଜଣ ପାସ୍ କରିଛନ୍ତି। ପାସ୍ ହାର ୯୬.୬୨ ପ୍ରତିଶତ ରହିଛି। ଏ-୧ରେ କେହି ନ ଥିବା ବେଳେ ଏ-୨ରେ ୨, ବି-୧ରେ ୧୪, ବି-୨ରେ ୩୧, ସି-ରେ ୪୭, ଡି-ରେ ୪୩, ଇ-ରେ ୩୪ ରହିଛନ୍ତି ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖୋର୍ଦ୍ଧାର ଚଳିତ ବର୍ଷ ଫଳାଫଳ ଶତ ପ୍ରତିଶତ ରହିଛି। ୨୧୨ଜଣ ପରୀକ୍ଷା ଦେଇଥିଲେ। ଏ-୧ରେ ୪ଜଣ, ଏ-୨ରେ ୧୫, ବି-୧ରେ ୪୦, ବି-୨ରେ ୬୨, ସି-ରେ ୬୩, ଡି-ରେ ୨୫ ଏବଂ ଇ-ରେ ୩ଜଣ ରହିଛନ୍ତି। ଛାତ୍ରୀ ଅର୍ପିତା ପ୍ରିୟଦର୍ଶିନୀ ସାମନ୍ତରାୟ ୫୬୦ ନମ୍ବର ମାର୍କ ରଖି ଖୋର୍ଦ୍ଧା ପୌରାଞ୍ଚଳରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆୟୁଷ୍ମାନ ପାଲଟାସିଂହ ୫୫୯, ଅଭିଜିତ ପ୍ରହରାଜ ୫୪୫ ଓ ଶୁଭମ କୁମାର ସାହୁ ୫୪୦ ମାର୍କ ରଖିଥିବା ପ୍ରଧାନାଚାର୍ଯ୍ୟ ଗିରିଜା ପ୍ରସାଦ ମହାପାତ୍ର କହିଛନ୍ତି।

# ଖୋର୍ଦ୍ଧା ଜିଲା ମାଟ୍ରିକ ପରୀକ୍ଷା ଫଳ ଉତ୍ସାହଜନକ: ଡିଇଓ

ଖୋର୍ଦ୍ଧା,୨।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଚଳିତ ବର୍ଷ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସରକାରୀ ବିଦ୍ୟାଳୟଗୁଡ଼ିକର ଫଳ ଓ ବେସରକାରୀ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ଗୁଣାତ୍ମକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଉତ୍ସାହଜନକ ରହିଛି ବୋଲି ଜିଲା ଶିକ୍ଷାଧିକାରୀ(ଡିଇଓ) ସୋନାମିକା ରାୟ କହିଛନ୍ତି। ଜିଲାର ମୋଟ ପାସ ହାର ୯୭.୧୭% ରହିଛି। ଗ୍ରେଡ ଅନୁଯାୟୀ ବିଭାଜନ କଲେ ଜଣାପଡ଼େ ଯେ, ବିଶେଷ କରି ଉଚ୍ଚ ଗ୍ରେଡ ହାସଲ କରିବାରେ ଉଲ୍ଲେଖନୀୟ ପ୍ରଗତି ହୋଇଛି। ଏ୧ ଗ୍ରେଡରେ ୨୦୨୫ରେ ୧୭୫ ଜଣଙ୍କ ତୁଳନାରେ ଚଳିତ ବର୍ଷ ୧୮୨ ଜଣ ରହିଛନ୍ତି। ଏ୨ ଗ୍ରେଡରେ ୨୦୨୫ରେ ୭୯୨ ଜଣଙ୍କ ତୁଳନାରେ ଚଳିତ ବର୍ଷ ୧୦୭୮ ଜଣ, ବି୧ ଗ୍ରେଡରେ ୨୦୨୫ରେ ୨୨୪୭ ଜଣଙ୍କ ତୁଳନାରେ ଚଳିତ ବର୍ଷ ୨୫୪୬ ଜଣ, ବି୨ ଗ୍ରେଡରେ ୨୦୨୫ରେ ୪୭୮୦ ଜଣଙ୍କ ତୁଳନାରେ ଚଳିତ ବର୍ଷ ୪୮୩୮ ଜଣ ରହିଛନ୍ତି। ବୋର୍ଡ ପକ୍ଷରୁ ପ୍ରଥମ ଥର ପାଇଁ ପାସ ସାର୍ଟିଫିକେଟ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ପ୍ରଦାନ କରାଯାଉଛି। କୃତକାର୍ଯ୍ୟ ଛାତ୍ରୀଛାତ୍ରମାନେ ବୋର୍ଡର ୱେବସାଇଟରୁ ସେମାନଙ୍କ ସାର୍ଟିଫିକେଟ ଡାଉନଲୋଡ କରିପାରିବେ। ଯେଉଁ ପରୀକ୍ଷାର୍ଥୀମାନେ ନିଜର ମାର୍କ ସନ୍ତୋଷଜନକ ନ ଥିବା ମନେ କରୁଛନ୍ତି, ସେମାନେ ଫଳ ପ୍ରକାଶ ପାଇବାର ଏକ ମାସ ମଧ୍ୟରେ ପୁନଃ ଯାଞ୍ଚ ପାଇଁ ବୋର୍ଡ ନିକଟରେ ଆବେଦନ କରିପାରିବେ।ଚଳିତ ବର୍ଷ ଅକୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ମନଦୁଃଖ ନ କରି ଆଗାମୀ ସପ୍ଲିମେଣ୍ଟାରୀ ପରୀକ୍ଷା-୨୦୨୬ ରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ପାଇବେ। ସରକାରୀ ବିଦ୍ୟାଳୟଗୁଡ଼ିକର ଏହି ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀ ସମସ୍ତ ଶିକ୍ଷକ, ଅଭିଭାବକ ଓ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର



କୃଷ୍ଣପ୍ରସାଦ,୨।୫(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ସାମାଜିକ ସୁରକ୍ଷା ବିଭାଗ ଏବଂ କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନ ସହାୟତାରେ ଶନିବାର ଚିଲିକା ନୂଆପଡ଼ା ନାରାୟଣ ବିଦ୍ୟାପୀଠ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ତରେଇ, ପ୍ରଭାତ କୁମାର ଜେନା, ସୌଭାଗ୍ୟ କୁମାର ବଳିୟାରସିଂହ, ରାଜସ୍ୱ ସହାୟକ କାଶୀମ ମହମ୍ମଦ,ବିଜୟାନନ୍ଦ ଗୋଛାୟତ, ଜିତେନ୍ଦ୍ର ଦାସ, ଅମିୟ କୁମାର ପଣ୍ଡା, ବେଗା ହାଁସଦା, ବିପ୍ଳବ କେଶରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ୍ ୨୧୪ଜଣଙ୍କ ନାମ ପଞ୍ଜୀକୃତ ହୋଇଥିଲା। ଉପସ୍ଥିତ ବିଶେଷଜ୍ଞଙ୍କଠାରୁ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ପରାମର୍ଶ ଲୋଡ଼ିଥିଲେ। ଏନେଇ ଜିଲାସ୍ତରରେ ବିଚାର ବିମର୍ଶ ପରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ସାମାଜିକ ସୁରକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ପାତ୍ର, ସନ୍ନ୍ୟ ଭୂଷଣ ପରିଡା, ଦିଲୀପ ତରାଇ, ରଶ୍ମିରଞ୍ଜନ ପଟ୍ଟନାୟକ, ଆଲୋକ ଖୁଣ୍ଟିଆ, ସାଗର ସାହୁ, ରତ୍ନାକର ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ଟେଣ୍ଡରରେ ୱାର୍ଡ ନଂ.୧୮ ବିଭିନ୍ନ ପ୍ରକଳ୍ପ ସାମିଲ କରାଯାଉ

ଖୋର୍ଦ୍ଧା,୨।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୧୮ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ, ଡ୍ରେନ ମରାମତି ନିମନ୍ତେ ଅର୍ଥ ବ୍ୟୟ ମଞ୍ଜୁର ସହ ଟେଣ୍ଡର ପ୍ରକ୍ରିୟାରେ ଅନ୍ତର୍ଗତ କରିବା ପାଇଁ ଏକାଧିକ ୱାର୍ଡ ବାସିନ୍ଦା ଶନିବାର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଗୁରୁଜଙ୍ଗ ଗ୍ରାମର ମାଳିସାହି, ଟାଙ୍ଗୀସାହି, କୋଚିଲାକଣ ସାହି, ତଳସାହି, ଦ୍ୱାରିକାନଗରକୁ ନେଇ ୧୮ନଂ. ୱାର୍ଡ ଗଠିତ। ଏହି ୱାର୍ଡବାସୀଙ୍କ ନିମନ୍ତେ ନାଳ, ରାସ୍ତାର ଉନ୍ନତ୍ତୀକରଣ, ମରାମତି ଏବଂ ନୂତନ ଭାବେ ନିର୍ମାଣର ଆବଶ୍ୟକ ରହିଛି। ଏ ସମ୍ପର୍କରେ ସ୍ଥାନୀୟ ପୌରସଭ୍ୟାଙ୍କ ମାଧ୍ୟମରେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଲିଖିତ ପତ୍ର ମାଧ୍ୟମରେ ଅଭିଯୋଗ କରାଯାଇଛି। ତେବେ ଦୀର୍ଘ ୨ ବର୍ଷ ବ୍ୟବଧାନ ପରେ ପୌର ପରିଷଦର ବିଭିନ୍ନ ୱାର୍ଡର ରାସ୍ତା, ନାଳ, ଉନ୍ନତ୍ତୀକରଣ, ମରାମତି ଏବଂ ନୂତନ ଭାବେ ନିର୍ମାଣ କରିବା ପାଇଁ ୩୫ଟି ପ୍ରକଳ୍ପ ନିମନ୍ତେ ମୋଟ୍ ୨ କୋଟି ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ମଞ୍ଜୁରର ଆକଳନ କରାଯାଇ ଗତ ତା.୨୪.୦୪.୨୦୨୬ ରେ ଏକ ଟେଣ୍ଡର ଆହ୍ୱାନ କରାଯାଇଛି। ତେବେ ଏହି ଟେଣ୍ଡର ପ୍ରକ୍ରିୟାରେ ୱାର୍ଡ ନଂ.୧୮ର ବିଭିନ୍ନ ଉନ୍ନତ୍ତିମୂଳକ କାର୍ଯ୍ୟ ନିମନ୍ତେ କୌଣସି ପ୍ରକଳ୍ପ ପାଇଁ ବ୍ୟୟ ମଞ୍ଜୁର କରାଯାଇନାହିଁ। ଏହି ଟେଣ୍ଡର ପକ୍ରିୟାକୁ ପୁନଃବିଚାର କରାଯାଇ ଏହି ୱାର୍ଡ ବିଭିନ୍ନ ପ୍ରକଳ୍ପ ନିମନ୍ତେ ବ୍ୟୟ ମଞ୍ଜୁର ଅଟକଳ କରାଯାଇ ନୂତନ ଭାବେ ଟେଣ୍ଡର ପ୍ରକ୍ରିୟାରେ ଆହ୍ୱାନ କରିବା ପାଇଁ ଅନୁରୋଧ କରିଛନ୍ତି। ଏଥିରେ ୱାର୍ଡ ନଂ.୧୮ ବାସିନ୍ଦା ଉପକୃତ ହେବା ସହିତ ଏହି ୱାର୍ଡରେ ଅବସ୍ଥିତ ଆରାଧ୍ୟ ଶ୍ରୀଧବଳେଶ୍ୱରଙ୍କ ନିକଟକୁ ପ୍ରତ୍ୟେକ ଦିନ ଆସୁଥିବା ଶତାଧିକ ଶ୍ରଦ୍ଧାଳୁ ଉପକୃତ ହେବେ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି।

# ଠିକା ପରିବର୍ତ୍ତେ ସ୍ଥାୟୀ ନିଯୁକ୍ତି ଦିଆଯାଉ





ବୈଠକରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା,୨।୫(ପ୍ରଭାତ ପାଣିଗ୍ରାହୀ)

**ଏଆଇୟୁଟିୟୁସି ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ**

ଏଆଇୟୁଟିୟୁସି ଖୋର୍ଦ୍ଧା ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଛି । ଶୁକ୍ରବାର ପୂର୍ବାହ୍ନରେ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ଠାରୁ ଶ୍ରମିକମାନେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜେଲ୍‌ରୋଡ ସ୍ଥିତ ଶ୍ୟାମ ମାଧବ ପାଠାଗାର ଠାରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ସଭାରେ ଜିଲା ସଭାପତି ଅଶୋକ ସାହୁ ସଭାପତିତ୍ୱ କରିଥିଲେ। ଏଆଇୟୁଟିୟୁସି ରାଜ୍ୟ ଉପସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ପୂର୍ଣ୍ଣଚନ୍ଦ୍ର ବେହେରା ମୁଖ୍ୟ ବକ୍ତାଭାବେ ଯୋଗଦେଇ ବିଶ୍ୱ ଶ୍ରମିକ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ସମାଜର ଅର୍ଥନୈତିକ ବିକାଶରେ ଶ୍ରମିକମାନଙ୍କ ଏକ ପ୍ରମୁଖ ଭୂମିକା ରହିଛି। ଶ୍ରମିକମାନଙ୍କ ଆର୍ଥିକ ବିକାଶ, ସମସ୍ତ ସରକାରୀ ସୁବିଧା ଯୋଗାଇଦେବା ପାଇଁ ଦାବି କରିଥିଲେ। ଠିକା ନିଯୁକ୍ତି ପରିବର୍ତ୍ତେ ସ୍ଥାୟୀ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ପୂର୍ବରୁ ଶ୍ରମିକମାନେ ୮ଘଣ୍ଟା କାମ କରୁଥିବା ବେଳେ କେନ୍ଦ୍ର ସରକାର ନୂତନ ଶ୍ରମକୋଡ୍ ଲାଗୁ ସହ ଶ୍ରମ ସମୟ ୧୨ ଘଣ୍ଟା କରିଛନ୍ତି। ଏହା ଶ୍ରମ ବିରୋଧି। ମହିଳାମାନଙ୍କୁ ରାତିରେ କାମ କରିବାକୁ ଆଇନ କରିଛନ୍ତି। ଏହି ନିୟମ ପରିବର୍ତ୍ତନ ପାଇଁ ସମୂହ ପ୍ରୟାସ ଜରୁରୀ। ସଙ୍ଗଠନର ଜିଲା କମିଟି ମେମ୍ବର କାର୍ତ୍ତିକ ଘଡ଼େଇ ଧନ୍ୟବାଦ ଅର୍ପଣ କରିଥିଲେ।

# ତପନ ସଭାପତି, ପ୍ରକାଶ ସମ୍ପାଦକ

ଖୋର୍ଦ୍ଧା,୨।୫(ପ୍ରଭାତ ପାଣିଗ୍ରାହୀ)

**ଜିଲା ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା ଚୟନ**

ଜିଲ୍ଲା ପ୍ରେସ କ୍ଲବ, ଖୋର୍ଦ୍ଧାର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦ ପାଇଁ ତପନ କୁମାର ନାୟକ ଏବଂ ଶୁଭ୍ରାଂଶୁ ରଞ୍ଜନ ସମାନ୍ତରାୟଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ତପନ କୁମାର ନାୟକ ୨୬ଖଣ୍ଡ ଭୋଟ ପାଇ ପ୍ରତିଦ୍ୱନ୍ଦୀ ଶୁଭ୍ରାଂଶୁ ରଞ୍ଜନ ସମାନ୍ତରାୟଙ୍କ ଠାରୁ ୧୪ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ସମ୍ପାଦକଭାବେ ପ୍ରକାଶ କୁମାର ହାତୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ୨ଯୁଗ୍ମ ସମ୍ପାଦକ ପଦବୀ ପାଇଁ ୩ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ସୟଦ ଲିଆକତ ଅଲ୍ଲୀ ଏବଂ ସୟଦ ଅନସର ଅଲ୍ଲୀ ନିର୍ବାଚିତ ହୋଇଛନ୍ତି। ଉପସଭାପତି ପ୍ରସନ୍ନ କୁମାର ପାଇକରାୟ(ଅପ୍ରତିଦ୍ୱନ୍ଦୀ) ଏବଂ ଲଳିତ ମୋହନ ମାହାପାତ୍ର (ମନୋନୀତ), କୋଷାଧ୍ୟକ୍ଷ ଗୋପାଳ କୃଷ୍ଣ ଦାସ(ଅପ୍ରତିଦ୍ୱନ୍ଦୀ) ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ଇକବାଲ ଅହମ୍ମଦ ଓ ରାମଚନ୍ଦ୍ର ଜୁଝାରସିଂହ(ଅପ୍ରତିଦ୍ୱନ୍ଦୀ) ଏବଂ ଜିତେନ୍ଦ୍ର ଭଞ୍ଜ, ରାଜେଶ ଚନ୍ଦ୍ର ମହାନ୍ତି, ଶୁଭ କାନ୍ତ ମହାପାତ୍ର, ପ୍ରସାର ପ୍ରମୁଖ ଭାବେ ସନ୍ତୋଷ ଚୌଧୁରୀ ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି ଆଇନଜୀବୀ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଏବଂ ଦିଲୀପ ପଟ୍ଟନାୟକ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି। ଏହି ନିର୍ବାଚନ ପ୍ରକ୍ରିୟାରେ ୩୯ଜଣ ମତଦାନ କରିଥିଲେ। ନିର୍ବାଚନ ଅଧିକାରୀ ଭାବେ ଅବ୍ୟକ୍ତ ହରିହର ଖାଡଙ୍ଗା ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର ଭଞ୍ଜ ଏବଂ ପ୍ରଭାତ ପାଣିଗ୍ରାହୀ ସହାୟତା କରିଥଲେ।

# ବିଶ୍ୱ ଶ୍ରମିକ ଦିବସ



ଟାଙ୍ଗୀ,୨।୫(ରଘୁନାଥ ସାହୁ)

ବଡ଼ପାରୀ ସିପିଏମ୍ ଶାଖା ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ବଡ଼ପାରୀ ଜଙ୍ଗଲ କମିଟି କାର୍ଯ୍ୟାଳୟ ସମ୍ମୁଖରେ ହୃଷୀକେଶ ପଲାଇଙ୍କ ସଭାପତିତ୍ୱରେ ଶ୍ରମିକ ନେତା ନକୁଳ ଦଳାଇ ପତାକା ଉତ୍ତୋଳନ କରିଥିଲେ। ଶ୍ରମିକ ନେତା ବିଚ୍ଛନ୍ଦ ଜୟସିଂ ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ଓ ଅଧିକାରର ସୁରକ୍ଷା ପାଇଁ ଦାବି କରିଥିଲେ। ଅଶୋକ ମାନ୍ଧାତା, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ସାରଙ୍ଗଧର ପାଲଟାସିଂ, ବୁଲୁ ସୁନ୍ଦରାୟ, କାଳୁ ଭୁଜବଳ, ବିପ୍ଳବ ସୁନ୍ଦରାୟ, ବୁବୁ ମହାରଣା, ଲକ୍ଷ୍ମୀଧର ପାତ୍ର, ଲିପା ବିଶ୍ୱାଳ, ଫଣୀ ପାଲଟାସିଂ, ବାବାଜୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉପେନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କାଳବୈଶାଖୀ ପ୍ରଭାବ: ଉପୁଡ଼ିଲା ଗଛ, ଘର ଭାଙ୍ଗିଲା





ବାଲୁଗାଁ/କୃଷ୍ଣପ୍ରସାଦ,୨।୫
(ସଂଗ୍ରାମ ପାଇକରାୟ/କୈଳାସ ଚନ୍ଦ୍ର ପଟ୍ଟନାୟକ)

ବାଲୁଗାଁ ଏବଂ ବାଣପୁର ଅଞ୍ଚଳରେ ଗତ ଗୁରୁବାର ରାତିରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି ହୋଇଛି। ହଠାତ୍ ପ୍ରବଳ ବେଗରେ ପବନ ହେବା ସହିତ ବର୍ଷା ଏବଂ ବଜ୍ରପାତ ହୋଇଥିଲା। ବାଲୁଗାଁ ଡାକ୍ତରଖାନା ନିକଟ, ବଡ଼କୁଳ ଛକ, ଧୂଆଁଳ ଛକ, ଇଞ୍ଜିନପୁର ଛକ, ବାଇପାସ୍ ଛକ, କୁମ୍ଭୀରପଡ଼ା ଆଦି ସ୍ଥାନରେ ଗଛ ଉପୁଡ଼ି ବିଦ୍ୟୁତ୍ ତାର ଉପରେ ପଡିଥିଲା। ଫଳରେ ଅନେକ ସ୍ଥାନରେ ତାର ଛିଣ୍ଡି ଯାଇଥିଲା। ବାଲୁଗାଁ ଅଗ୍ନିଶମ ବାହିନୀ ପହଞ୍ଚି ଗଛ କାଟିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ବଡ଼କୁଳ ନିକଟରେ ଗଛ ତଳେ ଚାପି ହୋଇ ରହିଥିବା ଦୁଇଟି ଗାଈକୁ ଉଦ୍ଧାର କରାଯାଇଥିଲା ବୋଲି ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ ମହାପାତ୍ର କହିଛନ୍ତି। ଲୋକଙ୍କ ବାରିରେ ଥିବା ଗଛ ଭାଙ୍ଗିବା ସହ ଉପୁଡ଼ି ପଡ଼ିଥିବା ବେଳେ କେତେଜଣ ଉଠା ଦୋକାନୀଙ୍କ ଆଜବେଷ୍ଟସ ଉଡ଼ିଯାଇଥିଲା।

ସେହିପରି ଗତ ଗୁରୁବାର ରାତିରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି ହୋଇଛି। ମାଲୁଦରୁ କୃଷ୍ଣପ୍ରସାଦ, ମାଲୁଦରୁ ମୋରଡ଼ା ଦେଇ ଜହ୍ନିକୁଦା ଯାଏ ଗଛ ଭାଙ୍ଗିପଡ଼ି ରାସ୍ତାରେ ପଡ଼ିଥିଲା। ବୁଦ୍ଧିବର ପଞ୍ଚାୟତ ପ୍ରଧାନଗାଁରେ ଏକ ବର ଗଛ ଉପୁଡି ଗୋଟିଏ ଛାତ ଘର, ଚାଳ ଘର, ଗୋଟିଏ କ୍ୟାଭିନ ଭାଙ୍ଗି ଯାଇଛି। ବଜ୍ରପାତ ଯୋଗୁ ପ୍ରଧାନଗାଁର ଗୋଟିଏ ଛାତଘର କାନ୍ଥ ଫାଟି ଯାଇଥିବା ଜଣାପଡ଼ିଛି। ଖବରପାଇ ମାଲୁଦ ଅଗ୍ନିଶମ ବାହିନୀ ପହଞ୍ଚି ଗଛ କାଟିଥିଲେ। ଗଛ ପଡ଼ି ପ୍ରଧାନଗାଁ ର ବଂଶୀଧର ପ୍ରଧାନ, ପ୍ରଭାତ କୁମାର ପ୍ରଧାନ, ମେଘନାଦ ପ୍ରଧାନ, ଆରତ ପ୍ରଧାନ, ବିପିନ ପ୍ରଧାନଙ୍କ ଘର ଭାଙ୍ଗି ଯାଇଥିବା ଜଣାପଡ଼ିଛି।

# ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ବୋଲଗଡ଼,୨।୫(ଦେବବ୍ରତ ହୋତା): ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାଗରଗୁଆଁ ପଞ୍ଚାୟତର ଗୋଡିଆଳି ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଉକ୍ତ ଗ୍ରାମର ଗାଉଦି ନାୟକ(୫୪)। ଗାଉଦି ଗତ ଗୁରୁବାର ସନ୍ଧ୍ୟାରେ ନିଜ ପିଣ୍ଡାରେ ବସିଥିବା ବେଳେ ଏକ ସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ତାଙ୍କୁ ଅସୁସ୍ଥ ଅବସ୍ଥାରେ ଖୋର୍ଦ୍ଧା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବାଳକ ବିଭାଗରେ କୁଶପଲ୍ଲା ଆଥ୍‌ଲେଟିକ ଆସୋସିଏଶନ ବିଜୟୀ

ଖୋର୍ଦ୍ଧା,୨।୫(ପ୍ରଭାତ ପାଣିଗ୍ରାହୀ)

**ସିଏମ୍ ଟ୍ରଫି-୨୦୨୬**

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଜିଲା ଯୁବ ଓ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଛି ଜିଲାସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ସିଏମ୍ ଟ୍ରଫି-୨୦୨୬ର ଦ୍ୱିତୀୟ ସଂସ୍କରଣ। ଶନିବାର ପ୍ରଥମ ମ୍ୟାଚ୍ ବାଳିକା ବିଭାଗରେ ଜୟଦୁର୍ଗା କ୍ଲବ ଏବଂ ବାଲୁଗାଁ କ୍ଲବ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ମ୍ୟାଚ୍ ଡ୍ର ରହିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ବାଳିକ ବିଭାଗରେ କୁଶପଲ୍ଲା ଆଥ୍‌ଲେଟିକ ଆସୋସିଏଶନ ଏବଂ ଷ୍ଟାର କ୍ଲବ ବାଣପୁର ମଧ୍ୟରେ ହୋଇଥିଲା। ଏଥିରେ ୩-୦ ଗୋଲରେ କୁଶପଲ୍ଲା ଆଥ୍‌ଲେଟିକ ଆସୋସିଏଶନ ବିଜୟୀ ହୋଇଥିଲା। ଉଭୟ ମ୍ୟାଚକୁ ଚିତ୍ତରଞ୍ଜନ ପରିଡା, ମନୋରଞ୍ଜନ ଖୁଣ୍ଟିଆ ଏବଂ ରବି ନାରାୟଣ ରଣା ପରିଚାଳନା କରିଥିବା ବେଳେ ମ୍ୟାଚ୍ କମିଶନର ଭାବେ ସୁଶାନ୍ତ କୁମାର ମିଶ୍ର ଦାୟିତ୍ୱ ତୁଲାଇଥିଲେ।





**ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ**

# ବି.ବି. ରକ୍‌ଷ୍ଟାର, ରାଇଜିଂଷ୍ଟାର ବିଜୟୀ

ବୋଲଗଡ଼,୨।୫(ଦେବବ୍ରତ ହୋତା)



ବୋଲଗଡ଼ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ଦ୍ୱାଦଶବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଓ ଶନିବାର ଗ୍ରୁପ ପର୍ଯ୍ୟାୟର ୪ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସକାଳେ ଅନୁଷ୍ଠିତ ଦଶମ ଲିଗ୍ ମ୍ୟାଚରେ ବି.ବି ରକଷ୍ଟାର ଓ ପାୱାରହିଟର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା।ଏଥିରେ ବି.ବି. ରକ୍ଷ୍ଟାର ଦଳ ବିଜୟୀ ହୋଇଥିଲା। ସେହିଦିନ ଅପରାହ୍ନରେ ଅନୁଷ୍ଠିତ ଏକାଦଶ ଲିଗ୍ ମ୍ୟାଚ ଅନଷ୍ଟପେବଲ କିଙ୍ଗସ ଏବଂ ସ୍ମାଇଲ ଇଲେଭେନ ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ଅନଷ୍ଟପେବଲ କିଙ୍ଗସ ଟିମ୍ ବିଜୟୀ ହୋଇଥିଲା। ଶନିବାର ସକାଳେ ଅନୁଷ୍ଠିତ ଦ୍ୱାଦଶ ଲିଗ ମ୍ୟାଚ ବି.ବି. ରକ୍‌ଷ୍ଟାର ଏବଂ ଅନଷ୍ଟପେବଲ କିଙ୍ଗସ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ବି.ବି. ରକ୍‌ଷ୍ଟାର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ବିନିମୟରେ ୮୩ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଅନଷ୍ଟପେବଲ କିଙ୍ଗସ ଟିମ୍ ୧୦ଓଭରରେ ୯ଉଇକେଟ ବିନିମୟରେ ୬୪ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏଥିରେ ଜଗା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଅପରାହ୍ନରେ ଅନୁଷ୍ଠିତ ତ୍ରୟୋଦଶ ଲିଗ୍ ମ୍ୟାଚ୍ ରାଇଜିଂଷ୍ଟାର ଏବଂ ପାୱାରହିଟର ଟିମ୍ ମଧ୍ୟରେ ହୋଇଥିଲା। ରାଇଜିଂଷ୍ଟାର ଟିମ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ପାୱାରହିଟର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୯ଉଇକେଟ ବିନିମୟରେ ୪୭ରନ ସଂଗ୍ରହ କରିଥିଲା। ଜବାବରେ ରାଇଜିଂଷ୍ଟାର ଟିମ୍ ୫.୫ ଓଭରରେ ୩ ଉଇକେଟ ବିନିମୟରେ ୫୨ରନ ସଂଗ୍ରହ କରି ବିଜୟୀ ହୋଇଛି। ଏହି ମ୍ୟାଚରେ ଲିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅଜୟ ସିଂ ଓ ମାଷ୍ଟର ରିଙ୍କୁ, ସୁନିଲ ସାହୁ ଓ ଅଶୋକ ଦଳବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ଫ୍ରେଣ୍ଡସ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ବୁଦ୍ଧଙ୍କ ବାଣୀ ପୃଥିବୀରେ ସ୍ଥାୟୀ ଶାନ୍ତି ଆଣିପାରିବ

**ଗୌତମ ବୁଦ୍ଧଙ୍କ ୨୫୭୦ତମ ଜୟନ୍ତୀ**

ଭୁବନେଶ୍ୱର,୨।୫(ସୌମ୍ୟରଞ୍ଜନ ରାଉତ)



ଜୟନ୍ତୀ ଉତ୍ସବରେ ଅତିଥିମାନେ ସ୍ମରଣିକା 'କଳିଙ୍ଗ'ର ନୂତନ ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆର ଓଡ଼ିଶା ଶାଖା କଳିଙ୍ଗ ବୁଦ୍ଧ ବିହାର ପକ୍ଷରୁ ଗୌତମ ବୁଦ୍ଧଙ୍କ ୨୫୭୦ତମ ଜୟନ୍ତୀ ଶୁକ୍ରବାର ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିରଠାରେ ପାଳିତ ହୋଇଯାଇଛି। ଶାଖା ସଭାପତି ନରେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ବ୍ୟୋମକେଶ ତ୍ରିପାଠୀ ଯୋଗଦେଇ କହିଲେ, ଯୁଦ୍ଧ ବଦଳରେ ବୁଦ୍ଧଙ୍କ ବାଣୀ ପୃଥିବୀରେ ସ୍ଥାୟୀ ଶାନ୍ତି ଆଣିପାରିବ। ପଶ୍ଚିମ ଓଡ଼ିଶାରେ ଥିବା ବୌଦ୍ଧ ଐତିହ୍ୟର ଆବିଷ୍କାର ପାଇଁ ପ୍ରତ୍ନତାତ୍ତ୍ୱିକ ଖନନର ଆବଶ୍ୟକତା ରହିଛି। ଓଡ଼ିଆ ଅସ୍ମିତାର ନିଦର୍ଶନ ସ୍ୱରୂପ ବିଶ୍ୱବିଦ୍ୟାଳୟରେ ଗୁରୁ ପଦ୍ମସମ୍ଭବଙ୍କ ନାମରେ ଏକ ଚେୟାର ପ୍ରତିଷ୍ଠା ପାଇଁ ସଭାପତି ନରେନ୍ଦ୍ରଙ୍କ ପ୍ରସ୍ତାବ ଉପରେ ଆଲୋଚନା କରି ସେ ନିଶ୍ଚିତ ଭାବେ ଉଦ୍ୟମ କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ପ୍ରଦୋଷ ପଟ୍ଟନାୟକ କହିଲେ, ଏକା ଦିନରେ ଜନ୍ମ, ବୁଦ୍ଧତ୍ୱ ପ୍ରାପ୍ତି ଓ ପରିନିର୍ବାଣ ଏକ ଅଦ୍ଭୁତ ଐଶ୍ୱରିକ ସଂଯୋଗ। ବୁଦ୍ଧଙ୍କ ଦର୍ଶନ ଏପରି ପ୍ରଭାବଶାଳୀ ଯେ ତାହା ସାରା ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ନିଜର ପ୍ରଭାବ ଆଜି ପର୍ଯ୍ୟନ୍ତ ବିସ୍ତାର କରି ଚାଲିଛି ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବରେ ସାହିତ୍ୟିକ ଅସିତ ମହାନ୍ତି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଓଡ଼ିଶା ଶାଖାର ସ୍ମରଣିକା 'କଳିଙ୍ଗ'ର ନୂତନ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଏଥିସହ ବୁଦ୍ଧ ମନ୍ଦିର ପରିସରରେ କାର୍ଯ୍ୟନିର୍ବାହୀ ସଦସ୍ୟା ପ୍ରଫେସର ସୁଚେତା ପ୍ରିୟବାଦିନୀଙ୍କ ବୁଦ୍ଧଙ୍କ ଉପରେ ଚିତ୍ରକଳା ପ୍ରଦର୍ଶନୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ । କେନ୍ଦ୍ରୀୟ ଟ୍ରଷ୍ଟି ଡ. ସୌରେନ୍ଦ୍ର ମହାପାତ୍ର ଅତିଥି ପରିଚୟ ଓ କେନ୍ଦ୍ରୀୟ ଉପସଭାପତି ନମ୍ରତା ଚଢ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସହଧର୍ମିଣୀ ପ୍ରିୟଦର୍ଶିନୀଙ୍କ ପରଲୋକ

**ଶେଷ ଦର୍ଶନ କଲେ ନବୀନ ପଟ୍ଟନାୟକ**

ପୁରୁଣା ଭୁବନେଶ୍ୱର,୨।୫(ସୁବାସ ଚନ୍ଦ୍ର ପ୍ରଧାନ)



ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସହଧର୍ମିଣୀ ଗାୟିକା ତଥା କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ସଙ୍ଗୀତ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ନନ୍ଦ (ପଣ୍ଡା)ଙ୍କ ଶନିବାର ଏରୋଡ୍ରୋମ ଏରିଆ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୬୮ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଖବର ପାଇବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସେହିପରି ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସ ବର୍ମା, ସ୍ନେହାଙ୍ଗିନୀ ଛୁରିଆ, ଅତନୁ ସବ୍ୟସାଚୀ ନାୟକ, ବିଧାୟକ ବାବୁ ସିଂ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ବରିଷ୍ଠ ଭାଜପା ନେତା ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ, ପୂର୍ବତନ ଏମ୍‌ପି ମୁନ୍ନା ଖାନ୍, ଲେଖାଶ୍ରୀ ସାମନ୍ତସିଂହାର, ବିଭୂତି ବଳବନ୍ତରାୟ, ମନ୍ମଥ ରାଉତରାୟ, ସଂଗ୍ରାମ କେଶରୀ ପାଇକରାୟ, ଅମିୟ ଦାସ, ବିଜୁ ଛାତ୍ର ଜନତା ଦଳ ସଭାପତି ଇପ୍ସିତା ସାହୁଙ୍କ ସମେତ ବହୁ କର୍ପୋରେଟର, ସେବାୟତ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ଅଂଶୁମାନ ପଣ୍ଡା, ପୁତ୍ରବଧୂ ଆକାଂକ୍ଷା, ଝିଅ ମନୀଷା ପଣ୍ଡା, ଜ୍ୱାଇଁ ଶିତିକଣ୍ଠ ମିଶ୍ର ଏବଂ ସମ୍ପର୍କୀୟ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।



ଅନ୍ତର୍ଜାତୀୟ ଶ୍ରମିକ ଦିବସ ଅବସରରେ ଶନିବାର ଏଆଇଟିୟୁସି ପକ୍ଷରୁ ଶ୍ରମିକଙ୍କ ବିଭିନ୍ନ ଦାବି ନେଇ ଭୁବନେଶ୍ୱରଠାରେ ଅନୁଷ୍ଠିତ ଜନ ସଚେତନତା ଶୋଭାଯାତ୍ରା।

# ଇପିଏଫ୍ ପେନ୍‌ସନ ବୃଦ୍ଧି ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ସଂଘ

ଭୁବନେଶ୍ୱର, ୨।୫(ବନ୍ଦନା ସେଠୀ)

ଅଲ୍ ଓଡିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ରାଜ୍ୟ କମିଟି ଡାକରାରେ ୩୦ ଜିଲା କମିଟି ପକ୍ଷରୁ ପେନ୍‌ସନ ବୃଦ୍ଧି ପ୍ରସଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ମାରକପତ୍ର ପଠାଯାଇ ହସ୍ତକ୍ଷେପ ଲୋଡ଼ାଯାଇଛି। ଏହି କ୍ରମରେ ସଂଘର ଖୋର୍ଦ୍ଧା ଜିଲା କମିଟି ତରଫରୁ ଏକ ସ୍ମାରକପତ୍ର ଡାକଯୋଗେ ରାଷ୍ଟ୍ରପତିଙ୍କ ନିକଟକୁ ପଠାଯାଇଛି। ଓଡ଼ିଶା ସମେତ ସାରା ଦେଶରେ ଥିବା ୭୮ଲକ୍ଷ ଇପିଏଫ୍ ପେନ୍‌ସନଭୋଗୀଙ୍କ ଲାଗି କେନ୍ଦ୍ର ସରକାର ୨୦୧୪ ସେପ୍ଟେମ୍ବରରୁ ମାସିକ ସର୍ବନିମ୍ନ ପେନସନ୍ ୧୦୦୦ ଟଙ୍କା ଲାଗୁ କରିଛନ୍ତି। ମାତ୍ର ଏବେ ସୁଦ୍ଧା ୩୫ଲକ୍ଷରୁ ଊର୍ଦ୍ଧ୍ୱ ପେନସନଭୋଗୀ ମାସିକ ୧ହଜାର ଟଙ୍କାରୁ କମ୍ ପେନସନ୍ ପାଉଛନ୍ତି। ପେନ୍‌ସନ୍ ସହ ଦରଦାମ ବୃଦ୍ଧି ଭରଣା ପାଇଁ ମହଙ୍ଗାଭତ୍ତା ମଧ୍ୟ ମିଳୁନାହିଁ। ଫଳରେ ଅନେକ ଇପିଏଫ୍ ପେନ୍‌ସନ୍‌ଭୋଗୀ ଅଭାବ ଅନଟନରେ କାଳ କାଟୁଛନ୍ତି। ତେଣୁ ସର୍ବନିମ୍ନ ୯୦୦୦ ଟଙ୍କା ପେନ୍‌ସନ ସହ ମହଙ୍ଗାଭତ୍ତା ପ୍ରଦାନ, ସମସ୍ତ ଇପିଏଫ୍ ପେନ୍‌ସନ ଭୋଗୀଙ୍କୁ ନିଃଶୁଳ୍କ ଚିକିତ୍ସା ସେବା ଯୋଗାଇଦେବା ଦାବିକରି ଓଡ଼ିଶା ସମେତ ଦେଶର ଇପିଏଫ୍ ପେନ୍‌ସନର୍ସ ସଂଗଠନ ପକ୍ଷରୁ ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ଶ୍ରମମନ୍ତ୍ରୀଙ୍କ ନିକଟରେ ଦୀର୍ଘ ୧୦ବର୍ଷ ହେବ ଦାବି କରି ଆସୁଥିଲେ ମଧ୍ୟ ଅର୍ଥାଭାବର ଆଳ ଦେଖାଇ କେନ୍ଦ୍ର ସରକାର ପେନସନ୍ ବୃଦ୍ଧି କରୁନାହାନ୍ତି। ଫଳରେ ଏହି ବର୍ଗର ବରିଷ୍ଠ ନାଗରିକମାନେ ପରିଣତ ବୟସରେ ଉପଯୁକ୍ତ ଖାଦ୍ୟ ଓ ଔଷଧ ଅଭାବରେ ଦୁର୍ଦ୍ଦଶାମୟ ଜୀବନ ବିତାଉଛନ୍ତି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ରାଷ୍ଟ୍ରପତିଙ୍କୁ ନିବେଦନ କରାଯାଇଛି।

# ଜଳିଗଲା ଚା' ଦୋକାନ

ବାରଙ୍ଗ/ତ୍ରିଶୂଳିଆ, ୨।୫(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ରଘୁନାଥପୁର ପୋଖରୀ ନିକଟ ଏକ ଚା' ଦୋକାନରେ ଶନିବାର ନିଆଁ ଲାଗିଯିବାରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଜିନିଷ ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ନିଆଁ ଆୟତ୍ତକୁ ଆସିସାରିଥିଲା। କାକଟପୁର ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ରଘୁନାଥପୁରରେ ରହି ଚା' ଦୋକାନ କରିଥିଲେ। ସନ୍ଧ୍ୟାରେ ଦୋକାନ ଖୋଲି ଗ୍ୟାସ୍‌ରେ ଚା' ବସାଇବା ବେଳେ ହଠାତ୍ ସିଲିଣ୍ଡରରେ ନିଆଁ ଲାଗିଯାଇଥିଲା। ପାଖରେ ଥିବା ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଫଳରେ ଦୋକାନରେ ଥିବା ଫ୍ରିଜ୍ ସହ ଆସବାବପତ୍ର ସବୁ ଜଳିଯାଇଥିଲା।

# ଓଭରବ୍ରିଜ୍ ଉପରେ ଓଲଟିଲା ଗ୍ୟାସ ବୋଝେଇ ଟ୍ରକ୍

**ରାସ୍ତାରେ ଗଡ଼ିଲା ସିଲିଣ୍ଡର**

ଭୁବନେଶ୍ୱର,୨।୫(ପ୍ରସନଜିତ୍ ସାହୁ)



ଭୁବନେଶ୍ୱର ଫାୟାର ଷ୍ଟେଶନ ଓଭରବ୍ରିଜ୍ ଉପରେ ଶନିବାର ଏକ ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍ ଭାରସାମ୍ୟ ଓଲଟି ପଡ଼ିଥିଲା। ଫଳରେ ଟ୍ରକ୍‌ରେ ଥିବା ସିଲିଣ୍ଡରଗୁଡ଼ିକ ରାସ୍ତା ଉପରେ ଛିଟିକି ହୋଇ ପଡ଼ି ଏଣେତେଣେ ଗଡ଼ିଥିଲା। ଏଥିପାଇଁ ଏନ୍‌ଏଚ୍‌ରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଏନେଇ ରାସ୍ତାରେ ଗାଡ଼ିଗୁଡ଼ିକ ଅଟକି ରହିଥିବାରୁ କିଛି ସମୟ ପାଇଁ ଭିଡ଼ ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ କରିଥିଲେ। ଏହି ଘଟଣାରେ କାହାର କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, କଟକରୁ ଖୋର୍ଦ୍ଧା ଆଡ଼କୁ ଯାଉଥିବା ଏକ ଗ୍ୟାସ୍ ବୋଝେଇ ଟ୍ରକ୍ ଫାୟାର ଷ୍ଟେଶନ ଓଭରବ୍ରିଜ୍ ଉପରେ ଭାରସାମ୍ୟ ହରାଇ ଓଲଟିଥିଲା। ସେଥିରେ ଥିବା ଗ୍ୟାସ୍ ଟାଙ୍କିଗୁଡିକ ରାସ୍ତାରେ ଗଡିବାରୁ ସେହି ରାସ୍ତାରେ ଯାଉଥିବା ଲୋକମାନେ ଆତଙ୍କିତ ହୋଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ଏହି ଟାଙ୍କିଗୁଡ଼ିକୁ ଉଠାଇ ସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲା। ଫଳରେ ଉଭୟ ନୟାପଲ୍ଲୀ ଓ ବରମୁଣ୍ଡା ପଟରୁ କିଛି ସମୟ ଭିଡ଼ ଦେଖା ଦେଇଥିଲା।

## ବାରଙ୍ଗ ବ୍ଲକ: ଏ୧ ଗ୍ରେଡ୍ ୨ଜଣ

ବାରଙ୍ଗ,୨।୫(ଲିଙ୍ଗରାଜ ରାଉତ)-ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଏଥିରେ କଟକ ଜିଲାର ୧୦୪ଟି ସ୍କୁଲ ମଧ୍ୟରେ ୨୮୫ ଜଣ ଏ୧ ଗ୍ରେଡ୍ ପାଇଥିବା ବେଳେ ବାରଙ୍ଗ ବ୍ଲକର ୨ଟି ବିଦ୍ୟାଳୟରେ ୨ ଜଣ ଏ୧ ଗ୍ରେଡ୍ ପାଇଛନ୍ତି। ସେହିଭଳି ପରିଆସ୍ଥିତ କାନନବିହାର-୨ରେ ଥିବା ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ରରେ ଚଳିତବର୍ଷ ଦଶମ ବୋର୍ଡ ପରୀକ୍ଷା ଦେଇଥିବା ୯୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଶତପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ଏ-୧ ଗ୍ରେଡ୍ , ୬ ଜଣ ଏ-୨ ଗ୍ରେଡ୍, ୨୪ ଜଣ ବି-୧ ଗ୍ରେଡ୍, ୩୨ ଜଣ ବି-୨ ଗ୍ରେଡ୍, ୨୧ ଜଣ ସି ଗ୍ରେଡ୍, ୧୨ ଜଣ ଡି ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷାକେନ୍ଦ୍ରର ସୁନାମ ରଖିପାରିଛନ୍ତି ବୋଲି ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ପାଣି ସୂଚନା ଦେଇଛନ୍ତି।

# ବାଲିଅନ୍ତା ବ୍ଲକରେ ଏ – ୧ ଗ୍ରେଡ୍ ପାଇଲେ ୧୫ ଛାତ୍ରୀଛାତ୍ର

ବାଲିଅନ୍ତା,୨।୫ (ନୀଳମାଧବ ସାହୁ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ମ୍ୟାଟ୍ରିକ ପରୀକ୍ଷାର ଫଳାଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ବାଲିଅନ୍ତା ବ୍ଲକର ମୋଟ ୨୦ଟି ହାଇସ୍କୁଲର ୧୩୫୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୩୨୫ ଜଣ ପାସ୍ କରିଛନ୍ତି । ୧୫ ଜଣ ଛାତ୍ରୀଛାତ୍ର ଏ -୧ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୮ ଜଣ ଛାତ୍ରୀ ଥିବା ବେଳେ ୭ ଜଣ ଛାତ୍ର ରହିଛନ୍ତି। ସେହିପରି ମୋଟ ୫୨ ଜଣ ଛାତ୍ରୀଛାତ୍ର ଏ -୨ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାଲିଅନ୍ତା ନୋଡାଲ ଉଚ୍ଚ ବିଦ୍ୟାଳୟ, ସରକଣା ଭଗବତୀ ନୋଡାଲ ବିଦ୍ୟାପୀଠ ଓ ଜଗନ୍ନାଥପୁର ଗାଦିବ୍ରହ୍ମ ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ ଲେଖାଏ ଏ -୧ ପାଇଥିବା ବେଳେ, ଇଚୁଆ ପଞ୍ଚାୟତ ହାଇସ୍କୁଲର ୨ ଜଣ ଏ- ୧ ପାଇଛନ୍ତି। ସେହିପରି ଗୁଆବାରୀ ସ୍ଥିତ ରତ୍ନପଲୀ ବିଦ୍ୟାପୀଠର ପରୀକ୍ଷା ଦେଇଥିବା ୧୩ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦ ଜଣ ଏ- ୧ ପାଇଥିବା ବେଳେ ୩ ଜଣ ଏ - ୨ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରର ମାଟ୍ରିକ ପରୀକ୍ଷା ପାସ ହାର ଶତ ପ୍ରତିଶତ ହୋଇଛି। ପରୀକ୍ଷା ଦେଇଥିବା ସମସ୍ତ ୩୪ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି।


ମାଟ୍ରିକ ପରୀକ୍ଷା ଫଳାଫଳ ପ୍ରକାଶ ପାଇବା ପରେ ଶନିବାର ଭୁବନେଶ୍ୱର ୟୁନିଟ୍-୪ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଛାତ୍ରୀମାନେ ଖୁସି ମନାଉଛନ୍ତି। (ଫଟୋ: ବିକାଶ ନାୟକ)

# ମାଟ୍ରିକ ରେଜଲ୍ଟ

## ବିଏମ୍‌ସିରେ ବିଶ୍ୱଜିତ ନାୟକ ଟପ୍ପର

ଭୁବନେଶ୍ୱର,୨।୫(ସୁଚିସ୍ମିତା ସାହୁ)

ରାଜ୍ୟରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ପରୀକ୍ଷା ଫଳକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହିତ ଦେଖିବାକୁ ମିଳିଛି। ଭୁବନେଶ୍ୱର ବ୍ଲକ ଓ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରେ ମୋଟ ୧୨,୦୨୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୯୧ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଛନ୍ତି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୨ଜଣ ଏ-୧ ଗ୍ରେଡ୍‌ରେ ପାସ କରିଥିବାବେଳେ ୨୧୧ଜଣ ଏଫ୍ ଗ୍ରେଡ୍ ପାଇଛନ୍ତି। ବିଏମ୍‌ସିରେ ୟୁନିଟ-୧ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ବିଶ୍ୱଜିତ ନାୟକ ଟପ୍ପର ହୋଇଛନ୍ତି। ମୋଟ ୬ଶହ ମାର୍କରୁ ସେ ୫୭୨ ମାର୍କ ରଖିଛନ୍ତି। ଅନୁରୂପ ଭାବେ ଚନ୍ଦକାସ୍ଥିତ ମହାରଣା ବୀରବର ନୋଡାଲ ବିଦ୍ୟାପୀଠର ଛାତ୍ରୀ ମୋନାଲିସା ମହାରଣା ୫୫୭ ନମ୍ବର ରଖି ଭୁବନେଶ୍ୱର ବ୍ଲକରେ ଟପ୍ପର ହୋଇଛନ୍ତି।

ସେହିପରି ବିଏମ୍‌ସିରେ ସମୁଦାୟ ୧୦,୬୭୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୮୩ ଜଣ ପରୀକ୍ଷା ଦେଇ ନାହାନ୍ତି। ସେହିପରି ୮୮ ଜଣ ପିଲା ଏ୧ ଗ୍ରେଡ ପାଇଥିବାବେଳେ ୧୫୮ ଜଣ ଏଫ୍ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନୁରୂପ ଭାବେ ଭୁବନେଶ୍ୱର ବ୍ଲକରେ ମୋଟ ୧୩୪୮ ଜଣ ପରୀକ୍ଷା ଦେଇଥିବାବେଳେ ୮ଜଣ ପରୀକ୍ଷା ଦେଇନାହାନ୍ତି। ୪ଜଣ ଛାତ୍ରୀଛାତ୍ର ଏ୧ ଗ୍ରେଡ୍ ପାଇଥିବାବେଳେ ୫୩ ଜଣ ଏଫ୍ ଗ୍ରେଡ୍‌ରେ ରହିଛନ୍ତି।

## ଅଦ୍ରିତୀ ସାହୁ ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଟପ୍ପର

ଭୁବନେଶ୍ୱର,୨।୫(ସୁଚିସ୍ମିତା ସାହୁ)

ଭୁବନେଶ୍ୱରସ୍ଥିତ ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ ଦଶମ ପରୀକ୍ଷାରେ ସଫଳ ଭାବେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ମୋଟ-୭୬ ଜଣ ଛାତ୍ରୀଛାତ୍ର ଦଶମ ପରୀକ୍ଷା ଦେଇଥିଲେ। ଅଦ୍ରିତୀ ସାହୁ ୫୫୭ ନମ୍ବର ରଖି ପ୍ରଥମ ସ୍ଥାନରେ ରହିଥିବା ବେଳେ ସସ୍ମିତା ପଣ୍ଡା ୫୪୦ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା, ପରିଚାଳନା ସମିତିର ଯୁଗ୍ମ ସମ୍ପାଦିକା ଆରତୀ ଜେନା,ସଦସ୍ୟା ତପସ୍ୱିନୀ ମହାନ୍ତ, ସଦସ୍ୟ ସତ୍ୟ ସେଠୀ ସହ ଅଭିଭାବକ ଅଭିଭାବିକା, ଗୁରୁମାଗୁରୁଜୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ୧୯ବର୍ଷ ଧରି କିସ୍‌ର ଶତ ପ୍ରତିଶତ ସଫଳତା



ଭୁବନେଶ୍ୱର,୨।୫( ସୁଚିସ୍ମିତା ସାହୁ)

ଓଡ଼ିଆ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ(କିସ୍) ଲଗାତର ୧୯ ବର୍ଷ ଧରି ଶତ ପ୍ରତିଶତ ସଫଳତା ପାଇଛି। ଚଳିତ ବର୍ଷ ସ୍କୁଲର ମୋଟ ୨୦୩୧ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫୦ପ୍ରତିଶତ ଛାତ୍ରୀଛାତ୍ର ୬୦%ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାବେଳେ ବାକି ଛାତ୍ରୀଛାତ୍ର ୫୦ ପ୍ରତିଶତରୁ ଅଧିକ ନମ୍ବର ରଖି ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କିସ୍ ଛାତ୍ରୀ ସୁଚେତା ସୋରେନ ସର୍ବାଧିକ ୫୬୮ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଏହାସହ କିସ୍‌ର ସଉରା, ବଣ୍ଡା, ଜୁଆଙ୍ଗ, ଖଡ଼ିଆ, ଲୋଧା, ପାଉଡ଼ି ଭୂୟାଁ ଆଦି ଅତି ଦୁର୍ବଳ ଜନଜାତି ବର୍ଗର ୧୩୧ ଜଣ ଛାତ୍ରୀଛାତ୍ର ମଧ୍ୟ ଏଥର ଭଲ ପ୍ରଦର୍ଶନ କରିଛନ୍ତି। ସେଥିମଧ୍ୟରୁ ୪୬ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଖୁସିର କଥା ଚଳିତବର୍ଷ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ରାଜ୍ୟରୁ ଆସି କିସ୍‌ରେ ପଢୁଥିବା ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ସଫଳତା ହାସଲ କରିଛନ୍ତି। କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ମାଟ୍ରିକ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କିସ୍ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିଷ୍ଠା, ମାର୍ଗଦର୍ଶନ ଏବଂ ଅକ୍ଳାନ୍ତ ପରିଶ୍ରମ ଛାତ୍ରୀଛାତ୍ରଙ୍କ ମୂଳଦୁଆକୁ ଦୃଢ଼ କରିପାରିଛି ବୋଲି ସାମନ୍ତ କହିଛନ୍ତି ।

## ମାଟ୍ରିକ ପରୀକ୍ଷାରେ ଆଶାଏଁ ଅନୁଷ୍ଠାନ ପିଲାଙ୍କ ସଫଳତା

ଭୁବନେଶ୍ୱର,୨।୫( ସୁଚିସ୍ମିତା ସାହୁ)


ଗୋଲାପି ପାତ୍ର


ବାଲେ ମୁର୍ମୁ


ରାଜା ସାହୁ


ସ୍ୱପ୍ନା କାଲା


ବର୍ଷା ଦିଗି


ଏ. ଚରଣ ରେଡ୍ଡୀ

ଚଳିତ ବର୍ଷ ଆଶାଏଁ ଅନୁଷ୍ଠାନ ପକ୍ଷରୁ ୭ ଜଣ ପିଲା ମାଟ୍ରିକ ପରୀକ୍ଷା ଦେଇଥିଲେ। ୭ଜଣ ଯାକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ସେମାନେ ହେଲେ ବୁଦ୍ଧନଗର ବସ୍ତିର ଗୋଲାପି ପାତ୍ର, ଏ. ଚରଣ ରେଡ୍ଡୀ, ଡମଣା ମଣ୍ଡପ ବସ୍ତିର ବର୍ଷା ଦିଗି, ସାଇଶୋମ ପ୍ରଧାନ, ସ୍ୱପ୍ନା ହେମ୍ବ୍ରମ ଏବଂ ନୀଳପଡ଼ିଆ ବସ୍ତିର ବାଲେ ମୁର୍ମୁ ଓ ରାଜା ସାହୁ। ଏହା କେବଳ ସେମାନଙ୍କ ଭିତରେ ନୁହେଁ ବରଂ ଅନ୍ୟ ପିଲାଙ୍କ ମନରେ ବି ଉତ୍ସାହ ଭରିଦେଇଛି। ସେମାନଙ୍କ ଗ୍ରେଡ୍‌ଗୁଡ଼ିକ ଅନେକଙ୍କୁ ସାଧାରଣ ଦିଶୁଥିଲେ ମଧ୍ୟ ସେମାନଙ୍କ ପାଇଁ ଏକ ନିଆରା ଅନୁଭୂତି। ଦିନେ ପାଠପଢ଼ା ଛାଡ଼ିଦେଇ ରାସ୍ତାପାର୍ଶ୍ୱ ଜୀବନକୁ ଆଦରି ନେଇଥିବା ଏହି ପିଲାଙ୍କ ପାଇଁ ମାଟ୍ରିକ ପରୀକ୍ଷା ସ୍ୱପ୍ନ ଥିଲା। ପିଲାମାନେ କେତେ ମାର୍କ ରଖିଲେ ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ସେମାନେ କେମିତି ଭଲ ମଣିଷ ହେବେ ସେଥିପାଇଁ ଆମେ ବେଶି ଗୁରୁତ୍ୱ ଦେଉଛୁ ବୋଲି ସଙ୍ଗଠନର ଅଧ୍ୟକ୍ଷ ରତ୍ନାକର ସାହୁ କହିଛନ୍ତି।

## ଅଂଶୁମାନ ସାହୁ ନିମାପଡ଼ା ବ୍ଲକ ଟପ୍ପର

**ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ)**

ଚଳିତ ଦଶମ ମାଟ୍ରିକ୍ ପରୀକ୍ଷାରେ ନିମାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଅଂଶୁମାନ ସାହୁ



ନିମାପଡ଼ା ବ୍ଲକ୍‌ରେ ଟପ୍ପର ହୋଇଛନ୍ତି। ସେ ୫୬୧ ନମ୍ବର ଅର୍ଥାତ୍ ୯୩.୫ ପ୍ରତିଶତ ନମ୍ବର ରଖି ଏହି ସଫଳତା ପାଇଛନ୍ତି। ଦୈନିକ ସେ ୫ ଘଣ୍ଟା ପରିଶ୍ରମ କରୁଥିଲେ। ଏହି ସଫଳତା ପାଇଁ ଅଂଶୁମାନ ନିଜର ପିତାମାତା, ପରିବାରବର୍ଗ, ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଭଗବାନଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ସେ ଜଣେ ସଫଳ ବୈଜ୍ଞାନିକ ହେବେ ବୋଲି ଲକ୍ଷ୍ୟ ରଖିଛନ୍ତି। ଏହି ସଫଳତା ପାଇଁ ଅଂଶୁମାନଙ୍କୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି ଏହି ସଫଳତା ଲାଗି ଅଂଶୁମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଜିଲାରେ ମାଟ୍ରିକ୍ ପାସ୍ ହାର ୯୬.୮%

**ପୁରୀ,୨।୫(ଅଜିତ୍ କୁମାର ମହାନ୍ତି)**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଫଳାଫଳ ଶନିବାର ପ୍ରକାଶ ପାଇଛି। ପୁରୀ ଜିଲାରେ ଚଳିତବର୍ଷ ପାସ୍ ହାର ୯୬.୮ପ୍ରତିଶତ ରହିଛି। ଗତବର୍ଷ ପୁରୀ ଜିଲାର ପାସ୍ ହାର ୯୭.୧୭ ପ୍ରତିଶତ ଥିବାବେଳେ ଏଥର ସାମାନ୍ୟ କମିଛି। ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ପ୍ରିୟଙ୍କା ମହାପାତ୍ର ୫୮୦ ନମ୍ବର(୯୬.୬୭ପ୍ରତିଶତ) ରଖି ପୁରୀ ଜିଲା ଟପ୍ପର ହୋଇଛନ୍ତି। ସେହିପରି ପୁରୀ ସଦର ବ୍ଲକ୍‌ରୁ ସର୍ବାଧିକ ୮୧ ଜଣ ଏ୧ ପାଇଥିବା ବେଳେ କେବଳ ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୬ ଜଣ ଛାତ୍ରୀଛାତ୍ର ଏ୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

ଚଳିତବର୍ଷ ଜିଲାର ୩୫୮ ସ୍କୁଲର ୨୦ ହଜାର ୬୨୧ ଜଣ ପିଲା ଫର୍ମ ପୂରଣ କରିଥିବା ବେଳେ ୧୬୭ ଜଣ ଅନୁପସ୍ଥିତ ଥିଲେ। ତେବେ ପରୀକ୍ଷା ଦେଇଥିବା ୨୦ ହଜାର ୪୫୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମୋଟ ୧୯ ହଜାର ୭୯୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଏଥର ମଧ୍ୟ ଶତପ୍ରତିଶତ ଫଳାଫଳ ହୋଇଛି। ମୋଟ ୧୧୨ ଜଣ ପରୀକ୍ଷା ଦେଇଥିବା ବେଳେ ୧୬ ଛାତ୍ରୀଛାତ୍ର ଏ୧, ୨୮ ଜଣ ଏ୨, ୨୯ ଜଣ ବି୧, ୨୭ଜଣ ବି୨, ୯ ଜଣ ସି ଏବଂ ୩ ଜଣ ଡି' ଗ୍ରେଡ୍‌ରେ ପାସ୍ କରିଛନ୍ତି। ପ୍ରିୟଙ୍କା ମହାପାତ୍ର ୯୬.୬୭ ପ୍ରତିଶତ, ପୂଜାଲିନ ସାହୁ ୯୫.୩୩, ଅମ୍ରିତା ଶିବାନୀ ୯୫, ସୂର୍ଯ୍ୟନାରାୟଣ ମହାପାତ୍ର ୯୪, ଦେବୀପ୍ରଜ୍ଞା ରଥ ଓ ସୁପର୍ଣ୍ଣ ଶୁଭ୍ରଜିତ ମହାପାତ୍ର ୯୨.୫, ଦୀପ ଆରିୟନ ୯୨.୧୭, ଆୟୁଷ ସାମନ୍ତରାୟ ୯୧.୩୩, ରୁଦ୍ରନାରାୟଣ ସାସ୍ମଲ ଓ ସ୍ମୃତି ସ୍ନେହା ପରିଡ଼ା ୯୦.୩୩, କୀର୍ତ୍ତି କୁମାର ସିଂହ ୯୦.୧୭, ଭୂମିକା ମିଶ୍ର, ଗୌରବ ରଞ୍ଜନ ରଣସିଂହ, ନୀଳକଣ୍ଠ ମହାପାତ୍ର, ସାଇକ୍ରିଷ୍ଣା ଗୁରୁ ଓ ଶୁଭଶ୍ରୀ ନାୟକ ପ୍ରତ୍ୟେକେ ୯୦ ପ୍ରତିଶତ ମାର୍କ ରଖିଛନ୍ତି।

ସେହିପରି ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୬ ଛାତ୍ରୀଛାତ୍ର ଏ୧ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏ୨ରେ ୧୨ ଜଣ, ବି୧ରେ ୧୯, ବି୨ରେ ୧୨ ଏବଂ ୩ ଜଣ ସି'ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପିଏମ୍‌ଶ୍ରୀ ବିଶ୍ୱମ୍ବର ବିଦ୍ୟାପୀଠର ୫ ଛାତ୍ର ଓ ୨ ଛାତ୍ରୀ ମୋଟ ୭ ଜଣ ଏ୧ରେ ପାସ୍ କରିଛନ୍ତି। ବିଦ୍ୟାପୀଠର ଛାତ୍ର ଓମ୍ ସତ୍ୟପ୍ରକାଶ ୫୫୫, ମଧୁସ୍ମିତା ସାହୁ ୫୫୦, ଶୁଭମ ମହାପାତ୍ର ୫୪୯, ଅଙ୍କିତ ମଙ୍ଗରାଜ, ପବିତ୍ର ସ୍ୱାଇଁ, ରାଜଦୀପ ସ୍ୱାଇଁ ଓ ସମରଜିତ୍ ପ୍ରଧାନ ପ୍ରତ୍ୟେକେ ୫୪୦ ନମ୍ବର ରଖିଛନ୍ତି। ସେହିପରି ଭୋଳାନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ମାଟ୍ରିକ୍ ପରୀକ୍ଷା ପାଇଁ ୧୭୮ ଜଣ ଫର୍ମ ପୂରଣ କରିଥିବା ବେଳେ ସେଥିମଧ୍ୟରୁ ୫ ଜଣ ଅନୁପସ୍ଥିତ ଥିଲେ। ଏ୧ ରେ ଜଣେ କୃତକାର୍ଯ୍ୟ ହୋଇଥିବା ବେଳେ ଏ ୨ରେ ୧୧, ବି୧ରେ ୧୭, ବି୨ରେ ୩୪, ସିରେ ୫୬, ଡିରେ ୩୩, ଇରେ ୨୦ ଜଣ କୃତକାର୍ଯ୍ୟ ହୋଇଛନ୍ତି।



ପୁରୀ ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ମାଟ୍ରିକ୍ ଫଳାଫଳ ପରେ ଖୁସି ମନାଉଛନ୍ତି।

## ରଥଖଳାରୁ...

## ତୁମ୍ବ ଅଖ ବିନ୍ଧରେ ପନ୍ଦାରି, ବଳା ପିନ୍ଧା ଅନୁକୂଳ



ଭୋଇ ସେବକଙ୍କ ଦ୍ୱାରା ତୁମ୍ବରେ ପଇ ସଂଯୋଗ କରାଯାଉଛି।

**ପୁରୀ, ୨।୫(ଅଜିତ୍ କୁମାର ମହାନ୍ତି)**

ରଥ ନିର୍ମାଣର ଦ୍ୱାଦଶ ଦିବସରେ ତିନିରଥର ନିର୍ମାଣକାରୀ ସେବକମାନେ ରଥଖଳାଠାରେ ଉପସ୍ଥିତ ରହି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ତିନିରଥର ନାହାକା ତୁମ୍ବ, ଅଖ ବିନ୍ଧରେ ପନ୍ଦାରି ଏବଂ ବଳା ପିନ୍ଧା ଅନୁକୂଳ ସମ୍ପନ୍ନ ହୋଇଛି। ସେହିପରି ପଇ ବିନ୍ଧ ପୂର୍ବରୁ ତିନିରଥର ପଇ ବକଳା ଅନୁକୂଳ ଶେଷ ହୋଇଛି। ପଇ ବିନ୍ଧ ପାଇଁ ପଇରେ ମାପ ଚିହ୍ନ ପଡ଼ିବା ଶେଷ ହୋଇଛି। ଭଉଁରି ତିଥିରେ ଚକାଡେରା ନୀତି ଅନୁଷ୍ଠିତ ହେବ। ଏହି ଲକ୍ଷ୍ୟରେ ଚଳଚଞ୍ଚଳ ରଥ ଖଳା, ପୂର୍ବ ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି। ତିନିରଥର ମହାରଣା ସେବକମାନେ ନାହାକା ଚକ ପ୍ରସ୍ତୁତ ପାଇଁ ପୂର୍ବ ପ୍ରସ୍ତୁତି କାର୍ଯ୍ୟ ଶେଷ କରିଛନ୍ତି। ରଥ ଅମିନ ଭୋଇ ସେବକଙ୍କ ମାଧ୍ୟମରେ ତିନିରଥ ଖଳାକୁ କଟିଙ୍ଗ ପଇ ଯୋଗାଇ ଦେବାପରେ ମୁଖ୍ୟ ମହାରଣାଙ୍କ ଦ୍ୱାରା 'ପଇ ବକଳା' ଅନୁକୂଳ ପୂଜା ସମ୍ପନ୍ନ କରିଛନ୍ତି। ଏଥିସହ ତିନିରଥର ୪ ଗୋଟି ଲେଖାଏ ୧୨ ଫୁଟିଆ ଓରା ଚଡ଼ପଟ କାର୍ଯ୍ୟ ପରେ ଦୁଇଟି ଲେଖାଏ ଓରାର ଉଭୟ ପଟେ ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ରୂପକାର ସେବକମାନେ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦିକୋଣ ଅସ୍ଥାୟୀ କମାରଶାଳରେ ଅରକଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ରାମକୃଷ୍ଣ କାକଟପୁର ବ୍ଲକ, ସୁରଜ ଅସ୍ତରଙ୍ଗ ବ୍ଲକ ଟପ୍ପର

**କାକଟପୁର/ଅସ୍ତରଙ୍ଗ, (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)**

କାକଟପୁର ବ୍ଲକରେ ୮ଟି କେନ୍ଦ୍ରରେ ୧୬୧୯ ଜଣ ଛାତ୍ରୀଛାତ୍ର ଓ ଅସ୍ତରଙ୍ଗ ବ୍ଲକର ୫ଟି କେନ୍ଦ୍ରରେ ଚଳିତ ବର୍ଷ ୧୦୩୫ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ଗୋପୀକାନ୍ତ ହାଇସ୍କୁଲର ଛାତ୍ର ରାମକୃଷ୍ଣ ନନ୍ଦ ୫୫୮ ନମ୍ବର ରଖି କାକଟପୁର ବ୍ଲକ ଟପ୍ପର ହେଇଥିବା ବେଳେ ବିପିନ ବିହାରୀ ହରିଜନ ଆବାସିକ ହାଇସ୍କୁଲର ଆକାଂକ୍ଷା ଆଦ୍ୟାଶା ତ୍ରିପାଠୀ ଓ ଅଭିଷେକ ବିଶ୍ୱାଳ ୫୫୫ ନମ୍ବର ରଖିଛନ୍ତି। ସେହିପରି ଅସ୍ତରଙ୍ଗ ବ୍ଲକରେ ବେଳାଭୂମି ହାଇସ୍କୁଲର ଛାତ୍ର ସୂରଜ ପ୍ରଧାନ ୫୪୭ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ବେଳେ ଐଶାନେଶ୍ୱର ବିଦ୍ୟପୀଠର ଶଶାଙ୍କ ଦଳାଇ ୫୪୦ ନମ୍ବର ଓ ଜନତା ହାଇସ୍କୁଲର ପୁଷ୍ପଜିତ ପ୍ରଧାନ ୫୪୦ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଗ୍ରହଣ କରିଛନ୍ତି। ଫଳାଫଳ ପ୍ରକାଶ ପରେ କୃତୀ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟୁଛି।

## ସତ୍ୟବାଦୀ ବ୍ଲକରେ ୧୫ ଏ-୧ରେ କୃତକାର୍ଯ୍ୟ

**ସାକ୍ଷୀଗୋପାଳ, (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ)**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଫଳାଫଳ ଶନିବାର ପ୍ରକାଶ ପାଇଛି। ଚଳିତ ବର୍ଷ ସତ୍ୟବାଦୀରେ ୧୫ ଛାତ୍ରୀଛାତ୍ର ଏ୧ରେ କୃତ କାର୍ଯ୍ୟ ହୋଇଛନ୍ତି। କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୃତୀୟା ଦେବ ହାଇସ୍କୁଲର ଛାତ୍ର ସବ୍ୟସାଚୀ ସେନାପତି ୫୫୧ ନମ୍ବର ରଖି ସତ୍ୟବାଦୀ ବ୍ଲକ ଟପ୍ପର ହୋଇଛନ୍ତି। ସେହିଭଳି ଅନ୍ୟ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର ହେଲେ ତୃତୀୟା ଦେବ ହାଇସ୍କୁଲର ଯୁଗ୍ମ ଭାବେ ଛାତ୍ର ଜୟକୃଷ୍ଣ ମହାନ୍ତି ଓ ସତ୍ୟପ୍ରକାଶ ବାରିକ ୫୪୦ ନମ୍ବର ରଖିଛନ୍ତି। ଗୋପୀନାଥ ଦେବ ନୋଡାଲ ବିଦ୍ୟାପୀଠର ଛାତ୍ର ଅଭିଜିତ୍ ଖଟେଇ ୫୪୭, ସତ୍ୟବାଦୀ ହାଇସ୍କୁଲର ଛାତ୍ର ସୌମ୍ୟରଞ୍ଜନ ମହାନ୍ତି ୫୪୫, ରାଇଚକ୍ରଧରପୁର ହାଇସ୍କୁଲର ସ୍ୱୟଂଶ୍ରୀ ମିଶ୍ର ୫୪୦, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲବଲି ଭୋଇ ୫୪୦, ପିଏମ୍‌ଶ୍ରୀ ଜୟଦୁର୍ଗା ନୋଡାଲ ହାଇସ୍କୁଲ ଛାତ୍ରୀ ସ୍ୱାଗତିକା ସ୍ୱାଇଁ ୫୪୨, ଚନ୍ଦ୍ରକାନ୍ତ ବେହେରା ୫୪୧ ନମ୍ବର ରଖିଛନ୍ତି। ମାଠସାହି ହାଇସ୍କୁଲର



ଆୟୁଷ ପ୍ରଧାନ ୫୪୫ ନମ୍ବର ରଖିଥିବା ବେଳେ ବୀରଗୋବିନ୍ଦପୁର ହାଇସ୍କୁଲର ଦିବ୍ୟଜ୍ୟୋତି ବରାଳ ୫୪୦ ନମ୍ବର ରଖିଛନ୍ତି। ଶ୍ରୀଜଗନ୍ନାଥ ବିଦ୍ୟାପୀଠ ଦାଣ୍ଡୁରାର ଛାତ୍ର ସ୍ୱୟଂସମ୍ପର୍ଣ୍ଣ ସାହୁ ୫୪୪ ରଖିଥିବା ବେଳେ ପଞ୍ଚସଖା ହାଇସ୍କୁଲ ମାଳସାହିର ଛାତ୍ର ସତ୍ୟଜିତ ବାରିକ ୫୪୮ ଓ ଅଙ୍କିତ କୁମାର ନନ୍ଦ ୫୪୦ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସେହିଭଳି ଶ୍ରୀରାମଚନ୍ଦ୍ରପୁର ହାଇସ୍କୁଲର ଛାତ୍ର ଚିନ୍ମୟ କୁମାର ମହାରଣା ୫୪୦ ନମ୍ବର ରଖିଛନ୍ତି।

## ବିଶ୍ୱ ଶ୍ରମିକ ଦିବସରେ ୪ ଶ୍ରମ କୋଡ୍ ପ୍ରତ୍ୟାହାର ଦାବି

**ପୁରୀ,୨।୫(ଅଜିତ୍ କୁମାର ମହାନ୍ତି)**

ବିଶ୍ୱ ଶ୍ରମିକ ଦିବସ ପରିପ୍ରେକ୍ଷୀରେ ପୁରୀରେ ସିଆଇଟିୟୁ, ଏଆଇଟିୟୁସି, ଆଇଏନ୍‌ଟିୟୁସିର ଶ୍ରମଜୀବୀମାନେ ପୁରୀ ଗୁଣ୍ଡିଚାମନ୍ଦିର ନିକଟରୁ ଶୋଭାଯାତ୍ରାରେ ଆସି ଏକ ହୋଟେଲ ପାର୍ଶ୍ୱରେ ଜନସଭା କରିଥିଲେ। ଏଥିରେ ସିଆଇଟିୟୁ ପୁରୀ ଜିଲା ସମ୍ପାଦକ ଶରତ କୁମାର ରାୟଗୁରୁ ଓ ଏଆଇଟିୟୁସିର ହରିହର ସେନାପତି ସଭା ପରିଚାଳନା କରିଥିଲେ। ଏଆଇଟିୟୁସି ନେତା ବ୍ରଜବନ୍ଧୁ ପ୍ରଧାନ, ସିଆଇଟିୟୁ ନେତା ଜଗନ୍ନାଥ ଦେଓ, ଆଇଏନ୍‌ଟିୟୁସି ନେତା ରାଜେଶ କୁମାର ମିଶ୍ର, ଭୀମସେନ ସ୍ୱାଇଁ, ପୀତବାସ ବେହେରା, ଟୁନା ନାୟକ, ଅଜୟ ମିଶ୍ର, ନରହରି ତ୍ରିପାଠୀ, କୃପାସିନ୍ଧୁ ପଣ୍ଡା, ଦାଶରଥି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୋଦି ସରକାର କର୍ପୋରେଟ ସପକ୍ଷରେ ୪ ଶ୍ରମକୋଡ୍ ଆଣି ଶ୍ରମିକଙ୍କ ମଜୁରି, ଇପିଏଫ୍, ଇଏସ୍‌ଆଇ ଗ୍ରାଚ୍ୟୁଇଟ୍‌ର ଅଧିକାର କାଢ଼ି ନେଇଛନ୍ତି। ସେପଟେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଗୁଡ଼ିକୁ କ୍ଷତିର ବାହାନା କରି ଆଦାନୀ, ଅମ୍ବାନୀ, ଟାଟା ସମେତ ୨୫ଟି ବୃହତ ପୁଞ୍ଜିପତିଙ୍କ ହାତରେ ଶାଗ ମାଛ ଦରରେ ଟେକି ଦେଉଛି ମୋଦି ସରକାର ବୋଲି ଉପସ୍ଥିତ ନେତାମାନେ ମତବ୍ୟକ୍ତ କରିଛନ୍ତି। ଶ୍ରମିକମାନେ ସର୍ବନିମ୍ନ ମଜୁରି ମାସିକ ୨୬୦୦୦ଟଙ୍କା, ୪ ଶ୍ରମକୋଡ୍ ପ୍ରତ୍ୟାହାର, ଦେଶ ସମ୍ପଦର ସୁରକ୍ଷା ପାଇଁ ଏକ ହୋଇ ଲଢ଼େଇ କରିବାକୁ ହେବ। ପୁରୀରେ ସମସ୍ତ ଶ୍ରମିକ କର୍ମଚାରୀଙ୍କ ମିଳିତ ମଞ୍ଚ ଏହାକୁ ଆଗେଇ ନେବ। ଅନ୍ୟମାନଙ୍କ ମଧ୍ୟରେ ବନମାଳୀ ସାହୁ, ଦେବ ସାହୁ, ସବିତା ଦେଈ, ବାହନ ପରିଡ଼ା ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୫।୨୦୨୬

| | |
|---|---|
| ୭,୦୮,୫୧୭ ଟଙ୍କା | |
| ସୁନା | ୧୫୦ ମିଲିଗ୍ରାମ୍ |
| ରୁପା | ୨୦.୧୫୦ ଗ୍ରାମ୍ |



ପୁରୀବାସୀଙ୍କୁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଦାବିରେ ସିଂହଦ୍ୱାର ସମ୍ମୁଖରେ ଧାରଣା ଦେଇଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ରତ୍ନବଟ ମଠ ପରିସରରେ ଭାଗବତ ପାଠ

**ପୁରୀ,୨।୫(ଅଜିତ୍ କୁମାର ମହାନ୍ତି)**

ଏକ ଶୃଙ୍ଖଳିତ ସମାଜ ପାଇଁ ଗାଁ ଗାଁରେ ଭାଗବତ ଏକ ଆବଶ୍ୟକତା ବୋଲି ଭାଗବତ ଭାଷ୍ୟକାର ଡ. ବଦ୍ରି ମିଶ୍ର କହିଛନ୍ତି। ଡ. ବିମଳ ପ୍ରସାଦ ମହାନ୍ତି ଓ ଶିକ୍ଷାବିତ୍ ସରସ୍ୱତୀ ମହାନ୍ତିଙ୍କ ମିଳିତ ପ୍ରୟାସରେ ନିମାପଡ଼ା-ତୁଳସୀପୁରର ରତ୍ନବଟ ମଠ ପରିସରରେ ନିର୍ମିତ ବାବାଜୀ କୃଷ୍ଣ ଚନ୍ଦ୍ର ଦାସଙ୍କ ପିଣ୍ଡିରେ ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ଆୟୋଜିତ ମଠ- ମନ୍ଦିରରେ ଭାଗବତ କାର୍ଯ୍ୟକ୍ରମ ଟ୍ରଷ୍ଟ ସଭାପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ ପ୍ରବଚିକା ନିର୍ମଳା ଫତେସିଂହ ଭାଗବତର ଶୁକ-ପରିକ୍ଷିତ ସମ୍ବାଦ ଉପରେ ପ୍ରବଚନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଙ୍ଗୀତ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ମିଶ୍ର ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଏଥିରେ ଅଧିବକ୍ତା ରଶ୍ମିରଞ୍ଜନ ଦାଶ, ପରିଚାଳିକା ସୁନନ୍ଦା ପଟ୍ଟନାୟକ, ଯୁଗଳ ପ୍ରସାଦ ପଟ୍ଟନାୟକ, ରାଜଶ୍ରୀ ମିଶ୍ର, ସୁଲୋଚନା ମିଶ୍ର, ଏ.ମୀନା କୁମାରୀ, କମଳ ପ୍ରସାଦ ପଟ୍ଟନାୟକ, ଅଭିଜିତ ପଟ୍ଟନାୟକଙ୍କ ସମେତ ଶତାଧିକ ଭାଗବତପ୍ରେମୀ ଉପସ୍ଥିତ ଥିଲେ।

## ସାମିଲ ହେଲେ ପୁରାତନ ଛାତ୍ରୀଛାତ୍ର, ଅଭିଭାବକ

### - ପଞ୍ଚସଖା ଶିକ୍ଷା ସେତୁ ମେଗା ସଚେତନତା ବୈଠକ

**କଣାସ,୨।୫(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକର ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ପଞ୍ଚସଖା ଶିକ୍ଷାସେତୁ ସଚେତନତା ସଭା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷାପ୍ରେମୀ, ଲୋକପ୍ରତିନିଧିଙ୍କୁ ପ୍ରତ୍ୟେକ ବିଦ୍ୟାଳୟରେ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଗ୍ରାମର ମନ୍ଦିର, କୋଠଘର, ଗୋଷ୍ଠୀ ଗୃହ, ଗ୍ରାମ ଦାଣ୍ଡ, ପାଲା ମଣ୍ଡପ ଓ ଭାଗବତ ଘରେ ଏହି ସଚେତନତା ସଭାର ଆୟୋଜନ କରାଯାଇଥିଲା। ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପରିଚାଳିତ ଏହି ସଭାଗୁଡ଼ିକ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପୁରୀ ଜିଲା ସହ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ଓ କଣାସ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ନାନକେର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଚେତନତା ସଭାରେ ଯୋଗଦେଇଥିଲେ। ସହଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା, ପ୍ରଫୁଲ୍ଲ କୁମାର ବେହେରା, ଡିଏନ୍‌ଓ ପ୍ରଦୀପ କୁମାର ସ୍ୱାଇଁ, ଶ୍ରୀକୁମାର ଆଚାର୍ଯ୍ୟ ଓ ରମାକାନ୍ତ ବେହେରା ପ୍ରମୁଖ ବିଭିନ୍ନ ବିଦ୍ୟାଳୟର ସଚେତନତା ସଭା ପରିଦର୍ଶନ ସହ ଏଥିରେ ଅଂଶଗ୍ରହଣ କରିଥିଲେ।

## ୬ ଦଫା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସାମ୍ବାଦିକଙ୍କ ବିକ୍ଷୋଭ

**ପୁରୀ,୨।୫(ଅଜିତ୍ କୁମାର ମହାନ୍ତି)**

ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ନିର୍ଦ୍ଦେଶକ୍ରମେ ସାମ୍ବାଦିକଙ୍କ ୬ ଦଫା ଦାବିରେ ରାଜ୍ୟର ସବୁ ଜିଲାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଉତ୍କଳ ସାମ୍ବାଦିକ ସଂଘ, ଓଡ଼ିଶା ପୁରୀ ଶାଖା ତଥା ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘ ପକ୍ଷରୁ ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ସାମ୍ବାଦିକ ବିକ୍ଷୋଭରେ ଯୋଗଦେଇଥିଲେ। ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର ଏହି ଦାବିପତ୍ର ଗ୍ରହଣ କରିଛନ୍ତି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ରାଜ୍ୟରେ ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହିତ ପ୍ରଚଳିତ ଆଇନରେ ସଂଶୋଧନ ପୂର୍ବକ ଜିଲା ଓ ରାଜ୍ୟସ୍ତରରେ ଯୋଗ୍ୟ ସାମ୍ବାଦିକଙ୍କୁ ବ୍ୟାପକ ଭାବେ ମାନ୍ୟତା ପ୍ରଦାନ କରାଯାଉ, କ୍ରମାଗତ ସାମ୍ବାଦିକଙ୍କ ଉପରେ ବୃଦ୍ଧି ପାଉଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯାଉ, ୬୦ ବର୍ଷରୁ ଅଧିକ ବୟସ୍କ ସାମ୍ବାଦିକଙ୍କ ପାଇଁ ମାସିକ ୧୫ ହଜାର ଟଙ୍କାର ପେନ୍‌ସନ ବ୍ୟବସ୍ଥା କରାଯାଉ, ଓଡ଼ିଶା ପ୍ରେସ୍ ଏକାଡେମୀ ଗଠନପୂର୍ବକ ଭୁବନେଶ୍ୱରରେ ଭବନ ନିର୍ମାଣ କରି ବୃତ୍ତିଗତ କାର୍ଯ୍ୟରେ ରାଜଧାନୀ ଆସୁଥିବା ସାମ୍ବାଦିକଙ୍କ ପାଇଁ ସ୍ୱଳ୍ପମୂଲ୍ୟରେ ରହଣି ସୁବିଧା ଦିଆଯାଉ, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ପରିଧିରେ ଅବସରପ୍ରାପ୍ତ ସାମ୍ବାଦିକ, ହିତାଧିକାରୀଙ୍କ ମାତାପିତା ଏବଂ ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନଙ୍କୁ ସାମିଲ କରାଯାଉ। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ବିଶ୍ୱଜିତ୍ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ଉପସଭାପତି କମଳ ଲୋଚନ ଦୀକ୍ଷିତ, ସଞ୍ଜୟ କୁମାର ପତି, ସମ୍ପାଦକ ଆଦିତ୍ୟ କୁମାର ରାଉତଙ୍କ ସମେତ ଜିଲାର ବିଭିନ୍ନ ବ୍ଲକର ସାମ୍ବାଦିକ ଯୋଗଦେଇଥିଲେ।

**ପଞ୍ଚସଖା ଶିକ୍ଷା ସେତୁ ସଚେତନତା କାର୍ଯ୍ୟକ୍ରମ**

## ଶିକ୍ଷାର ବିକଳ୍ପ କିଛି ନାହିଁ

**ପୁରୀ,୨।୫(ଅଜିତ୍ କୁମାର ମହାନ୍ତି)**

ଶିକ୍ଷାନୁଷ୍ଠାନ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୁସମନ୍ୱୟ ହିଁ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜର ମୂଳଦୁଆ ହୋଇଥାଏ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ପାରସ୍ପରିକ ସହଯୋଗ ଓ ଭାଇଚାରା ସୃଷ୍ଟି ପାଇଁ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅନୁରୋଧ କରିଛନ୍ତି। ଶନିବାର ପୂର୍ବାହ୍ନରେ ଟାଉନ୍ ହଲ ପରିସରରେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପକ୍ଷରୁ ପଞ୍ଚସଖା ଶିକ୍ଷାସେତୁ ମାଧ୍ୟମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପନିର୍ଦ୍ଦେଶକ ସେଠୀ କହିଛନ୍ତି, ଶିକ୍ଷାର ବିକଳ୍ପ କେବଳ ଶିକ୍ଷା ହିଁ ହୋଇଥାଏ। ତେଣୁ ଶିକ୍ଷା ଓ ଶିକ୍ଷାନୁଷ୍ଠାନ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ସରକାରଙ୍କଠାରୁ ଆରମ୍ଭ କରି ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗ ଜରୁରୀ ହୋଇଥାଏ। ତେଣୁ ସମସ୍ତ ପୁରାତନ ଛାତ୍ରୀଛାତ୍ର ଯିଏ ଯେଉଁ କ୍ଷେତ୍ରରେ ରହିଛନ୍ତି, ସେମାନେ ନିଶ୍ଚିତ ନିଜ ପ୍ରିୟ ବିଦ୍ୟାଳୟର ସାମଗ୍ରିକ ଉନ୍ନତି ପାଇଁ ସହଯୋଗ କରିବାକୁ ସେଠୀ ଅନୁରୋଧ କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଡ. ସିପ୍ରା ନାୟକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭବମ ପ୍ରଧାନ, ପୁରାତନ ଛାତ୍ରୀ ସଂସଦର ସଭାପତି ରୀନାମଣି ସାହୁ, ରାଜ୍ୟ ରେଡକ୍ରସର ଆଜୀବନ ସଦସ୍ୟ ଜୟନ୍ତୀ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୂର୍ଯ୍ୟନାଥ ପୂଜାପଣ୍ଡା ପ୍ରମୁଖ ଯୋଗଦେଇ ଶିକ୍ଷାନୁଷ୍ଠାନ ବିକାଶର ଆବଶ୍ୟକତା, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୁସମ୍ପର୍କ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ନାୟକ ଏଥିରେ ଅଧ୍ୟକ୍ଷତା କରିବା ସହ ପଞ୍ଚସଖା ଶିକ୍ଷାସେତୁ ସମ୍ପର୍କରେ ସରକାରୀ ମାର୍ଗଦର୍ଶିକା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀ ତଥା ହକି ଖେଳାଳି ଲିପ୍ସାରାଣୀ ପ୍ରିୟଦର୍ଶିନୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ଅଳକାନନ୍ଦା ସମସ୍ତଙ୍କୁ ସ୍ୱାଗତ ସହ ମଞ୍ଚ ସଞ୍ଚାଳନ ଓ ପଞ୍ଚସଖା ଶିକ୍ଷାସେତୁ ଦାୟିତ୍ୱରେ ଥିବା ବିଦ୍ୟାଳୟର ଶିକ୍ଷୟିତ୍ରୀ ବୈଶାଳିନୀ ମହାପାତ୍ର ଶିକ୍ଷାସେତୁ ଓ ସଚେତନତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ସୌଭାଗ୍ୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।




ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସହ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାସବିହାରୀ ଜୀଉଙ୍କ ଚାପଖେଳ**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ପୌରପାଳିକା ୪ ନଂ. ୱାର୍ଡ଼ ମହାଜନ ସାହିର ରାସବିହାରୀ ମଠର ଆରାଧ ଦେବ ରାସବିହାରୀ ଜୀଉଙ୍କ ଶ୍ରୀ ରାଧାକୃଷ୍ଣ ଚାପଖେଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବୈଶାଖ ପୂର୍ଣ୍ଣିମା ଦିନ ଆୟୋଜିତ ଚାପ ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ ହରିବୋଲ ହୁଳହୁଳି ଧ୍ୱନି ଓ ଆଖଣ୍ଡଳମଣି ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ମହାମନ୍ତ୍ର ଉଚ୍ଚାରଣ ଓ ନାମ ସଂକୀର୍ତ୍ତନ ମାଧମରେ ଶ୍ରୀ ରାସ ବିହାରୀ ଜିଉ ଠାକୁରଙ୍କୁ ଶୋଭାଯାତ୍ରାରେ ନେଇ ବିରୂପା ନଦୀରେ ସୁସଜ୍ଜିତ ଡଙ୍ଗାରେ ଚାପ ଖେଳାଇଥିଲେ । ପରିଚାଳନା କମିଟି ସଭାପତି ମହେନ୍ଦ୍ର କୁମାର ସାହୁ, ରାଜନ ସାହୁ, ଅଶୋକ ସାହୁ, ଗିରିଶ ସାହୁ, ବାବାଜି ଚରଣ ସାହୁ, ନବ କିଶୋର ସାହୁ, ମାନସ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବୁଧବାରଠାରୁ ଆରମ୍ଭ ହୋଇ ୩ଦିନ ଧରି ଚାଲିଥିବା ଏହି ଶ୍ରୀଜିଉଙ୍କ ବିବିଧ ଉପଚାର ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# କଟକ ଜିଲାରେ ପାସ୍ ହାର ୯୭.୨୨%



ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପରେ ମହାନଦୀ ବିହାର ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ ଖୁସୀ ମନାଉଛନ୍ତି ।

**କଟକ,୨।୫(କାର୍ତ୍ତିକ ସାହୁ)**

କଟକ ଜିଲାରେ ଚଳିତବର୍ଷ ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ) ପରୀକ୍ଷାଫଳ ୯୭.୨୨% ହୋଇଛି । ରାଜ୍ୟରେ ଏ-୧ ଗ୍ରେଡ୍ ପାଇଥିବା ପରୀକ୍ଷାର୍ଥୀଙ୍କ ସଂଖ୍ୟା ବାଲେଶ୍ୱର ଜିଲାରେ ସର୍ବାଧିକ ୩୦୪, ଦ୍ୱିତୀୟ ସ୍ଥାନରେ ଗଞ୍ଜାମ ୩୦୩ ଏବଂ ତୃତୀୟ ସ୍ଥାନରେ କଟକ ୨୮୫ ରହିଛି । ଏଥର ମାଟ୍ରିକ ପରୀକ୍ଷା ପାଇଁ ଜିଲାର ୫୦୯ଟି ହାଇସ୍କୁଲରୁ ମୋଟ ୨୯,୭୯୧ଜଣ ରେଗୁଲାର୍ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୨୬୬ ଜଣ ପରୀକ୍ଷା ଦେଇ ନ ଥିଲେ । ମୋଟ କୃତକାର୍ଯ୍ୟ ହୋଇଥିବା ୨୮,୭୦୩ ଜଣଙ୍କ ମଧ୍ୟରେ ୧୪,୫୫୦ ଛାତ୍ର ଓ ୧୪,୧୫୩ଜଣ ଛାତ୍ରୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ଏ-୧ ଗ୍ରେଡ୍‌ରେ ୨୮୫, ଏ-୨ ଗ୍ରେଡ୍‌ରେ ୧୪୦୬, ବି-୧ ଗ୍ରେଡ୍‌ରେ ୩୦୦୨, ବି-୨ ଗ୍ରେଡ୍‌ରେ ୫୪୪୭, ସି ଗ୍ରେଡ୍‌ରେ ୭୩୧୦, ଡି ଗ୍ରେଡ୍‌ରେ ୭୦୬୬, ଇ ଗ୍ରେଡ୍‌ରେ ୪୧୮୭ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି । ଅପରପକ୍ଷରେ ୮୨୨ଜଣ ପରୀକ୍ଷାର୍ଥୀ ଅକୃତକାର୍ଯ୍ୟ ହୋଇଛନ୍ତି । ଛାତ୍ରୀଙ୍କ ଅପେକ୍ଷା ଅଧିକ ସଂଖ୍ୟକ ଛାତ୍ର କୃତକାର୍ଯ୍ୟ ହୋଇଛନ୍ତି ।

## ରେଭେନ୍‌ଶା କଲିଜିଏଟ ସ୍କୁଲର ଶତପ୍ରତିଶତ ସଫଳତା

ଚଳିତବର୍ଷ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ରେଭେନ୍‌ଶା କଲିଜିଏଟ ସ୍କୁଲର ଶତପ୍ରତିଶତ ଫଳାଫଳ ହୋଇଛି । ଏଥିରେ ଏ-୧ ଗ୍ରେଡ୍‌ରେ ୫ଜଣ ଓ ଏ-୨ ଗ୍ରେଡ୍‌ରେ ୨୫ଜଣ ଛାତ୍ରୀଛାତ୍ର ପାସ୍ କରିଥିବା ବେଳେ ଅନ୍ୟମାନେ ବିଭିନ୍ନ ଗ୍ରେଡ୍‌ରେ ପାସ୍ କରିଛନ୍ତି । ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଗତି ପଣ୍ଡାଙ୍କ ସମେତ ଶିକ୍ଷୟିତ୍ରୀ ସଂଘମିତ୍ରା ପଟ୍ଟନାୟକ, ମଧୁସ୍ମିତା ମହାନ୍ତି, ଡ. ପୁଷ୍ପାଞ୍ଜଳି ବେହେରା, ଶିକ୍ଷକ ବିଶ୍ୱନାଥ ମିଶ୍ର, ପରେଶ ମଲ୍ଲ, ସନ୍ତୋଷ କୁମାର ସ୍ୱାଇଁ, ପ୍ରଣବ ବେହେରା, ସ୍ୱାଗତ ଜେନା ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ଡାକ୍ତର ହେବାକୁ ଆଶା ରଖିଛି



"୯୬.୫% ମାର୍କ ରଖି ସ୍କୁଲର ଟପ୍ପର ହୋଇଥିବାରୁ ଖୁସି ଲାଗୁଛି । ପ୍ରତିଦିନ ୩ ରୁ ୪ ଘଣ୍ଟା ପାଠ ପଢୁଥିଲି । ମୋ ପରୀକ୍ଷାଫଳକୁ ନେଇ ଘରେ ସମସ୍ତେ ଖୁସି ଅଛନ୍ତି । ଡାକ୍ତର ହେବାକୁ ଆଶା ରଖିଛି । ଏଣୁ ଯୁକ୍ତ ୨ ବିଜ୍ଞାନ ପଢ଼ିବି । ଏହାସହ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରିବି । ତେବେ ମୋର ଏହି ସଫଳତା ପାଇଁ ମୋ ମା'ବାପାଙ୍କୁ ସମସ୍ତ ଶ୍ରେୟ ଦେବା ସହ ବିଦ୍ୟାଳୟର ଗୁରୁଜୀ ଓ ଗୁରୁମାଙ୍କୁ ବହୁତ ଧନ୍ୟବାଦ ଜଣାଇବି ।

**ଗୋରେଖ ପ୍ରସାଦ ଷଡ଼ଙ୍ଗୀ, ଛାତ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତୁଳସୀପୁର, କଟକ**

### ଇଞ୍ଜିନିୟର ହେବାକୁ ଲକ୍ଷ୍ୟ



"ମାଟ୍ରିକ୍ ପରୀକ୍ଷାରେ ୯୪.୩% ମାର୍କ ରହିଛି । ଆଶା ଓ ପରିଶ୍ରମ ଅନୁସାରେ ଯାହା ମାର୍କ ମିଳିଛି, ସେଥିରେ ଖୁସିଅଛି । ମୁଁ ଦିନକୁ ପ୍ରାୟ ୧୪ ଘଣ୍ଟା ପରିଶ୍ରମ କରୁଥିଲି । ଆଗକୁ ଯୁକ୍ତ ଦୁଇ ବିଜ୍ଞାନ ପାଠ ପଢ଼ିବା ସହ ଜେଇଇ ପାଇଁ ପ୍ରସ୍ତୁତ କରିବି । ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛି । ସଫଳତା ପଛରେ ମୋ ମା' ବହୁ ସହଯୋଗ କରନ୍ତି ।

**ଏମ୍. ସାଇ ଶ୍ରଦ୍ଧା ଆଚାରୀ, ଛାତ୍ରୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମହାନଦୀବିହାର, କଟକ**

### ଆଶା ଅନୁଯାୟୀ ମାର୍କ ରଖିଛି



"ମୁଁ ଦିନକୁ ୬ ଘଣ୍ଟା ପରିଶ୍ରମ କରୁଥିଲି । ଆଶା ଅନୁଯାୟୀ ୯୪.୮୩% ମାର୍କ ରଖିଛି । ମୋ ସଫଳତା ପଛରେ ମୋ ମା'ବାପା ଓ ବିଦ୍ୟାଳୟର ଗୁରୁଜୀ, ଗୁରୁମା ବହୁତ ପରିଶ୍ରମ କରିଥିଲେ । ସେମାନେ ମୋ ପାଠପଢ଼ା ପ୍ରତି ବିଶେଷ ଧ୍ୟାନ ଦେଉଥିଲେ । ଆଗକୁ ଯୁକ୍ତ ୨ ପାଠ ପଢ଼ିବି ଏବଂ ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛି ।

**ରିତେଶ ପ୍ରଧାନ, ଛାତ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପୋତାପୋଖରୀ, ନୂଆବଜାର, କଟକ**

### ପରିଶ୍ରମ ଅନୁଯାୟୀ ମାର୍କ କମିଛି



"ପରୀକ୍ଷା ପାଇଁ ମୁଁ ବହୁତ ପରିଶ୍ରମ କରୁଥିଲି । ସ୍କୁଲ ବ୍ୟତୀତ ଦିନକୁ ୭ ରୁ ୮ ଘଣ୍ଟା ପାଠ ପଢୁଥିଲି । ୯୭ରୁ ୯୮% ମାର୍କ ରହିବାର ଆଶା ଥିଲା, କିନ୍ତୁ ରହିଛି ୯୧.୮୩% । ପରିଶ୍ରମ ଅନୁଯାୟୀ ମାର୍କ କମିଛି । ଆଗକୁ ଯୁକ୍ତ ୨ ବିଜ୍ଞାନ ପାଠ ପଢ଼ିବା ସହ ଇଞ୍ଜିନିୟ ହେବାକୁ ଆଶା ରଖିଛି ।

**ଆୟୁଷ୍ମାନ ସାହୁ, ଛାତ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜ ଛକ କଟକ।**

## ବାରଙ୍ଗ ବ୍ଲକରେ ଏ-୧ ଗ୍ରେଡ୍‌ରେ ୨ଜଣ

**ବାରଙ୍ଗ,୨।୫(ଲିଙ୍ଗରାଜ ରାଉତ)**

ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି । ଏଥିରେ କଟକ ଜିଲାର ୧୦୪ଟି ସ୍କୁଲ ମଧ୍ୟରେ ୨୮୫ ଜଣ ଏ୧ ଗ୍ରେଡ୍ ପାଇଥିବା ବେଳେ ବାରଙ୍ଗ ବ୍ଲକର ୨ଟି ବିଦ୍ୟାଳୟରେ ୨ ଜଣ ଏ୧ ଗ୍ରେଡ୍ ପାଇଛନ୍ତି । ସେହିଭଳି ପଟିଆସ୍ଥିତ କାନନବିହାର-୨ରେ ଥିବା ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ରରେ ଚଳିତବର୍ଷ ଦଶମ ବୋର୍ଡ ପରୀକ୍ଷା ଦେଇଥିବା ୯୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଶତପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି । ସେମାନଙ୍କ ମଧ୍ୟରୁ ୩ ଜଣ ଏ-୧ ଗ୍ରେଡ୍ , ୬ ଜଣ ଏ-୨ ଗ୍ରେଡ୍, ୨୪ ଜଣ ବି-୧ ଗ୍ରେଡ୍, ୩୨ ଜଣ ବି-୨ ଗ୍ରେଡ୍, ୨୧ ଜଣ ସି ଗ୍ରେଡ୍, ୧୨ ଜଣ ଡି ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷାକେନ୍ଦ୍ରର ସୁନାମ ରଖିପାରିଛନ୍ତି ବୋଲି ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ପାଣି ସୂଚନା ଦେଇଛନ୍ତି ।

## ନିଆଳି ବ୍ଲକରେ ୩ ଛାତ୍ରୀଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ



ତ୍ରିଶା ମହାରଣା



ଅର୍ଚ୍ଚିତା ପ୍ରିୟଦର୍ଶିନୀ ବସ୍ତିଆ



ମନସ୍ୱିନୀ ମୁଦୁଲି

**ନିଆଳି,୨।୫(ସୁକାନ୍ତ କୁମାର ସିଂହ)**

ଶନିବାର ଅପରାହ୍ନରେ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ନିଆଳି ବ୍ଲକରୁ ୩ଜଣ ଛାତ୍ରୀଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାଯାଇଛି । ନିଆଳି ବ୍ଲକ ଅନ୍ତର୍ଗତ ଦେବୀ-କନ୍ଦଳ ଦ୍ୱୀପାଞ୍ଚଳ ଏରଞ୍ଚସ୍ଥିତ ଲକ୍ଷ୍ମୀନୃସିଂହ ହାଇସ୍କୁଲର ଛାତ୍ରୀ ତ୍ରିଶା ମହାରଣା ୫୫୭ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ କରାଙ୍ଗ ସିଦ୍ଧମଙ୍ଗଳା ନୋଡାଲ୍ ବିଦ୍ୟା ନିକେତନର ଛାତ୍ରୀ ଅର୍ଚ୍ଚିତା ପ୍ରିୟଦର୍ଶିନୀ ବସ୍ତିଆ ୫୪୯ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ଜଲାରପୁର ରାମେଶ୍ୱର ବିଦ୍ୟାପୀଠର ଛାତ୍ରୀ ମନସ୍ୱିନୀ ମୁଦୁଲି ୫୪୦ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

## ତିଗିରିଆରେ ୭ ଛାତ୍ରୀଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ

**ତିଗିରିଆ,୨।୫ (ଜାଫର ଖାଁ)**



ମାଟ୍ରିକ୍ ପରୀକ୍ଷାରେ ତିଗିରିଆ ବ୍ଲକରୁ ୭ ଜଣ ଛାତ୍ରୀଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ପିଏମ୍‌ଶ୍ରୀ ଅର୍ଜ୍ଜୁନସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରିୟାଂଶୀ ପ୍ରିୟଦର୍ଶିନୀ ୫୫୯ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି । ସେହିପରି ବିନ୍ଧାଣିମା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅଙ୍କିତା ସାହୁ ୫୪୯ ନମ୍ବର ରଖି ଦ୍ୱିତୀୟ ହୋଇଛନ୍ତି । ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରିତିକା ଜ୍ୟୋତିପ୍ରଭା ୫୪୨ ନମ୍ବର ରଖି ବ୍ଲକରେ ତୃତୀୟ ସ୍ଥାନ ହାସଲ କରିଛନ୍ତି । ଗଦାଧରପୁର ଉଚ୍ଚ ବିଦ୍ୟାଳୟର ପ୍ରତିକ୍ଷା ପ୍ରିୟଦର୍ଶିନୀ, ପ୍ରଭଞ୍ଜନ ନାୟକ ଏବଂ ତିନିଗଡ ନୋଡାଲ ଉଚ୍ଚ ବିଦ୍ୟାଳୟର ସୋନାଲି ପ୍ରିୟଦର୍ଶିନୀ ସ୍ୱାଇଁ, ଏସ୍. କୁନାଲ ନାୟକ ପ୍ରତ୍ୟେକ ୫୪୦ ନମ୍ବର ରଖି ଏ-୧ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ବ୍ଲକରେ ମୋଟ ୮୨୬ ଜଣ ପରୀକ୍ଷା ଦେଇଥିବାବେଳେ ସେଥିରୁ ୮୦୦ ଜଣ କୃତକାର୍ଯ୍ୟ ହୋଇଛନ୍ତି । ପାସ ହାର ୯୬.୮୫ ରହିଛି ।

## ଏ-୧ ଗ୍ରେଡ୍‌ରେ ୩ ଛାତ୍ରୀ

**କଟକ ସଦର,୨।୫(ସୁଶାନ୍ତ କୁମାର ଜେନା)**



ରୀତି ପ୍ରଜ୍ଞା ବେହେରା



ପ୍ରତିଜ୍ଞା ସ୍ୱାଇଁ



ସରସ୍ୱତୀ ଓଝା

କନ୍ଦରପୁର ସରସତୀ ଶିଶୁ ବିଦ୍ୟାମନ୍ଦିରର ୫୬ଜଣ ଛାତ୍ରୀଛାତ୍ର ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ । ସେଥି ମଧ୍ୟରୁ ୩ ଛାତ୍ରୀ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେମାନେ ହେଲେ ପ୍ରତିଜ୍ଞା ସ୍ୱାଇଁ (୫୫୯), ରୀତି ପ୍ରଜ୍ଞା ବେହେରା ୫୫୭, ସରସ୍ୱତୀ ଓଝା ୫୫୨ । ଚଳିତବର୍ଷ ଶିଶୁ ମନ୍ଦିରର ୫୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ସେଥି ମଧ୍ୟରୁ ଏ-୨ରେ ୧୧ଜଣ, ବି-୧ରେ ୧୭ଜଣ, ବି-୨ରେ ୧୫ଜଣ, ସିରେ ୭ଜଣ, ଡି-୨ଜଣ ଓ ଇରେ ଜଣେ ପାସ କରିଛନ୍ତି ।

## ସାଲେପୁରରେ ୨୨ ଛାତ୍ରୀଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ

**ସାଲେପୁର,୨।୫(ଅରବିନ୍ଦ ଭୂୟାଁ):** ସାଲେପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଏ -୧ରେ ୨୨ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି । ସେଥିରୁ ସାଲେପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରୁ ଆର୍ଯ୍ୟ ପ୍ରୀତିମ ସ୍ୱାଇଁ ୯୬. ୩୩%(୫୭୮)ନମ୍ବର ରଖିଛନ୍ତି । ସେହିପରି ପ୍ରଜ୍ଞା ବେହେରା, ପ୍ରାଚୀ ପୂର୍ଣ୍ୟ ତ୍ରୟା ଷଡ଼ଙ୍ଗୀ, ରାଜଶ୍ରୀ ମହାପାତ୍ର, ପ୍ରଜ୍ଞାନ ସ୍ମିତା ରାଉତ, ସ୍ୱପ୍ନଜିତ ଦାଶ, ପ୍ରଥମେଶ ସାହୁ,ସାଇ ସ୍ମିତା ପୁହାଣ ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ବହୁଗ୍ରାମ ସରସ୍ୱତୀ ଶିଶୁମନ୍ଦିରରୁ ନିତ୍ୟ ପ୍ରସାଦ ରାଉତ, ସଂଗ୍ରାମ କେଶରୀ ପୁହାଣ, ଇତିସ୍ମିତା ରାଉତରାୟ, ଗୋପୀନାଥପୁର ସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟରୁ କମଲେଶ ଦାଶ, ସୁଶ୍ରୀ ପ୍ରିୟଦର୍ଶନୀ ସାହୁ, ଦୁର୍ଗାଶ୍ରୀ ସାହୁ, ସୌଭାଗ୍ୟ ରଞ୍ଜନ ଦାଶ, ସାଲେପୁର ହାଇସ୍କୁଲର ରଶ୍ମିରେଖା ପ୍ରହରାଜ, ଏକ୍ରାମ ରସୁଲ ହାଇସ୍କୁଲରୁ ନିର୍ମଳା ଦାସ, କଲ୍ୟାଣ ପୁର ବାଳିକା ଉଚ୍ଚ ବିଦ୍ୟାଳୟରୁ ଅର୍ଚ୍ଚିତା ପ୍ରିୟଦର୍ଶନୀ ଖଟେଇ, ଶୁଭଶ୍ରୀ ପ୍ରିୟଦର୍ଶନୀ ନାୟକ, କଟରପାସ୍ଥିତ ବଳଦେବଜୀଉ ହାଇସ୍କୁଲରୁ ଲକ୍ଷ୍ମୀପ୍ରିୟା ବେହେରା, ବଟ ଗୋସ୍ୱାମୀ ହାଇସ୍କୁଲରୁ ରୁଦ୍ରାକ୍ଷ ରାଉତ୍ରା, ମାଣିତ୍ରିସ୍ଥିତ ଜାଗୁଲାଇ ବାଳିକା ଉଚ୍ଚ ବିଦ୍ୟାଳୟରୁ ଶୁଭଲକ୍ଷ୍ମୀ ଶତପଥୀ ଏ-୧ରେ କୃତ କାର୍ଯ୍ୟ ହୋଇଛନ୍ତି ।

## ଗୋଚର ଉପରେ କୋଠା ନିର୍ମାଣ ଘଟଣା: ତହସିଲ ପକ୍ଷରୁ ମାପଚୁପ

**କଟକ ସଦର,୨।୫(ସୁଶାନ୍ତ କୁମାର ଜେନା)**

୪୨ ମୌଜା ଅନ୍ତର୍ଗତ ବହଳପଡ଼ା ଗ୍ରାମରେ ଗୋଚର ଜମି ଉପରେ ଏକ କୋଠା ନିର୍ମାଣ କରିବା ଅଭିଯୋଗ ପରେ ତହସିଲଦାରଙ୍କ ନିର୍ଦ୍ଦେଶରେ ଶନିବାର ବେଷ୍ଟକାର ରାଜସ୍ୱ ନିରୀକ୍ଷକ ଓ ଅମିନ ମାପଚୁପ କରିଥିଲେ । ୧୨ ଡିସିମିଲ ଗୋଚର ଉପରେ କୋଠା ଥିବା ଜଣାପଡିଛି । ପରେ ଘର ଭାଙ୍ଗିବା ପାଇଁ ନୋଟିସ କରାଯିବ ବୋଲି ରାଜସ୍ୱ ନିରୀକ୍ଷକ ରଞ୍ଜିତ ଦାସ ଜଣାଇଥିଲେ । ମାପଚୁପ ବେଳେ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ରୁଣ୍ଡ ହୋଇଥିଲେ । ଗତ ୨୭ ତାରିଖରେ ଶିଶୁଆ ଗ୍ରାମ ସାମଲ ସାହିରେ ସରକାରୀ ଜାଗାରେ ଥିବା ୩ ଜଣଙ୍କ ପାଇଖାନାକୁ ତହସିଲ ପ୍ରଶାସନ ଭାଙ୍ଗିବା ପରେ ବହଳପଡ଼ା ଅଞ୍ଚଳରେ ଗୋଚର ଉପରେ ଥିବା ଅବୈଧ ନିର୍ମାଣକୁ ଭାଙ୍ଗିବା ପାଇଁ ଲୋକେ ଅତିରିକ୍ତ ତହସିଲଦାର ଶୋଭନ ବିଶ୍ୱାଳଙ୍କ ନିକଟରେ ଅଭିଯୋଗ କରିଥିଲେ ।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ




**କଟକ,୨।୫(କାର୍ତ୍ତିକ ସାହୁ)**

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବକ୍ସିବଜାରଠାରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଶ୍ରମିକମାନଙ୍କ ପାଇଁ କଲ୍ୟାଣ ବୋର୍ଡ କରାଯିବା ସହ ରୋଜଗାର ଯୋଜନା ସରକାର କରନ୍ତୁ ବୋଲି ସଂଘ କର୍ମକର୍ତ୍ତାମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସଂଘ ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହସମ୍ପାଦକ ପ୍ରଶାନ୍ତ ସାହୁ, ମିଡିଆ ସେଲ ଅଧକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ କେ. ବେଣୁ ରାଓ, ଗୋପୀ ସାହୁ, ରବି ପାଲ, ଅଶୋକ ସାହୁ, ରଞ୍ଜନ ବେହେରା, ନବଘନ ସାହୁ, ଅମିନ ଖାଁ, ଅଜୟ ବେହେରା, ହେମନ୍ତ ପଟ୍ଟନାୟକ ଓ ସୁଜିତ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ବ୍ରାଉନ୍‌ସୁଗାର, ନଗଦ ଟଙ୍କା ଜବତ: ଦମ୍ପତି ଗିରଫ

**ନିଆଳି,୨।୫(ସୁକାନ୍ତ କୁମାର ସିଂହ)**

ନିଆଳି ପୋଲିସ ଦେବୀ-କନ୍ଦଳ ଦ୍ୱୀପାଞ୍ଚଳ କସର୍ଦା ପତ୍ରକଣା ଗ୍ରାମରେ ଚଢ଼ାଉ କରି ୪୬ ଗ୍ରାମ ବ୍ରାଉନସୁଗାର ଓ ନଗଦ ଟଙ୍କା ଜବତ କରିଛି । ଏହି ଘଟଣାରେ ମାଧବ ମହାନ୍ତି (୫୨) ଓ ତାଙ୍କ ସ୍ତ୍ରୀ ନିକିତା ମହାନ୍ତି (୪୪)ଙ୍କୁ ଗିରଫ କରାଯାଇଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୫ ଲକ୍ଷ ହେବ । ଏଥିସହ ନଗଦ ୧ ଲକ୍ଷ ୮୯ ହଜାର ୮୨୦ ଟଙ୍କା ମଧ ପୋଲିସ ଜବତ କରିଛି । କୌଣସି ଖବର ପାଇ ନିଆଳି ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ଓ ଏସ୍‌ଆଇ ଅମ୍ବିକା ପ୍ରସାଦ ପ୍ରଧାନ ସଦଳବଳେ ଦମ୍ପତିଙ୍କ ଘରେ ଚଢାଉ କରିଥିଲା । ଚଢାଉ ସମୟରେ ତାଙ୍କଠାରୁ ୪୬ ଗ୍ରାମର ବ୍ରାଉନ ସୁଗାର ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ଓ ନଗଦ ଅର୍ଥ ୧ ଲକ୍ଷ ୮୯ ହଜାର ୮୨୦ ଟଙ୍କା ଜବତ କରି ଦମ୍ପତିଙ୍କୁ ଗିରଫ କରିଛି । ମାମଲା ରୁଜୁ ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲଣ କରାଯିବ ବୋଲି ସଦର ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ ନିଆଳି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ।

## ବିଧାୟକ ସୌଭିକ୍, ପୂର୍ବତନ ବିଧାୟକଙ୍କୁ ଭେଟିଲେ ରାଜ୍ୟ ସଭା ସଦସ୍ୟ ଦିଲୀପ

**କଟକ,୨।୫(ଶିଳ୍ପା ପ୍ରିୟଦର୍ଶିନୀ)**



ଚୌଦ୍ୱାର-କଟକ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ବାସଭବନରେ ଶନିବାର ରାଜ୍ୟ ସଭା ସଦସ୍ୟ ଦିଲୀପ ରାଏ ପହଞ୍ଚିଥିଲେ । ବିଧାୟକ ସୌଭିକ ବିଶ୍ୱାଳଙ୍କ ସମେତ ତାଙ୍କ ପରିବାର ସହ ଦିଲୀପ କିଛି ଘଣ୍ଟା ଆଲୋଚନା କରିଥିଲେ । ପ୍ରଭାତଙ୍କ ସମର୍ଥକ ଓ କେତେଜଣ କର୍ପୋରେଟର ମଧ୍ୟ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । କେବଳ ଏତିକି ନୁହେଁ ଶୁକ୍ରବାର ଦିଲୀପ ବାରିପଦା ଯିବା ସମୟରେ କଟକ ଓଏମ୍‌ପି ଛକଠାରେ ବିଧାୟକ ସୌଭିକ୍ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ତେବେ ଦିଲୀପଙ୍କ ଏଭଳି ପ୍ରଭାତ ଓ ତାଙ୍କ ପରିବାରଙ୍କୁ ଭେଟିବା କଟକ ରାଜନୀତିକୁ ସରଗରମ କରିଛି । ପୂର୍ବରୁ ପ୍ରଭାତ ଭାଜପା ପ୍ରତି ଢ଼ଳୁଥିବା ନେଇ ବହୁ ସଙ୍କେତ ଦେଖିବାକୁ ମିଳିଥିବାବେଳେ ଏଭଳି ଭେଟଘାଟ୍ ସତରେ ପରିଣତ ହୋଇପାରେ ବୋଲି ଏବେ ଆଲୋଚନା ଜୋର ଧରିଛି । ଅନ୍ୟପଟେ ପ୍ରଭାତ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ବିଶାଳ ସମାବେଶ ଆୟୋଜନ କରି ଏଥିରେ ଶକ୍ତି ପ୍ରଦର୍ଶନ କରିବାକୁ ଥିବାବେଳେ ଠିକ୍ ଏହାର ପୂର୍ବଦିନ ଦିଲୀପଙ୍କ ଗସ୍ତ ନେଇ ରାଜନୀତୀ ସମୀକରଣ ଆରମ୍ଭ ହୋଇଛି । ଏନେଇ ପ୍ରଭାତ ବିଶ୍ୱାଳ କହିଛନ୍ତି, ରାଜ୍ୟ ସଭା ନିର୍ବାଚନରେ ଭୋଟ ଦେଇଥିବାରୁ ପ୍ରଭାତ ଓ ସୌଭିକଙ୍କୁ ଧନ୍ୟବାଦ ଜଣାଇଥିବାବେଳେ ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିବା ସେ କହିଛନ୍ତି ।

## ଫଟୋରେ ଖବର




ଓଡ଼ିଶାକୁ ନ୍ୟାୟ ଦେବା ଦାବି ନେଇ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଶନିବାର ବାଲିଯାତ୍ରା ତଳପଡ଼ିଆ ମହାନଦୀ ଘାଟଠାରେ ଅନୁଷ୍ଠିତ ଜଳ ସତ୍ୟାଗ୍ରହ । (ଫଟୋ: ରାଜକିଶୋର ମହାନ୍ତି)



ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟିଭି ଇନଷ୍ଟିଚ୍ୟୁଟ୍ ଅଡିଟୋରିୟମରେ ଓଡ଼ିଆ ଫିଲ୍ମ ଆଣ୍ଡ ଟିଭି ଡାଇରେକ୍ଟର ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ବାର୍ଷିକ ଉତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

# ଶାନ୍ତିର ଭବିଷ୍ୟତ ପାଇଁ ପ୍ରେସ୍ ସ୍ୱାଧୀନତାକୁ ଗୁରୁତ୍ୱ

ଗଣମାଧ୍ୟମ ଗଣତାନ୍ତ୍ରିକ ମୂଳଦୁଆକୁ ମଜଭୁତ କରିଥାଏ। ଏହା କେବଳ ଏକ ଶବ୍ଦ ନୁହେଁ, ବରଂ ସମାଜ ପ୍ରତି ଏକ କର୍ତ୍ତବ୍ୟ। ସମାଜକୁ ଆଇନା ଦେଖାଇବା ସହିତ ଘଟଣା ପଛର ସତ୍ୟତାକୁ ଲୋକଲୋଚନକୁ ଆଣିଥାଏ। ତେଣୁ ଗଣମାଧ୍ୟମର ସ୍ୱାଧୀନତା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୩କୁ 'ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ' ଭାବେ ପାଳନ କରାଯାଉଛି। ଏଥିସହ ପ୍ରତିବର୍ଷ ଏଥିପାଇଁ ଏକ ସ୍ୱତନ୍ତ୍ର ଥିମ୍ ବା ବିଷୟବସ୍ତୁ ରହିଥାଏ। ଏହି ଅବସରରେ ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ଶାନ୍ତିର ଭବିଷ୍ୟତ: ମାନବାଧିକାର, ବିକାଶ ଏବଂ ସୁରକ୍ଷା ପାଇଁ ପ୍ରେସ୍ ସ୍ୱାଧୀନତାକୁ ପ୍ରୋତ୍ସାହନ'। ୧୯୯୧ରେ ଜାତିସଂଘର ଜନସୂଚନା ବିଭାଗ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ କରିବାକୁ ପ୍ରଥମେ ପ୍ରସ୍ତାବ ଦେଇଥିଲା। ୧୯୯୩ରେ ଏହି ଦିବସ ପାଳନ ପାଇଁ ବିଧିବଦ୍ଧ ଭାବେ ଅନୁମୋଦନ ମିଳିଥିଲା। ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ କେବଳ ଏକ ସ୍ମରଣୀୟ ଦିନ ନୁହେଁ, ବରଂ ଏହା ଏକ ଆହ୍ୱାନ ଏଭଳି ପୃଥିବୀର ପରିକଳ୍ପନା ପାଇଁ, ଯେଉଁଠାରେ ସାମ୍ବାଦିକ ବିନା ଭୟ ଓ ସଙ୍କୋଚରେ ସତ୍ୟକୁ ସାମ୍ନାକୁ ଆଣିପାରିବେ।



## ପ୍ରେସ୍ ସ୍ୱାଧୀନତା ଦିବସ: ସମାଜର ଆବଶ୍ୟକତା ଭାବେ ବିବେଚନା କରିବାର ସମୟ



ଆଜି ଦିନରେ ପ୍ରେସ୍ ଓ ସାମ୍ବାଦିକଙ୍କ ସ୍ଥିତି କ'ଣ ତାହା ଗଳିକନ୍ଦିର ଛୋଟଛୁଆକୁ ବି ଜଣା। ଚଳିତବର୍ଷର ପ୍ରେସ୍ ସ୍ୱାଧୀନତା ଦିବସର ପ୍ରସଙ୍ଗ ହେଉଛି 'ଶାନ୍ତିର ଭବିଷ୍ୟତ ଗଠନ ଏବଂ ଗଣତନ୍ତ୍ରକୁ ସୁରକ୍ଷିତ କରିବାରେ ମୁକ୍ତ ଓ ସ୍ୱାଧୀନ ଗଣମାଧ୍ୟମର ଭୂମିକା। ମାତ୍ର ପ୍ରଶ୍ନ ହେଉଛି ସତରେ ଆମ ପ୍ରେସ୍ କେତେ ସ୍ୱାଧୀନ? ଆଜି ସାମ୍ବାଦିକମାନଙ୍କ ଏ ସ୍ଥିତି କେବଳ ଚାପ ଓ ଭୟ ପାଇଁ ନୁହେଁ, ଏହା ପଛରେ ଥିବା ଆଉ ଏକ ବଡ଼ କାରଣ ହେଉଛି ପ୍ରଭାବ ଓ ପ୍ରଲୋଭନର ଜାଲ। ସରକାର ଓ କର୍ପୋରେଟର ଚାପ ଅପେକ୍ଷା ସେମାନଙ୍କ ପ୍ରଲୋଭନର ହିତାଧିକାରୀ ହେବାପାଇଁ ଯେଉଁ ପ୍ରତିଯୋଗିତା ଚାଲିଛି ତାହା ଏକ ବଡ଼ କାରଣ। ପ୍ରେସ୍ ଫ୍ରିଡମ ଇଣ୍ଡେକ୍ସରେ ଭାରତର ସ୍ଥାନ ବିଗତ ୨୫ ବର୍ଷରେ ସବୁଠାରୁ ଖରାପ ସ୍ଥିତିରେ ଅଛି। ୧୮୦ ଦେଶରୁ ଭାରତର ସ୍ଥାନ ୧୫୭। ଖବରଠାରୁ ବେଶି ନ୍ୟାରେଟିଭ ବିକ୍ରି ହେଉଛି, ପ୍ରଶ୍ନ କରିବାଠାରୁ ବେଶି ଚୁପ୍ ରହିବା ସୁରକ୍ଷିତ ହୋଇପଡ଼ିଛି। ଏହି ପରିସ୍ଥିତିରେ ପ୍ରେସ୍ ସ୍ୱାଧୀନତା ଦିବସ କେବଳ ଏକ ଉତ୍ସବର ବିଷୟ ଭାବରେ ନୁହେଁ ବରଂ ଏକ ସଂଘର୍ଷର ସ୍ମୃତି ଓ ସମାଜର ଆବଶ୍ୟକତା ଭାବେ ବିବେଚନା କରିବାର ସମୟ।

-ସତ୍ୟ ପ୍ରକାଶ ନାୟକ, ବରିଷ୍ଠ ସାମ୍ବାଦିକ

## ଗଣମାଧ୍ୟମକୁ ଯେତିକି ସ୍ୱାଧୀନତା ମିଳିବା କଥା ତାହା ମିଳିପାରୁନାହିଁ



ପ୍ରେସ୍ ସ୍ୱାଧୀନତା ସହ ଗଣତନ୍ତ୍ରର ଆତ୍ମା ଜଡ଼ିତ। ମାତ୍ର ଭାରତୀୟ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ଭିତରେ ପ୍ରେସ୍ ଏବଂ ସାମ୍ବାଦିକମାନଙ୍କୁ ଯେତିକି ସ୍ୱାଧୀନତା ମିଳିବା କଥା ତାହା ମିଳିପାରୁନାହିଁ। ସତ୍ୟ ତଥ୍ୟ ପରିବେଷଣ କଲେ ଉଭୟ ଗଣମାଧ୍ୟମ ଏବଂ ସେମାନଙ୍କ ପ୍ରତିନିଧି ଉପରେ ବିଭିନ୍ନ ଆଳରେ ଚାପ ସୃଷ୍ଟି କରାଯାଉଛି। ଫଳରେ ଲୋକମାନଙ୍କ ସତ୍ୟ ଓ ପ୍ରକୃତ ତଥ୍ୟ ଜାଣିବାର ଯେଉଁ ମାନବିକ ଅଧିକାର ରହିଛି ତାହା କ୍ଷୁଣ୍ଣ ହେଉଛି। ଗଣତନ୍ତ୍ରରେ ନାଗରିକ ହେଉଛନ୍ତି ଜାଗ୍ରତ ପ୍ରହରୀ। ସତ୍ୟ ବିଷୟରେ ଜନସାଧାରଣ ଜାଣି ନ ପାରିଲେ ଗଣତନ୍ତ୍ର ଅବକ୍ଷୟମୁଖୀ ହୋଇଥାଏ।

-ଅକ୍ଷୟ ସାହୁ, ବରିଷ୍ଠ ସାମ୍ବାଦିକ

## ଓଡ଼ିଶାରେ ଖବରକାଗଜର ଚାହିଦା ରହିଛି



ଅନ୍ତର୍ଜାତୀୟ ଗଣମାଧ୍ୟମ ତୁଳନାରେ ଭାରତୀୟ ଗଣମାଧ୍ୟମରେ ସ୍ଥାନୀୟ ଖବରକୁ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ଗଣମାଧ୍ୟମର ସ୍ୱାଧୀନତାକୁ ଦେଖିଲେ ଅନେକ ସମୟରେ ସେମାନଙ୍କ ଉପରେ ରାଜନୈତିକ ଚାପ ରହିପାରେ। ମାତ୍ର ଖବରକାଗଜକୁ ପରିଚାଳନା କରୁଥିବା ବ୍ୟକ୍ତି ବା କ୍ୟାପ୍‌ଟେନ୍ ଅଫ୍ ଦି ଶିପ୍ ଚାହିଁଲେ ବାଧାବିଘ୍ନ ସତ୍ତ୍ୱେ ନିଜର ବିଚାର, ପରାମର୍ଶକୁ ଲେଖା ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚାଇପାରିବେ। ଏଥିସହ ଲୋକଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ମଧ୍ୟ ଅବଗତ କରାଇପାରିବେ। ସେହିପରି ପୂର୍ବାପେକ୍ଷା ଗଣମାଧ୍ୟମର ରୂପରେଖ ବଦଳିବା ସହ ବର୍ତ୍ତମାନର ଜେନେରେଶନକୁ ଲକ୍ଷ୍ୟକରି ଖବର ପରିବେଷଣର ଷ୍ଟାଇଲ ବଦଳିଛି। ବିଦେଶରେ ଖବରକାଗଜ ଲୁପ୍ତ ହୋଇଗଲାଣି, ମାତ୍ର ଯେତେ ଡିଜିଟାଲ ମିଡିଆ ଆସିଲେ ବି ଓଡ଼ିଶାରେ ଏହାର ଚାହିଦା ଏବେ ବି ରହିଛି।

-ଡ. ବନ୍ଦିତା ପଣ୍ଡା, ବିଭାଗୀୟ ମୁଖ୍ୟ, ଜର୍ନାଲିଜମ ଆଣ୍ଡ ମାସ୍ କମ୍ୟୁନିକେଶନ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

## ସତ୍ୟକୁ ସାମ୍ନାକୁ ଆଣିବା ସାମ୍ବାଦିକଙ୍କ ମୂଳ ଧର୍ମ



ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଆମକୁ ସାମ୍ବାଦିକଙ୍କର ଅବଦାନ ସମ୍ପର୍କରେ ସ୍ମରଣ କରାଉଛି। ଗଣତନ୍ତ୍ରରେ ଗଣମାଧ୍ୟମକୁ ଚତୁର୍ଥସ୍ତମ୍ଭ ଭାବେ ଗ୍ରହଣ କରାଯାଏ। ଏହା ସତ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇ ସମାଜକୁ ସଚେତନ ଓ ସଶକ୍ତ କରେ। ଗଣମାଧ୍ୟମ ସମାଜର ଆଇନା ସଦୃଶ। ଏହା ଦେଶବିଦେଶର ଘଟଣାବଳୀକୁ ନିର୍ଭୀକ ଭାବେ ପ୍ରସାରଣକରି ସମାଜର ଭଲ ଓ ଖରାପ ଦୁଇଟି ପକ୍ଷକୁ ଉପସ୍ଥାପିତ କରେ। ପ୍ରେସ୍ ସ୍ୱାଧୀନତା ସବୁଠି ସମାନ ଭାବେ ସୁରକ୍ଷିତ ନୁହେଁ। ବହୁ ସ୍ଥାନରେ ସାମ୍ବାଦିକମାନେ ଧମକ, ନିର୍ଯାତନା ଓ ଚାପର ସମ୍ମୁଖୀନ ହେଉଛନ୍ତି। ତଥାପି ସେମାନେ ସତ୍ୟକୁ ପ୍ରକାଶ କରିବାରେ ନିର୍ଭୀକ ଭାବେ ଆଗକୁ ବଢ଼ୁଛନ୍ତି, ଯାହା ସମାଜ ପାଇଁ ପ୍ରେରଣାଦାୟକ। ସତ୍ୟକୁ ସାମ୍ନାକୁ ଆଣିବା ଓ ଭୁଲ୍ ଖବର ପ୍ରତି ସଚେତନ ରହିବା ସହ ଗଣମାଧ୍ୟମକୁ ସମ୍ମାନ ଦେବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ।

-ଲୋକେଶ ନାୟକ, ଗଣମାଧ୍ୟମ ଛାତ୍ର, କୋରାପୁଟ

## ସାମ୍ବାଦିକଙ୍କ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ



ସ୍ୱାଧୀନ ସାମ୍ବାଦିକତା ଲୋକତନ୍ତ୍ରର ମୂଳ ଭିତ୍ତି ଓ ସମାଜର ସତ୍ୟକୁ ଉଜାଗର କରିବାରେ ଏହାର ଭୂମିକା ଅପରିହାର୍ଯ୍ୟ। ନିର୍ଭୀକ ଓ ନିରପେକ୍ଷ ଖବର ପ୍ରସାରଣ ଦ୍ୱାରା ଗଣମାଧ୍ୟମ ଲୋକଙ୍କ ସ୍ୱରକୁ ଶକ୍ତି ଦେଇଥାଏ। ପ୍ରେସ୍ ଉପରେ ନିୟନ୍ତ୍ରଣ ବଢ଼ିଲେ ଲୋକତନ୍ତ୍ର ଦୁର୍ବଳ ହୋଇପଡ଼େ ଓ ସତ୍ୟ ଦବିଯାଏ। ଆଜିର ସମୟରେ ଭ୍ରାନ୍ତ ତଥ୍ୟ ଓ ଚାପ ମଧ୍ୟରେ ସତ୍ୟକୁ ରକ୍ଷା କରିବା ସାମ୍ବାଦିକଙ୍କ ପାଇଁ ବଡ଼ ଆହ୍ୱାନ ପାଲଟିଛି। ସେହିପରି ସାମ୍ବାଦିକଙ୍କ ସୁରକ୍ଷା ଓ ସମ୍ମାନ ରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ୍ୱ। ପ୍ରେସ୍ ସ୍ୱାଧୀନତା କେବଳ ଏକ ଅଧିକାର ନୁହେଁ, ଏହା ମାନବ ଅଧିକାରର ଅଂଶ।

-ଚନ୍ଦ୍ରକଳା ଚମ୍ପତି, ଗଣମାଧ୍ୟମ ଛାତ୍ରୀ, ପୁରୀ

## ନିରପେକ୍ଷ ସାମ୍ବାଦିକତା କଷ୍ଟକର ହେଉଛି

ସାମ୍ପ୍ରତିକ ପରିପ୍ରେକ୍ଷୀରେ ଗଣମାଧ୍ୟମର ସ୍ୱାଧୀନତା ଏକ ନିୟନ୍ତ୍ରିତ ବା 'ରିମୋଟ୍ ଚାଳିତ' ବ୍ୟବସ୍ଥା ପରି ପ୍ରତୀୟମାନ ହେଉଛି, ଯାହା ଗଣତନ୍ତ୍ରର ମୂଳଦୁଆକୁ ଦୋହଲାଇ ଦେଇଛି। ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଭାରତର କ୍ରମାଗତ ଅବନତି ଏବଂ ଗତ କିଛି ଦଶନ୍ଧି ମଧ୍ୟରେ ରାଜନୈତିକ ହସ୍ତକ୍ଷେପ ଓ କର୍ପୋରେଟ ମାଲିକାନାର ବୃଦ୍ଧି ଗଣମାଧ୍ୟମର ସ୍ୱତନ୍ତ୍ରତାକୁ ସଙ୍କୁଚିତ କରିଦେଇଛି। ଫଳରେ ନିରପେକ୍ଷ ସାମ୍ବାଦିକତା କରିବା କଷ୍ଟକର ହୋଇପଡ଼ିଛି। ତେଣୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ଦୃଢ଼, ନିର୍ଭୟ ଏବଂ ସ୍ୱଚ୍ଛ କରିବାକୁ ହେଲେ ସରକାରଙ୍କୁ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ଗଣମାଧ୍ୟମକୁ ଚାପମୁକ୍ତ ରଖିବା ପାଇଁ ଏକ ସ୍ୱାଧୀନ ନିୟାମକ ଗଠନ ଏବଂ ଆର୍ଥିକ ସହାୟତା ଯୋଗାଇଦେବା ଭଳି ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିବାକୁ ହେବ।



- ରୋଜାଲିନ୍ ସାହୁ, ଗଣମାଧ୍ୟମ ଛାତ୍ରୀ, ପୁରୀ

## ସମାଜର ସେତୁ ଭାବେ ଅବିରତ କାର୍ଯ୍ୟ କରୁଛି ଗଣମାଧ୍ୟମ



ସମାଜକୁ ଏକ ସୂତ୍ରରେ ବାନ୍ଧି ରଖିଥିବା ଏକ ଶକ୍ତିଶାଳୀ ସେତୁ ଭାବେ ଗଣମାଧ୍ୟମ ନିଜ ଭୂମିକା ନିଭେଇ ଆସୁଛି। ଖବରକାଗଜ, ଟେଲିଭିଜନ, ରେଡିଓ ଏବଂ ଡିଜିଟାଲ ଗଣମାଧ୍ୟମ ସମାଜର ପ୍ରତ୍ୟେକ କୋଣକୁ ସ୍ପର୍ଶକରି ସୂଚନା, ଶିକ୍ଷା ଓ ମନୋରଞ୍ଜନର ମୁଖ୍ୟ ଉତ୍ସ ପାଲଟିଛି। ଏହା ସହିତ ଗଣମାଧ୍ୟମ ସମାଜର ବିଭିନ୍ନ ଶ୍ରେଣୀ, ଭାଷା ଓ ସଂସ୍କୃତି ମଧ୍ୟରେ ସମ୍ପର୍କ ସୃଷ୍ଟିକରି ଏକତାକୁ ମଜଭୁତ କରିଆସିଛି। ପ୍ରେସ୍‌ର ମୂଳ ଭୂମିକା ହେଉଛି ସତ୍ୟ ଖବର ପ୍ରସାରଣ କରିବା, ଦୁର୍ନୀତି, ଦାରିଦ୍ର୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା ଭଳି ବିଷୟଗୁଡ଼ିକୁ ଆଲୋକିତକରି ସମାଧାନ ପାଇଁ ଲୋକମତ ଗଠନରେ ଏହାର ଭୂମିକା ଅପରିହାର୍ଯ୍ୟ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଏହା ସମାଜରେ ସତ୍ୟ, ନ୍ୟାୟ ଓ ପ୍ରତିଶ୍ରୁତିର ପ୍ରତୀକ ଭାବେ ଦୃଢ଼ ଭୂମିକା ନିଭାଏ। ଗଣମାଧ୍ୟମ ସମାଜକୁ ଠିକ୍ ଦିଗରେ ଆଗୁଆ କରାଇବାରେ ଏକ ପଥପ୍ରଦର୍ଶକ ଭାବେ କାମ କରୁଛି।

-ଯାଜ୍ଞସେନୀ ଜେନା, ଗଣମାଧ୍ୟମ ଛାତ୍ରୀ, କୋରାପୁଟ

## ଗଣତନ୍ତ୍ରର ସୁରକ୍ଷା ପାଇଁ ସ୍ୱାଧୀନ ସାମ୍ବାଦିକତା ଜରୁରୀ



ଗଣତନ୍ତ୍ରର ସଫଳତା ସ୍ୱାଧୀନ ଓ ନିରପେକ୍ଷ ଗଣମାଧ୍ୟମ ଉପରେ ନିର୍ଭରକରେ। ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ଅବସରରେ ସାମ୍ବାଦିକତାର ନୈତିକତା ଓ ସ୍ୱାଧୀନତାକୁ ନେଇ ଆତ୍ମସମୀକ୍ଷା କରିବାର ସମୟ ଆସିଛି। ବର୍ତ୍ତମାନର ସୋସିଆଲ ମିଡିଆ ଯୁଗରେ ଠିକ୍ ତଥ୍ୟ ପରିବେଷଣ କରିବା ଖବରଦାତାଙ୍କ ପାଇଁ ଏକ ବଡ଼ ଆହ୍ୱାନ। ସାମ୍ବାଦିକତା କେବଳ ଏକ ବୃତ୍ତି ନୁହେଁ, ବରଂ ଏହା ସମାଜର ଆଇନା। ଏହି ଆଇନା ଯେପରି ସ୍ୱଚ୍ଛ ରହେ ତାହା ନିଶ୍ଚିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ।

-ପ୍ରିୟଙ୍କା ପ୍ରିୟଦର୍ଶିନୀ ବୀର, ଗଣମାଧ୍ୟମ ଛାତ୍ରୀ, ଖୋର୍ଦ୍ଧା

ରିପୋର୍ଟ: ବନ୍ଦନା ସେଠୀ

ରାଜ୍ୟ ଖବର

# କଠିନ ପରିଶ୍ରମ, ପ୍ରେରଣାରୁ ସଫଳତା

**ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ**

ଚଳିତ ବର୍ଷର ମାଟ୍ରିକ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇବା ପରେ କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। କଠିନ ପରିଶ୍ରମ, ମା'ବାପା ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରେରଣା ସେମାନଙ୍କୁ ସଫଳତା ଦେଇଥିବା ପ୍ରକାଶ କରିଛନ୍ତି। ତେବେ ଭବିଷ୍ୟତରେ ସେମାନେ ନିଜକୁ ନିଜର ପସନ୍ଦଯୋଗ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ କରିବା ପାଇଁ ଏବେଠାରୁ ଆଶା ବାନ୍ଧିଛନ୍ତି। ବିଭିନ୍ନ ଜିଲାରେ ସଫଳତାର କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କ ମୁହଁରୁ.....



ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପରେ ଭୁବନେଶ୍ୱର ବଡ଼ଗଡ଼ବ୍ରିଟ୍ କଲୋନୀସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

## ସେନା ଅଧିକାରୀ ହେବାକୁ ଇଚ୍ଛା



ମାଟ୍ରିକ ପରୀକ୍ଷାରେ ୬୦୦ରୁ ୫୭୬ ନମ୍ବର ରଖି ଜଗତ୍‌ସିଂହପୁର ଜିଲା ଟପ୍ପର ହୋଇଥିବାରୁ ଖୁସି ଲାଗୁଛି। କଠନି ପରିଶ୍ରମ, ସମୟାନୁବର୍ତ୍ତିତା ହିଁ ମତେ ଏହି ସ୍ଥାନରେ ପହଞ୍ଚାଇ ପାରିଛି। ଏହି ସଫଳତାର ପଛରେ ବାପା ତଥା ନାଉଗାଁ ଗ୍ରାମର ରାଜ କିଶୋର ପଲେଇ, ମା' ଗୀତାଞ୍ଜଳୀ ପଲେଇଙ୍କ ସହ ଶିକ୍ଷୟିତ୍ରୀ, ଶିକ୍ଷକ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ରହିଛି। ଭବିଷ୍ୟତରେ ଭଲ ପାଠ ପଢ଼ି ଜଣେ ସେନା ଅଧିକାରୀ ଭାବେ ଦେଶ ସେବା କରିବାକୁ ଲକ୍ଷ୍ୟ ରଖିଛି।

-ଗାୟତ୍ରୀ ପଲ୍ଲେଇ, ନାଉଗାଁ ହାଟ ସରକାରୀ ଉଚ୍ଚବିଦ୍ୟାଳୟ, ଜଗତ୍‌ସିଂହପୁର ।

## ଆଇଏଏସ୍ ହେବାକୁ ଲକ୍ଷ୍ୟ



ମାଟ୍ରିକ୍ ପରୀକ୍ଷା ଫଳରେ ମୁଁ ବହୁତ ଖୁସି ଅଛି। ଏଥିପାଇଁ ମୁଁ ଦୈନିକ ୮ ଘଣ୍ଟା ଅକ୍ଲାନ୍ତ ପରିଶ୍ରମ କରୁଥିଲି। ତେଣୁ ୫୭୫ ନମ୍ବର (ଏ-୧ ଗ୍ରେଡ୍) ରଖି ସୁନ୍ଦରଗଡ଼ ଜିଲାରେ ଟପ୍ପର ହୋଇପାରିଛି। କଠିନ ପରିଶ୍ରମ କଲେ ସଫଳତା ନିଶ୍ଚିତ। ମୋ ସଫଳତାରେ ସମସ୍ତଙ୍କ ସହଯୋଗ ରହିଛି। ଏହି ସଫଳତାର ଶ୍ରେୟ ମୁଁ ମୋ ମା' ବାପା, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେବି। ଆଗକୁ ଆଇଏଏସ୍ ହେବା ପାଇଁ ଲକ୍ଷ୍ୟ ରଖିଛି।

-ସୁଜିତ ଟିଗା, କୁତ୍ରା ସରକାରୀ ହାଇସ୍କୁଲ, ସୁନ୍ଦରଗଡ଼

## ଆଶା ଅନୁସାରେ ଫଳ ପାଇଛି



ଦଶମ ବୋର୍ଡ ପରୀକ୍ଷାରେ ଆଶା ଅନୁସାରେ ଫଳ ପାଇଛି। ୫୪୦ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛି। ମୁଁ ପ୍ରତିଦିନ ପଢ଼ିବା ସହ ଲେଖାଲେଖିକୁ ଗୁରୁତ୍ୱ ଦେଉଥିଲି। ଏହି ସଫଳତାର ପ୍ରଥମ ଶ୍ରେୟ ମା'ବାପା ଓ ପରିବାର ଲୋକଙ୍କୁ ଦେବି। ବିଦ୍ୟାଳୟରେ ଗୁରୁଜୀ ଗୁରୁମା ଏବଂ ଅନ୍ୟ ଶିକ୍ଷକମାନେ ମଧ୍ୟ ମୋତେ ପାଠପଢ଼ାରେ ବହୁ ସହଯୋଗ କରିଥିଲେ।

-ଆଲୋକ କୁମାର ଭୂୟାଁ , ସରସ୍ୱତୀ ଶିଶୁ ମନ୍ଦିର, ୟୁନିଟ୍-୩, ଭୁବନେଶ୍ୱର

## ପରିଶ୍ରମର ଫଳ ମିଳିଛି



ମାଟ୍ରିକ୍ ପରୀକ୍ଷା ପାଇଁ ପ୍ରତିଦିନ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ପରିଶ୍ରମ ଅନୁଯାୟୀ ଫଳ ମିଳିଛି। ଏଥିସହ ଜିଲାରେ ଟପ୍ପର ହୋଇଥିବାରୁ ଖୁସି ଲାଗୁଛି। ଆଗାମୀ ଦିନରେ କମ୍ପ୍ୟୁଟର ସାଇନ୍ସ ପଢ଼ିବା ସହ ଦେଶ ସେବା କରିବାକୁ ଲକ୍ଷ୍ୟ ରଖିଛି। ବାପା ପ୍ରଶାନ୍ତ ପ୍ରଧାନ, ମା' ମିତାଞ୍ଜଳି ପ୍ରଧାନଙ୍କ ସମେତ ସ୍କୁଲ ଓ ଟିଉଶନ ଶିକ୍ଷକଙ୍କ ସହଯୋଗ ଯୋଗୁ ମୁଁ ଏହି ସଫଳତା ପାଇଛି।

-ନମନ ପ୍ରଧାନ, ଏକତାଳି ମ୍ୟୁନିସିପାଲ ହାଇସ୍କୁଲ, ଝାରସୁଗୁଡ଼ା

## ଆଇଏଏସ୍ ଅଧିକାରୀ ହେବି



ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଛି। ଏହି ସଫଳତା ପାଇଁ ମାତା ପୁଷ୍ପଲତା, ପିତା ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର ସୁରୋଜ କୁମାର ବଳ, ବିଦ୍ୟାଳୟର ଗୁରୁମା ଗୁରୁଜୀ ଏବଂ ଟ୍ୟୁଶନ ଶିକ୍ଷକଙ୍କୁ ସମସ୍ତ ଶ୍ରେୟ ଦେବି। ପ୍ରତିଦିନ ସ୍କୁଲ୍ ପାଠ ବ୍ୟତୀତ ୫ରୁ ୬ ଘଣ୍ଟା କଠିନ ପରିଶ୍ରମ କରି ସମ୍ବଲପୁର ଜିଲା ଟପ୍ପର ହୋଇଛି। ସୋସିଆଲ ମିଡିଆ ଏବଂ ମୋବାଇଲ୍ ଫୋନଠାରୁ ଦୂରରେ ରହି ପାଠପଢ଼ା ଉପରେ ମନୋନିବେଶ କରିଥିଲି। ପାଠପଢ଼ା ବ୍ୟତୀତ କ୍ରିକେଟ୍ ଖେଳିବା ଏବଂ ବହି ପଢ଼ିବା ମୋର ପ୍ରିୟ।

-ବିଶ୍ୱପ୍ରସାଦ ବଳ, ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର(ଏସ୍‌ଏସ୍‌ଭିଏମ୍), ସମ୍ବଲପୁର

## ଆଇଏଏସ୍ ଅଧିକାରୀ ହେବାକୁ ଲକ୍ଷ୍ୟ



ପରୀକ୍ଷା ଲାଗି ଦୈନିକ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ଚଳିତ ମାଟ୍ରିକ ପରୀକ୍ଷାରେ ୫୭୩ନମ୍ବର ରଖି ଖୋର୍ଦ୍ଧା ଜିଲାରେ ଟପ୍ପର ହୋଇଛି। ଏହି ସଫଳତାର ଶ୍ରେୟ ସେ ତାଙ୍କ ପରିବାର ଲୋକଙ୍କ ସହିତ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଟ୍ୟୁଶନ ଶିକ୍ଷକଙ୍କୁ ଦେଉଛନ୍ତି। ଭବିଷ୍ୟତରେ ଆଇଏଏସ୍ କିମ୍ବା ଆଇପିଏସ୍ ଅଧିକାରୀ ହେବା ପାଇଁ ଲକ୍ଷ୍ୟ ରଖିଛି। ସଫଳତା ପାଇବା ପାଇଁ ନିରନ୍ତର ପ୍ରୟାସ ଜରୁରୀ ବୋଲି ସେ କହିଛନ୍ତି।

-ଅଂଶୁମାନ ଦାସ, ବାଲୁଙ୍କେଶ୍ୱର ବିଦ୍ୟାପୀଠ, ପମ୍ପାଲୋ

## ଘରେ ୮ରୁ ୯ ଘଣ୍ଟା ପରିଶ୍ରମ କରୁଥିଲି



ପରୀକ୍ଷା ପାଇଁ ପାଠପଢ଼ା ପ୍ରତି ବିଶେଷ ଧ୍ୟାନ ଦେଉଥିଲି। ପ୍ରତିଦିନ ସ୍କୁଲ୍ ସମୟ ଛାଡ଼ି ଘରେ ୮ରୁ ୯ଘଣ୍ଟା ପରିଶ୍ରମ କରୁଥିଲି। ଚଳିତ ମାଟ୍ରିକ୍ ପରୀକ୍ଷାରେ ପୁରୀ ଜିଲାରେ ୫୮୦ ନମ୍ବର ରଖି ଟପ୍ପର ହୋଇଛି। ଏହି ସଫଳତାର ଶ୍ରେୟ ମା', ବାପା ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦେଉଛି। ନିଟ୍ କ୍ଲିୟର କରିବା ସହ ଡାକ୍ତରୀ ପଢ଼ିବି। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ସେବା କରିବା ପାଇଁ ଲକ୍ଷ୍ୟ ରଖିଛି।

-ପ୍ରିୟଙ୍କା ମହାପାତ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଘୋଡ଼ାବଜାର, ପୁରୀ

## ଆଇଏଏସ୍ ଅଧିକାରୀ ହେବାକୁ ଲକ୍ଷ୍ୟ



ପରିଶ୍ରମ ଅନୁଯାୟୀ ଫଳ ମିଳିଛି। ୯୫.୧୭ ପ୍ରତିଶତ ହାରରେ ୫୭୧ ମାର୍କ ରହିଛି। ବାପା, ମା' ଓ ଗୁରୁଜନଙ୍କ ଆଶୀର୍ବାଦରୁ ଏହି ସଫଳତା ମିଳିଥିବା ବେଳେ ଆଗକୁ ବିଜ୍ଞାନରେ ପାଠ ପଢ଼ିବି। ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତି ହୋଇ ଜଣେ ଦକ୍ଷ ଆଇଏଏସ୍ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଛି।

-ମଧୁସ୍ମିତା ମାଝୀ, କେନ୍ଦୁଝର ଗଡ଼ ସରସ୍ୱତୀ ବିଦ୍ୟାମନ୍ଦିର

## ଆଇଆଇଟି ପଢ଼ିବାକୁ ଲକ୍ଷ୍ୟ ରଖିଛି



ମୁଁ ମାଟ୍ରିକ ପରୀକ୍ଷାରେ ଜିଲା ଟପ୍ପର ହୋଇ ଖୁସି ଅନୁଭବ କରୁଛି। କିନ୍ତୁ ମୋର ୬୦୦ ରୁ ୫୮୦ ବଦଳରେ ୫୭୨ ନମ୍ବର ରହିଛି। ୮ ନମ୍ବର ବିଜ୍ଞାନରେ କଟି ଯାଇଛି। ୯୮ ବଦଳରେ ୯୦ ରହିଛି । ମୁଁ ବିଜ୍ଞାନ ପେପର ରିଚେକ୍ କରିବି । ତେବେ ମୁଁ ଆଇଆଇଟି ପଢିବାକୁ ଲକ୍ଷ୍ୟ ରଖି କୋଚିଂ ନେବା ଆରମ୍ଭ କରିଛି। ଦିନକୁ ୧୭ ରୁ ୧୮ ଘଣ୍ଟା ପରିଶ୍ରମ କରୁଥିଲି। ବାପା ଗଦାଧର ଜେନାଙ୍କର ମୃତ୍ୟୁ ପରେ ମୋ ମା' ଓ ଜେଜେ ବାପା ବିନାୟକ ଜେନା କଷ୍ଟକରି ପାଠ ପଢ଼ାଇଛନ୍ତି। ମୋ ମା' ସିଲେଇ କରି ପରିବାର ଗୁଜୁରାଣ ଚଳାଇଥାନ୍ତି । ମୋ ସଫଳତା ପଛରେ ଭଗବାନ, ସ୍କୁଲ ଓ କୋଚିଂ ଶିକ୍ଷକ, ପରିବାରର ବଡ ଭୂମିକା ରହିଛି ।

-ସରୋଜ କୁମାର ଜେନା, କ୍ରିଦାଶପୁର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ନୟାଗଡ଼

## ଭବିଷ୍ୟତରେ ଡାକ୍ତର ହେବାକୁ ଇଚ୍ଛା



ମାଟ୍ରିକ ପରୀକ୍ଷାରେ ୫୮୩ ନମ୍ବର ରଖିଥିବାରୁ ନିଜକୁ ଖୁସି ଲାଗୁଛି। ଏହି ସଫଳତା ପଛରେ ମା',ବାପା ଓ ପରିବାରର ଅନ୍ୟ ସଦସ୍ୟଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକଙ୍କ ହାତ ରହିଛି। ସେମାନଙ୍କ ପ୍ରେରଣା ଆଜି ମୋତେ ସଫଳ କରାଇଛି। ଭବିଷ୍ୟତରେ ଜଣେ ଭଲ ଡାକ୍ତର ହେବାକୁ ଇଚ୍ଛା ରହିଛି।

-ଜନ୍ମେଜୟ ମହାନ୍ତି, ମାହାଙ୍ଗା ବ୍ଲକ ହଳହଦିଆ ସରକାରୀ ଉଚ୍ଚ ବିଦ୍ୟାଳୟ, କଟକ

## ଶ୍ରେଣୀ ବହିକୁ ପ୍ରାଥମିକତା ଦେବା ଜରୁରୀ



ମୋର ୫୭୦ (୯୫%) ନମ୍ବର ରହିଛି। ପରୀକ୍ଷା ପାଇଁ ପ୍ରତିଦିନ ୭ରୁ ୮ ଘଣ୍ଟା ପଢୁଥିଲି। ଆଗକୁ ମୁଁ ପ୍ରଫେସର ହେବାକୁ ଲକ୍ଷ୍ୟ ରଖିଛି। ମୋ ପାଠପଢ଼ାରେ ପରିବାର ଲୋକଙ୍କ ବେଶି ସପୋର୍ଟ ମିଳୁଥିଲା। ଛାତ୍ରୀଛାତ୍ର ଶ୍ରେଣୀ ବହିକୁ ପ୍ରାଥମିକତା ଦେବା ଜରୁରୀ। ଏହାପରେ ଅନ୍ୟ ଗାଇଡ୍ ପଢ଼ିପାରିବେ।

-ସୁପ୍ରୀତି ପ୍ରିୟଦର୍ଶିନୀ ଜଗଦି, ସରସ୍ୱତୀ ବିଦ୍ୟାମନ୍ଦିର, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର

## ଆଇଏଏସ୍ ପାଇ ଲୋକଙ୍କ ପାଇଁ କାମ କରିବି



ମାଟ୍ରିକ୍ ପରିକ୍ଷାର ୫୫୧ ନମ୍ବର ରହିଛି। ଏହି ସଫଫଳତା ପାଇଁ ଦିନକୁ ୭ ରୁ ୮ ଘଣ୍ଟା ପରିଶ୍ରମ କରୁଥିଲି। ଆଗକୁ ଭବିଷ୍ୟତରେ ଆଇଏଏସ୍ ପାଇବାକୁ ସ୍ୱପ୍ନ ରହିଛି। ଆଇଏଏସ୍ ହୋଇ ଲୋକଙ୍କ ପାଇଁ କାମ କରିବା ସହ ମା' ବାପା, ଜିଲା ଓ ରାଜ୍ୟର ଟେକ ରଖିବି

_ଦେବୀପ୍ରିୟା ବାରିକ, ଯୋଡିଙ୍ଗା ସଂଯୁକ୍ତା ଉଚ୍ଚ ବିଦ୍ୟାଳୟ ରାଇଘର, ନବରଙ୍ଗପୁର

## ଜିଲା ଟପ୍ପର ହୋଇଥିବାରୁ ବହୁତ ଖୁସି



୫୭୩ ନମ୍ବର ରଖି ଭଦ୍ରକ ଜିଲା ଟପ୍ପର ହୋଇଛି। ଅକ୍ଲାନ୍ତ ପରିଶ୍ରମ ଯୋଗୁ ଆଶାତୀତ ସଫଳତା ପାଇଛି। ୫୮୦ ପାଖାପାଖି ନମ୍ବର ରହିବ ବୋଲି ଆକଳନ କରିଥିଲି। ଦିନକୁ ୧୦ରୁ ୧୨ ଘଣ୍ଟା ପଢ଼ାରେ ସମୟ ଦେଉଥିବା ବେଳେ ଦିନ ଅପେକ୍ଷା ରାତି ସମୟରେ ପାଠପଢ଼ାରେ ଅଧିକ ଧ୍ୟାନ ଦିଏ। ଜିଲା ଟପ୍ପର ହୋଇଥିବାରୁ ବହୁତ ଖୁସି ଅଛି। ଆଗକୁ ଯୁକ୍ତ ୨ ବିଜ୍ଞାନ ପରେ ଡାକ୍ତରୀ ପଢ଼ିବାକୁ ଲକ୍ଷ୍ୟ ରଖିଛି। ସଫଳତା ପାଇଁ ମା' ବାପାଙ୍କ ସମେତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଟ୍ୟୁଶନ କୋଚିଂ ସାର୍‌ଙ୍କୁ ଶ୍ରେୟ ଦେବି।

-ସରିତା ନାୟକ, ଜନ୍ତୁଆଳି ନୂଆଗାଁ ବଲ୍ଲଭଶଙ୍ଖାଳି ଚାରିମୌଜା ହାଇସ୍କୁଲ ଛାତ୍ରୀ, ଚାନ୍ଦବାଲି

## ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି



ସମୁଦାୟ ୬୦୦ ମାର୍କରୁ ୫୭୩ ମାର୍କ (୯୫.୦୫%) ରଖି ଯାଜପୁର ଜିଲାରେ ଶୀର୍ଷ ସ୍ଥାନ ଅଧିକାର କରିଥିବାରୁ ଖୁସି ଲାଗୁଛି। ବାପା ଇନ୍ଦ୍ରମଣି ସାହୁଙ୍କ ୨୦୨୩ରେ ମୃତ୍ୟୁପରେ ମା' ସୁମିତ୍ରା ଆମ ସ୍କୁଲରେ ପାଚିକା ଭାବେ କାର୍ଯ୍ୟ କରି ମୋ ପାଠପଢ଼ାକୁ ଆଗକୁ ବଢ଼ାଇଥିଲେ। ତାଙ୍କ ଆଶୀର୍ବାଦ ଓ କଠୋର ପରିଶ୍ରମ ଯୋଗୁ ଏହି ସଫଳତା ପାଇଛି। ଦିନକୁ ୮ ଘଣ୍ଟା ପରିଶ୍ରମ କରୁଥିଲି। ମା', ପରିବାରବର୍ଗଙ୍କ ସମେତ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଓ କୋଚିଂ ସେଣ୍ଟରକୁ ମଧ୍ୟ ଶ୍ରେୟ ଦେବି। ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି।

-ଶୁଭମ ସାହୁ, ଛାତ୍ର, କାକୁଡ଼ିକୁଦ ସତ୍ୟସାଇ ସରକାରୀ ହାଇସ୍କୁଲ, ଯାଜପୁର

# ଶ୍ରମିକମାନେ ମାନବ ସଭ୍ୟତାର ପ୍ରକୃତ ନିର୍ମାତା: ମୁଖ୍ୟମନ୍ତ୍ରୀ

**ଶ୍ରମିକଙ୍କ ଦୈନିକ ମହଙ୍ଗା ଭତ୍ତା ୧୦ଟଙ୍କା ବୃଦ୍ଧି ଘୋଷଣା**

- ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ୫ ଲକ୍ଷରୁ ଅଧିକ ପଞ୍ଜୀକରଣ
- ୫ଜଣ ଶ୍ରମିକ ନେତାଙ୍କୁ 'ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ'

ଭୁବନେଶ୍ୱର, ୨।୫ (ବନ୍ଦନା ସେଠୀ)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ମହିଳା ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

ଶ୍ରମିକମାନେ ମାନବ ସଭ୍ୟତାର ପ୍ରକୃତ ନିର୍ମାଣ। ସେମାନଙ୍କ ଅକ୍ଲାନ୍ତ ପରିଶ୍ରମ ଓ ତ୍ୟାଗ ଆମ ଦେଶ ତଥା ରାଜ୍ୟକୁ ଆଗକୁ ଯିବାରେ ସହାୟକ ହେଉଛି। ତେଣୁ ସେମାନଙ୍କୁ ଉଚିତ ପାରିଶ୍ରମିକ ପ୍ରଦାନ ସହିତ କାର୍ଯ୍ୟକ୍ଷେତ୍ରରେ ନ୍ୟାୟୋଚିତ ଅଧିକାର, ସାମାଜିକ ସୁରକ୍ଷା ଓ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ପଡିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ ଅବସରରେ ଶୁକ୍ରବାର ଓୟୁଏଟି କୃଷି ଶିକ୍ଷା ସଦନ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଶ୍ରମିକଙ୍କ ପାଇଁ ପରିବର୍ତ୍ତନଶୀଳ ମହଙ୍ଗା ଭତ୍ତା ଦୈନିକ ୧୦ଟଙ୍କା ବୃଦ୍ଧି ଘୋଷଣା କରିଥିଲେ। ଏହା ଏପ୍ରିଲ ୧ରୁ ଲାଗୁ ହେବ। ଏହାଦ୍ୱାରା ଅଣକୁଶଳୀ ଶ୍ରମିକଙ୍କ ଦୈନିକ ମଜୁରି ୪୭୨ ଟଙ୍କା, ଅର୍ଦ୍ଧକୁଶଳୀଙ୍କ ୫୨୨ ଟଙ୍କା, କୁଶଳୀଙ୍କ ୫୭୨ ଟଙ୍କା ଏବଂ ଉଚ୍ଚକୁଶଳୀଙ୍କ ମଜୁରି ୬୨୨ ଟଙ୍କାକୁ ବୃଦ୍ଧି ପାଇବ। ମୁଖ୍ୟମନ୍ତ୍ରୀ କହିଲେ, ଶ୍ରମିକମାନଙ୍କୁ ଉଚିତ ମଜୁରି ଓ କାର୍ଯ୍ୟକ୍ଷେତ୍ରରେ ସମ୍ମାନଜନକ ପରିବେଶ ଯୋଗାଇବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ୨୦୨୫-୨୬ ଆର୍ଥିକ ବର୍ଷରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପ୍ରାୟ ୫ଲକ୍ଷରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କୁ ନୂତନ ଭାବେ ପଞ୍ଜୀକରଣ କରାଯାଇଥିବାବେଳେ ୫୪୧ କୋଟି ଟଙ୍କାରୁ ଅଧିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହାସହିତ ଅଣସଂଗଠିତ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ଦେବା ପାଇଁ ବିଶେଷ ପଦକ୍ଷେପ ଗ୍ରହଣ ହୋଇଛି। ସେହିପରି ବ୍ୟାପକ ଶିଳ୍ପାୟନ ଜରିଆରେ ଆଗାମୀ ଦିନରେ ଦାଦନ ସମସ୍ୟା ଦୂର ହେବ। ଆମ ରାଜ୍ୟର ଶ୍ରମଜୀବୀମାନେ ରାଜ୍ୟ ଭିତରେ କାମ ପାଇବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୩୦ କୋଟି ଟଙ୍କା ବ୍ୟୟ ଅଟକଳରେ ଡିଭିଜନାଲ ଶ୍ରମ ଆୟୁକ୍ତ ଓ ସହକାରୀ ଶ୍ରମ ଅଧିକାରୀଙ୍କ ପାଇଁ ୫୦ଟି ନୂତନ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ ୫ଜଣ ଶ୍ରମିକ ନେତାଙ୍କୁ 'ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ବର୍ଗର ୬ହଜାର ଶ୍ରମିକଙ୍କୁ ପରିଚୟ ପତ୍ର ଏବଂ ଶିକ୍ଷା, ବିବାହ ଓ ମୃତ୍ୟୁକାଳୀନ ସହାୟତା ରାଶି ବାବଦକୁ ୧୫୦ କୋଟି ଦିଆଯାଇଥିଲା। ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରିବା ସ୍ୱପ୍ନକୁ ସାକାର କରିବାରେ ଶ୍ରମିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ଏକାମ୍ର ବିଧାୟକ ବାବୁ ସିଂ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ ସ୍ୱାଗତ ଭାଷଣ ଓ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।




ଓଡ଼ିଶାର ୩୧୪ ବ୍ଲକ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ଆଡିଶନାଲ ପ୍ରୋଗ୍ରାମ ଅଫିସରଙ୍କୁ ସ୍ଥାୟୀ ନିଯୁକ୍ତି ଦାବିକରି ଓଡ଼ିଶା ଷ୍ଟେଟ୍ ଏମ୍‌ସି ଆଣ୍ଡ୍ ଏପିଓ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅଭିନବ ଧାରଣା। (ଫଟୋ- ମନୋରଞ୍ଜନ ମିଶ୍ର)

## ବିଶ୍ୱ ଦକ୍ଷତା କେନ୍ଦ୍ରରେ ନାମଲେଖା ଆବେଦନ ସମୟସୀମା ବୃଦ୍ଧି

ଭୁବନେଶ୍ୱର,୨।୫(ସୁଚିସ୍ମିତା ସାହୁ)

**୩୧ରେ ଅନ୍‌ଲାଇନ ପ୍ରବେଶିକା ପରୀକ୍ଷା**

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୬-୨୭ ମାର୍ଚ୍ଚ ସେସନ ନାମଲେଖା ପାଇଁ ଅନ୍‌ଲାଇନ ଆବେଦନର ସମୟସୀମା ମେ' ୧୫ ଯାଏ ବୃଦ୍ଧି କରାଯାଇଛି। ଛାତ୍ରୀଛାତ୍ର ଇଞ୍ଜିନିୟରିଂ' ଏବଂ 'ସ୍କୁଲ ଅଫ୍ ସର୍ଭିସେସ୍' ପାଠ୍ୟକ୍ରମ ଅଧୀନରେ ମୋଟ ୧୦ଟି ବିଷୟରେ ନାମଲେଖାଇବା ଲାଗି ଆବେଦନ କରିପାରିବେ। ମେ' ୩୧ରେ ଅନ୍‌ଲାଇନ ପ୍ରବେଶିକା ପରୀକ୍ଷା ଓ ଜୁନ୍‌ରୁ ପାଠପଢ଼ା ଆରମ୍ଭ ହେବ। ଦକ୍ଷତା କେନ୍ଦ୍ରର ସୂଚନାନୁସାରେ, 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ଅଧୀନରେ ମେକାନିକାଲ ଆଣ୍ଡ୍ ଇଲେକ୍ଟ୍ରିକାଲ ସର୍ଭିସେସ୍, ମେକାଟ୍ରୋନିକ୍ସ, ଇଲେକ୍ଟ୍ରିକାଲ ଟେକ୍ନୋଲୋଜି, ଏୟାର କଣ୍ଡିସନିଂ ଆଣ୍ଡ୍ ରେଫ୍ରିଜରେଶନ, ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ (ଲିଫ୍ଟ ଟେକ୍ନୋଲୋଜି) ଏବଂ ପ୍ରିସିଶନ ଇଞ୍ଜିନିୟରିଂ ସହ ନୂଆ କରି ଆରମ୍ଭ ହେବାକୁ ଯାଉଥିବା ଡିଜିଟାଲ ଆନିମେଶନ ବିଷୟ ରହିଛି। ଏହିସବୁ ଅତ୍ୟାଧୁନିକ ବିଷୟରେ ନାମଲେଖା ପାଇଁ ପ୍ରାର୍ଥୀମାନେ ଯେକୌଣସି ସରକାରୀ କିମ୍ବା ଘରୋଇ ଶିଳ୍ପ ତାଲିମ କେନ୍ଦ୍ର ତଥା ବୈଷୟିକ ଶିକ୍ଷାନୁଷ୍ଠାନରୁ ୨ ବର୍ଷିଆ ଆଇଟିଆଇ, ୩ ବର୍ଷିଆ ଡିପ୍ଲୋମା, ବି.ଇ କିମ୍ବା ବି.ଟେକ କରିଥିବା ଆବଶ୍ୟକ। ସେହିପରି 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗ ଅଧୀନରେ ଥିବା ଅତ୍ୟାଧୁନିକ 'ବ୍ୟୁଟି ଆଣ୍ଡ୍ ୱେଲ୍‌ନେସ' ପାଠ୍ୟକ୍ରମ ସହ ହସ୍ପିଟାଲିଟି ଓ ହୋଟେଲ ଅପରେଶନ ଏବଂ ଲଜିଷ୍ଟିକ୍ସ ଆଣ୍ଡ୍ ସପ୍ଲାଏ ଚେନ୍ ମ୍ୟାନେଜମେଣ୍ଟ ଭଳି ଦୁଇଟି ନୂଆ ବିଷୟରେ ନାମଲେଖା ହେବ। ଏଥିପାଇଁ ପ୍ରାର୍ଥୀମାନେ ଯୁକ୍ତ ୨, ସଂପୃକ୍ତ ବିଷୟରେ ଆଇଟିଆଇ କିମ୍ବା ଡିପ୍ଲୋମା କରିଥିବେ। ଚଳିତବର୍ଷ ବିଶ୍ୱ ଦକ୍ଷତା କେନ୍ଦ୍ର ନାମଲେଖା ପ୍ରକ୍ରିୟାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟ ବାହାର ପ୍ରାର୍ଥୀଙ୍କ ପାଇଁ ୧୦ ପ୍ରତିଶତ ସିଟ୍ ସଂରକ୍ଷଣ କରିବାକୁ ବ୍ୟବସ୍ଥା କରାଯାଇଛି। ଆଗ୍ରହୀ ପ୍ରାର୍ଥୀମାନେ ବିଶ୍ୱ ଦକ୍ଷତା କେନ୍ଦ୍ରର ୱେବ୍‌ସାଇଟ www.worldskillcenter.orgରେ ପଞ୍ଜୀକରଣ କରି ନିଜ ପସନ୍ଦ ବିଷୟରେ ନାମଲେଖା ପାଇଁ ଅନ୍‌ଲାଇନ ଆବେଦନ କରିପାରିବେ। ନାମଲେଖା ବିଷୟରେ ଅଧିକ ଜାଣିବା ପାଇଁ ଛାତ୍ରୀଛାତ୍ର ୧୮୦୦ ୨୬୬ ୬୦୦୨ ଟୋଲ୍ ଫ୍ରି ନମ୍ବରରେ ମଧ୍ୟ ଯୋଗାଯୋଗ କରିପାରିବେ।

## ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରିତାକୁ ନେଇ ଶିକ୍ଷାବିତ୍ ଓ କୁଳପତିଙ୍କ ଆଲୋଚନା

ଭୁବନେଶ୍ୱର,୨।୫( ସୁଚିସ୍ମିତା ସାହୁ)

**ଉତ୍ତମ ଶୈକ୍ଷିକ ପରିବେଶ ସହ ଷ୍ଟୁଡେଣ୍ଟ ସେଣ୍ଟ୍ରିକ କ୍ୟାମ୍ପସ ଉପରେ ଫୋକସ**

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ 'ପ୍ରଜ୍ଞା ପ୍ରେରଣା'ର ଦୁଇଦିନିଆ ଜାତୀୟସ୍ତରୀୟ କର୍ମଶାଳା ଶନିବାର ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରଠାରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଦେଶର ବିଶିଷ୍ଟ ଶିକ୍ଷାବିତ୍, ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି, ଅଧ୍ୟାପକ ଓ ମହାବିଦ୍ୟାଳୟ ଅଧ୍ୟକ୍ଷମାନେ ଯୋଗଦେଇ ଜାତୀୟ ଶିକ୍ଷାନୀତି-୨୦୨୦ର କାର୍ଯ୍ୟାନ୍ୱୟନ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ବିଶ୍ୱବିଦ୍ୟାଳୟର ପୃଷ୍ଠଭୂମିର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିବା ସହ ଗୁଣାତ୍ମକ ଶିକ୍ଷାଦାନ, ଗବେଷଣା ଓ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ। ସ୍ନାତକ ପାଠ୍ୟକ୍ରମରେ ଜାତୀୟ ଶିକ୍ଷା ନୀତି-୨୦୨୦କୁ କାର୍ଯ୍ୟକାରୀ କରିବା, ଏହି ଅନୁଯାୟୀ ପାଠ୍ୟ ଖସଡ଼ା ପ୍ରସ୍ତୁତ କରିବା, ଦକ୍ଷତା ବିକାଶ ସମ୍ବନ୍ଧୀୟ ପାଠ୍ୟକ୍ରମର ଅନ୍ତର୍ଭୁକ୍ତୀକରଣ, ଗୁଣାତ୍ମକ ଓ ପ୍ରୟୋଗାତ୍ମକ ଶିକ୍ଷାଦାନ, ଉଚ୍ଚ କୋଟୀର ଗବେଷଣା, ଛାତ୍ରୀଛାତ୍ରଙ୍କୁ ଇଣ୍ଟର୍ନଶିପ ଓ ନିଯୁକ୍ତି ସୁଯୋଗ ପ୍ରଦାନ, କ୍ୟାମ୍ପସରେ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ସୁଦୃଢ଼ କରିବା ଆଦି ପଦକ୍ଷେପ ଉପରେ କୁଳପତିମାନେ ଗୁରୁତ୍ୱାରୋପ କରିଥିଲେ। କଲେଜ କ୍ୟାମ୍ପସର ଶୈକ୍ଷିକ ବାତାବରଣକୁ ସମୃଦ୍ଧ କରିବା ସହ ଏହାକୁ ଯେପରି ଷ୍ଟୁଡେଣ୍ଟ ସେଣ୍ଟ୍ରିକ କରାଯିବ, ନିଶାମୁକ୍ତ କ୍ୟାମ୍ପସ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବା, ଛାତ୍ରୀଙ୍କ ସଶକ୍ତୀକରଣକୁ ପ୍ରାଧାନ୍ୟ ଦେବା ଉପରେ ଶିକ୍ଷାବିତ୍, କୁଳପତି ଓ ଅଧ୍ୟାପକମାନେ ଆଲୋଚନା କରିଥିଲେ। ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପଦକ୍ଷେପ, ଭାରତୀୟ ଜ୍ଞାନ ପ୍ରଣାଳୀ, ଜାତୀୟ ଶିକ୍ଷା ନୀତି-୨୦୨୦ର ଆବଶ୍ୟକତା ଓ କାର୍ଯ୍ୟକାରିତା, ଇନ୍‌ଷ୍ଟିଚ୍ୟୁଶନାଲ ରିଷ୍ଟ୍ରକ୍ଚରିଂ, ଏକାଡେମିକ ବ୍ୟାଙ୍କ ଅଫ୍ କ୍ରେଡ଼ିଟ ଓ ସର୍ବୋତ୍ତମ ଶୈକ୍ଷିକ ପରିବେଶ ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉଚ୍ଚଶିକ୍ଷା ବିଭାଗର କମିଶନର ଅରବିନ୍ଦ ଅଗ୍ରୱାଲ, ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୁଅର ଶିଳପୁଆ ମାଡ଼ରେ ବୃଦ୍ଧ ବାପା ମୃତ

ଆଠଗଡ଼, ୨।୫(ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ ଥାନା ଜାଗିଆପଡା ଗ୍ରାମ ଅନ୍ତର୍ଗତ ରଘୁନାଥ ପାଟଣା ତଅଁଳା ସାହିରେ ଶନିବାର ଅଘଟଣ ଘଟିଛି। ପୁଅ ବିଭୂତି ନାଏକ(୪୦)ଙ୍କ ଶିଳପୁଆ ମାଡ଼ରେ ବୃଦ୍ଧ ବାପାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଏହି ଗ୍ରାମର ବିକଳ ନାଏକ(୭୭)। ମୃତକଙ୍କ ସ୍ତ୍ରୀ ତଥା ଅଭିଯୁକ୍ତଙ୍କ ମା' ପ୍ରମିଳା ନାଏକଙ୍କ ଏତଲାକୁ ଭିତ୍ତିକରି ପୋଲିସ ଥାନାରେ ମାମଲା (ନଂ.୧୮୨/୨୬) କରିଛି। ଏହି ଅଭିଯୋଗରେ ବିଭୂତିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ଆଠଗଡ ଥାନା ଅଧିକାରିଣୀ ସୁମତି କୁମାରୀ ମହାନ୍ତି ସୂଚନା ଦେଇଛନ୍ତି। ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ବିକଳଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୋଗ ଅନୁଯାୟୀ, ସାହି ନିକଟରେ ଥିବା ଏକ ଚୋରା ଦେଶୀ ମଦଭାଟିରୁ ଉଭୟ ବାପା ଓ ପୁଅ ଶୁକ୍ରବାର ବିଳମ୍ବିତ ରାତିରେ ମଦ ପିଇ ଆସି ଘରେ ଯୁକ୍ତିତର୍କ କରିଥିଲେ। ଝଗଡା ପରେ ବିକଳ ଶୋଇଥିବାବେଳେ ଶନିବାର ଭୋରୁ ବିଭୂତି ଏକ ଶିଳପୁଆରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ପାଟିଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ବିଭୂତିଙ୍କୁ କାବୁ କରିବା ସହ ପୋଲିସକୁ ସୂଚନା ଦେଇଥିଲେ। ଏହାପରେ ପୋଲିସ ପହଞ୍ଚି ବିଭୂତିଙ୍କୁ ଗିରଫ କରିବା ସହ ବିକଳଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ମହାନଦୀରୁ ପୁରାତନ ମୂର୍ତ୍ତି ଉଦ୍ଧାର

ବାରଙ୍ଗ,୨।୫(ଲିଙ୍ଗରାଜ ରାଉତ)

ମହାନଦୀ ମୁଣ୍ଡଳି ବ୍ୟାରେଜସ୍ଥିତ ନଦୀ ମଝିରୁ ଶନିବାର ପୁରୁଣା ମୂର୍ତ୍ତି ଉଦ୍ଧାର କରାଯାଇଛି। ଏଥିମଧ୍ୟରେ ଶିବଲିଙ୍ଗ, ମା' ଦୁର୍ଗାଙ୍କ ପ୍ରତିମୂର୍ତ୍ତି ଓ ଅନେକ ପିତ୍ତଳ ସାପ ଓ ପୁରାତନ ଚାବିପେଣ୍ଡା, ପୁରାତନ ଶଙ୍କର ମୂର୍ତ୍ତି ରହିଛି। ସ୍ଥାନୀୟ କୈବର୍ତ୍ତମାନେ ମାଛ ମାରିବା ସମୟରେ ଏହି ମୂର୍ତ୍ତିସବୁ ଉଦ୍ଧାର କରିଛନ୍ତି। ସେମାନେ ସନ୍ଧ୍ୟାରେ ମାଛ ମାରୁଥିବା ସମୟରେ ପାଣିରେ ଏକ ଜରିବସ୍ତା ମଧ୍ୟରେ କିଛି ମୂର୍ତ୍ତି ପଡ଼ିଥିବାଦେଖିଥିଲେ। ଏହାପରେ ସେମାନେ ଡଙ୍ଗା ନେଇ ତାହାକୁ ପାଣିରୁ ଉଦ୍ଧାରକରି କୂଳକୁ ଆଣିଥିଲେ। ପରେ ଆଖା ଭିତରେ ଥିବା ସମସ୍ତ ମୂର୍ତ୍ତିକୁ ନେଇ ନିକଟସ୍ଥ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ପ୍ରଦାନ କରାଯାଇଛି।

## ଏସ୍‌ସିବିରେ ଢେଙ୍କାନାଳ ପୀଡ଼ିତାଙ୍କୁ ଭେଟିଲା ଫ୍ୟାକ୍ଟ ଫାଇଣ୍ଡିଂ କମିଟି

କଟକ,୨।୫
(ଶିଳ୍ପା ପ୍ରିୟଦର୍ଶିନୀ)



ଏସ୍‌ସିବି ମେଡିକାଲରେ ପୀଡିତାଙ୍କୁ ଭେଟିବାକୁ ଆସିଥିବା କଂଗ୍ରେସର ଫ୍ୟାକ୍ଟ ପାଇଣ୍ଡିଂ ଟିମ୍।

ଏସ୍‌ସିବି ମେଡିକାଲରେ ପହଞ୍ଚି ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଢ଼େଙ୍କାନାଳ ଜିଲା ଭାପୁର ପୀଡ଼ିତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଉକ୍ତ ଟିମ୍ ମେଡିକାଲ ଅଧୀକ୍ଷକ ଏବଂ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ଏନେଇ ମୀନାକ୍ଷୀ କହିଥିଲେ, ଅପରାଧୀମାନଙ୍କୁ ଏପର୍ଯ୍ୟନ୍ତ ପୋଲିସ ଗିରଫ ନ କରିପାରିବା ଦୁର୍ଭାଗ୍ୟଜନକ। ପୀଡ଼ିତାଙ୍କୁ ବଳାତ୍କାର ଉଦ୍ୟମ ପରେ ତାଙ୍କୁ ଯେଉଁଳି ଅମାନୁଷିକ ଭାବେ ଆକ୍ରମଣ କରାଯାଇଛି ତାହା ହୃଦୟ ବିଦାରକ। ପୀଡ଼ିତା ଓ ତାଙ୍କ ପରିବାରକୁ ସୁରକ୍ଷା ଏବଂ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଇ ଆଇନ ଅନୁଯାୟୀ ଦଣ୍ଡିତ କରିବା ସହ ଆର୍ଥିକ ସହାୟତା ପ୍ରଦାନ କରାଯାଉ। ଯଦି କାର୍ଯ୍ୟାନୁଷ୍ଠାନ ଦିଗରେ ବିଳମ୍ବ ହୁଏ ତେବେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ଗସ୍ତ ସମୟରେ ସସ୍ମିତା ବେହେରା, ସିପ୍ରା ମଲ୍ଲିକ, ସୋନାଲି ସାହୁ, ପ୍ରଣତି ମିଶ୍ର, ଜୟଶ୍ରୀ ପଟ୍ଟନାୟକ, ମନୀଷା ଦାଶ ପଟ୍ଟନାୟକ, ସମସିଦା ତାୟବ, ଅମ୍ରିତା ଦାସ, ମାଣିକ ପ୍ରଭା, ଶିଳ୍ପିଶ୍ରୀ ହରିଚନ୍ଦନ, କର୍ପୋରେଟର ସନ୍ତୋଷ ଭୋଳ, ଜେ. କାମେଶ୍ୱର ରାଓ, ସୁଭାଶିଷ ପଟ୍ଟନାୟକ, ଜନାର୍ଦ୍ଦନ ପରିଡ଼ା, ପ୍ରତାପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗୁରୁ



@ ସରିତା



@ ନୀଳାଦ୍ରି



@ ସୀମା



@ ସାର୍ଥକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗିରଫ ସିଜିମାଳି ଜନଜାତିଙ୍କୁ ମୁକୁଳାଇବାକୁ ହାଇକୋର୍ଟରେ ପିଟିଶନ

କଟକ,୨।୫(କାର୍ତ୍ତିକ ସାହୁ)

ରାୟଗଡ଼ା ଓ କୋରାପୁଟ ଜିଲାର ସିଜିମାଳି ଖଣି ଅଞ୍ଚଳରେ ଜନଜାତିଙ୍କ ଉପରେ ପୋଲିସ ଅମାନୁଷିକ ଭାବେ ହିଂସାତ୍ମକ କାର୍ଯ୍ୟାନୁଷ୍ଠାନ କରି ସେମାନଙ୍କୁ ଗିରଫ କରିଛି। ଜଙ୍ଗଲକୁ ନେଇ ଜିଉଥିବା ଜନଜାତିଙ୍କ ଜୀବିକାକୁ ସେମାନେ ପ୍ରତିରୋଧ କରିଛନ୍ତି ବୋଲି ଅଭିଯୋଗ କରି ପୋଲିସ ଦ୍ୱାରା ଗିରଫ ହୋଇଥିବା ସିଜିମାଳି ଜନଜାତିଙ୍କୁ ଜେଲ୍‌ରୁ ମୁକୁଳାଇବା ପାଇଁ ହାଇକୋର୍ଟରେ ଏକାଧିକ ଜନସ୍ୱାର୍ଥ ପିଟିଶନ ଦାଏର ହୋଇଛି। ହାଇକୋର୍ଟ ଉକ୍ତ ପିଟିଶନ୍‌କୁ ବିଚାର ପାଇଁ ଗ୍ରହଣ କରିବାକୁ ଆବେଦନକାରୀଙ୍କ ପକ୍ଷରୁ ପ୍ରାର୍ଥନା କରାଯାଇଛି। ୨୦୨୬ ଏପ୍ରିଲ ୬ରେ ପୋଲିସ ଅମାନୁଷିକ ଭାବେ ଜନଜାତିଙ୍କୁ ଆକ୍ରମଣ କରିବା ଘଟଣାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଦ୍ୱାରା ତଦନ୍ତ କରିବା, ୨୦୨୩ରେ ଘଟିଥିବା ଘଟଣାର ତଦନ୍ତ କରିବା, ପୀଡ଼ିତମାନଙ୍କୁ କ୍ଷତିପୂରଣ ପ୍ରଦାନ ସହ କର୍ତ୍ତୃପକ୍ଷଙ୍କୁ ପୋଲିସର କାର୍ଯ୍ୟାନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ପିଟିଶନରେ ଦର୍ଶାଯାଇଛି। ପୁରୁଷୋତ୍ତମ ହିକକା ଓ ଅନ୍ୟମାନଙ୍କ ପକ୍ଷରୁ ଦାଏର ପିଟିଶନ୍‌ରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ଶାସନ ସଚିବ, କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ସଚିବ, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ସଚିବ, କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସଚିବ, ଜାତୀୟ ଜନଜାତି ଆୟୋଗ, ଜାତୀୟ ମାନବିକ ଅଧିକାର ଆୟୋଗ ଅଧ୍ୟକ୍ଷ, ରାଜ୍ୟ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସଚିବ, ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ସଚିବ, ରାଜ୍ୟ ଗୃହ ବିଭାଗର ସଚିବ, ରାଜ୍ୟ ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି, ରାୟଗଡ଼ା ଜିଲାପାଳ ଓ ଏସ୍‌ପିଙ୍କୁ ପକ୍ଷଭୁକ୍ତ କରିଛନ୍ତି।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ବାରଙ୍ଗ,୨।୫(ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ଅଧୀନସ୍ଥ ବଡ଼ବାଲି ପଡ଼ା ଗ୍ରାମରେ ଶନିବାର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଖବରପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏଥିସହ (ନଂ.୮/୨୬)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସମ୍ପୃକ୍ତା ଯୁବତୀ ପଟିଆ ଅଞ୍ଚଳରେ ଏକ ଘରୋଇ ଡାକ୍ତରଖାନାରେ କାର୍ଯ୍ୟ କରନ୍ତି। ଶୁକ୍ରବାର ରାତିରେ ସେ ଘରକୁ ଫେରିଥିଲେ। ଘରେ କୌଣସି କଥାକୁ ନେଇ ପାରିବାରିକ କଳହ ହୋଇଥିଲା। ଫଳରେ ଯୁବତୀ ଜଣଙ୍କ ନିଜ ଶୋଇବା ଘର ବନ୍ଦ କରି ଓଢ଼ଣୀ ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ସକାଳେ ସନ୍ଦେହ କରି ପରିବାର ଲୋକ କବାଟ ବାଡ଼େଇବା ପରେ ଯୁବତୀ ଜଣଙ୍କ କବାଟ ଖୋଲି ନ ଥିଲେ। ଏହାପରେ ପରିବାର ଲୋକେ ଘର କବାଟ ଭାଙ୍ଗି ଯୁବତୀ ଏକ ଓଢ଼ଣୀରେ ଫ୍ୟାନ୍‌ରେ ଝୁଲୁଥିବା ଦେଖିଥିଲେ। ଏହା ପରେ ତୁରନ୍ତ ଯୁବତୀଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ମାତ୍ର ଡ଼ାକ୍ତର ସେଠାରେ ଯୁବତୀଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଘର ଦେବାକୁ କହି ଠକିନେଲେ ସାଢ଼େ ୬ ଲକ୍ଷ

ବାରଙ୍ଗ,୨।୫(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ଉପକଣ୍ଠ ରଘୁନାଥପୁର କମଳିନୀ ଆପାର୍ଟମେଣ୍ଟରେ ଘର ଦେବାକୁ କହି ୬.୬୦ ଲକ୍ଷ ଟଙ୍କା ଠକିନେବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ଚନ୍ଦକା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସୁନେଲି ମଧୁସ୍ମିତା ଶତପଥୀ(୪୬)। ଏନେଇ ପୋଲିସ ଥାନାରେ ମାମଲା(ନଂ.୧୯୯/୨୬) ରୁଜୁକରି ତଦନ୍ତ କରିଛି।

ଅଭିଯୋଗ ଅନୁଯାୟୀ, ଚନ୍ଦକା ଅଞ୍ଚଳ ଗୋଠପାଟଣାର ଅରବିନ୍ଦ ରେସିଡେନ୍ସିରେ ରହୁଥିବା ଜିତେନ୍ଦ୍ର ମଲ୍ଲିକ ନନ୍ଦନକାନନ ଥାନା ଅଧିନ ରଘୁନାଥପୁର କମଳିନୀ ଆପାର୍ଟମେଣ୍ଟରେ ଘର କିଣିବା ପାଇଁ ସୁନେଲିଙ୍କୁ ୭.୬୦ ଲକ୍ଷ ଟଙ୍କା ଅନ୍‌ଲାଇନ ଜରିଆରେ ପଠାଇଥିଲେ। ମାତ୍ର ଧାର୍ଯ୍ୟ ସମୟ ଅନୁସାରେ ଜିତେନ୍ଦ୍ର ଘର କିମ୍ବା ଟଙ୍କା ଫେରିପାଇ ନ ଥିଲେ। ପୂର୍ବରୁ ଏ ବାବଦରେ ଥାନାରେ ଏକ ଆଲୋଚନା କରାଯାଇଥିଲା। ସୁନେଲି ସମସ୍ତ ଟଙ୍କା କିସ୍ତି ମାଧ୍ୟମରେ ଫେରାଇବାକୁ ସମ୍ମତି ଦେଇ ଚେକ୍ ମଧ୍ୟ ଦେଇଥିଲେ। ପରବର୍ତ୍ତୀ ସମୟରେ ଦେଇଥିବା ଚେକ୍ ବାଉନ୍ସ ହୋଇଯାଇଥିଲା। ମାତ୍ର ସୁନେଲି ଏକ ଲକ୍ଷ ଟଙ୍କା ଫେରାଇ ଆଉ ଦେଇ ନ ଥିଲେ। ପରେ ଟଙ୍କା ମାଗିବାରୁ ସୁନେଲି ମଧୁସ୍ମିତା ହତ୍ୟା ଓ ପରିବାରକୁ କ୍ଷତି ପହଞ୍ଚାଇବାର ଭଳି ଧମକ ଦେଇଥିଲେ ବୋଲି ଜିତେନ୍ଦ୍ର କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

# ସାନ୍ତାଳୀ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ପଣ୍ଡିତ ରଘୁନାଥ



ଭୁବନେଶ୍ୱର,୨।୫ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଦିମ ଅୱାର୍ ଜାର୍ପାର ମିଳିତ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପଠାରେ ଶୁକ୍ରବାର ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାହିତ୍ୟିକା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଯୋଗଦେଇ କହିଥିଲେ, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସାନ୍ତାଳୀ ସମାଜ, ପରମ୍ପରା, ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଅବଦାନ ସର୍ବଜନବିଦିତ। ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁ ସାନ୍ତାଳୀ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ପଣ୍ଡିତ ମୁର୍ମୁ ସାନ୍ତାଳୀ ସମାଜ ପାଇଁ ଆଦର୍ଶ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜିର ଯୁବପିଢ଼ି ସାନ୍ତାଳୀ ସାହିତ୍ୟକୁ ବିଶ୍ୱ ବିଦିତ କରିବା ପାଇଁ ନିଜର ପ୍ରୟାସ ଜାରି ରଖନ୍ତୁ ବୋଲି ବେଶ୍ରା ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟିକା କବିତା ମଲ୍ଲିକ, ଜନଜାତି ବିଶେଷଜ୍ଞ ପରମାନନ୍ଦ ପଟେଲ, ଉତ୍କଳ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ପାରେଶ୍ୱର ସାହୁ, ଜାର୍ପାର ଅନୁଷ୍ଠାନର ସଭାପତି କାରୁ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଚନ୍ଦ୍ର ଶେଖର ହୋତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳନ ଅବସରରେ ଶନିବାର ବିଧାନସଭା ପରିସର ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟମାନେ।







ଅଳପଦ୍ମ ସେଣ୍ଟର ଫର୍ ଡ୍ୟାନ୍ସ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ କ୍ରୀଡି ଚନ୍ଦ୍ରିକା ମହୋତ୍ସବ। (ଫଟୋ- ବିକାଶ ନାୟକ)

### ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

ଯାଁଳା,୨।୫(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ମୁଣ୍ଡମୁହାଣ ଗହିର ଭିତରୁ ଶନିବାର ସକାଳେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଯାଁଳା ଗ୍ରାମର ଲକ୍ଷ୍ମୀଧର ପାତ୍ର ଓରଫ ଧଡିଆ (୫୪)। ସମ୍ପତ୍ତି ଭାଗବଣ୍ଟାକୁ ନେଇ ଦୀର୍ଘ ବର୍ଷ ହେବ ପାରିବାରିକ କଳହ ଲାଗି ରହୁଥିଲା। ତେଣୁ ଧଡିଆଙ୍କ ବେକରେ ଗାମୁଛା ବାନ୍ଧି କେହି ହତ୍ୟା କରିଛନ୍ତି ବୋଲି ତାଙ୍କ ସ୍ତ୍ରୀ କବିତା ପାତ୍ର ଅଭିଯୋଗ କରିଛନ୍ତି।

## କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ଭୁବନେଶ୍ୱର,୨।୫ (ସୁଚିସ୍ମିତା ସାହୁ)

ୟୁନିଟ-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ଦାଶଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଓସେପାର ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ରାଉତ ଓ ପ୍ରାଚିତନୟା ଗିରି ଉପସ୍ଥିତ ଥିଲେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ସୁଧାଂଶୁ କୁମାର ପାତ୍ର, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ, ଜୁନିଅର ରେଡ଼କ୍ରସ୍ ସିଇଓ ଲକ୍ଷ୍ମଣ ସ୍ୱାଇଁ ଓ ଭୁବନେଶ୍ୱର ଜିଲା ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର କମିଶନର ଅମ୍ବିକା ପ୍ରସାଦ ଦାସ, ଭୁବନେଶ୍ୱର ବ୍ଲକ୍ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ଓ ବାଲିପାଟଣା ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥ ଓ ପୁରାତନ ଛାତ୍ର ସଂଘ ସଭ୍ୟ ବିଜୟ ପାତ୍ର ଉପସ୍ଥିତ ଥିଲେ। ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପରିଚାଳନା କରିଥିବାବେଳେ ସନତ ମିଶ୍ର ଓ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଗୌରଚନ୍ଦ୍ର ମହାପାତ୍ର ପ୍ରମୁଖ ବିଦ୍ୟାଳୟ ଓ ପ୍ରଧାନଶିକ୍ଷକଙ୍କ ବିଷୟରେ କହିଥିଲେ।

## ଜିଇସି ପକ୍ଷରୁ ୨ ଦିନିଆ ଆନ୍ତର୍ଜାତୀୟ ସମ୍ମେଳନ

ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଗାନ୍ଧୀ ଇଞ୍ଜିନିୟରିଂ କଲେଜ (ଜିଇସି) ପକ୍ଷରୁ ଏନର୍ଜି ଆଣ୍ଡ୍ କ୍ଲାଇମେଟ୍ ଚେଞ୍ଜ ଅପ୍ଟିମାଇଜେଶନ ସମ୍ପର୍କିତ ଦୁଇଦିନିଆ ଆନ୍ତର୍ଜାତୀୟ ସମ୍ମେଳନ ଉଦଘାଟିତ ହୋଇଯାଇଛି। ଏହି ସମ୍ମେଳନଟି ପ୍ରସିଦ୍ଧ ପ୍ରକାଶନ ସଂସ୍ଥା ସ୍ପ୍ରିଞ୍ଜର ସହଯୋଗରେ ଅନୁଷ୍ଠିତ ହୋଇଥିବାବେଳେ ଉଦାଟନୀ ଅବସରରେ ବିପିୟୁଟିର କୁଳପତି ପ୍ରଫେସର ଡ. ଅମିୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉର୍ଜା ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନ ମାମଲାରେ ଆଧୁନିକ ପ୍ରଯୁକ୍ତି ଓ ଗବେଷଣାର ଆବଶ୍ୟକତା ଉପରେ ଅଲୋକପାତ କରିଥିଲେ। କଲେଜର ଉପାଧ୍ୟକ୍ଷ ପ୍ରଫେସର ମାନସ ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ସମ୍ମେଳନରେ ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଶୁଭ୍ରାଂଶୁ ସାମନ୍ତରାୟ, ୟୁନିଭରସିଟି ଅଫ୍ ସରଜାହ(ୟୁଏଇ)ର ପ୍ରଫେସର ରମେଶ ବଂଶଲ ଏବଂ ଥାଇଲାଣ୍ଡସ୍ଥିତ ଏଆଇଟିରେ ପ୍ରଫେସର ଜୟ ଗୋବିନ୍ଦ ସିଂହ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମେଳନରେ ଦେଶ ଓ ବିଦେଶରୁ ୧୫୦ରୁ ଅଧିକ । ଏହି ଅବସରରେ କଲେଜର ପ୍ରିନ୍ସିପାଲ ଡ. ଏ. ବାରାଦେଶ୍ୱରନ, ନିର୍ଦ୍ଦେଶକ ଡ. କେ.ଭି.ଏନ୍.ଏସ୍. ରାଓ ଓ ସମ୍ମେଳନର ଆବାହକ ର ଡ଼. ଆର୍.ଆର୍. ପାଣିଗ୍ରାହୀ ଉପସ୍ଥିତ ଥିଲେ। ସହ-ଆବାହକ ଡ଼. ଅମ୍ବିକା ପ୍ରସାଦ ହୋତା ଧନ୍ୟବାଦ ଜ୍ଞାପନ କରିଥିଲେ। ଉଦଘାଟନୀ ସଭାରେ ସମ୍ମେଳନ ସ୍ମରଣିକା ମଧ୍ୟ ଉନ୍ମୋଚନ କରାଯାଇଥିଲା।

## ଭୁବନେଶ୍ୱର ଫଟୋ ଜର୍ନାଲିଷ୍ଟ ଡଟ୍‌କମ୍‌ରେ ବନ୍ଧୁମିଳନ



ଭୁବନେଶ୍ୱର,୨।୫ (ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ଫଟୋ ଜର୍ନାଲିଷ୍ଟ ଡଟ୍ କମ୍ ପକ୍ଷରୁ ଶ୍ରମିକ ଦିବସ ଓ ପାରିବାରିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫଟୋ ଖବରଦାତା ପୀୟୂଷ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଅତିଥିଭାବେ ଅଭିନେତା ସବ୍ୟସାଚୀ ମିଶ୍ର, ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଜୟନ୍ତ ମିଶ୍ରଙ୍କ ସହିତ ଓଡ଼ିଶା ଅଲମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି, ମୁଖ୍ୟ ଉପଦେଷ୍ଟା ଡ. ମୁରଲୀ ମନୋହର ଶର୍ମା, କାର୍ଯ୍ୟକାରୀ ସଭାପତି ବିଧୁଭୂଷଣ ନାୟକ, ଉପଦେଷ୍ଟା ବିକାଶ ଚନ୍ଦ୍ର ପଟ୍ଟନାୟକ, କଣ୍ଠଶିଳ୍ପୀ ବିଭୁକିଶୋର, ଅଭିନେତ୍ରୀ ରାକ୍ଷୀ ଦାଶ ପ୍ରମୁଖ ଯୋଗଦେଇ ଶ୍ରମିକ ଦିବସ ଉପରେ ଆଲୋକପାତ କରିବା ସହିତ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମସ୍ତ ଫଟୋ ଖବରଦାତା ଓ ତାଙ୍କ ପରିବାର ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ପରେ ଫଟୋ ଖବରଦାତାମାନେ ସଙ୍ଗୀତ ପରିବେଷଣ କରି ନିଜ ପ୍ରତିଭାର ପରିଚୟ ଦେଇଥିଲେ। ଫଟୋ ସାମ୍ବାଦିକ ସଞ୍ଜୀବ ଦାସ, ଭବାନୀ ଦାସ, ଟିକନ ମିଶ୍ର, ସ୍ୱଦେଶ ମହାନ୍ତି, ପ୍ରକାଶ ସାହୁ, ଅରବିନ୍ଦ ମହାପାତ୍ର, ନବୀନ ଦାସ, ମନୋଜ ସ୍ୱାଇଁ, ମନୋରଞ୍ଜନ ମିଶ୍ର, ବିଭୂତି ସାହୁ, ଦୀପକ ମହାପାତ୍ର, ବୁଲୁ ସାହୁ, ଅଶ୍ୱିନୀ ପତି, ବିଶ୍ୱନାଥ ସ୍ୱାଇଁ, ନରସିଂହ ପରିଡ଼ା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କାଳବୈଶାଖୀ ପରେ ଦ୍ୱୈତ ନଗରୀରେ ଟିପିସିଓଡିଏଲ୍‌ର ବିଦ୍ୟୁତ୍ ସଂଯୋଗ ପୁନଃ ସ୍ଥାପିତ

ଭୁବନେଶ୍ୱର, ୨।୫



ଶନିବାର ସନ୍ଧ୍ୟାରେ କାଳବୈଶାଖୀକୁ ନେଇ ବର୍ଷା ଏବଂ ପ୍ରବଳ ପବନ ଯୋଗୁ ଭୁବନେଶ୍ୱର ଏବଂ କଟକର କିଛି ଅଞ୍ଚଳରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଥିଲା। ତେବେ ଟିପିସିଓଡିଏଲ୍ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ବିଦ୍ୟୁତ୍ ସଂଯୋଗ ସ୍ୱାଭାବିକ କରାଯାଇଛି। କାଳବୈଶାଖୀ ସମୟରେ ଘଣ୍ଟା ପ୍ରତି ପ୍ରାୟ ୪୮ କିଲୋମିଟର ପବନ ବହିବାରୁ ତାର ଉପରେ ଗଛଡାଳ, ହୋର୍ଡିଂ ଆଦି ପଡ଼ି ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିଲା। ଏହାପରେ ଟିପିସିଓଡିଏଲ୍ ପକ୍ଷରୁ ଜରୁରିକାଳୀନ ରେସ୍‌ପନ୍ସ ଟିମ୍, କ୍ଷେତ୍ର କର୍ମଚାରୀ ଏବଂ ପ୍ରୋଜେକ୍ଟ ଟିମ୍‌କୁ ପ୍ରଭାବିତ ଅଞ୍ଚଳରେ ନିୟୋଜିତ କରାଯାଇଥିଲା। ସବୁ ଟିମ୍ ସମନ୍ୱିତ ଭାବେ କାର୍ଯ୍ୟକରି ସନ୍ଧ୍ୟା ୭ଟା ସୁଦ୍ଧା ସମସ୍ତ ୩୩ କେଭି ଫିଡର ଏବଂ ରାତି ୯ଟା ସୁଦ୍ଧା ସମସ୍ତ ୧୧ କେଭି ଫିଡରକୁ କାର୍ଯ୍ୟକ୍ଷମ କରାଇଥିଲେ। ସୁରକ୍ଷା ନିୟମ ପାଳନକରିବା ସହ ଟିପିସିଓଡିଏଲ୍‌ର ଲାଇନମ୍ୟାନ ଏବଂ ରକ୍ଷଣାବେକ୍ଷଣ କର୍ମଚାରୀମାନେ କମ୍ ସମୟ ମଧ୍ୟରେ ବିଭିନ୍ନ ପ୍ରତିବନ୍ଧକ ହଟାଇ ବିଦ୍ୟୁତ ଯୋଗାଣ ପୁନଃସ୍ଥାପିତ କରିବା ପାଇଁ କାର୍ଯ୍ୟ କରିଥିଲେ। ଏହି ସମ୍ପର୍କରେ ସୂଚନା ଦେଇ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂ କହିଛନ୍ତି , ପ୍ରତିକୂଳ ପାଗ ସତ୍ତ୍ୱେ ଆମ ଟିମ୍ ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ସେବା ପୁନଃ ସ୍ଥାପନ କରିବା ପାଇଁ ଅତି ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି। ସର୍ବୋତ୍ତମ ସୁରକ୍ଷା ଓ ସେବା ମାନ ବଜାୟ ରଖିବା ସହ ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିସିଓଡିଏଲ୍ ସବୁବେଳେ ପ୍ରତିଶ୍ରୁତିବଦ୍ଧ।

## ଉତ୍କଳ ଦୃଷ୍ଟିହୀନ ସଂଘର ପ୍ରତିଷ୍ଠା ଦିବସ





ଭୁବନେଶ୍ୱର,୨।୫ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ଦୃଷ୍ଟିହୀନ ସଂଘର ୫୬ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, କାନାଡ଼ା ବ୍ୟାଙ୍କ୍‌ର ଜେନେରାଲ ମ୍ୟାନେଜର ରିତା ଦାସ, ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ସନ୍ତୋଷ କୁମାର ଦାସ ଯୋଗଦେଇଥିଲେ। ଭାବଗ୍ରାହୀ ଆଦର୍ଶ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସଂଘର ପ୍ରତିଷ୍ଠାତା ସଭ୍ୟ ପ୍ରଫୁଲ୍ଲ କୁମାର ରାଉତ ଓ ଜେକେବିକେ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଧୀରେନ୍ଦ୍ର କୁମାର ଷଡ଼ଙ୍ଗୀଙ୍କୁ 'ଭୀମଭୋଇ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ୧୮ଜଣ ଦୃଷ୍ଟିହୀନ ମହିଳା ଓ ପୁରୁଷଙ୍କୁ ସେମାନଙ୍କର ସ୍ୱାବଲମ୍ବନ ପାଇଁ ଗ୍ରାଇଣ୍ଡର ଏବଂ ଓଜନ ମେଶିନ ପ୍ରଦାନ କରାଯାଇଥିଲା। ସେହିପରି କାନାଡ଼ା ବ୍ୟାଙ୍କ ପକ୍ଷରୁ ସଂଘ ପରିସରରେ ଏକ ୱାଟର ପ୍ୟୁରିଫାୟର୍ ଓ କାର୍ଯ୍ୟାଳୟରେ ଏକ ଜେରକ୍ସ ମେଶିନ ସ୍ଥାପନ କରାଯାଇଥିଲା। ସଂଘ ସଭାପତି ସୁଧାଂଶୁ କୁମାର ବଳ ସଭା ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ଶରତ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟାଳୟ ସମ୍ପାଦକ ହିମାଂଶୁ ଶେଖର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶୀ, ଲଘୁ ସଙ୍ଗୀତ ସମାରୋହ ଉଦ୍‌ଘାଟିତ

ଭୁବନେଶ୍ୱର,୨।୫(ସୌମ୍ୟରଞ୍ଜନ ରାଉତ)





ଶ୍ରୁତି ପକ୍ଷରୁ ୨୧ତମ ଓଡ଼ିଶୀ ଏବଂ ଲଘୁ ସଙ୍ଗୀତ ସମାରୋହ ଶନିବାର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକେ ସୁଚିସ୍ମିତା ମନ୍ତ୍ରୀ, ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଦୁର୍ଗାଚରଣ ରାଣବୀର, ଗୁରୁ ପ୍ରଫେସର ରାମହରି ଦାସ, ଓଡ଼ିଶୀ ଗାୟକ ଗୁରୁ ବିଜୟ କୁମାର ଜେନା, ହରପ୍ରିୟା ସ୍ୱାଇଁ ଏବଂ ରଶ୍ମୀ ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଗୁରୁ ରାମହରି ଦାସଙ୍କ ସଙ୍ଗୀତରୁ ସଙ୍ଗୀତ ସନ୍ଧ୍ୟା ଆରମ୍ଭ ହୋଇଥିଲା। ପରେ ଗୁରୁ ସଙ୍ଗୀତା ଗୋସାଇଁ 'ମୋହନ ମାଧୁରୀ' ଓ ଗୀତ ଗୋବିନ୍ଦରୁ ରାଗ ପାହାଡିରେ 'ସଖି ହେ..', ଡ. ଗୀତା ମଞ୍ଜରୀ ବେହେରା 'କହିବୁ ଯାଇ ଶ୍ୟାମ ବନ୍ଧୁଙ୍କୁ...' ପରିବେଷଣ କରିଥିଲେ। ଯୁବ ମର୍ଦ୍ଦଳବାଦକ ସୌମ୍ୟକାନ୍ତ ମଲ୍ଲିକ ମର୍ଦ୍ଦଳବାଦନ କରିଥିଲେ। ଗୁରୁ ଡ. ହିଂମାଶୁ ଶେଖର ସ୍ୱାଇଁ ରାଗ ବସନ୍ତରେ ମଧୁ ମଳୟ ମନ୍ଦ ବହିଲାରେ... ଗାନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଡ. ଶ୍ରୀନିବସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ବିଜେବି କଲେଜରେ ଛାତ୍ରୀଛାତ୍ରଙ୍କୁ ଆକ୍ରମଣର ପ୍ରତିବାଦ ସହ ଛାତ୍ରୀଙ୍କୁ ଦୁର୍ବ୍ୟବହାର ଘଟଣାରେ ନ୍ୟାୟ ଦାବିକରି ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍‌ସିତା ସାହୁଙ୍କ ସହ ବିଜେଡି ନେତୃବୃନ୍ଦ କଲେଜ ସମ୍ମୁଖ ରାସ୍ତାକୁ ଅବରୋଧ କରିଛନ୍ତି।

## କିଟ୍‌ରେ ବିଲ୍ଡିଂ ବ୍ରିଜେସ୍ ଫର୍ ଇନକ୍ଲୁସିଭିଟି ସମ୍ମିଳନୀ

ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)

ବିଲ୍ଡିଂ ବ୍ରିଜେସ୍ ଫର୍ ଇନ୍‌କ୍ଲୁସିଭିଟି (ଆଇସିବିବି ୨୦୨୬) ଉପରେ ୨ ଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ସିକନ୍ଦରାବାଦସ୍ଥିତ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଏମ୍‌ପାୱାରମେଣ୍ଟ ଅଫ୍ ପର୍ସନ୍ସ ଅଫ୍ ଉଇଥ୍ ଇଣ୍ଟେଲେକଚ୍ୟୁଆଲ୍ ଡିଜାବିଲିଟି (ଏନ୍‌ଆଇଇପିଆଇଡି) ଓ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ସେନ୍ ଗ୍ଲୋବର ମିଳିତ ଉଦ୍ୟମରେ ଇଂଲଣ୍ଡର ୟୁନିଭରର୍ସିଟି ଅଫ୍ ସସେକ୍ସ ସହଯୋଗରେ ଏହି ସମ୍ମିଳନୀ କରାଯାଇଛି। କେନ୍ଦ୍ର ଦିବ୍ୟାଙ୍ଗଜନ ସଶକ୍ତୀକରଣ ବିଭାଗ ଏବଂ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍‌ଏସ୍‌ଇପିଡି) ବିଭାଗ ପକ୍ଷରୁ ଆୟୋଜିତ ଉଦଘାଟନୀ ଅଧିବେଶନରେ ସସେକ୍ସ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଥମ୍ପସନ୍ କହିଲେ, ଅନ୍ତର୍ଭୁକ୍ତ ଶିକ୍ଷା ନୀତିଗତ ଢାଞ୍ଚାଠାରୁ ଅଧିକ ହେବ। ଏହାକୁ କେବଳ କଥାରେ କହିଲେ ହେବନାହିଁ, ଏହାକୁ କାମରେ କରି ଦେଖାଇବାକୁ ପଡ଼ିବ। ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ସଚିବ ରଜନୀ ଜାନି ସ୍ପେଶାଲ୍ ଏଜୁକେଶନ କ୍ଷେତ୍ରରେ ନିଜ ଅଭିଜ୍ଞତା ବଖାଣିଥିଲେ। ଅନ୍ୟତମ ଅତିଥି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଏଭଳି ସମ୍ମିଳନୀ ବର୍ତ୍ତମାନ ସମୟରେ ଅତି ଗୁରୁତ୍ୱପୂର୍ଣ୍ଣ ଓ ଅନ୍ତର୍ଭୁକ୍ତ ଶିକ୍ଷା ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତା ରହିଛି। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଚେୟରାପର୍ସନ ଡ. ମୋନାଲିସା ବଳ କହିଲେ, ନିପେଡ୍ ଓ ସସେକ୍ସ ବିଶ୍ୱବିଦ୍ୟାଳୟ ସହଯୋଗରେ ଏଭଳି ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ କରାଯାଉଛି। ଏହି ଅବସରରେ କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ଓ ନିପେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। କିଟ୍ ଓ କିସ୍ ସଭାପତି ଶାଶ୍ୱତି ବଳ, ନିପେଡ୍ ନିର୍ଦ୍ଦେଶକ ଡ. ବି. ଭି. ରାମକୁମାର, ଏସ୍‌ଭି ନିର୍‌ତାର ନିର୍ଦ୍ଦେଶକ ଡ. ପି. ପି. ମହାନ୍ତି ଉପସ୍ଥିତ ଥିଲେ। ଡ ଶ୍ରାବଣ ରେଡ୍ଡୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଘର ଦେବାକୁ କହି ଠକିନେଲେ ସାଢ଼େ ୬ ଲକ୍ଷ

ବାରଙ୍ଗ,୨।୫(ଲିଙ୍ଗରାଜ ରାଉତ): ଭୁବନେଶ୍ୱର ଉପକଣ୍ଠ ରଘୁନାଥପୁର କମଳିନୀ ଆପାର୍ଟମେଣ୍ଟରେ ଘର ଦେବାକୁ କହି ୬.୬୦ ଲକ୍ଷ ଟଙ୍କା ଠକିନେବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ଚନ୍ଦକା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସୁନେଲି ମଧୁସ୍ମିତା ଶତପଥୀ(୪୬)। ଏନେଇ ପୋଲିସ ଥାନାରେ ମାମଲା(ନଂ.୧୯୯/୨୬) ରୁଜୁକରି ତଦନ୍ତ କରିଛି। ଚନ୍ଦକା ଅଞ୍ଚଳ ଗୋଠପାଟଣାର ଅରବିନ୍ଦ ରେସିଡେନ୍ସିରେ ରହୁଥିବା ଜିତେନ୍ଦ୍ର ମଲ୍ଲିକ ନନ୍ଦନକାନନ ଥାନା ଅଧିନ ରଘୁନାଥପୁର କମଳିନୀ ଆପାର୍ଟମେଣ୍ଟରେ ଘର କିଣିବା ପାଇଁ ସୁନେଲିଙ୍କୁ ୭.୬୦ ଲକ୍ଷ ଟଙ୍କା ଅନ୍‌ଲାଇନ ଜରିଆରେ ପଠାଇଥିଲେ। ମାତ୍ର ଧାର୍ଯ୍ୟ ସମୟ ଅନୁସାରେ ଜିତେନ୍ଦ୍ର ଘର କିମ୍ବା ଟଙ୍କା ଫେରିପାଇ ନ ଥିଲେ। ପୂର୍ବରୁ ଏ ବାବଦରେ ଥାନାରେ ଏକ ଆଲୋଚନା କରାଯାଇଥିଲା। ସୁନେଲି ସମସ୍ତ ଟଙ୍କା କିସ୍ତି ମାଧ୍ୟମରେ ଫେରାଇବାକୁ ସମ୍ମତି ଦେଇ ଚେକ୍ ମଧ୍ୟ ଦେଇଥିଲେ। ପରବର୍ତ୍ତୀ ସମୟରେ ଦେଇଥିବା ଚେକ୍ ବାଉନ୍ସ ହୋଇଯାଇଥିଲା। ମାତ୍ର ସୁନେଲି ଏକ ଲକ୍ଷ ଟଙ୍କା ଫେରାଇ ଆଉ ଦେଇ ନ ଥିଲେ। ପରେ ଟଙ୍କା ମାଗିବାରୁ ସୁନେଲି ମଧୁସ୍ମିତା ହତ୍ୟା ଓ ପରିବାରକୁ କ୍ଷତି ପହଞ୍ଚାଇବାର ଭଳି ଧମକ ଦେଇଥିଲେ ବୋଲି ଜିତେନ୍ଦ୍ର କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ବାରଙ୍ଗ,୨।୫(ଲିଙ୍ଗରାଜ ରାଉତ): ନନ୍ଦନକାନନ ଥାନା ଅଧୀନସ୍ଥ ବଡ଼ବାଲି ପଡ଼ା ଗ୍ରାମରେ ଶନିବାର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଖବରପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏଥିସହ (ନଂ.୮/୨୬)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସମ୍ପୃକ୍ତା ଯୁବତୀ ପଟିଆ ଅଞ୍ଚଳରେ ଏକ ଘରୋଇ ଡାକ୍ତରଖାନାରେ କାର୍ଯ୍ୟ କରନ୍ତି। ଶୁକ୍ରବାର ରାତିରେ ସେ ଘରକୁ ଫେରିଥିଲେ। ଘରେ କୌଣସି କଥାକୁ ନେଇ ପାରିବାରିକ କଳହ ହୋଇଥିଲା। ଫଳରେ ଯୁବତୀ ଜଣଙ୍କ ନିଜ ଶୋଇବା ଘର ବନ୍ଦ କରି ଓଢଣୀ ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ସକାଳେ ସନ୍ଦେହ କରି ପରିବାର ଲୋକ କବାଟ ବାଡ଼େଇବା ପରେ ଯୁବତୀ ଜଣଙ୍କ କବାଟ ଖୋଲି ନ ଥିଲେ। ଏହାପରେ ପରିବାର ଲୋକେ ଘର କବାଟ ଭାଙ୍ଗି ଯୁବତୀ ଏକ ଓଢ଼ଣୀରେ ଫ୍ୟାନ୍‌ରେ ଝୁଲୁଥିବା ଦେଖିଥିଲେ। ଏହା ପରେ ତୁରନ୍ତ ଯୁବତୀଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ଚିକିତ୍ସା ପାଇ ନେଇଥିଲେ। ମାତ୍ର ଡ଼ାକ୍ତର ସେଠାରେ ଯୁବତୀଙ୍କୁ ମୃତ ଘୋଷଣା କରିଥିଲେ।

### ଜଳିଗଲା ଚା' ଦୋକାନ

ବାରଙ୍ଗ/ତ୍ରିଶୂଳିଆ, ୨।୫(ଲିଙ୍ଗରାଜ ରାଉତ/ ତୁଷାରକାନ୍ତ ବେହେରା): ରଘୁନାଥପୁର ପୋଖରୀ ନିକଟ ଏକ ଚା' ଦୋକାନରେ ଶନିବାର ଜଳିଯାଇଛି। ଅଗ୍ନିକାଣ୍ଡରେ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଜିନିଷ ପୋଡ଼ି ଯାଇଛି। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଦୋକାନରେ ଥିବା ଗ୍ୟାସ୍ ସିଲିଣ୍ଡର ଫାଟି ନିଆଁ ଧୀରେ ଧୀରେ ବନ୍ଦ ହୋଇଯାଇଥିଲା। କାକଟପୁର ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ନାମକ ଜଣେ ବ୍ୟକ୍ତି ରଘୁନାଥପୁରରେ ରହି ଚା' ଦୋକାନ କରିଥିଲେ। ସନ୍ଧ୍ୟାରେ ଦୋକାନ ଖୋଲି ଗ୍ୟାସ୍‌ରେ ଚା' ବସାଇ ବ୍ୟବସାୟ ପାଇଁ ଆସବାବପତ୍ର ସଜାଡ଼ି ରଖୁଥିବା ସମୟରେ ହଠାତ୍ ସିଲିଣ୍ଡରରେ ନିଆଁ ଲାଗି ଆସବାବପତ୍ର ଜଳି ଯାଇଥିଲା।

### ମହାନଦୀରୁ ପୁରାତନ ମୂର୍ତ୍ତି ଉଦ୍ଧାର

ବାରଙ୍ଗ,୨।୫(ଲିଙ୍ଗରାଜ ରାଉତ)– ମହାନଦୀ ମୁଣ୍ଡଳି ବ୍ୟାରେଜ୍‌ର ନଦୀମଝିରୁ ଶନିବାର ପୁରୁଣା ମୂର୍ତ୍ତି ଉଦ୍ଧାର କରାଯାଇଛି। ମୂର୍ତ୍ତିଗୁଡ଼ିକ ମଧ୍ୟରେ ଶିବଲିଙ୍ଗ, ମା' ଦୁର୍ଗାଙ୍କ ପ୍ରତିମୂର୍ତ୍ତି ଓ ଅନେକ ପିତ୍ତଳ ସାପ ଓ ପୁରାତନ ଚାବିପେଣ୍ଡା, ପୁରାତନ ଶଙ୍କର ରହିଛି। ସ୍ଥାନୀୟ କୈବର୍ତ୍ତମାନେ ମାଛ ମାରିବା ସମୟରେ ଏହି ମୂର୍ତ୍ତିସବୁ ଉଦ୍ଧାର କରିଛନ୍ତି। ସନ୍ଧ୍ୟାରେ ପାଣିରେ ଏକ ଜରିବସ୍ତା ମଧ୍ୟରେ ପୁରୁଣାକାଳର ଶିବଲିଙ୍ଗ ଓ ମାତା ଦୁର୍ଗାଙ୍କ ପିତ୍ତଳ ମୂର୍ତ୍ତି ପଡ଼ିଥିବାର କିଛି ଲୋକ ଦେଖିଥିଲେ। ମାଛ ମାରୁଥିବା କିଛି କୈବର୍ତ୍ତ ଏହାଦେଖି ଡଙ୍ଗା ନେଇ ପାଖକୁ ଆସିଥିଲେ। ପରେ ଏହାକୁ ପାଣିରୁ ଉଦ୍ଧାରକରି ଡଙ୍ଗା ସାହାଯ୍ୟରେ କୂଳକୁ ଆଣିଥିଲେ। ପରେ ଆଖା ଭିତରେ ଥିବା ସମସ୍ତ ମୂର୍ତ୍ତିକୁ ନେଇ ନିକଟସ୍ଥ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ପ୍ରଦାନ କରାଯାଇଛି।

# ରାଷ୍ଟ୍ର ଗଠନରେ ଶ୍ରମିକଙ୍କ ଅବଦାନ ଉଲ୍ଲେଖନୀୟ

### ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ

କଟକ,୨।୫(କାର୍ତ୍ତିକ ସାହୁ)

ଜିଲା ପ୍ରଶାସନ ପକ୍ଷରୁ ଜିଲା ଶ୍ରମ କାର୍ଯ୍ୟାଳୟ ଦ୍ୱାରା ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ଶହୀଦ ଭବନଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ରାଷ୍ଟ୍ର ଗଠନ ଓ ନିର୍ମାଣ କ୍ଷେତ୍ରରେ ଶ୍ରମିକମାନଙ୍କର ଅବଦାନ ଉଲ୍ଲେଖନୀୟ ବୋଲି କହିଥିଲେ। ଶ୍ରମିକ ଦିବସ ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଅନ୍ତର୍ଗତ ଯଥା ସ୍ୱାଭାବିକ ମୃତ୍ୟୁକାଳୀନ ସହାୟତା ରାଶି ୩ ଲକ୍ଷ ଟଙ୍କାରୁ ବୃଦ୍ଧି କରାଯାଇ ୪ ଲକ୍ଷ ଟଙ୍କା ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ରାଶି ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରା ଯାଇଥିବା ସମ୍ପର୍କରେ ଶ୍ରମିକମାନଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ୩୨୧୫ଜଣ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ନୂତନ ଭାବେ ପଞ୍ଜୀକୃତ ହୋଇଥିବା ୨୦୦ଜଣ ଶ୍ରମିକଙ୍କୁ ଶ୍ରମିକ କାର୍ଡ ପ୍ରଦାନ କରାଯାଇଥିଲା। ମୃତ୍ୟୁକାଳୀନ ସହାୟତା ରାଶି ୭ କୋଟି ୭୪ ଲକ୍ଷ, ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ୧୩ ଲକ୍ଷ ୬୦ ହଜାର, ପ୍ରସୂତିକାଳୀନ ସହାୟତା ୯ ଲକ୍ଷ ୨୦ ହଜାର, ବିବାହ ନିମନ୍ତେ ୯ କୋଟି ୫୧ ଲକ୍ଷ, ଶିକ୍ଷାଗତ ସହାୟତା ୮୩ ଲକ୍ଷ ୯୭ ହଜାର ୪୦୦ ଟଙ୍କା ସମୁଦାୟ ୧୮କୋଟି ୩୧ଲକ୍ଷ ୭୭ ହଜାର ୪୦୦ ଟଙ୍କାର ସହାୟତା ରାଶି ମୁଖ୍ୟ ଅତିଥି ବିଧାୟକଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଯୁଗ୍ମ ଶ୍ରମ ଆୟୁକ୍ତ କଳ୍ପନା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ ବିବରଣୀ ପାଠ ଓ ମଞ୍ଚ ପରିଚାଳନା କରିଥିଲେ। ଜିଲା ଶ୍ରମ ଅଧିକାରୀ ପ୍ରୀତିବନ୍ଧନ ଘଡ଼ାଇ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ସହକାରୀ ଜିଲା ଶ୍ରମ ଅଧିକାରୀ ମୋନାଲିସା ପାଢ଼ୀ ଧନ୍ୟବାଦ ଦେଇଥିଲେ।



ଜିଲାସ୍ତରୀୟ ଶ୍ରମିକ ଦିବସ ପାଳନ ଅବସରରେ ସହାୟତାରାଶି ପାଇଥିବା ହିତାଧିକାରୀଙ୍କ ସହ ଅତିଥିବୃନ୍ଦ।

**ଟାଙ୍ଗୀ–ଜଗତପୁର/ଚୌଦ୍ୱାର, (ମାନସ ସାମଲ/ ଆଶୁତୋଷ ଦାସ):** ଚୌଦ୍ୱାରସ୍ଥିତ ଇମ୍ଫା କାରଖାନା ଶ୍ରମିକ କଲୋନୀ ପରିସରରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଶ୍ରମିକଙ୍କ ପ୍ରତିନିଧି ସୁଶାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଇମ୍ଫା ଚୌଦ୍ୱାରର ଉପସଭାପତି ବିନୟ ଅଗ୍ରୱାଲା, ଏଚ୍‌ଆର୍ ନିରଞ୍ଜନ ସାହୁ, ଲୋକ ସମ୍ପର୍କ ଅଧିକାରୀ ମାନସ ବସନ୍ତିଆ ପ୍ରମୁଖ ଯୋଗଦେଇ ସମସ୍ତେ ଜରୁରିକାଳୀନ ସୁରକ୍ଷା କିଟ ପରିଧାନ କରିବାକୁ ପରାମର୍ଶ ଦେଇଥିଲେ। ପରେ କୁଶଳୀ ଶ୍ରମିକମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥି ସହିତ ମହିଳାମାନଙ୍କ ଦ୍ୱାରା ବିଭିନ୍ନ ଖାଦ୍ୟର ୩୦ଟି ଷ୍ଟଲରେ ପଡିଥିଲା।

**ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା):** ହିନ୍ଦ ମଜଦୁର ସଭା ଦ୍ୱାରା ପରିଚାଳିତ ଖୁଣ୍ଟୁଣୀ ଅଞ୍ଚଳର ବିଭିନ୍ନ କମ୍ପାନୀର ଶ୍ରମିକ ସଙ୍ଗଠନ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଓଡିଶା ରାଜ୍ୟ ହିନ୍ଦ ମଜଦୁର ସଭାର କାର୍ଯ୍ୟକାରୀ ସଭାପତି କମ୍ରେଡ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଓଡିଶା ହିନ୍ଦ ମଜଦୁର ସଭା ସମ୍ପାଦକ ବିରଜା କିଙ୍କର ନାୟକ, ସିଆଇଟିୟୁର ଶ୍ରମିକ ନେତା ରବିନାରାୟଣ ମଲ୍ଲିକ, ଏଆଇଟିୟୁସିର ଶ୍ରମିକ ନେତା ଅମରେନ୍ଦ୍ର ମହାନ୍ତି, ୩ନଂ ଜୋନ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଆଠଗଡ଼ ଏଚଏମଏସର ଯୁବ ସଭାପତି ଅଶୋକ ରାଉତ, ଶ୍ରୀକର ଜେନା, ମଙ୍ଗୁଳି ଚରଣ ପାଣି, ବିକେ ଷ୍ଟିଲ ଶ୍ରମିକ କର୍ମଚାରୀ ସଂଘର ଗଗନ ବିହାରୀ ପରିଡା, ଅନ୍ତର୍ଯ୍ୟାମୀ ସାହୁ, ଅଲଟ୍ରା ଟେକ ସିମେଣ୍ଟ ଶ୍ରମିକ ସଂଘର ପ୍ରକାଶ ଚନ୍ଦ୍ର ଦାସ, ବିନୋଦ ମାଝୀ, ଜେକେ ଲକ୍ଷ୍ମୀ ସିମେଣ୍ଟ ମଜଦୁର ୟୁନିୟନ ସାଧାରଣ ସମ୍ପାଦକ ଶୂନ୍ୟବାସୀ ବେହେରା, ଶ୍ରୀସିମେଣ୍ଟ ମଜଦୁର ୟୁନିୟନ ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ଛତାର, ଆରତୀ ଷ୍ଟିଲ ଆଣ୍ଡ ପାୱାର ଶ୍ରମିକ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ରଞ୍ଜିତ ବରାଳ, ସନ୍ତୋଷ ପ୍ରଧାନ, ଆରତୀ ଷ୍ଟିଲ ଆଣ୍ଡ ପାୱାର ମଜଦୁର ୟୁନିୟନ ସାଧାରଣ ସମ୍ପାଦକ ବନିତା ବେହେରା, ସରୋଜ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

**ବଡ଼ମ୍ବା,(ମାୟାଧର ମଲ୍ଲିକ):** ତାଲୁକ ଆଇନ ସେବାସଂସ୍ଥା କମିଟି, ବଡ଼ମ୍ବା ଆନୁକୂଲ୍ୟରେ ବଡ଼ମ୍ବା କୋର୍ଟ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ବଡ଼ମ୍ବା ସବ୍‌ଜଜ୍ ସୌମ୍ୟା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଦିବସରେ ଓକିଲ ସଂଘ ସଭାପତି ଆଇନଜୀବୀ ବିଧୁଭୂଷଣ ମହାନ୍ତି, ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ପଟ୍ଟନାୟକ, ଦୁର୍ଗା ପ୍ରସାଦ ସାହୁ ଓ ପଦାରବିନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଇନ ସେବା କମିଟି ଅଧ୍ୟକ୍ଷା ପ୍ରଧାନ ଶ୍ରମିକମାନଙ୍କ ଭୂମିକା ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହ ଶ୍ରମିକମାନଙ୍କ ପାଇଁ ଥିବା କଲ୍ୟାଣକାରୀ ଯୋଜନା ତଥା ସହାୟତା ଉପରେ ସୂଚନା ପ୍ରଦାନ କରିଥିଲେ। ଏପରିକି ଶ୍ରମିକ ନିର୍ଯାତନା ଆଇନ ଓ ଏଥିରେ ଥିବା ଦଣ୍ଡ ବିଧାନ ଉପରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ମିଳନ ପାତ୍ର, ପିଏଲ୍‌ଭି, ମୋହରିର, କୋର୍ଟ କର୍ମଚାରୀଙ୍କ ସମେତ ଜନ ସାଧାରଣ ଉପସ୍ଥିତ ଥିଲେ। ବିଭାଗୀୟ କର୍ମଚାରୀ ରଞ୍ଜିତ ମାଝୀ, ବିନୟ କୁମାର ପତି ପ୍ରମୁଖ ସହଯୋଗ କରିଥିଲେ।

**ଆଠଗଡ଼,(ସତ୍ୟ ପ୍ରସାଦ ରଥ):** ଆଠଗଡ଼ ହିନ୍ଦ୍ ମଜଦୁର ସଭା ଅନୁବନ୍ଧିତ ଆଠଗଡ଼ ଏନ୍‌ଏସି ସ୍ୱଚ୍ଛ ସାଥୀ ଓ ସଫେଇ କର୍ମଚାରୀ ସଂଘ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ଫାଟକ ନିକଟରେ ଶୁକ୍ରବାର ଶ୍ରମିକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ହିନ୍ଦ୍ ମଜଦୁର ସଭାର ଶ୍ରମିକ ନେତା ସନ୍ତୋଷ ବାରିକ ସଂଯୋଜନା କରିଥିଲେ। ଏଥିରେ ସଂଗଠନର ରାଜ୍ୟ ଯୁବ ସଭାପତି ଆଦିତ୍ୟ ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ହିନ୍ଦ ମଜଦୁର ସଭାର ପତାକା ଉତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶ୍ରମିକ ନେତା ଅଶୋକ କୁମାର ରାଉତ, ମହମ୍ମଦ ଖାଲିଦ ସମେତ ସଂଗଠନ ବହୁ ଶ୍ରମିକ ଯୋଗଦେଇଥିଲେ।

ସେହିପରି ଆଠଗଡ଼ ବ୍ଲକ ଅନ୍ତର୍ଗତ ବିଭିନ୍ନ ଶିଳ୍ପାନୁଷ୍ଠାନରେ ଥିବା ଶ୍ରମିକ ସଂଗଠନଗୁଡ଼ିକ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୋଗରା ଗ୍ରାମସ୍ଥିତ ସୁପ୍ରିମ ପାଇପ କାରଖାନା ମୁଖ୍ୟ ଫାଟକ ନିକଟରେ ସକାଳ ପ୍ରାୟ ୭ଟାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସୁପ୍ରିମ କର୍ମଚାରୀ ସଂଘ ସଭାପତି ଅଜିତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଉକ୍ତ କାର୍ଯ୍ୟକ୍ରମରେ ଆଠଗଡ଼ ବିଧାୟକ ତଥା ହିନ୍ଦ୍ ମଜଦୁର ସଭାର ରାଜ୍ୟ କାର୍ଯ୍ୟକାରୀ ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଶେଷରେ ଖୁଣ୍ଟୁଣୀ ଥାନା ଅନନ୍ତପୁରସ୍ଥିତ ଟାଟାଷ୍ଟିଲ ଫେରୋ ଲିଃ. ସମ୍ମୁଖ ଷ୍ଟାଡିୟମରେ ଶ୍ରମିକ ନେତା ଶକ୍ତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ପତାକା ଉତ୍ତୋଳନ ଓ ଶ୍ରମିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ସିଆଇଟିୟୁ(ସିଟୁ)ର ବରିଷ୍ଠ ନେତା ରବି ନାରାୟଣ ମଲ୍ଲିକ, ଏଆଇଟିୟୁ ରାଜ ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ ପ୍ରମୁଖ ଯୋଗଦେଇଥିଲେ।

**ତାଳବସ୍ତ,(ସୁବ୍ରତ କୁମାର ନାୟକ):** ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ଗ୍ରାମପଞ୍ଚାୟତର ବହୁ ପୁରାତନ ଏବଂ ବର୍ତ୍ତମାନ ସମୟରେ ବହୁ ପଛରେ ଥିବା ଅବହେଳିତ ଆଦିବାସୀ ଗାଁ 'ଉପର ଭିଜିପୁଟ'ରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ମୁଖ୍ୟବକ୍ତା ଆଦର୍ଶ ଯୁବ ପରିଷଦର ଆବାହକ ଅକ୍ଷୟ କୁମାର ସାମଲ, ସମ୍ମାନିତ ଅତିଥି ଶ୍ରୀରାମ କମିଟିର ସଭାପତି ବିଶ୍ୱ ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଗୋଡ଼ିପାଟଣା ରଘୁନାଥ କ୍ଲବର ବରିଷ୍ଠ କାର୍ଯ୍ୟକର୍ତ୍ତା ରବୀନ୍ଦ୍ର କୁମାର ଲେଙ୍କା ଅତିଥି ପରିଚୟ ଦେବା ସହିତ ସଭ୍ୟ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# 'ପ୍ରଶ୍ନ କରିବାର ଚିନ୍ତାଧାରା ନେତୃତ୍ୱର ଆଧାର'

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ବିମଷ୍ଟେକ ସମ୍ମିଳନୀ

ବାଙ୍କୀ ,୨।୫(ଶୁଭେନ୍ଦୁ ମହାପାତ୍ର) :

ବାଙ୍କୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନରାଜ ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ୨ଦିନିଆ ବିମଷ୍ଟେକ ଯୁବ ନେତୃତ୍ୱ ବିନିମୟ କାର୍ଯ୍ୟକ୍ରମ ଶନିବାର ଶେଷ ହୋଇଯାଇଛି। ଏଥିରେ ଭାରତ ସମେତ ବିମଷ୍ଟେକର ଅନେକ ସଦସ୍ୟ ଦେଶ ବାଂଲାଦେଶ, ମିଆଁମାର, ଶ୍ରୀଲଙ୍କା, ଥାଇଲ୍ୟାଣ୍ଡ, ନେପାଳ ଏବଂ ଭୁଟାନର ଯୁବ ପ୍ରତିନିଧିମାନେ ଭାଗନେଇ ଏହାକୁ ଏକ ଅନ୍ତର୍ଜାତୀୟ ସମ୍ବାଦ ମଞ୍ଚରେ ପରିଣତ କରିଥିଲେ। ବିମଷ୍ଟେକ ରାଷ୍ଟ୍ରସମୂହ ପ୍ରତିନିଧିମାନେ ଏସଡିଜି ପାଭିଲିଅନ, କୃଷି ଏବଂ ପ୍ରାକୃତିକ ଉତ୍ପାଦ କ୍ଷେତ୍ର, କଳା ଏବଂ ସଂସ୍କୃତି ଗ୍ୟାଲେରୀ, ବିଦ୍ୟାର୍ଥୀମାନଙ୍କ ଉପଲବ୍ଧି ମଞ୍ଚ, ଷ୍ଟାର୍ଟଅପ ଏବଂ ନବାଚାର କେନ୍ଦ୍ର, ବାସ୍ତୁକଳା ଓ ମୂର୍ତ୍ତିକଳା ପ୍ରଦର୍ଶନୀ ସାଙ୍ଗକୁ ଆୟୁର୍ବେଦ ଓ ସୁସ୍ଥତା ପ୍ରଦର୍ଶନୀ ବୁଲି ଦେଖିଥିଲେ। ଉଦଘାଟନୀ ଅଧିବେଶନରେ କର୍ମଯୋଗ ନିର୍ଦ୍ଦେଶକ ଜୟ ଚନ୍ଦ୍ରନ ଜିଜ୍ଞାସା, ବିସ୍ମୟ ଓ ପ୍ରଶ୍ନ କରିବାର ଚିନ୍ତାଧାରାକୁ ନେତୃତ୍ୱର ଆଧାର ବୋଲି ଦର୍ଶାଇଥିଲେ। ବିଶ୍ୱବିଦ୍ୟାଳୟ କୁଳାଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ 'ବେଷ୍ଟ ଅଫ ଓଡ଼ିଶା ଟୁ ଦି ୱାର୍ଲ୍ଡ ଆଣ୍ଡ ବେଷ୍ଟ ଅଫ ୱାର୍ଲ୍ଡ ଟୁ ଓଡ଼ିଶା' ଉପରେ ଆଲୋଚନା କରି ପ୍ରତିନିଧିମଣ୍ଡଳୀକୁ ସମାଜ ପ୍ରତି ଉତ୍ତରଦାୟିତ୍ୱ ନେବାକୁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ଦିନ ଉଦ୍‌ଯାପନୀ ଅଧିବେଶନରେ ଲିଡରଶିପ ଇନ ଦି ଏଜ ଅଫ ଏଆଇ: ଫ୍ରମ ଆଇଡିଆଜ ଟୁ ଇନଷ୍ଟିଚ୍ୟୁସନ୍ସ ଉପରେ ଏକ ସାରଗର୍ଭକ ଚର୍ଚ୍ଚା ହୋଇଥିଲା। ଏଥିରେ କୃତ୍ରିମ ବୁଦ୍ଧିମତ୍ତା, ଭୂ-ରାଜନୀତି, ରାଷ୍ଟ୍ର ନିର୍ମାଣ ଏବଂ ଶିକ୍ଷା କ୍ଷେତ୍ରରେ ବଦଳୁଥିବା ନେତୃତ୍ୱର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ଡ. ସତ୍ୟଜିତ ଆର୍ଯ୍ୟ ନିରନ୍ତର ବିକାଶ ଲକ୍ଷ୍ୟ ଦିଗରେ ବିଶ୍ୱବିଦ୍ୟାଳୟର ଉଦ୍ୟମ ଏବଂ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ସୁଶ୍ରୀ କାମ୍ୟା ମିଶ୍ର ନବାଚାର ଏବଂ ଉଦ୍ୟମିତା କ୍ଷେତ୍ରରେ ଯୁବପିଢ଼ିର ଭୂମିକାକୁ ଗୁରୁତ୍ୱ ଦେଇଥିଲେ। ଷ୍ଟୋରିଜ ଅଫ ଇମ୍ପାକ୍ଟ: ୟଙ୍ଗ ଏଣ୍ଟରପ୍ରେନ୍ୟୁର୍ସ ଆଣ୍ଡ ଚେଞ୍ଜ-ମେକର୍ସ ଶେପିଂ ଦ ଫ୍ୟୁଚର ବିଷୟ ଉପରେ ଆୟୋଜିତ ପ୍ୟାନେଲ ଆଲୋଚନାରେ ଅବିନାଶ ସାହୁ, ଡ. ବିଶ୍ୱରଞ୍ଜନ ପ୍ରଧାନ ଏବଂ ସୁଶ୍ରୀ ନିଶିତା ବଳିଆସିଂହ ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଶ୍ରୀ ଭଗବତିପ୍ରସାଦ ପଟ୍ଟନାୟକ ଅଧିବେଶନକୁ ସଞ୍ଚାଳନ କରିଥିଲେ। ଏହି ଅବସରରେ ବିମଷ୍ଟେକ ପ୍ରତିନିଧିମାନେ ପେଟେଣ୍ଟ ପ୍ରସ୍ତୁତକାରୀ, ଗବେଷକ, ଲେଖକ ଏବଂ ନବୋନ୍ମେଷକମାନଙ୍କ ସହ ସମ୍ବାଦ ବିନିମୟ କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନ ପ୍ରଫେସର ଡ. କେଶରୀ ସିଂହ, ଜ୍ୟୋତିରଞ୍ଜନ ଗଡ଼ନାୟକ, ଡ. ବୁଲବୁଲ ବବଲୀନା, ଡ. ନେହା, ଅକ୍ଷତ ଶୁଭମ, ଡ. ରଚା ବଘେଲ, ଶ୍ରୀ ସୌରଭ ବଓ୍ୱେଜା ପ୍ରମୁଖ ସହଯୋଗ କରିଥିଲେ। କୁଳାଧ୍ୟକ୍ଷା ପ୍ରୋ. ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଡ. ତେଜପ୍ରତାପ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ସମସ୍ତ ଆୟୋଜକମଣ୍ଡଳୀ ଏବଂ ଅଂଶଗ୍ରହଣକାରୀଙ୍କୁ ସାଧୁବାଦ ଜଣାଇଛନ୍ତି।



ବିମଷ୍ଟେକ ପ୍ରତିନିଧିମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

# ଅନିୟନ୍ତ୍ରିତ ମନ ଦୁଃଖର କାରଣ

### ବୁଦ୍ଧାୟନ ପକ୍ଷରୁ ଲଳିତଗିରିଠାରେ ବୁଦ୍ଧ ପୂର୍ଣ୍ଣିମା

**ମାହାଙ୍ଗା,୨।୫(ଅଜୟ କୁମାର ମହାନ୍ତି):**

ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଲଳିତଗିରି ବୁଦ୍ଧାୟନ କମିଟି ପକ୍ଷରୁ ଭଗବାନ ବୁଦ୍ଧଙ୍କ ଜୟନ୍ତୀ ସମାରୋହ ଓ ପ୍ରାର୍ଥନା ସଭା ମହା ସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ତଥା ବୁଦ୍ଧାୟନ କମିଟିର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ। ଭଗବାନ ବୁଦ୍ଧଙ୍କ ବାଣୀ ବିଷୟରେ ଆଲୋଚନ କରିବା ପ୍ରସଙ୍ଗରେ ଅନିୟନ୍ତ୍ରିତ ମନ ହିଁ ସମସ୍ତ ଦୁଃଖର ମୂଳ କାରଣ ଓ ଏହି ମନକୁ ନିୟନ୍ତ୍ରଣରେ ରଖିପାରିଲେ ଜଣେ ଆତ୍ମତୃପ୍ତି ଲାଭ କରିପାରିବ ବୋଲି ମୁଖ୍ୟ ଅତିଥି ସାହୁ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ବୁଦ୍ଧାୟନ କମିଟିର ସଭାପତି ତଥା ଆଇନଜୀବୀ ପ୍ରଦୀପ୍ତ କିଶୋର ଭୂୟାଁ, ଶିକ୍ଷାବିତ ଡ. ଭାଗ୍ୟଧର ରାଉତ ଯୋଗଦେଇ ଭଗବାନ ବୁଦ୍ଧଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସର୍ବ ପ୍ରଥମେ ମା' ଗଡ଼ବାସୁଳାଇ କଳାନିକେତନ ଲଳିତଗିରି କଳାକାରମାନଙ୍କ ଦ୍ୱାରା ସମବେତ କଣ୍ଠ ସ୍ୱରରେ ଭଗବାନ ବୁଦ୍ଧଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରାଯାଇଥିଲା। ବୁଦ୍ଧାୟନ କମିଟି ତରଫରୁ ଆଖପାଖ ଅଞ୍ଚଳର କିଛି ସୁନାମଧନ୍ୟ ଶିଳ୍ପୀ ଓ କାରିଗରମାନଙ୍କୁ ମାନପତ୍ର ଉତ୍ତରୀୟ ଦେଇ ମୁଖ୍ୟ ଅତିଥି 'ଶିଳାଶ୍ରୀ ଶିଳ୍ପୀ' ସମ୍ମାନରେ ସମ୍ମାନିତ କରିଥିଲେ। ସମ୍ମାନିତ ଶିଳ୍ପୀ ଓ କାରିଗରମାନେ ହେଲେ କାର୍ତ୍ତିକ ଚନ୍ଦ୍ର ବିନ୍ଧାଣି, ନରହରି ମହାରଣା, କ୍ଷୀରୋଦ ଚନ୍ଦ୍ର ମହାରଣା, ହୃଷୀକେଶ ମହାରଣା ପ୍ରମୁଖ ଉତ୍ସବରେ ଯୋଗଦେଇଥିଲେ। ପ୍ରତାପ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଲୁଟେରା ଗ୍ୟାଙ୍ଗ୍‌ର ୫ ଅଭିଯୁକ୍ତ ଗିରଫ



### ସୁନା ଅଳଙ୍କାର ମୋବାଇଲ, ବାଇକ୍ ଜବତ

ଟିଗିରିଆ,୨।୫(ଜାଫର ଖାଁ)

ବିଭିନ୍ନ ଚୋରି ଓ ଲୁଟ୍ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଟିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣାରୁ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇକୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ନୂଆପାଟଣା ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ ଅନିଲ ଦାସ (୨୪), ତାର ସହଯୋଗୀ କଟକ ସଦର ଥାନା ଅନ୍ତର୍ଗତ ଫୁଲନଖରା, ନୂଆଗଡ଼ର ରାଜୁ ଦାସ (୨୦), କନ୍ଦରପୁର ଥାନା ଅନ୍ତର୍ଗତ ମତଗଜପୁର ଗ୍ରାମର ମାନସ ଦାସ (୩୦),ମାହାଙ୍ଗା ଥାନା ଅନ୍ତର୍ଗତ କୁମ୍ଫୁ ଗ୍ରାମର ବାପି ଦାସ (୨୩),ପୁରୀ ଜିଲା ଡେଲାଙ୍ଗ ଥାନା ଅଞ୍ଚଳର କୈଳାସ ଦାସ। ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ସୁନା ଚେନ, ଲକେଟ, ୪ ସୁନା ପାତି, ୩ ମୋବାଇଲ ଓ ଗୋଟିଏ ପଲସର ଗାଡି ଜବତ କରାଯାଇଛି । ନୂଆପାଟଣା ସ୍ଥିତ ମା'କଳାପାଟଙ୍କ ମନ୍ଦିର ପ୍ରାଙ୍ଗଣରେ ଜନ୍ତାଳ ଭୋଜି ରହିଥିବାରୁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମା ହୋଇଥିଲା। ଏହାର ସୁଯୋଗ ନେଇ ଅନିଲ ଓ ତାଙ୍କ ସହଯୋଗୀମାନେ ୨ ଜଣ ଝିଅଙ୍କ ବେକରୁ ସୁନା ଚେନ ଓ ଲକେଟ ଚୋରି କରୁଥିବା ବେଳେ ଅନୀଲ ଧରାପଡ଼ିଥିଲେ। ଟିଗିରିଆ ଥାନା ଆଇଆଇସି ରମାକାନ୍ତ ନାୟକ ଅନିଲଙ୍କୁ ପଚରାଉଚା କରିବା ପରେ ଅନ୍ୟ ଅଭିଯୁକ୍ତମାନେ ଧରପଡ଼ିଥିଲେ। ଅଭିଯୁକ୍ତମାନଙ୍କ ନାମରରେ ରାଜ୍ୟର ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଥିବା ଆଇଆଇସି ନାୟକ ସୂଚନା ଦେଇଛନ୍ତି।

# କାଳବୈଶାଖୀ ତାଣ୍ଡବ, ଧନ ଜୀବନ ବିପର୍ଯ୍ୟସ୍ତ

### ଭାଙ୍ଗିଲା ଘର, ବିଦ୍ୟାଳୟ, ଗଛ ପଡି ଜଣେ ମୃତ

ବାଙ୍କୀ/ ବଡ଼ମ୍ବା,୨।୫(ଶୁଭେନ୍ଦୁ ମହାପାତ୍ର/ମାୟାଧର ମଲ୍ଲିକ):

ବାଙ୍କୀରେ କାଳ ବୈଶାଖୀ ସାଙ୍ଗକୁ ପ୍ରବଳ ବର୍ଷା, ଘଡଘଡି ତାଣ୍ଡବରେ ବହୁ ଧନ ଜୀବନ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ବଡ଼ ବଡ଼ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏଥିସହ ଗଛ ପଡ଼ି ବହୁ ଲୋକଙ୍କ ଘର ଭାଙ୍ଗି ଯାଇଛି। ଅକାଳ ବୃଷ୍ଟିପାତରେ ଧନ ଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଚାଷ ଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବନ ବିଭାଗ ପକ୍ଷରୁ ମୁଖ୍ୟ ରାସ୍ତାରୁ ପଡ଼ି ରହିଥିବା ଗଛ କାଟି ରାସ୍ତା ସଫା ଜାରି ରହିଛି। ତହସିଲ ପକ୍ଷରୁ ଆର୍‌ଆଇମାନଙ୍କ ଦ୍ୱାରା କ୍ଷୟକ୍ଷତି ଆକଳନ ଚାଲୁ ରହିଛି। ଅକାଳ କାଳ ବୈଶାଖୀ ଓ ବୃଷ୍ଟିପାତରେ କ୍ଷତି ଗ୍ରସ୍ତ ପାରିବାରମାନଙ୍କୁ ସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି ତହସିଲ ପକ୍ଷରୁ କୁହାଯାଇଛି। ଚାଳ ଛପର ଓ ଟାଇଲ ଆଜବେଷ୍ଟସ ଘର ଭାଙ୍ଗିଥିବା ପାରିବାରଙ୍କୁ ଜରିପାଲ ଯୋଗାଇ ଦିଆଯାଇଛି। ଶନିବାର ଅପରାହ୍ନରେ ଲଗାଣ ବର୍ଷା ସହ ବଜ୍ରପାତ ହୋଇଥିବାରୁ ସାଧାରଣ ଲୋକେ ଭୟବିତ ହୋଇ ପଡ଼ିଛନ୍ତି।

ସେହିପରି ବଡ଼ମ୍ବା ଅଞ୍ଚଳର ବିଭିନ୍ନ ସ୍ଥାନରେ ଗୁରୁବାର ସନ୍ଧ୍ୟାରେ କାଳ ବୈଶାଖୀ ଘଟି ଗୃହ ଓ ବିଦ୍ୟାଳୟ ଭାଙ୍ଗିଥିବାବେଳେ ଗଛ ପଡ଼ିବାରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାନପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ନରେନ୍ଦ୍ର ମଲ୍ଲିକ (୫୬)। ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମାଣିଆବନ୍ଧ ଡାକ୍ତର ଖାନା ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶୁକ୍ରବାର ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଅପରପକ୍ଷେ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିରହିଛି। ଗୋପପୁରସ୍ଥିତ ବାସୁଦେବ ଉଚ୍ଚ ବିଦ୍ୟାଳୟରେ ଏକ ଗଛ ପଡିଯିବାରୁ ବିଦ୍ୟାଳୟର ଆଜବେଷ୍ଟସ୍ ଓ ପାଚେରୀ ଭାଙ୍ଗିରୁଜି ଯାଇଛି।



ବାଙ୍କୀ ଝଡ଼ବର୍ଷାରେ ଭାଙ୍ଗି ପଡ଼ିଥିବା ଗଛ।

## ସଂକ୍ଷେପରେ

### ମାଟ୍ରିକ ପରୀକ୍ଷା: ବେଗୁନିଆ ବ୍ଲକ ଟପ୍ପର ସତ୍ୟବ୍ରତ

ବେଗୁନିଆ,୨।୫(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ)



ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ଥିବା ୩୧ଟି ହାଇସ୍କୁଲର ୧୬୧୮ଜଣ ଛାତ୍ରୀଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ମୋଟ୍ ୮ ଜଣ ଏ୧ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟର ଛାତ୍ର ସତ୍ୟବ୍ରତ ପାଣିଗ୍ରାହୀ ୫୫୬ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ସିକୋ ଚନ୍ଦ୍ରଶେଖର ଦେବ ବିଦ୍ୟାପୀଠର ଦୀପକ କୁମାର ସାହୁ ୫୪୫ ନମ୍ବର, ପ୍ରଜ୍ଞା ପରମିତା ସୁନ୍ଦରାୟ ୫୪୦ ଏବଂ ପଣ୍ଡିତ ଦାଶରଥୀ ବାଳିକା ଉଚ୍ଚ ବିଦ୍ୟାଳୟ ସିକୋର ଛାତ୍ରୀ ବିଷ୍ଣୁପ୍ରିୟା ମଙ୍ଗରାଜ ୫୪୧ ନମ୍ବର ରଖି ପାସ କରିଛନ୍ତି । ଡାଳତୋଳା ନୋଡାଲ ହାଇସ୍କୁଲର ଗାୟତ୍ରୀ ସାହୁ ୫୪୬ ନମ୍ବର ରଖିଥିବା ବେଳେ ଗୋପବନ୍ଧୁ ହାଇସ୍କୁଲ ବେଗୁନିଆର ଛାତ୍ର ସୁରଜ ପ୍ରଧାନ ୫୪୦ନଂ. ରଖି ପାସ କରିଛନ୍ତି । ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟ ଗଁପୁର ର ଛାତ୍ରୀ ସ୍ମୃତି ସିମରନ ପଣ୍ଡା ୫୫୨ନଂ. ରଖିଥିବା ବେଳେ ଡିକେଏସଏନ ବିଦ୍ୟାପୀଠ ବଡବେରଣାର ଛାତ୍ର ସତ୍ୟବ୍ରତ ମହାପାତ୍ର ୫୪୦ନମ୍ବର ରଖି ପାସ୍ କରିଛନ୍ତି।

### ଏ୧ ଗ୍ରେଡ୍‌ରେ ୭ ଛାତ୍ରୀଛାତ୍ର

ବୋଲଗଡ଼,୨।୫(ଦେବବ୍ରତ ହୋତା)

ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଥିବା ବେଳେ ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ୭ଜଣ ଛାତ୍ରୀଛାତ୍ର ଏ ୧ ଗ୍ରେଡ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବୋଲଗଡ଼ ସଦର ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସିପ୍ରାରାଣୀ ଦ୍ୱାରୀ ୫୫୯ ମାର୍କ ରଖି ବୋଲଗଡ଼ ଟପର ହୋଇଛନ୍ତି। ସେହିପରି ବୋଲଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପ୍ରଜ୍ଞା ପାରମିତା ପ୍ରଧାନ ୫୫୪ ମାର୍କ ଓ ସଂପୁର ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ୫୪୭ ମାର୍କ ରଖି ଏହି ବ୍ଲକରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ସୂଚନା ଅନୁଯାୟୀ ବୋଲଗଡ଼ ବ୍ଲକର ୨୮ଟି ବିଦ୍ୟାଳୟର ମୋଟ୍ ୧୫୯୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୫୭୯ ଜଣ ପରୀକ୍ଷା ଦେଇଥିଲେ।

### ଦୀପାଞ୍ଜଳି ଟାଙ୍ଗୀ ବ୍ଲକ ଟପ୍ପର

ଟାଙ୍ଗୀ,୨।୫(ରଘୁନାଥ ସାହୁ)



ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଡ଼ପାରୀ ନୋଡାଲ ହାଇସ୍କୁଲର ଛାତ୍ରୀ ଦୀପାଞ୍ଜଳି ସ୍ୱାଇଁ ଚଳିତବର୍ଷ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ୫୬୦ ନମ୍ବର ରଖି ବ୍ଲକ ପାଇଁ ଗୌରବ ଆଣିଛନ୍ତି। ସେ ଏ୧ ଗ୍ରେଡ ପାଇବା ସହ ଟାଙ୍ଗୀ ବ୍ଲକରେ ସର୍ବାଧିକ ନମ୍ବର ରଖିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ଜୟସିଂହ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦୀପାଞ୍ଜଳି ଝରିଆ ଅଞ୍ଚଳରେ ସମ୍ପର୍କୀୟଙ୍କ ଘରେ ରହି ପାଠ ପଢୁଥିଲେ। ତାଙ୍କ ବାପା ରବୀନ୍ଦ୍ର କୁମାର ସ୍ୱାଇଁ ମିସ୍ତ୍ରୀ କାମ କରୁଥିବା ବେଳେ ମାତା ଗୀତା ସ୍ୱାଇଁ ଗୃହିଣୀ ଅଟନ୍ତି।

### ସ୍ମରଣିକା 'ସ୍ମୃତିରେ ନମିତା' ଉନ୍ମୋଚିତ

ଖୋର୍ଦ୍ଧା,୨।୫(ପ୍ରଭାତ ପାଣିଗ୍ରାହୀ)

ସ୍ଥାନୀୟ ମୁକୁନ୍ଦପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷୟିତ୍ରୀ ନମିତା ହୋତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାଉନ୍ସିଲର ଶୁଭଲକ୍ଷ୍ମୀ ମହାରଣା, ଶିକ୍ଷକ ଦେବରାଜ ପ୍ରଧାନ, ଯୁଧିଷ୍ଠିର ସାହୁ, ଅମୀୟ କୁମାର ପରିଡ଼ା, ସିଆର୍‌ସିସି ଦିବ୍ୟସିଂହ ସୁବୁଦ୍ଧି, ଦିଲୀପ କୁମାର ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଦୀର୍ଘ ୨୫ବର୍ଷ ଧରି ଏହି ବିଦ୍ୟାଳୟରେ ଶିକ୍ଷକତା ସହ ଅନେକ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସିଆର୍‌ସିସି ରେବତୀ ପଣ୍ଡା, ଗୀତାଞ୍ଜଳି ସାହୁ, ସ୍ମରଣିକା ମହାପାତ୍ର, ଶିକ୍ଷକ ଶିବ ପ୍ରସାଦ ବେହେରା ଯୋଗଦେଇଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଦ୍ୟାଳୟ ପକ୍ଷରୁ ଏକ ସ୍ମରଣିକା 'ସ୍ମୃତିରେ ନମିତା' ଉନ୍ମୋଚନ ହୋଇଥିଲା। ଶିକ୍ଷୟିତ୍ରୀ ନୂତନ କୁମାରୀ ପରିଡ଼ା, ତନୁଜା ସାହୁ, ସୌଦାମିନୀ ଦେଇ, କୁମୁଦିନୀ ବଳିୟାରସିଂହ, ମାଲ୍ଲା ସିହ୍ନା ପ୍ରମୁଖ ଯୋଗଦେଇଥିଲେ।

# ବୁଦ୍ଧଙ୍କ ବାଣୀ ପୃଥିବୀରେ ସ୍ଥାୟୀ ଶାନ୍ତି ଆଣିପାରିବ

ଭୁବନେଶ୍ୱର,୨।୫(ସୌମ୍ୟରଞ୍ଜନ ରାଉତ)




ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆର ଓଡିଶା ଶାଖା କଳିଙ୍ଗ ବୁଦ୍ଧ ବିହାର ପକ୍ଷରୁ ଗୌତମ ବୁଦ୍ଧଙ୍କ ୨୫୭୦ତମ ଜୟନ୍ତୀ ଶୁକ୍ରବାର ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିରଠାରେ ପାଳିତ ହୋଇଯାଇଛି। ଶାଖା ସଭାପତି ନରେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ବ୍ୟୋମକେଶ ତ୍ରିପାଠୀ ଯୋଗଦେଇ କହିଲେ, ଯୁଦ୍ଧ ବଦଳରେ ବୁଦ୍ଧଙ୍କ ବାଣୀ ପୃଥିବୀରେ ସ୍ଥାୟୀ ଶାନ୍ତି ଆଣିପାରିବ। ପଶ୍ଚିମ ଓଡ଼ିଶାରେ ଥିବା ବୌଦ୍ଧ ଐତିହ୍ୟର ଆବିଷ୍କାର ପାଇଁ ପ୍ରତ୍ନତାତ୍ତ୍ୱିକ ଖନନର ଆବଶ୍ୟକତା ରହିଛି। ଓଡ଼ିଆ ଅସ୍ମିତାର ନିଦର୍ଶନ ସ୍ୱରୂପ ବିଶ୍ୱବିଦ୍ୟାଳୟରେ ଗୁରୁ ପଦ୍ମସମ୍ଭଙ୍କ ନାମରେ ଏକ ଚେୟାର ପ୍ରତିଷ୍ଠା ପାଇଁ ସଭାପତି ନରେନ୍ଦ୍ରଙ୍କ ପ୍ରସ୍ତାବ ଉପରେ ଆଲୋଚନା କରି ସେ ନିଶ୍ଚିତ ଭାବେ ଉଦ୍ୟମ କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ପ୍ରଦୋଷ ପଟ୍ଟନାୟକ କହିଲେ, ଏକା ଦିନରେ ଜନ୍ମ, ବୁଦ୍ଧତ୍ୱ ପ୍ରାପ୍ତି ଓ ପରିନିର୍ବାଣ ଏକ ଅଦ୍ଭୁତ ଐଶ୍ୱରିକ ସଂଯୋଗ। ବୁଦ୍ଧଙ୍କ ଦର୍ଶନ ଏପରି ପ୍ରଭାବଶାଳୀ ଯେ ତାହା ସାରା ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ନିଜର ପ୍ରଭାବ ଆଜି ପର୍ଯ୍ୟନ୍ତ ବିସ୍ତାର କରି ଚାଲିଛି ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବରେ ସାହିତ୍ୟିକ ଅସିତ ମହାନ୍ତି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଓଡିଶା ଶାଖାର ସ୍ମରଣିକା 'କଳିଙ୍ଗ'ର ନୂତନ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଏଥିସହ ବୁଦ୍ଧ ମନ୍ଦିର ପରିସରରେ କାର୍ଯ୍ୟନିର୍ବାହୀ ସଦସ୍ୟା ପ୍ରଫେସର ସୁଚେତା ପ୍ରିୟବାଦିନୀଙ୍କ ବୁଦ୍ଧଙ୍କ ଉପରେ ଚିତ୍ରକଳା ପ୍ରଦର୍ଶନୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ । କେନ୍ଦ୍ରୀୟ ଟ୍ରଷ୍ଟି ଡ. ସୌରେନ୍ଦ୍ର ମହାପାତ୍ର ଅତିଥି ପରିଚୟ ଓ କେନ୍ଦ୍ରୀୟ ଉପସଭାପତି ନମ୍ରତା ଚଢା ଧନ୍ୟବାଦ ଅର୍ପଣ କରିଥିଲେ।

**ଗୌତମ ବୁଦ୍ଧଙ୍କ ୨୫୭୦ତମ ଜୟନ୍ତୀ**

# ଓଭରବ୍ରିଜ୍ ଉପରେ ଓଲଟିଲା ଗ୍ୟାସ୍ ବୋଝେଇ ଟ୍ରକ୍



ଭୁବନେଶ୍ୱର,୨।୫(ପ୍ରସନ୍ନଜିତ୍ ସାହୁ)

ଭୁବନେଶ୍ୱର ଫାୟାର ଷ୍ଟେଶନ ଓଭରବ୍ରିଜ୍ ଉପରେ ଶନିବାର ଏକ ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଟ୍ରକ୍‌ରେ ଥିବା ସିଲିଣ୍ଡରଗୁଡ଼ିକ ରାସ୍ତା ଉପରେ ଛିଟିକି ହୋଇ ପଡ଼ି ଏଣେତେଣେ ଗଡ଼ିଥିଲା। ଏଥିପାଇଁ ଏନ୍‌ଏଚ୍‌ରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଏନେଇ ରାସ୍ତାରେ ଗାଡ଼ିଗୁଡ଼ିକ ଅଟକି ରହିଥିବାରୁ

### ରାସ୍ତାରେ ଗଡ଼ିଲା ସିଲିଣ୍ଡର

କିଛି ସମୟ ପାଇଁ ଭିଡ଼ ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ କରିଥିଲେ। ଏହି ଘଟଣାରେ କାହାର କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, କଟକରୁ ଖୋର୍ଦ୍ଧା ଆଡ଼କୁ ଯାଉଥିବା ଏକ ଗ୍ୟାସ୍ ବୋଝେଇ ଟ୍ରକ୍ ଫାୟାର ଷ୍ଟେଶନ ଓଭରବ୍ରିଜ୍ ଉପରେ ଭାରସାମ୍ୟ ହରାଇ ଓଲଟିଥିଲା। ସେଥିରେ ଥିବା ଗ୍ୟାସ୍ ଟାଙ୍କିଗୁଡିକ ରାସ୍ତାରେ ଗଡିବାରୁ ସେହି ରାସ୍ତାରେ ଯାଉଥିବା ଲୋକମାନେ ଆତଙ୍କିତ ହୋଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ଏହି ଟାଙ୍କିଗୁଡ଼ିକୁ ଉଠାଇ ସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲା। ଫଳରେ ଉଭୟ ନୟାପଲ୍ଲୀ ଓ ବରମୁଣ୍ଡା ପଟରୁ କିଛି ସମୟ ଭିଡ଼ ଦେଖା ଦେଇଥିଲା।

### ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

ଯାଁଳା,୨।୫(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ମୁଣ୍ଡମୁହାଣ ଗହିର ଭିତରୁ ଶନିବାର ସକାଳେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଯାଁଳା ଗ୍ରାମର ଲକ୍ଷ୍ମୀଧର ପାତ୍ର ଓରଫ ଧଡିଆ (୫୪)। ସମ୍ପତ୍ତି ଭାଗବଣ୍ଟାକୁ ନେଇ ଦୀର୍ଘ ବର୍ଷ ହେବ ପାରିବାରିକ କଳହ ଲାଗି ରହୁଥିଲା। ତେଣୁ ଧଡିଆଙ୍କ ବେକରେ ଗାମୁଛା ବାନ୍ଧି କେହି ହତ୍ୟା କରିଛନ୍ତି ବୋଲି ତାଙ୍କ ସ୍ତ୍ରୀ କବିତା ପାତ୍ର ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅପରାହ୍ନରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ୯ମ ବାର୍ଷିକ ଅଷ୍ଟପ୍ରହରୀ ଭାଗବତ ନାମଯଜ୍ଞ

କଳାପଥର,୨।୫(ଗଙ୍ଗାଧର ସାହୁ)

ଆରିକମା ମା'କୋଶଳାଶୁଣି ଶୂନ୍ୟବ୍ରହ୍ମ ଅବଧୂତ ଭାଗବତ ଆଶ୍ରମର ନବମ ବାର୍ଷିକ ଅଷ୍ଟପ୍ରହରି ଅହୋରାତ୍ର ଭାଗବତ ନାମଯଜ୍ଞ ଓ ସାଧୁମେଳା ଅନୁଷ୍ଠିତ ହୋଇଯାଇଛି। ଚଉଦ ଭାଗବତ ମଣ୍ଡଳି ରାଜସୁନାଖେଳା, ବାଲିକୁଦିଆ, ଅଁଳାମ କରବର, ଖାର କେନ୍ଦୁପଲ୍ଲୀ, ଭୋଗଡା, ପାଥପୁର, ଗୁଡୁପଡ଼ା, ଡସଂର, ବଡମ୍ବା, ଖଳିମାଟି, ବାରବାଟୀ ଯୋଗଦେଇ ଏହି ଆଶ୍ରମରେ ନାମ କୀର୍ତ୍ତନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆରିକମା ଗ୍ରାମ କମିଟିର ସଭାପତି ଜିତେନ୍ଦ୍ର କୁମାର ଯତି, ସମ୍ପାଦକ ଶରତ କୁମାର ବାରିକ, ଭଞ୍ଜ ବିଶ୍ୱାଳ, ରମେଶ ଚନ୍ଦ୍ର ଦାସ, ଦିଲୀପ ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ।

### ବିଆର୍‌ସିସିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖୋର୍ଦ୍ଧା,୨।୫(ପ୍ରଭାତ ପାଣିଗ୍ରାହୀ)

ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜିକା ସନ୍ଧ୍ୟାବତୀ ଲେଙ୍କାଙ୍କୁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଖୋର୍ଦ୍ଧାଠାରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିସହିତ ଅବସରପ୍ରାପ୍ତ କନିଷ୍ଠ ସହକାରୀ ନବ କିଶୋର ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଯାଜ୍ଞସେନୀ ସାହୁ, ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଏକାଧିକ ଶିକ୍ଷକ ଉପସ୍ଥିତ ରହି ତାଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସା କରିଥିଲେ।

# ମାଙ୍କଡ଼ କାମୁଡ଼ାରେ ୨ ଆହତ

ନିରାକାରପୁର,୨।୫(ମାନସ ଚନ୍ଦ୍ର ପଟ୍ଟନାୟକ)

ମାଙ୍କଡ଼ କାମୁଡ଼ାରେ ଶୁକ୍ରବାର ଦୁଇ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ନିରାକାରପୁର ପଞ୍ଚାୟତ ନନପଡ଼ା ଗ୍ରାମର ରଜନୀ ଏବଂ ମଞ୍ଜରିଆ ଗ୍ରାମର ଧ୍ରୁବ ବାରିକ। ସୂଚନା ମୁତାବକ, ରଜନୀ କୌଣସି କାମରେ ବଜାରରୁ ଘରକୁ ଯାଉଥିବା ବେଳେ ହଠାତ୍ ଏକ ମାଙ୍କଡ଼ ତାଙ୍କୁ କାମୁଡ଼ି ଦେଇଥିଲା। ସ୍ଥାନୀୟ ଲୋକେ ପାଟି ଶୁଣି ମାଙ୍କଡ଼ଟି ପଳାଇଯାଇଥିଲା। ସେହିପରି ମଞ୍ଜରିଆ ଗ୍ରାମର ଧ୍ରୁବଙ୍କୁ ମଧ୍ୟ କାମୁଡ଼ି ଦେଇଥିଲା। ତେବେ ଉଭୟ ଚିକିତ୍ସା ପରେ ସୁସ୍ଥ ଥିବା ଜଣାପଡ଼ିଛି । ପ୍ରକାଶ ଯେ, ନିରାକାରପୁର ଅଞ୍ଚଳରେ ଗତ ୩ ମାସ ମଧ୍ୟରେ ମାଙ୍କଡ଼ କାମୁଡ଼ାରେ ୨୫ରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ, ପିଲାମାନେ ଆହତ ହୋଇଥିବା ନେଇ ଜଣାପଡ଼ିଛି। ଏନେଇ ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ କହିଛନ୍ତି, ଗୋଟିଏ ମାଙ୍କଡ଼କୁ ପୂର୍ବରୁ ଟ୍ରାଙ୍କୁଲାଇଜେସନ କରାଯାଇଛି।ଆଉ ଗୋଟିଏ ମାଙ୍କଡ଼କୁ ଟ୍ରାଙ୍କୁଲାଇଜେସନ କରିବାକୁ ହେଲେ ଡିଏଫଓଙ୍କ ଅନୁମତି ଆବଶ୍ୟକ।

# ରାମଲୀଳାରେ ସୀତା ଚୋରି ମଞ୍ଚସ୍ଥ

ବୈଦେଶ୍ୱର,୨।୫(ମାନସ ରଞ୍ଜନ ସାହୁ)



ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥର ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଅକ୍ଷୟତୃତୀୟା ଦିବସରୁ ଗୁରୁ ନୀଳମଣି ସାଥୁଆଙ୍କ ତତ୍ତ୍ୱାବଧାନରେ ରାଧାମୋହନ ମନ୍ଦିର ନାଟ୍ୟ ମଣ୍ଡପରେ ଶ୍ରୀରାମଲୀଳା ଅନୁଷ୍ଠିତ ହେଉଛି। ଶୁକ୍ରବାର ରାତିରେ 'ସୀତା ଚୋରି' ମଞ୍ଚସ୍ଥ ହୋଇଥିଲା। ଶ୍ରୀରାମ ଭୂମିକାରେ ଗଣେଷ ମହାପାତ୍ର, ଲକ୍ଷ୍ମଣ ଗଣେଷ ବାରିକ, ସୀତା ଅକ୍ରୁର ରଣା, ସ୍ୱର୍ପନେଖା ଶ୍ୱେତ ସାହୁ, ମାରିଚି ଦିଲୀପ ପାତ୍ର, ରାବଣ ପ୍ରମୋଦ ଷଡ଼ଙ୍ଗୀ, ମାୟାଜତି କେଦାର ମହାରଣା, ମନୋଜ ସାହୁ ପ୍ରମୁଖ ଅଭିନୟ କରିଥିଲେ। ପ୍ରଦୀପ କୁମାର ସାହୁ, ନୀଳକଣ୍ଠ ମହାନ୍ତି, ସୁକାନ୍ତ ଚୌଧୁରୀ ରାମଲୀଳା ଗୀତ ଗାନ କରିବାରେ ଗୁରୁ ସାଥୁଆଙ୍କୁ ସହଯୋଗ କରିଥିବା ବେଳେ ବାୟକ ପ୍ରକାଶ ବାରିକ ଦାୟିତ୍ୱ ତୁଲାଇଥିଲେ।

# ଚିଲିକା ଗାନ୍ଧୀ ଉଦୟନାଥ ଜେନାଙ୍କ ଜୟନ୍ତୀ

କୃଷ୍ଣପ୍ରସାଦ,୨।୫(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ଚାରିଛକ ବଜାରଠାରେ ସ୍ଥାନୀୟ ଅଞ୍ଚଳରେ ଚିଲିକା ଗାନ୍ଧୀଭାବେ ପରିଚିତ ସ୍ୱର୍ଗତ ଉଦୟ ନାଥ ଜେନାଙ୍କ ୧୨୩ ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମଳେଶ୍ୱର ଦେବ ୩୫ମୌଜା ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ହୋଇଥିଲା। ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପୁରୀ ଏମପି ଡା.ସମ୍ବିତ ପାତ୍ର, ମୁଖ୍ୟ ବକ୍ତାଭାବେ ଜିଲା ପରିଷଦ ଲକ୍ଷ୍ମୀଧର ସାହୁ ଯୋଗଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ଦିଲୀପ ଦାଶ, କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନ, ବିଜୟ କୁମାର ତରେଇ, ହରିହର ଦାଶ, ଦୀନବନ୍ଧୁ ଜେନା, ଯୋଗେନ୍ଦ୍ର ବୈରୀଗଞ୍ଜନ, ସଂଗ୍ରାମ କେଶରୀ ଜେନା, ପ୍ରଭାତୀ ପ୍ରଧାନ, କୃଷ୍ଣଚନ୍ଦ୍ର ଜେନା, ଦାମୋଦର ଜେନା, ଯୋଗେନ୍ଦ୍ର ନାଥ ଜେନା, ଗଣେଶ ନାୟକ ପ୍ରମୁଖ ଯୋଗଦେଇ ଉଦୟନାଥ ଅଞ୍ଚଳବାସୀଙ୍କ ପାଇଁ ଯେଉଁ କାର୍ଯ୍ୟ କରିଯାଇଛନ୍ତି ତାହା ଜନମାନସରେ ସବୁଦିନ ପାଇଁ ଚିରସ୍ମରଣୀୟ କରି ରଖିବ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ଅକ୍ଷୟ ସାମନ୍ତସିଂହାର ମଞ୍ଚ ପରିଚାଳନା କରିଥିବା ବେଳେ ମନୋଜ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅଞ୍ଚଳର ଯୁବ ପ୍ରତିଭା କୁନା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୩୫ ମୌଜା ପରିଚାଳନା କମିଟିର ସମସ୍ତ ସଦସ୍ୟ, ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ନିର୍ମାଣ ଶ୍ରମିକ ପରିଚୟପତ୍ର ପ୍ରଦାନ

ବାରଙ୍ଗ,୨।୫(ଲିଙ୍ଗରାଜ ରାଉତ): ଅନ୍ତର୍ଜାତୀୟ ଶ୍ରମିକ ଦିବସ ଉପଲକ୍ଷେ ଶୁକ୍ରବାର ଶ୍ରମିକମାନଙ୍କୁ ନିର୍ମାଣ ଶ୍ରମିକ ପରିଚୟପତ୍ର ପ୍ରଦାନ କରାଯାଇଛି। ନରଣପୁରଠାରେ ନୀଳାଦ୍ରି ନିର୍ମାଣ ଶ୍ରମିକ ସଙ୍ଘ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ ଯୋଗଦେଇଥିଲେ। ଏହି ଅବସରରେ ବାରଙ୍ଗ ଅଞ୍ଚଳର ବିଭିନ୍ନ ଶ୍ରେଣୀରେ କାର୍ଯ୍ୟ କରୁଥିବା ୧୫୦ରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ନିର୍ମାଣ ଶ୍ରମିକଙ୍କୁ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସହାୟତା ଓ ସୁବିଧା ସୁଯୋଗ ଉପରେ ସଂଘ ପକ୍ଷରୁ ବିସ୍ତୃତ ଭାବେ ବୁଝାଇ ଦିଆଯାଇଥିଲା। ପୂର୍ବ ସରକାର ସମୟରେ ଥିବା ସହାୟତା ରାଶି ବର୍ତ୍ତମାନ ବୃଦ୍ଧି ପାଇଛି। ପକ୍କାଘର, ଦୁର୍ଘଟଣାଜନିତ ମୃତ୍ୟୁ, କାର୍ଯ୍ୟକ୍ଷେତ୍ରରେ କୌଣସି ଦୁର୍ଘଟଣା ଘଟିଲେ ସହାୟତା, ନିଜ ଗନ୍ତବ୍ୟସ୍ଥଳକୁ ଯିବାକୁ ହେଲେ ସାଇକେଲ ପରିବର୍ତ୍ତେ ଶ୍ରମିକଙ୍କୁ ମୋପେଡ୍ ପ୍ରଦାନ, ନିର୍ମାଣ ଶ୍ରମିକଙ୍କ ପିଲାଙ୍କ ପାଇଁ ଷଷ୍ଠ ଶ୍ରେଣୀରୁ ଆରମ୍ଭକରି ଉଚ୍ଚତମ ଶିକ୍ଷା ଯାଏ ସହାୟତା ରାଶି ପ୍ରଦାନ, ସନ୍ତାନଙ୍କ ବିବାହ, ପ୍ରସବକାଳୀନ ସହାୟତା ଆଦି ବିଭିନ୍ନ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଏହି ସହାୟତା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି ବୋଲି ସଂଘ ପକ୍ଷରୁ ବୁଝାଇ ଦିଆଯାଇଛି।

# ତୁମ୍ବ ଅଖ ବିନ୍ଧରେ ପନ୍ଦାରି, ବଳା ପିନ୍ଧା ଅନୁକୂଳ



ପୁରୀ, ୨।୫(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ଦ୍ୱାଦଶ ଦିବସରେ ତିନିରଥର ନିର୍ମାଣକାରୀ ସେବକମାନେ ରଥଖଳାଠାରେ ଉପସ୍ଥିତ ରହି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ତିନିରଥର ନାହାକା ତୁମ୍ବ, ଅଖ ବିନ୍ଧରେ ପନ୍ଦାରି ଏବଂ ବଳା ପିନ୍ଧା ଅନୁକୂଳ ସମ୍ପନ୍ନ ହୋଇଛି। ସେହିପରି ପଇ ବିନ୍ଧ ପୂର୍ବରୁ ତିନିରଥର ପଇ ବକଳା ଅନୁକୂଳ ଶେଷ ହୋଇଛି। ପଇ ବିନ୍ଧ ପାଇଁ ପଇରେ ମାପ ଚିହ୍ନ ପଡ଼ିବା ଶେଷ ହୋଇଛି। ଭଉଁରି ତିଥିରେ ଚକାଡେରା ନୀତି ଅନୁଷ୍ଠିତ ହେବ। ଏହି ଲକ୍ଷ୍ୟରେ ଚଳଚଞ୍ଚଳ ରଥ ଖଳା, ପୂର୍ବ ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି। ତିନିରଥର ମହାରଣା ସେବକମାନେ ନାହାକା ଚକ ପ୍ରସ୍ତୁତ ପାଇଁ ପୂର୍ବ ପ୍ରସ୍ତୁତି କାର୍ଯ୍ୟ ଶେଷ କରିଛନ୍ତି। ରଥ ଅମିନ ଭୋଇ ସେବକଙ୍କ ମାଧ୍ୟମରେ ତିନିରଥ ଖଳାକୁ କଟିଙ୍ଗ ପଇ ଯୋଗାଇ ଦେବାପରେ ମୁଖ୍ୟ ମହାରଣାଙ୍କ ଦ୍ୱାରା 'ପଇ ବକଳା' ଅନୁକୂଳ ପୂଜା ସମ୍ପନ୍ନ କରିଛନ୍ତି। ଏଥିସହ ତିନିରଥର ୪ ଗୋଟି ଲେଖାଏ ୧୨ ଫୁଟିଆ ଓରା ଚଉପଟ କାର୍ଯ୍ୟ ପରେ ଦୁଇଟି ଲେଖାଏ ଓରାର ଉଭୟ ପଟେ ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ରୂପକାର ସେବକମାନେ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦିକୋଣ ଅସ୍ଥାୟୀ କମାରଶାଳରେ ଅରକଣ୍ଟା ନିର୍ମାଣ ଜାରି ରଖିଛନ୍ତି।

### ଜଳିଗଲା ଚା' ଦୋକାନ

ବାରଙ୍ଗ/ତ୍ରିଶୂଳିଆ, ୨।୫
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ରଘୁନାଥପୁର ପୋଖରୀ ନିକଟ ଏକ ଚା' ଦୋକାନରେ ଶନିବାର ନିଆଁଲାଗି ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ପାଖାପାଖି ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଜିନିଷ ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଦୋକାନରେ ଥିବା ଗ୍ୟାସ୍ ସିଲିଣ୍ଡର ଫାଟି ନିଆଁ ଧୀରେ ଧୀରେ ବନ୍ଦ ହୋଇଯାଇଥିଲା।

### ବାଲିଅନ୍ତା ବ୍ଲକର ୧୫ ଛାତ୍ରୀଛାତ୍ର ପାଇଲେ ଏ-୧

ବାଲିଅନ୍ତା,୨।୫ (ନୀଳମାଧବ ସାହୁ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ମ୍ୟାଟ୍ରିକ ପରୀକ୍ଷାର ଫଳାଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ବାଲିଅନ୍ତା ବ୍ଲକର ମୋଟ ୨୦ଟି ହାଇସ୍କୁଲର ୧୩୫୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୩୨୫ ଜଣ ପାସ୍ କରିଛନ୍ତି । ୧୫ ଜଣ ଛାତ୍ରୀଛାତ୍ର ଏ -୧ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୮ ଜଣ ଛାତ୍ରୀ ଥିବା ବେଳେ ୭ ଜଣ ଛାତ୍ର ରହିଛନ୍ତି। ବାଲିଅନ୍ତା ନୋଡାଲ ଉଚ୍ଚ ବିଦ୍ୟାଳୟ, ସରକଣା ଭଗବତୀ ନୋଡାଲ ବିଦ୍ୟାପୀଠ ଓ ଜଗନ୍ନାଥପୁର ଗାଦିବ୍ରହ୍ମ ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ ଲେଖାଏ ଏ -୧ ପାଇଥିବା ବେଳେ, ଇଟୁଆ ପଞ୍ଚାୟତ ହାଇସ୍କୁଲର ୨ ଜଣ ଏ- ୧ ପାଇଛନ୍ତି।

# ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସହଧର୍ମିଣୀ ପ୍ରିୟଦର୍ଶିନୀଙ୍କ ପରଲୋକ

ପୁରୁଣା ଭୁବନେଶ୍ୱର,୨।୫
(ସୁବାସ ଚନ୍ଦ୍ର ପ୍ରଧାନ)



ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସହଧର୍ମିଣୀ ତଥା ସୁନାମଧନ୍ୟ ଗାୟିକା, କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ସଙ୍ଗୀତ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ନନ୍ଦ (ପଣ୍ଡା)ଙ୍କ ଶନିବାର ଏରୋଡ୍ରୋମ ଏରିଆ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୬୮ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଖବର ପାଇବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସେହିପରି ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସ ବର୍ମା, ସ୍ନେହାଙ୍ଗିନୀ ଛୁରିଆ, ଅତନୁ ସବ୍ୟସାଚୀ ନାୟକ, ବିଧାୟକ ବାବୁ ସିଂ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ବରିଷ୍ଠ ଭାଜପା ନେତା ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ, ପୂର୍ବତନ ଏମ୍‌ପି ମୁନ୍ନା ଖାନ୍, ଲେଖାଶ୍ରୀ ସାମନ୍ତସିଂହାର, ବିଭୂତି ବଳବନ୍ତରାୟ, ମନ୍ମଥ ରାଉତରାୟ, ସଂଗ୍ରାମ କେଶରୀ ପାଇକରାୟ, ଅମିୟ ଦାସ, ବିଜୁ ଛାତ୍ର ଜନତା ଦଳ ସଭାପତି ଈପ୍ସିତା ସାହୁ, ଭୁବନେଶ୍ୱର ମହାନଗର ନିଗମର ବହୁ କର୍ପୋରେଟର, ଶ୍ରୀଲିଙ୍ଗରାଜଙ୍କ ପ୍ରମୁଖ ସେବାୟତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ଅଂଶୁମାନ ପଣ୍ଡା, ପୁତ୍ରବଧୂ ଆକାଂକ୍ଷା, ଝିଅ ମନୀଷା ପଣ୍ଡା, ଜ୍ୱାଇଁ ଶିତିକଣ୍ଠ ମିଶ୍ର ଏବଂ ସମ୍ପର୍କୀୟ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

# ଇପିଏଫ୍ ପେନ୍‌ସନ ବୃଦ୍ଧି ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ସଂଘ

ଭୁବନେଶ୍ୱର, ୨।୫(ବନ୍ଦନା ସେଠୀ)

ଅଲ୍ ଓଡିଶା ଇପିଏଫ ପେନସନର୍ସ ଆସୋସିଏଶନ ରାଜ୍ୟ କମିଟି ଡାକରାରେ ୩୦ ଜିଲା କମିଟି ପକ୍ଷରୁ ପେନସନ ବୃଦ୍ଧି ପ୍ରସଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ମାରକପତ୍ର ପଠାଯାଇ ହସ୍ତକ୍ଷେପ ଲୋଡ଼ାଯାଇଛି। ଏହି କ୍ରମରେ ସଂଘର ଖୋର୍ଦ୍ଧା ଜିଲା କମିଟି ତରଫରୁ ଏକ ସ୍ମାରକପତ୍ର ଡାକଯୋଗେ ରାଷ୍ଟ୍ରପତିଙ୍କ ନିକଟକୁ ପଠାଯାଇଛି। ଓଡ଼ିଶା ସମେତ ସାରା ଦେଶରେ ଥିବା ୭୮ଲକ୍ଷ ଇପିଏଫ ପେନ୍‌ସନଭୋଗୀଙ୍କ ଲାଗି କେନ୍ଦ୍ର ସରକାର ୨୦୧୪ ସେପ୍ଟେମ୍ବରରୁ ମାସିକ ସର୍ବନିମ୍ନ ପେନସନ ୧୦୦୦ ଟଙ୍କା ଲାଗୁ କରିଛନ୍ତି। ମାତ୍ର ଏବେ ସୁଦ୍ଧା ୩୫ଲକ୍ଷରୁ ଉର୍ଦ୍ଧ୍ୱ ପେନସନଭୋଗୀ ମାସିକ ୧ହଜାର ଟଙ୍କାରୁ କମ୍ ପେନସନ୍ ପାଉଛନ୍ତି। ପେନ୍‌ସନ୍ ସହ ଦରଦାମ ବୃଦ୍ଧି ଭରଣା ପାଇଁ ମହଙ୍ଗାଭତ୍ତା ମଧ୍ୟ ମିଳୁନାହିଁ। ଫଳରେ ଅନେକ ଇପିଏଫ୍ ପେନ୍‌ସନ୍‌ଭୋଗୀ ଅଭାବ ଅନଟନରେ କାଳ କାଟୁଛନ୍ତି। ତେଣୁ ସର୍ବନିମ୍ନ ୯୦୦୦ ଟଙ୍କା ପେନସନ ସହ ମହଙ୍ଗାଭତ୍ତା ପ୍ରଦାନ, ସମସ୍ତ ଇପିଏଫ୍ ପେନସନ ଭୋଗୀଙ୍କୁ ନିଃଶୁଳ୍କ ଚିକିତ୍ସା ସେବା ଯୋଗାଇଦେବା ଦାବିକରି ଓଡ଼ିଶା ସମେତ ଦେଶର ଇପିଏଫ ପେନସନର୍ସ ସଂଗଠନ ପକ୍ଷରୁ ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ଶ୍ରମମନ୍ତ୍ରୀଙ୍କ ନିକଟରେ ଦୀର୍ଘ ୧୦ବର୍ଷ ହେବ ଦାବି କରି ଆସୁଥିଲେ ମଧ୍ୟ ଅର୍ଥାଭାବର ଆଳ ଦେଖାଇ କେନ୍ଦ୍ର ସରକାର ପେନସନ୍ ବୃଦ୍ଧି କରୁନାହାନ୍ତି। ଫଳରେ ଏହି ବର୍ଗର ବରିଷ୍ଠ ନାଗରିକମାନେ ପରିଣତ ବୟସରେ ଉପଯୁକ୍ତ ଖାଦ୍ୟ ଓ ଔଷଧ ଅଭାବରେ ଦୁର୍ଦ୍ଦଶାମୟ ଜୀବନ ବିତାଉଛନ୍ତି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ରାଷ୍ଟ୍ରପତିଙ୍କୁ ନିବେଦନ କରାଯାଇଛି।

## ସଂକ୍ଷେପରେ

### ସମାଜସେବୀଙ୍କ ପ୍ରତିମୂର୍ତ୍ତି ଅନାବରଣ

ଡେଲାଙ୍ଗ,୨।୫(ରଶ୍ମିରଞ୍ଜନ ପ୍ରଧାନ)

ସମାଜସେବା କ୍ଷେତ୍ରରେ ପରିଚୟ ସୃଷ୍ଟି କରିଥିବା ଗୋଡ଼ିପୁଟ ମାଟିଆପଡା ପଞ୍ଚାୟତର ଦିବଂଗତ ବିଶିଷ୍ଟ ସମାଜସେବୀ ଭାସ୍କର ଚନ୍ଦ୍ର ଜେନାଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ଶନିବାର ଏକ ପ୍ରତିମୂର୍ତ୍ତି ଅନାବରଣ ହୋଇଛି। ହରିପୁର ରେଳ ଷ୍ଟେଶନ ସନ୍ନିକଟ ନିଉ ଲାଇଟ୍ କ୍ଲବ ପାର୍ଶ୍ୱରେ ଦିବଂଗତ ଜେନାଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ଜିଲା ପରିଷଦ ସଭ୍ୟ ମଳୟ କୁମାର ମହାନ୍ତି, ବରିଷ୍ଠ ଆଇନଜୀବୀ ଅବନୀ କୁମାର ରାଉତରାୟ ଓ ବର୍ଷିୟାନ୍ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଅନାବରଣ କରିବା ସହ ଦିବଂଗତ ଜେନାଙ୍କ ସାମାଜିକ ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରିଥିଲେ। ପଞ୍ଚାୟତ ମହାବିଦ୍ୟାଳୟ ସଭାପତି ପ୍ରଦୀପ କୁମାର ଜେନା, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାର ପ୍ରମୋଦ ପରିଡ଼ା, ପ୍ରାକ୍ତନ ଶିକ୍ଷକ ନରେନ୍ଦ୍ର ଜେନା, ଅଶ୍ୱିନୀ ବଳିୟାରସିଂ, ଜଗଦୀଶ ପ୍ରସାଦ ଅଗ୍ରୱାଲ, ସମାଜସେବୀ ରଘୁନାଥ ସାହୁ, ବାବୁଲି ଜେନା, କବିରାଜ ସାହୁ, ବାପି ଜେନାଙ୍କ ସମେତ ଶତାଧିକ ମହିଳା, ପୁରୁଷ ଉପସ୍ଥିତ ରହି ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କଣାସ,୨।୫(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ କଳାମାଟି ଗ୍ରାମର ଆରାଧ୍ୟ ଠାକୁର ବାବା ଗ୍ରାମେଶ୍ୱର ମହାଦେବଙ୍କ ପୀଠରେ ୩ଦିନ ଧରି ଅନୁଷ୍ଠିତ ହେଉଥିବା ତ୍ରିଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ଶେଷ ହୋଇଛି। ଅନୁଷ୍ଠାନର ବ୍ରତଧାରୀଙ୍କ ଦ୍ୱାରା କଳସ ଯାତ୍ରା ସମାପନ ସହିତ ୩ଦିନ ଧରି ଅଙ୍କୁରାରୋପଣ, ଜଳଯାତ୍ରା, ସୂର୍ଯ୍ୟନାରାୟଣଙ୍କ ପୂଜାର୍ଚ୍ଚନା, ଚଣ୍ଡୀପାଠ, ରୁଦ୍ରାଭିଷେକ ଅନୁଷ୍ଠିତ ହେବାସହ ୩୬ତମ ପ୍ରତ୍ୟେକ ଦିନ ସତ୍ୟନାରାୟଣ ପୂଜା ପାଲା ଓଡ଼ିଶାର ସୁନାମଧନ୍ୟ ଗାୟକଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ହଜାର ହଜାର ଭକ୍ତଙ୍କ ଦ୍ୱାରା ସମାବେଶରେ ଯଜ୍ଞ କମିଟି ସଭ୍ୟଙ୍କ ଦ୍ୱାରା କାର୍ଯ୍ୟ ପରିଚାଳନା ହୋଇଛି। ସେହିପରି ତ୍ରିଲୋଚନପୁର ପଞ୍ଚାୟତ ନୂଆପଡ଼ା ଗ୍ରାମର ଆରାଧ୍ୟ ଠାକୁର ବାବା ବାଙ୍କେଶ୍ୱର ଦେବଙ୍କ ପୀଠରେ ୩ଦିନ ଧରି ବିଶ୍ୱର କଲ୍ୟାଣ ପାଇଁ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟ ସଭାପତି ଧନେଶ୍ୱର ରାଉତ ଓ ଗ୍ରାମ୍ୟ କମିଟିର ସଭ୍ୟାସଭ୍ୟ ଓ ଯୁବକମାନେ ସହାୟତା କରିଥିଲେ।

### ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠରେ ସଚେତନତା

କୋଣାର୍କ,୨।୫(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନସ୍ଥ ସିମିଳି ପଞ୍ଚାୟତର ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠରେ ଶନିବାର ପଞ୍ଚସଖା ଶିକ୍ଷାସେତୁ ସମ୍ବନ୍ଧରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନୂଆଗାଁ ଗ୍ରାମର ହରଚଣ୍ଡୀ ଠାକୁରାଣୀ ପୀଠରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସିମିଳି ସରପଞ୍ଚ ବିଶ୍ୱଜିତ ସ୍ୱାଇଁ, ପରିଚାଳନା କମିଟି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ, ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର, ସିଆର୍‌ସିସି ରବୀନ୍ଦ୍ର ନାଥ ବାହିନୀପତି ଓ ସୁକାନ୍ତ କୁମାର ଲେଙ୍କା ପ୍ରମୁଖ ଯୋଗଦେଇ ପଞ୍ଚସଖା ଶିକ୍ଷାସେତୁ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ।

# ଶ୍ରମିକମାନେ ବିକଶିତ ଓଡ଼ିଶାର କର୍ଣ୍ଣଧାର

ନିମାପଡ଼ା/ପୁରୀ,୨।୫
(ବିଚିତ୍ରାନନ୍ଦ ସାହୁ/ଅଜିତ୍ କୁମାର ମହାନ୍ତି)


ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଜଣେ ଶ୍ରମିକଙ୍କୁ ଚେକ୍ ପ୍ରଦାନ କରୁଛନ୍ତି ।

ଶ୍ରମିକମାନେ ଦେଶର ପ୍ରକୃତ ନିର୍ମାତା ଓ ଭାଗ୍ୟବିଧାତା, ବିକଶିତ ଓଡ଼ିଶାର କର୍ଣ୍ଣଧାର ବୋଲି ନିମାପଡ଼ା ଶହୀଦ ଭବନ ପଡ଼ିଆଠାରେ ଆୟୋଜିତ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମତବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାର ଶ୍ରମିକଙ୍କର ବିକାଶ ଓ ସାମାଜିକ ସୁରକ୍ଷା ପାଇଁ ବହୁ ଯୋଜନା ପ୍ରଣୟନ କରିଥିବାବେଳେ ବହୁ ପଦକ୍ଷେପ ନେଇଛନ୍ତି। ଓଡ଼ିଶାର ସମସ୍ତ ଶ୍ରମିକଙ୍କ ପରିବାରକୁ ଶକ୍ତିଶାଳୀ କରିବା ପାଇଁ ଆମ ସରକାର ଦୃଢ଼ ସଂକଳ୍ପବଦ୍ଧ ବୋଲି ସେ କହିଛନ୍ତି।

ସମ୍ମାନିତ ଅତିଥି ଭାବେ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଓମ୍ ପ୍ରକାଶ ମିଶ୍ର, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଜିଲା ଶ୍ରମ ଅଧିକାରୀ ପ୍ରଜ୍ଞା ପାରମିତା ସାହୁ, ମଣ୍ଡଳ ଶ୍ରମ ଆୟୁକ୍ତ ଚୌଧୁରୀ ସୁବ୍ରତ କୁମାର ଜେନା ପ୍ରମୁଖ ଯୋଗଦେଇ ଶ୍ରମିକ ଦିବସର ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମାରୋହରେ ଅତିଥିମାନେ ୭୫ଜଣ ଶ୍ରମିକଙ୍କୁ ସେମାନଙ୍କର ପରିଚୟପତ୍ର ବଣ୍ଟନ କରିଥିବାବେଳେ ମୋଟ ୨ହଜାର ୩୦୪ଜଣ ନିର୍ମାଣ ଶ୍ରମିକଙ୍କୁ ୧୩କୋଟି ୨୮ଲକ୍ଷ ୫୦ହଜାରର ସହାୟତା ରାଶି ପ୍ରଦାନ କରିଥିଲେ। ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲା ଶ୍ରମ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିକ୍ରମ କେଶରୀ ପ୍ରଧାନ, ଚିନ୍ମୟ ପ୍ରିୟଦର୍ଶୀ, ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ସମେତ ଜିଲା ଓ ସ୍ଥାନୀୟ ବ୍ଲକର ବହୁ ବରିଷ୍ଠ ସରକାରୀ ଅଧିକାରୀ ଓ ଶତାଧିକ ଶ୍ରମିକ ଯୋଗଦେଇଥିଲେ।

## ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଲେ 'ଶ୍ରେୟାଂଶୀ'

ସାକ୍ଷୀଗୋପାଳ,୨।୫(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

**୨୫ ସେକେଣ୍ଡରେ ୧୭ ରାଷ୍ଟ୍ରୀୟ ପ୍ରତୀକ ଉତ୍ତର ରଖିଲେ**




ନିଜର ବିଚକ୍ଷଣ ବୁଦ୍ଧି ଏବଂ ତତ୍କାଳ ସଠିକ୍ ଉତ୍ତର ଦେଇଥିବା ଅଢ଼େଇ ବର୍ଷର ଶିଶୁକନ୍ୟା ଶ୍ରେୟାଂଶୀ ପଣ୍ଡା ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ପୂର୍ବରୁ ୨୦ ମାସର ଏହି ଶିଶୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଥିବା ବେଳେ ବର୍ତ୍ତମାନ ଭାରତର ୧୭ଟି ରାଷ୍ଟ୍ରୀୟ ପ୍ରତୀକ ଦ୍ରୁତ ଚିହ୍ନଟକରି ଠିକ୍ ଉତ୍ତର ଦେବାରେ ସଫଳ ହୋଇଛନ୍ତି। ସେଗୁଡ଼ିକ ମଧ୍ୟରେ ଜାତୀୟ ପତାକା, ଜାତୀୟ ମୋହର, ଜାତୀୟ ପକ୍ଷୀ, ମୁଦ୍ରା, ନଦୀ, ପାଞ୍ଜି, ଜନ୍ତୁ, ଜଳଚର ଜନ୍ତୁ, ଗୀତ, ସଙ୍ଗୀତ, ଫଳ, ଫୁଲ ଆଦି ଅନ୍ତର୍ଭୁକ୍ତ ରହିଛି। ଏହି କୃତିତ୍ୱ ପାଇଁ ୱାର୍ଲଡ ରେକର୍ଡସ ଅଫ୍ ଏକ୍ସିଲେନ୍ସ ପ୍ରମାଣପତ୍ର ଓ ପଦକ ପ୍ରଦାନପୂର୍ବକ ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡସ୍‌ର ପ୍ରତିଷ୍ଠାତା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜ ଭିଗ ଶିଶୁଟିକୁ ଉତ୍ସାହିତ କରିଛନ୍ତି। ସେହିପରି ସୁପର ଟାଲେଣ୍ଟେଡ୍ କିଡ୍ ପ୍ରତିଯୋଗିତାରେ ୩୫୦ଟି ବିଭିନ୍ନ ପ୍ରଶ୍ନର ସଠିକ୍ ଉତ୍ତର ଦେଇ ସୁପର ଟାଲେଣ୍ଟେଡ୍ କିଡ୍ ଆୱାର୍ଡ ପାଇଁ ମନୋନୀତ ହୋଇଛନ୍ତି। ସତ୍ୟବାଦୀ ଥାନା ଅନ୍ତର୍ଗତ ଇନ୍ଦ୍ରପୁର ଗ୍ରାମର କୁନିଝିଅ ଶ୍ରେୟାଂଶୀଙ୍କ ମାତା ତପସ୍ୱିନୀ ପଣ୍ଡା ଓ ପିତା ଶିବଶଙ୍କର ପଣ୍ଡାଙ୍କ ପରିବାରରେ ଏଥିପାଇଁ ଖୁସିର ଲହରି ଖେଳିଯାଇଛି। ପୁରୀ ସହରରେ ରହୁଥିବା ଏହି ପରିବାରକୁ ବିଭିନ୍ନ ମହଲରୁ ଶିଶୁଟିର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଶୁଭେଚ୍ଛା ପହଞ୍ଚିବାରେ ଲାଗିଛି।

## ପୋଲିସ, ତହସିଲ ଉପସ୍ଥିତିରେ ଜବରଦଖଲ ଗୃହ ଉଚ୍ଛେଦ

ଗୋପ,୨।୫(ଭାରତୀ ଭୂଷଣ ଉପାଧ୍ୟାୟ)


ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତି ଉପରେ ନିର୍ମାଣାଧୀନ ବେଆଇନ ଗୃହକୁ ଉଚ୍ଛେଦ କରାଯାଉଛି।

ଗୋପ ଥାନା ଅନ୍ତର୍ଗତ ଗୁନିଆ ଗ୍ରାମ ନିକଟରେ ଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତିରେ ବେଆଇନ ଭାବେ କରିଥିବା ଅର୍ଦ୍ଧନିର୍ମିତ ଗୃହକୁ ଶନିବାର ପୂର୍ବାହ୍ଣରେ ତହସିଲ ଓ ପୋଲିସ ଉପସ୍ଥିତିରେ ଉଚ୍ଛେଦ କରାଯାଇଛି। ତହସିଲ୍‌ଦାର ସୂର୍ଯ୍ୟଶଙ୍କର ଦାଶଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲ୍‌ଦାର ହରପ୍ରିୟା ମଲ୍ଲିକ, ଗୋପ ଥାନା ଏସ୍‌ଆଇ ବୁଦ୍ଧରାୟ ମାଝୀ ଓ ଦେବସ୍ମିତା ସିଂଙ୍କ ସମେତ ଅନ୍ୟ ଅଧିକାରୀମାନେ ଏହି ସମୟରେ ଉପସ୍ଥିତ ଥିଲେ।

ପ୍ରକାଶ ଯେ, କାହିଁ କେଉଁକାଳରୁ ଏହି ଜଗନ୍ନାଥ ସମ୍ପତ୍ତି ସ୍ଥଳରେ ଡଭାର ଗ୍ରାମର ଆରାଧ୍ୟା ମଙ୍ଗଳା ମା'ଙ୍କ ଝାମୁଯାତ୍ରା ଅନୁଷ୍ଠିତ ହୋଇଆସୁଥିଲା। ଉକ୍ତ ଗ୍ରାମର ଦୁଇ ଭାଇ କିଛି ବର୍ଷ ହେବ ବେଆଇନ ଭାବେ ଏହି ସ୍ଥାନରେ ଗୃହ ନିର୍ମାଣ କରିବା ଫଳରେ ଏହି ଅଞ୍ଚଳର ବରିଷ୍ଠ ବ୍ୟକ୍ତିମାନେ ଏହାକୁ ବିରୋଧ କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ଚଳିତ ବର୍ଷ ବ୍ୟକ୍ତିଗତ ଜମିରେ ଝାମୁଯାତ୍ରା ହେବା ନେଇ ବାଦାନୁବାଦ ସୃଷ୍ଟି ହେବାପରେ ଗ୍ରାମବାସୀ ଏହି ଜବରଦଖଲ ଗୃହ ଉଚ୍ଛେଦ ପାଇଁ ଅଭିଯୋଗ କରିଥିଲେ। ତହସିଲ୍‌ଦାର ସୂର୍ଯ୍ୟଶଙ୍କର ଦାଶ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କାଗଜପତ୍ର ତନଖି କରିବା ପରେ ସରକାରୀ ନିୟମ ମୁତାବକ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶକୁ ନେଇ ଶନିବାର ବେଆଇନ ଭାବେ କରାଯାଇଥିବା ଗୃହକୁ ଉଚ୍ଛେଦ କରାଯାଇଥିଲା।



ପୁରୀକ୍ଲବ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ପ୍ରିମିୟର କ୍ରିକେଟ ଲିଗ୍ ପ୍ରତିଯୋଗିତାର କପ୍‌କୁ ଉନ୍ମୋଚନ କରାଯାଉଛି ।

## ସଭାମଣ୍ଡପଠାରେ ବାରଗାଦି ମେଳଣ

ଚାରିଛକ,୨।୫(ଶିଶିର କୁମାର ସ୍ୱାଇଁ)

ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ସାନହୁଲି ଗ୍ରାମର ଐତିହାସିକ ପୀଠ ସଭାମଣ୍ଡପ ରତ୍ନବଟ ମଠଠାରେ ପବିତ୍ର ବୁଦ୍ଧ ପୂର୍ଣ୍ଣିମା ତିଥି ଅବସରରେ ୧୨ ଗାଦି ଭାଗବତ ମେଳଣ ଅନୁଷ୍ଠିତ ହୋଇଥିଲା। ପ୍ରାତଃରେ ପ୍ରଥମେ ତୁଳସୀପୁର ଗ୍ରାମର ଭାଗବତ ଗାଦି ଠାକୁର ଥାନପତି ହୋଇଥିବାରୁ ମେଳଣ ମଣ୍ଡପକୁ ଯାଇ ପ୍ରଥମେ ଉପବେଶନ କରିଥିଲେ। ତା'ପରେ ନିକଟସ୍ଥ ଭାଣପୁର, ଚହଟା, ବାଲୁଙ୍କ, ଛଣିଜଙ୍ଗ, ଜାହାଙ୍ଗୀରପୁର, ସାନହୁଲି, ବାସୁଦେଇପୁର, ବନମାଳୀପୁର, ଦଣ୍ଡିକେରା, ବଳଭଦ୍ରପୁର, କେଶରେଇପୁର ପ୍ରଭୃତି ୧୨ଟି ଗାଁର ଭାଗବତଗାଦି ଠାକୁର ସୁସଜ୍ଜିତ ବିମାନରେ ମଣ୍ଡପକୁ ଆସି ଉପବେଶନ କରିଥିଲେ। ସମସ୍ତ ଠାକୁରଙ୍କୁ ଓଁ ଶ୍ରୀ ଶ୍ରୀ ଭାଗବତ ବାସୁଦେବ ବାରଗାଦି ପୂଜା କମିଟି ପକ୍ଷରୁ ବିଭିନ୍ନ ଗ୍ରାମରୁ ଆସିଥିବା ସମସ୍ତ ବାରଗାଦି ଠାକୁରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମଣ୍ଡପ ଠାରେ ରତ୍ନବଟ ମଠର ମୁଖ୍ୟ ପୂଜକ ଭଜମନ ଶତପଥୀଙ୍କ ଦ୍ୱାରା ଠାକୁରଙ୍କ ସ୍ନାନ ପରେ ସକାଳେ ବାଲ ଭୋଗ ଓ ମଧ୍ୟାହ୍ନରେ ଅନ୍ନପ୍ରସାଦ ଭୋଗ ଲାଗି କରାଯାଇଛି। ଠାକୁରଙ୍କ ମଧ୍ୟରେ ମେଳଣ ଅନୁଷ୍ଠିତ ହୋଇଥିଲା। ଏହି ମେଳଣରେ ଅନୁଷ୍ଠାନର ସଭାପତି ସନ୍ତୋଷ କୁମାର ତ୍ରିପାଠୀ, ଉପସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ଲକ୍ଷ୍ମୀଧର ବେହେରା, ସହସମ୍ପାଦକ ଚନ୍ଦ୍ରମଣି ସାହୁ, କୋଷାଧ୍ୟକ୍ଷ ବ୍ରଜକିଶୋର କର ଓ ସମସ୍ତ ସଭ୍ୟ ହରେକୃଷ୍ଣ ଶତପଥୀ, କୈଳାଶ କର, ଚକ୍ରଧର ପାଣି ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ମେଳଣରେ ଅପରାହ୍ନ ୫ଟାରୁ ଭାଗବତ ପାରାୟଣ ଆରମ୍ଭ ହୋଇ ରାତି ୯ଟାରେ ଶେଷ ହୋଇଥିଲା।

## ଜମିବାଡ଼ି ବିବାଦ: ମା'ଝିଅଙ୍କୁ ମରଣାନ୍ତକ ଆକ୍ରମଣ

ଗୋପ/ଯୋଗେଶ୍ୱରପୁର,୨।୫
(ଭାରତୀ ଭୂଷଣ ଉପାଧ୍ୟାୟ/ରଶ୍ମିରଞ୍ଜନ ସାହୁ)

ଜମିବାଡ଼ି ବିବାଦକୁ ନେଇ ଶନିବାର ମଧ୍ୟାହ୍ନରେ ଗୋପ ଥାନା ଅନ୍ତର୍ଗତ ଓଟାଙ୍ଗ ଗ୍ରାମର ଗୋଟିଏ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଓଟାଙ୍ଗ ଗ୍ରାମର ମା' ତନୁଲତା ସ୍ୱାଇଁ ( ୪୬), ଦୁଇ ଝିଅ ଝୁନା ସ୍ୱାଇଁ (୨୨) ଓ ଲିପିନା ସ୍ୱାଇଁ (୨୦)ଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତିନିଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଭୁବନେଶ୍ୱର ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ଏ ସମ୍ପର୍କରେ ଗୋପ ଥାନାରେ ଅଭିଯୋଗ କରାଯାଇଥିବା ବେଳେ ଅପରପକ୍ଷରେ ଅନ୍ୟଗୋଷ୍ଠୀ ଆଉ ଗୋଟିଏ ଅଭିଯୋଗ ନୟାହାଟ ଫାଣ୍ଡିରେ ଦେଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, କିଛିଦିନ ଧରି ଓଟାଙ୍ଗ ଗ୍ରାମରେ ଦୁଇ ପରିବାର ମଧ୍ୟରେ ଜମିବାଡ଼ି ବିବାଦ ଲାଗିରହିଥିଲା। ଶନିବାର ମଧ୍ୟାହ୍ନରେ ଲିପିନା ସ୍ୱାଇଁ ନାମ୍ନୀ ଯୁବତୀ ବାଡ଼ିପଟ ଜମିକୁ ଯାଇଥିବା ବେଳେ କାଳନ୍ଦୀ ଖଟୋଇଙ୍କ ପରିବାରର ୫/୬ ପୁରୁଷ ଓ ମହିଳା ଆକ୍ରମଣ କରିଥିଲେ। ଏହି ସମୟରେ ଆକ୍ରମଣ କରାଯାଉଥିବା ଯୁବତୀଙ୍କ ମା' ଓ ବଡ଼ଭଉଣୀ ରୋକିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ ହୋଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଆକ୍ରମଣର ଶିକାର ୩ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଅପରଗୋଷ୍ଠୀ ପକ୍ଷରୁ ମଧ୍ୟ ନୟାହାଟ ଫାଣ୍ଡିରେ ଅନୁରୂପ ଭାବେ ଅଭିଯୋଗ କରାଯିବା ପରେ ପୋଲିସ ତଦନ୍ତ ଚଳାଇଛି। ଗୋପ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି, ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଇ ତଦନ୍ତ କରାଯାଉଛି। ମକଦ୍ଦମା ରୁଜୁ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ପଞ୍ଚସଖା ଶିକ୍ଷା ସେତୁ ଯୋଜନା ସଚେତନତା ଶିବିର

ଅସ୍ତରଙ୍ଗ/କାକଟପୁର,୨।୫(ମମତା ଜେନା/ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ପଞ୍ଚସଖା ଶିକ୍ଷା ସେତୁ ଯୋଜନା ସମ୍ପର୍କରେ ମେଗା ସଚେତନତା ଶିବିର ସ୍ଥାନୀୟ ସାଇ ମଣ୍ଡପରେ ପିଏମ୍ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଆୟୋଜନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଶିବିରରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ପ୍ରଶାସକ ପ୍ରଭାତ ତରାଇ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ଦାଶ ଯୋଗଦେଇ ସାମ୍ପ୍ରତିକ ସମୟରେ ଶିକ୍ଷା ଓ ଶିକ୍ଷାୟତନ ଉନ୍ନତି ନିମନ୍ତେ ସରକାରଙ୍କ ସହିତ ଅଭିଭାବକଙ୍କର ମଧ୍ୟ ଗୁରୁଦାୟିତ୍ୱ ରହିଛି ବୋଲି ମତ ଦେଇଥିଲେ।

## ପୂର୍ବଶତ୍ରୁତାରୁ ଯୁବକଙ୍କୁ ମାରଣାସ୍ତ୍ରରେ ହାଣିଲେ

କଣାସ,୨।୫(ବିଭୂତି ଭୂଷଣ ତ୍ରିପାଠୀ)

ପୂର୍ବଶତ୍ରୁତାରୁ ଜଣେ ଯୁବକଙ୍କୁ ସଂଘବଦ୍ଧ ହୋଇ ମାରଣାସ୍ତ୍ରରେ ଦୁର୍ବୃତ୍ତମାନେ ହାଣିଛନ୍ତି। ଯୁବକ ହେଲେ କଣାସ ଥାନା ଦୋକନ୍ଦା ଗ୍ରାମର ମୃତ୍ୟୁଞ୍ଜୟ ଭାରିମଲ(୨୯)। ସେ ଗୁରୁତର ହୋଇ ଭୁବନେଶ୍ୱର ଏମ୍‌ସ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ମୃତ୍ୟୁଞ୍ଜୟ ଶନିବାର ସକାଳେ କଣାସ ଗୋଲାବଜାର ମାଛ ବଜାରକୁ ମାଛ କିଣିବା ପାଇଁ ଆସିଥିବାବେଳେ ପୂର୍ବ ଶତ୍ରୁତାକୁ ନେଇ ୫/୬ ଜଣ ଯୁବକ ମାରଣାସ୍ତ୍ରରେ ହାଣି ଦେଇଛନ୍ତି। ତାଙ୍କର ଡାହାଣ ହାତ ଓ ଗୋଡ଼ ଏବଂ ବାମ ହାତ, ଗୋଡ଼ କଟି ଯାଇଥିଲା। ଆକ୍ରମଣ ହେବା ଦେଖି ସେଠାରେ ଉପସ୍ଥିତ ଥିବା ମାଛ ବ୍ୟବସାୟୀ ଓ ଉପସ୍ଥିତ ଲୋକମାନେ ଭୟରେ ଜାଗା ଛାଡ଼ି ପଳାଇଥିଲେ। ଯୁବକ ଜଣକ ଘଟଣାସ୍ଥଳରେ ଅଧଘଣ୍ଟା ପଡ଼ିରହିବା ପରେ ଖବରପାଇ କଣାସ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ମୃତ୍ୟୁଞ୍ଜୟକୁ ଉଦ୍ଧାର କରି ଏମ୍‌ସ ମେଡିକାଲ୍ ପଠାଇଛନ୍ତି। ବର୍ତ୍ତମାନ ସୁଦ୍ଧା ପରିବାର ପକ୍ଷରୁ କଣାସ ଥାନାରେ କୌଣସି ଏତଲା ଦିଆଯାଇନାହିଁ। ଖବରପାଇ କଣାସ ଥାନା ଆଇଆଇସି ଶୁଭେନ୍ଦୁ କୁମାର ମହାନ୍ତି, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଗୁରୁତର ମୃତ୍ୟୁଞ୍ଜୟଙ୍କ ନାଁରେ ବିଭିନ୍ନ ଥାନାରେ ମାମଲା ଥିବା ପୋଲିସ୍ ସୂତ୍ରରୁ ସୂଚନା ମିଳିଛି।

## ୬ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ

ନିମାପଡ଼ା/ପୁରୀ,୨।୫
(ବିଚିତ୍ରାନନ୍ଦ ସାହୁ/ଅଜିତ୍ କୁମାର ମହାନ୍ତି)

ନିମାପଡ଼ା ଜଳସମ୍ପଦ ବିଭାଗ ଡିଭିଜନ ପକ୍ଷରୁ ୫ କୋଟି ୧୮ଲକ୍ଷ ୬୮ହଜାର ଟଙ୍କା ବ୍ୟୟ ଅଟକଳରେ ୬ଟି ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୨କୋଟି ୯୮ଲକ୍ଷ ଟଙ୍କା ବ୍ୟୟରେ ନିମାପଡ଼ା ଜଳସମ୍ପଦ ବିଭାଗ ଉପଖଣ୍ଡ ଅଧୀନସ୍ଥ ବାମନାଳ ମାଇନର ଦକ୍ଷିଣପାର୍ଶ୍ୱ ବନ୍ଧର ଗୋପାଳପୁରଠାରୁ ଓହଳ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ଓ ସମ୍ପ୍ରସାରଣ, ୫୦ଲକ୍ଷ ୨୩ହଜାର ଟଙ୍କା ବ୍ୟୟରେ ପାଟପୁର ନିକଟ କୁଶଭଦ୍ରା ନଦୀ ଦକ୍ଷିଣପାର୍ଶ୍ୱ ବନ୍ଧର ଉନ୍ନତୀକରଣ, ୫୦ଲକ୍ଷ ୨୩ହଜାର ଟଙ୍କା ବ୍ୟୟରେ ପ୍ରହରାଜସାହି ନିକଟସ୍ଥ କୁଶଭଦ୍ରା ନଦୀ ଦକ୍ଷିଣପାର୍ଶ୍ୱ ବନ୍ଧର ଉନ୍ନତୀକରଣ, ୫୦ଲକ୍ଷ ଟଙ୍କା ବ୍ୟୟରେ ବଳଙ୍ଗା ଉପଖଣ୍ଡ ଅଧୀନ ଭାର୍ଗବୀର ବାମପାର୍ଶ୍ୱ ବନ୍ଧର ଉନ୍ନତୀକରଣ, ୩୫ ଲକ୍ଷ ଟଙ୍କା ବ୍ୟୟରେ ତୋରିହିଁବନ୍ଧ ମାଇନର କେନାଲର ଭଗବତୀପୁର ବଜାର ଠାରୁ ଅନେଇ ପର୍ଯ୍ୟନ୍ତ ଉନ୍ନତୀକରଣ ଓ ୩୫ଲକ୍ଷ ୨୨ହଜାର ଟଙ୍କା ବ୍ୟୟରେ ଗୋପ ଜଳସମ୍ପଦ ବିଭାଗ ଉପଖଣ୍ଡ ଅଧୀନ ବେଗୁନିଆ ବିତରକ କେନାଲ ବାମପାର୍ଶ୍ୱ ବନ୍ଧର ଭୂଆସୁଣୀ ମନ୍ଦିର ଠାରୁ ନୀଳକଣ୍ଠପୁର ପର୍ଯ୍ୟନ୍ତ ଉନ୍ନତୀକରଣ କାର୍ଯ୍ୟ ନିମନ୍ତେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ନଦୀବନ୍ଧ ଓ କେନାଲବନ୍ଧ ରାସ୍ତା ନିର୍ମାଣ ଓ ଉନ୍ନତୀକରଣ କାର୍ଯ୍ୟ ସମାପନ ହେଲେ ସାଧାରଣ ଚଳଣି ଓ ଗମନାଗମନ, ଯାନବାହାନ ଚଳାଚଳ କ୍ଷେତ୍ରରେ ନିମାପଡ଼ା, ବଳଙ୍ଗା, ଗୋପ ଜଳସମ୍ପଦ ଉପଖଣ୍ଡ ଅଞ୍ଚଳର ହଜାର ହଜାର ଲୋକ ବହୁଳଭାବେ ଉପକୃତ ହେବେ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।

ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଓମ୍ ପ୍ରକାଶ ମିଶ୍ର, ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ବେହେରା, ଜିଲା ଶ୍ରମ ଅଧିକାରୀ ପ୍ରଜ୍ଞା ପାରମିତା ସାହୁ, ନିମାପଡ଼ା ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ ଚେତନ ପୋଥାଳ, ନିମାପଡ଼ା ଉପଖଣ୍ଡର ନିର୍ବାହୀଯନ୍ତ୍ରୀ ଶକ୍ତିପ୍ରସାଦ ଦାଶ, ବଳଙ୍ଗା ଏସ୍‌ଡିଓ ଅଜୟ ପ୍ରଧାନ, ନିମାପଡ଼ା ସହକାରୀ ନିର୍ବାହୀ ଯନ୍ତ୍ରୀ ହେମାମାଳିନୀ ପତି, ଉମାକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ଫଟୋରେ ଖବର


ବୁଦ୍ଧ ପୂର୍ଣ୍ଣିମା ଅବସରରେ ମହିଳାମାନେ ବୁଦ୍ଧଙ୍କୁ ଜଳାଶାୟୀ କରି ପୂଜା କରୁଛନ୍ତି।



ପୁରୀ ରାମକୃଷ୍ଣ ମଠରେ ଅନୁଷ୍ଠିତ ଜାତୀୟ ଯୁବ ସମ୍ମିଳନୀ ଅବସରରେ ଅତିଥିମାନେ ଏକ ପୁସ୍ତକ ଲୋକାର୍ପଣ କରୁଛନ୍ତି।

## ୨୬.୫୪ ଗ୍ରାମ ବ୍ରାଉନ୍‌ସୁଗାର ଜବତ, ବେପାରୀ ଗିରଫ

ଭୁବନେଶ୍ୱର,୨।୫(ପ୍ରସନଜିତ୍ ସାହୁ): ବେଆଇନ ବ୍ରାଉନ୍‌ସୁଗାର ବିକ୍ରି ଅଭିଯୋଗରେ ଶନିବାର ଭରତପୁର ଥାନା ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭରତପୁର ଅଞ୍ଚଳର ରାଜେନ୍ଦ୍ର ନାୟକ, ଅମରଜିତ୍ ପ୍ରଧାନ, ପ୍ରଭାସିନୀ ନାୟକ ଓ ତମାଣ୍ଡୋ ଅଞ୍ଚଳର ଗୌତମ ପ୍ରଧାନ। ସେମାନଙ୍କ ନିକଟରୁ ୨୬.୫୪ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ସୂଚନାଯୋଗ୍ୟ, ଭରତପୁର ଅଞ୍ଚଳରେ ଅଭିଯୁକ୍ତମାନେ ବ୍ରାଉନସୁଗାର କାରବାର କରୁଥିଲେ। ଖବରପାଇ ପୋଲିସ ଚଢ଼ାଉକରି ରାଜେନ୍ଦ୍ରଙ୍କ ନିକଟରୁ ୨୬.୫୪ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରିଥିଲା। ସେମାନେ ଖୋର୍ଦ୍ଧା ଅଞ୍ଚଳରୁ ବ୍ରାଉନ୍ ସୁଗାର ଆଣି ବ୍ୟବସାୟ କରୁଥିବା ସ୍ୱୀକାର କରିଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା(ନଂ. ୩୧୧/୨୦୨୬) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ଖଣ୍ଡପଡ଼ାର ପୂର୍ବତନ ଏସ୍‌ଡିପିଓ ନିଲମ୍ବିତ

ଭୁବନେଶ୍ୱର/ଭାପୁର/ନୟାଗଡ଼,୨।୫ (ପ୍ରସନଜିତ୍ ସାହୁ/ପ୍ରଭାତ ବରାଡ/ଲୋକନାଥ ମିଶ୍ର)

ଥାନାକୁ ଅଭିଯୋଗ ନେଇ ଆସିଥିବା ଜଣେ ବିବାହିତା ମହିଳାଙ୍କୁ ପ୍ରେମ ନିବେଦନ କରିବା ସହ ନିର୍ଯାତନା ଦେବା ଘଟଣାରେ ନୟାଗଡ଼ ଜିଲା ଖଣ୍ଡପଡାର ପୂର୍ବତନ ଏସ୍‌ଡିପିଓ ମଦନମୋହନ ପ୍ରଧାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି। ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବା ନେଇ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ମଧ୍ୟ ଏନେଇ ଚିଠି ନଂ.୧୪୭୭୦ ଜାରି କରାଯାଇଛି। ଅଭିଯୋଗ ଅନୁସାରେ, ନୟାଗଡ଼ ଜିଲା ଫତେଗଡ ଥାନାରେ ଥିବା ଏକ ପୁରୁଣା ମାମଲାର ସମାଧାନ କରିବାକୁ ଖଣ୍ଡପଡା ଏସ୍‌ଡିପିଓ ମଦନମୋହନ ଫତେଗଡ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବାରମ୍ବାର କାର୍ଯ୍ୟାଳୟକୁ ଡାକି ପ୍ରେମ ନିବେଦନ କରୁଥିଲେ। ମାତ୍ର ମହିଳା ଜଣକ ରାଜି ହେଉ ନ ଥିବାରୁ ଏସ୍‌ଡିପିଓ ତାଙ୍କ ସ୍ୱାମୀଙ୍କୁ ମିଛ ମାମଲାରେ ଫସାଇ ଗିରଫ କରିବାକୁ ଧମକ ଦେବା ସହିତ ମାନସିକ ନିର୍ଯାତନା ଦେଇଆସୁଥିଲେ। ଫୋନ୍ କଲ୍ ଓ ହ୍ୱାଟ୍‌ସଆପ୍ ଚାଟିଂ କରି ଅଶ୍ଳୀଳ ଫଟୋ ମାଗିବା ସହ ଶାରୀରିକ ସମ୍ପର୍କ ରଖିବା ପାଇଁ ବାରମ୍ବାର ବାଧ କରୁଥିବା ନେଇ ପୀଡ଼ିତା ମହିଳା ଅଭିଯୋଗ କରିଥିଲେ। ମହିଳା ଜଣକ ଫତେଗଡ଼ ଥାନାରେ ଅଭିଯୋଗ କରିବା



ସହ ନ୍ୟାୟ ପାଇଁ ଡିଜିପି ଏବଂ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ଫତେଗଡ଼ ଥାନାରେ ଏକ ମାମଲା (କେସ୍ ନଂ. ୧୧୮/୨୦୨୬) ରୁଜୁ ପରେ ଏସ୍‌ପିଡିଓ ମଦନମୋହନଙ୍କୁ ପ୍ରଥମେ ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା। ଏଥିସହ ତାଙ୍କ ନିର୍ଦ୍ଦେଶରେ ୪ ଜଣ ଯୁବକ ସୋସିଆଲ ମିଡିଆରେ ମହିଳାଙ୍କ ଚରିତ୍ରକୁ ନେଇ ପୋଷ୍ଟ କରିଥିବାରୁ ସେମାନଙ୍କ ନାମରେ ମଧ୍ୟ ଏକ ମାମଲା (କେସ୍ ନଂ. ୧୨୮/୨୦୨୬) ରୁଜୁ ହୋଇଥିଲା। ତେବେ ସମ୍ପୃକ୍ତ ପୋଲିସ ଅଫିସରଙ୍କୁ କେବଳ ନିଲମ୍ବନ ନୁହେଁ, ଗିରଫ କରାଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ପୂର୍ବରୁ ତାଙ୍କ ନାମରେ ଅନେକ ଅଭିଯୋଗ ରହିଛି। ଡିଜିପିଙ୍କ ଉପରେ ମୋର ସମ୍ପୂର୍ଣ୍ଣ ଭରସା ରହିଛି। ଏସ୍‌ଡିପିଓଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ପୀଡିତା ନିବେଦନ କହିଛନ୍ତି।

## ୩ ପୂର୍ବତନ ସରକାରୀ କର୍ମଚାରୀଙ୍କୁ ୨ ବର୍ଷ ଜେଲ

### ସରକାରୀ ଚାଉଳ ଆତ୍ମସାତ୍ ମାମଲା

କେନ୍ଦୁଝର,୨।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଶନିବାର ସରକାରୀ ଚାଉଳ ଆତ୍ମସାତ୍ ମାମଲାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ୩ ସରକାରୀ କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଲେଖାଏ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ୧୦,୦୦୦ଟଙ୍କା ଜରିମାନା ଆଦେଶ କରିଛନ୍ତି। ଏ ନେଇ ଓଡ଼ିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ପୂର୍ବତନ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ (ଅବସରପ୍ରାପ୍ତ) ଗଙ୍ଗାଧର ନାଏକ, ପୂର୍ବତନ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ (ଅବସରପ୍ରାପ୍ତ) ରମେଶ ଚନ୍ଦ୍ର ସେଠୀ ଏବଂ ପୂର୍ବତନ ପ୍ରଗତିଶୀଳ ସହାୟକ (ଅବସରପ୍ରାପ୍ତ) ଶ୍ରୀକାନ୍ତ ସେଠୀ ହାଟଡ଼ିହୀ ବ୍ଲକରେ କାର୍ଯ୍ୟରତ ସମୟ ୨୦୦୨–୦୩ ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା ଅଧୀନରେ କାମ ଚାଲିଥିବା ବେଳେ ୬୩୫ କୁଇଣ୍ଟାଲ ସରକାରୀ ଚାଉଳ ଆତ୍ମସାତ୍ କରିଥିଲେ। ସେମାନଙ୍କ ବିରୋଧରେ ଭିଜିଲାନ୍ସ ଦ୍ୱାରା ଦୁର୍ନୀତି ବିରୋଧ ଆଇନରେ ମାମଲା ରୁଜୁ ହୋଇଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ସମସ୍ତ ସାକ୍ଷୀ ଓ ପ୍ରମାଣକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ଦଣ୍ଡାଦେଶ ପରେ ଅବସରପ୍ରାପ୍ତ ୩ ଅଧିକାରୀଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ ଓଡ଼ିଶା ଭିଜିଲାନ୍ସ ଏବେ ସକ୍ଷମ ପ୍ରାଧିକରଣଙ୍କ ନିକଟରେ ଆବେଦନ କରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୨ ନାବାଳିକାଙ୍କୁ ବଳାତ୍କାର, ବୃଦ୍ଧ ଗିରଫ

ରାଉରକେଲା,୨।୫(ସଙ୍ଗୀତା ଜେନା)

ଇସ୍ପାତ ସହର ରାଉରକେଲାର ସେକ୍ଟର–୧୯ ଥାନା ଅଞ୍ଚଳରେ କୋଲ୍ ଡ୍ରିଙ୍କସ କିଣିବା ବାହାନାରେ ୨ନାବାଳିକାଙ୍କୁ ବଳାତ୍କାର କରା ଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣେ ବୃଦ୍ଧଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ହମିରପୁର ବାସିନ୍ଦା ସନାତନ ନାୟକ(୬୫)। ଶୁକ୍ରବାର ଅପରାହ୍ନ ୧ଟାରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୯୩/୨୬) ରୁଜୁ ହୋଇଛି। ଏସ୍‌ଡିପିଓ ମନୋରଞ୍ଜନ ପ୍ରଧାନଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତ ସେକ୍ଟର–୧୯ ଥାନା ଅନ୍ତର୍ଗତ ହମିରପୁର ଅଞ୍ଚଳରେ ପୁଅବୋହୂଙ୍କ ସହ ରହୁଥିଲେ। ଗୁରୁବାର ଅପରାହ୍ନ ୧ଟାରେ ବୃଦ୍ଧ ଜଣଙ୍କ ପଡୋଶୀ ୨ ନାବାଳିକାଙ୍କୁ କୋଲ୍ ଡ୍ରିଙ୍କସ କିଣିବା ବାହାନାରେ ଡାକି ବଳାତ୍କାର କରିଥିଲେ। ନାବାଳିକା ଦ୍ୱୟ ଏହି କଥା ସେମାନଙ୍କ ଘରେ କହିବା ପରେ ଗୁରୁବାର ବିଳମ୍ବିତ ରାତିରେ ଥାନାରେ ଏ ନେଇ ଅଭିଯୋଗ ହୋଇଥିଲା। ଶୁକ୍ରବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ପରକୀୟା ପ୍ରୀତିରୁ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ

### ସ୍ୱାମୀ ଓ ତାଙ୍କ ପ୍ରେମିକା ଥାନାରେ ଅଟକ

ନନ୍ଦାହାଣ୍ଡି, ୨।୫, (ପ୍ରତୀପ କୁମାର ଦାଶ)

ପରକୀୟା ପ୍ରୀତିରୁ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ ଆସିବା ପରେ ସ୍ୱାମୀ ଓ ତାଙ୍କ ପ୍ରେମିକାଙ୍କ ଅଟକ ରଖିଛି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପୋଲିସ। ନନ୍ଦାହାଣ୍ଡି ବ୍ଲକ୍ ଦହଣା ପଞ୍ଚାୟତ ଅଧୀନ ମରାଳି ଗ୍ରାମରୁ ଶୁକ୍ରବାର ଏଭଳି ଅଭିଯୋଗ ଆସିଛି। ମୃତକ ହେଲେ ମରାଳି ଗ୍ରାମର ସଲମୋନ ଟାକ୍ରୀଙ୍କ ସ୍ତ୍ରୀ ପ୍ରୀତି।

ସୂଚନାନୁଯାୟୀ, କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅଧୀନ ବେଥନିଆ ଗ୍ରାମର ସଞ୍ଜିତା ଖୁରାଙ୍କ ଝିଅ ପ୍ରୀତି ସଲମୋନଙ୍କୁ ବିବାହ କରିଥିଲେ। କିନ୍ତୁ ବିବାହ ପରେ ମଧ୍ୟ ସଲମୋନଙ୍କ ଅନ୍ୟ ଝିଅଙ୍କ ସହ ପ୍ରେମ ସମ୍ପର୍କ ଥିଲା ; ଯାହାକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗିବାରୁ ପ୍ରୀତି ବାପଘରକୁ ଚାଲିଯାଇଥିଲେ। ପରେ ସ୍ୱାମୀ ସ୍ତ୍ରୀଙ୍କ ଆପୋସ ବୁଝାମଣା ଓ ଉଭୟ ପରିବାରଙ୍କ ସହମତିରେ ସଲମୋନ ପ୍ରୀତିଙ୍କୁ ଘରକୁ ନେଇ ଫେରିଥିଲେ। ଏହା ମଧ୍ୟରେ ସେମାନଙ୍କ ଏକ କନ୍ୟା ସନ୍ତାନ ମଧ୍ୟ ଜନ୍ମ ହୋଇଥିଲା। କିନ୍ତୁ ଏହାପରେ ମଧ୍ୟ ସଲମୋନଙ୍କର ତାଙ୍କ ପ୍ରେମିକାଙ୍କ ସହ ପରକୀୟା ପ୍ରୀତି ଥିଲା।

ଶୁକ୍ରବାର ପ୍ରୀତି ନିଜ ଝିଅକୁ ସ୍ୱାମୀଙ୍କୁ ଦେଇ ଘର କାମ କରୁଥିଲେ। କାମ ସାରି ପ୍ରୀତି ସ୍ୱାମୀଙ୍କୁ ଖୋଜିବା ବେଳେ ସଲମୋନଙ୍କୁ ପ୍ରେମିକାଙ୍କ ସହ ଦେଖିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ପ୍ରୀତି ଘରକୁ ଚାଲିଯାଇଥିଲେ। କିଛି ସମୟ ପରେ ବେକରେ ଦଉଡି ଦେଇ ପ୍ରୀତି ଝୁଲୁଥିବା ଦେଖି ସଲମୋନ ତାଙ୍କୁ ଉଦ୍ଧାରକରି ତେନ୍ତୁଳିଖୁଣ୍ଟି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରୀତିଙ୍କୁ ମୃତ ଘୋଷଣା କରିଥିଲେ। କିନ୍ତୁ ସ୍ୱାମୀ ସଲମୋନ ଓ ତାଙ୍କ ପ୍ରେମିକା ପ୍ରୀତିଙ୍କୁ ହତ୍ୟାକରି ଏହାକୁ ଆତ୍ମହତ୍ୟ ରୂପ ଦେବାକୁ ଚେଷ୍ଟା କରୁଥିବା ନେଇ ମୃତକଙ୍କ ମା’ ତେନ୍ତୁଳିଖୁଣ୍ଟି ଥାନାରେ ଅଭିଯୋଗ କରିଥିଲେ। ଏତଲା ଆଧାରରେ ତେନ୍ତୁଳିଖୁଣ୍ଟି ପୋଲିସ ୮୪/୨୦୨୬ ରେ ଏକ ମାମଲା ରୁଜୁ କରିଛି। ଉଭୟ ସଲମାନ ଓ ତାଙ୍କ ପ୍ରେମିକାଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଥିବା ତେନ୍ତୁଳିଖୁଣ୍ଟି ଥାନାଧିକାରୀ ପ୍ରଣବ ଟୁଡୁ କହିଛନ୍ତି। ହତ୍ୟାକାଣ୍ଡରେ ପ୍ରେମିକାଙ୍କ ଭୂମିକା ସନ୍ଦେହ ଘେରରେ ରହିଥିବାରୁ ତାଙ୍କୁ ଅଟକ ରଖି ଅଧିକ ତଦନ୍ତ କରାଯାଉଥିବା ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ସୂଚନା ଦେଇଛନ୍ତି।

## ୪୮୦ ବୋତଲ କଫ ସିରପ୍ ଜବତ, ଯୁବକ ଗିରଫ



ଜବତ କଫ ସିରପ୍, ଗିରଫ ଅଭିଯୁକ୍ତ।

ଲଖନପୁର, ୨।୫(ଗୌତମ ସାହୁ)

କଫ ସିରପ ଚୋରାଚାଲାଣ ଅଭିଯୋଗରେ ରେଙ୍ଗାଲି ପୋଲିସ ମହମ୍ମଦ ଆଲ୍‌ତାଫ୍ ଅନ୍‌ସାରୀ (୩୯) ନାମକ ଅଭିଯୁକ୍ତଙ୍କୁ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ତାଙ୍କ ଘର ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତାଲିକିପଡ଼ା ଗ୍ରାମରେ ହୋଇଥିବାବେଳେ ସେ ରାଉରକେଲାର କୁଲୁଙ୍ଗା ମୁସ୍‌ଲିମ୍ ବସ୍ତି ଅଞ୍ଚଳରେ ରହୁଥିଲେ। ସୂଚନା ଅନୁଯାୟୀ, ଗତ ୨୫ ତାରିଖରେ ୪୯ ନମ୍ବର ଜାତୀୟ ରାଜପଥର ସମରବଗା ନିକଟରେ ରେଙ୍ଗାଲି ଥାନା ଏସ୍‌ଆଇ ଚିତ୍ରସେନ ଦେହେରୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବାବେଳେ ଲଖନପୁର ପଟୁ ରାୟଗଡ଼ ଅଭିମୁଖେ ଆସୁଥିବା ଏକ ନମ୍ବର ବିହୀନ କାର୍‌କୁ ଅଟକାଇବାକୁ ଚେଷ୍ଟା କରିଥିଲା। ହେଲେ ଚାଳକ ସେଠାରୁ ଖସି ପଳାଇଥିଲେ। ପରେ ପୋଲିସ ଉକ୍ତ କାର୍‌କୁ ପିଛାକରି କୁରେଇମାଲ କାଳୀମନ୍ଦିର ନିକଟରେ ଅଟକାଇଥିଲା। ଯାଞ୍ଚବେଳେ କାର୍ ଭିତରୁ ୪୮୦ ବୋତଲ କଫ ସିରପ, ଏକ ମୋବାଇଲ ଫୋନ ଜବତ କରାଯାଇଛି। ଅଭିଯୁକ୍ତ ଜଣକ ଏହି ନିଶାଦ୍ରବ୍ୟ ଝାଡ଼ଖଣ୍ଡର ରାଞ୍ଚିରୁ ଆଣି ଅଧିକ ଲାଭ ଆଶାରେ ଛତିଶଗଡ଼କୁ ଚୋରା ଚାଲାଣ କରୁଥିବା ସ୍ୱୀକାର କରିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ.୧୨୨/୨୬) ରୁଜୁ ହୋଇଛି। ଏ ସମ୍ପର୍କରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି, ଅଭିଯୁକ୍ତ ଜଣକ ଦୀର୍ଘଦିନ ହେବ କଫ ସିରପ ଚୋରାଚାଲାଣ କାର୍ଯ୍ୟରେ ଜଡ଼ିତ ରହିଛନ୍ତି।

## ଘର ଦେବାକୁ କହି ୭.୬ ଲକ୍ଷ ଠକେଇ

ଭୁବନେଶ୍ୱର,୨।୫(ପ୍ରସନଜିତ୍ ସାହୁ)

ଆପାର୍ଟମେଣ୍ଟରେ ଘର ଦେବାକୁ କହି ଠକେଇ ଅଭିଯୋଗରେ ଜଣେ ମହିଳାଙ୍କୁ ଚନ୍ଦକା ଥାନା ପୋଲିସ ଗିରଫ କରିଛି। ସେ ହେଲେ ମଧୁପୁର ଅଞ୍ଚଳର ସୁନେଲି ମଧୁସ୍ମିତା ଶତପଥୀ। ଅଭିଯୁକ୍ତ ମହିଳା ରଘୁନାଥପୁର କମଳିନୀ ଆପାର୍ଟମେଣ୍ଟରେ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ବିଶ୍ୱାସ କରି ଜିତେନ୍ଦ୍ର ମଲ୍ଲିକ ଅନ୍‌ଲାଇନ୍ ମାଧ୍ୟମରେ ୭ ଲକ୍ଷ ୬୦ ହଜାର ଟଙ୍କା ଦେଇଥିଲେ। ଟଙ୍କା ପାଇବା ପରେ ମହିଳା ଜଣକ ଘର, କୌଣସି ଦଲିଲ କିମ୍ବା ଟଙ୍କା ଫେରାଇ ନ ଥିଲେ। ପୂର୍ବରୁ ଥାନାରେ ସମାଧାନ ସମୟରେ ସେ କିସ୍ତିରେ ଟଙ୍କା ଫେରାଇବାକୁ ସମ୍ମତି ଦେଇ ଜିତେନ୍ଦ୍ରଙ୍କୁ ଚେକ୍ ଦେଇଥିଲେ। ସେ ୧ ଲକ୍ଷ ଟଙ୍କା ଫେରାଇଥିବାବେଳେ ଦେଇଥିବା ସମସ୍ତ ଚେକ୍ ବାଉନ୍ସ ହୋଇଥିଲା। ଟଙ୍କା ଫେରାଇବାକୁ ଦାବି କରିବାରୁ ମହିଳା ଜଣକ ଜିତେନ୍ଦ୍ରଙ୍କୁ ହତ୍ୟା ଧମକ ଦେଇଥିଲେ। ଏନେଇ ଜିତେନ୍ଦ୍ର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ. ୧୯୯/୨୦୨୬) ରୁଜୁ କରି ତଦନ୍ତ ସମୟରେ ମଧୁସ୍ମିତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଦୁଇଦିନିଆ ରିମାଣ୍ଡରେ ଡ୍ରାଇଭର, ସହଯୋଗୀ

### ଜମି ବ୍ୟବସାୟୀ ସୁଧୀର ଅପହରଣ, ହତ୍ୟା ମାମଲା

### କ୍ରାଇମ ସ୍ପଟ୍‌ରେ ସିନ୍ ରିକ୍ରିଏଶନ କଲା ପୋଲିସ

ବ୍ରହ୍ମପୁର,୨।୫(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ଅଞ୍ଚଳର ଜମି ବ୍ୟବସାୟୀ ସୁଧୀର କୁମାର ପାତ୍ର ଅପହରଣ ଓ ହତ୍ୟା ମାମଲାରେ ପୋଲିସ ବୋଲେରୋ ଡ୍ରାଇଭର ଓ ସହଯୋଗୀଙ୍କୁ ଦୁଇଦିନିଆ ରିମାଣ୍ଡରେ ନେଇଛି। ସେମାନେ ହେଲେ ଶୁଭମ ନାୟକ ଓ ତାଙ୍କ ସହଯୋଗୀ ଶୁଭମ ଗୌଡ଼। ଉଭୟଙ୍କୁ ପୋଲିସ ଶନିବାର ଓ ରବିବାର ୨ଦିନ ପାଇଁ ବ୍ରହ୍ମପୁର ଜେଏମ୍‌ଏଫ୍‌ସି (ଗ୍ରାମୀଣ) କୋର୍ଟ ମାଜିଷ୍ଟ୍ରେଟ ରିତିକା ଜେନାଙ୍କ ଅନୁମତିକ୍ରମେ ରିମାଣ୍ଡରେ ନେଇଛି। ରିମାଣ୍ଡର ପ୍ରଥମ ଦିନ ଶନିବାର ପୋଲିସ ସୁଧୀର ଅପହରଣର ଶୁଭମ ନାୟକଙ୍କୁ ଧରି କ୍ରାଇମ୍ ସ୍ପଟ୍‌ରେ ପହଞ୍ଚିଥିଲା। ସେଠାରେ ସେ ତାଙ୍କ ବୋଲେରୋ କେଉଁଠାରେ ଲୁଚାଇ ରଖିଥିଲେ, ଉକ୍ତ ଗାଡ଼ିରେ ତାଙ୍କ ସହ ଅନ୍ୟ କେଉଁମାନେ ଥିଲେ, ସୁଧୀରଙ୍କୁ ଅପହରଣ ବେଳେ ତାଙ୍କ ମୁଣ୍ଡରେ କେଉଁମାନେ ବନ୍ଧୁକ ରଖିଥିଲେ, ସେଠାରୁ ସେମାନେ ତାଙ୍କୁ



ଶୁଭମ ନାୟକଙ୍କୁ ଘଟଣାସ୍ଥଳକୁ ନେଇ ପୋଲିସ ସିନ୍ ରିକ୍ରିଏଶନ କରୁଛି।

କେଉଁ ଦିଗରେ ନେଇ ପ୍ରଥମେ କେଉଁଠିକୁ ଯାଇଥିଲେ ସେସବୁର ସିନ୍ ରିକ୍ରିଏଶନ ବେଳେ ଶୁଭମ ନାୟକ ପୋଲିସକୁ ଡେମୋ ଦେଖାଇଥିଲେ। ପୋଲିସ ଏସବୁର ଭିଡିଓଗ୍ରାଫି କରି ସମସ୍ତ ତଥ୍ୟ ଓ ତାଙ୍କ ବୟାନ ରେକର୍ଡ କରିଛି। ରବିବାର ମଧ୍ୟ ପୋଲିସ ଉଭୟ ଶୁଭମ ନାୟକ ଓ ଶୁଭମ ଗୌଡଙ୍କୁ ନେଇ ବିଭିନ୍ନ ସ୍ଥାନରେ ସିନ୍ ରିକ୍ରିଏଶନ୍ କରିବ ବୋଲି ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା କହିଛନ୍ତି। ପ୍ରକାଶ ଯେ, ଗତ ୧୫ ତାରିଖରେ ସୁଧୀର ଭାବିନାରାୟଣପୁର ଗ୍ରାମରେ ଭଲିବଲ ଖେଳି ସନ୍ଧ୍ୟାରେ ଘରକୁ ଫେରୁଥିଲେ। ତାଙ୍କୁ ମାଣ୍ଡିଆପଲିସ୍ଥିତ ପ୍ରେମ ସଂସ୍ଥା ସମ୍ମୁଖ ରାସ୍ତାରୁ ଅପହରଣ କରାଯାଇଥିଲା। ଏନେଇ ତାଙ୍କ ସ୍ତ୍ରୀ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏସଂକ୍ରାନ୍ତରେ ନଂ. ୨୧୩/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏପ୍ରିଲ ୨୨ରେ ସୋରଡ଼ା ଥାନା ଅଞ୍ଚଳରୁ ପୋଲିସ ସୁଧୀରଙ୍କ ଗଳିତ ମୃତଦେହ ପାଇଥିଲା। ଘଟଣାର ତଦନ୍ତ କରି ପୋଲିସ ଗତ ୨୩ ତାରିଖରେ ଏହି ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ତଥା ସୁଧୀରଙ୍କ ନିଜ ଝିଆରୀ ନିବେଦିତା ପାତ୍ର (୨୩) ଓ ପୁତୁରା ତୁଷାର ପାତ୍ର (୧୯)ଙ୍କ ସହ ନିବେଦିତାଙ୍କ ପୁରୁଷବନ୍ଧୁ କାଳୁଚରଣଙ୍କୁ ମିଶାଇ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ପରଠାରୁ ସମସ୍ତେ ଜେଲ୍‌ରେ ଥିବା ବେଳେ ଏବେ ପୋଲିସ ଡ୍ରାଇଭର ଓ ସହଯୋଗୀଙ୍କୁ ଦୁଇଦିନିଆ ରିମାଣ୍ଡରେ ଆଣି ତଦନ୍ତକୁ ଜୋର୍‌ଦାର କରିଛି।

## ଛାତ୍ରୀଙ୍କୁ ଝଡ଼ାଫୁଙ୍କା ନାଁରେ ଅସଦାଚରଣ ଉଦ୍ୟମ ଅଭିଯୋଗ: ବାବା କୋର୍ଟ ଚାଲାଣ

ମହାକାଳପଡ଼ା,୨।୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଞ୍ଚଳର ଏକ ଭାଗବତ ଟୁଙ୍ଗିରେ ବାବା ସୁରେନ୍ଦ୍ର କୁମାର ରାଉତ(୫୦) ୩ ବର୍ଷ ଧରି ପୂଜାର୍ଚ୍ଚନା କରି ଆସୁଥିଲେ। ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଗୁରୁବାର ରାତିରେ ବାବାଙ୍କ ପାଖକୁ ଯାଇ ଡରିଛନ୍ତି ବୋଲି କହିବା ସହ ଝଡ଼ାଫୁଙ୍କ ପାଇଁ କହିଥିଲେ। ପରେ ବାବା ନାବାଳିକାଙ୍କ ମାମୁଘରକୁ ଯିବା ପାଇଁ କହିଥିଲେ। ଶୁକ୍ରବାର ବାବା ନାବାଳିକାଙ୍କ ମାମୁଘରକୁ ଯାଇ ସେଠାରେ ତାଙ୍କୁ ଏକୁଟିଆ ଝଡ଼ାଫୁଙ୍କା ପାଇଁ ଡାକି ଅସଦାଚରଣ ଉଦ୍ୟମ କରିଥିଲେ। ତାଙ୍କ ଚିତ୍କାର ଶୁଣି ମା’ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ବାବା ତାଙ୍କୁ ଧକ୍କା ଦେଇ ବାହାରକୁ ଦୌଡ଼ି ପଳାଇ ଯାଇଥିଲେ । ଏହି ଘଟଣା ପରେ ଗ୍ରାମବାସୀ ବାବାଙ୍କୁ ଧରି ଏକ ଘରେ ତାଲା ପକାଇବା ସହ ସ୍ଥାନୀୟ ମହାକାଳପଡ଼ା ପୋଲିସକୁ ଖବର ଦେଇଥିଲେ। ପୀଡ଼ିତା ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା, ହେଲେ ସ୍ଥାନୀୟ ଲୋକଙ୍କ ବିରୋଧର ଶିକାର ହୋଇଥିଲା। ପରେ ପୋଲିସ ଲୋକଙ୍କୁ ବୁଝାଶୁଝା କରି ବାବାଙ୍କୁ ସେଠାରୁ ଥାନାକୁ ଆଣି ପଚରାଉଚରା କରିଥିଲା। ଡାକ୍ତରୀମାଇନା ପରେ ବାବାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି। ଏ ନେଇ ନଂ.୧୨୩/୨୬ ମାମଲା ରୁଜୁ କରାଯିବା ସହ ପୋକ୍‌ସୋ ଧାରା ୮ ଓ ୧୨ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଅଧିକାରୀ ମାନସ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଅପରପକ୍ଷରେ ବାବାଙ୍କ ପକ୍ଷରୁ ପୃଥକ୍ ଭାବେ ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଉଛି।

## ପୂର୍ବ ବିବାଦରୁ ଗୋଷ୍ଠୀ ସଂଘର୍ଷ, ୩ ଗିରଫ

ଭୁବନେଶ୍ୱର, ୨।୫ (ପ୍ରସନଜିତ୍ ସାହୁ)

ଆକ୍ରମଣ ଅଭିଯୋଗରେ ଶନିବାର ଧଉଳି ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟିକରପଡା ହୁଡା ସାହିର ତ୍ରିନାଥ ବେହେରା, ତ୍ରିଲୋଚନ ବେହେରା ଓ ପବିତ୍ର କୁମାର ବେହେରା। ୨ ପକ୍ଷ ମଧ୍ୟରେ ପୂର୍ବ ବିବାଦ କାରଣରୁ ଏହା ହୋଇଥିବା ଜାଣିବାକୁ ମିଳିଛି।

ସୂଚନାଯୋଗ୍ୟ, ମେ’୧ ତାରିଖ ରାତି ପ୍ରାୟ ସାଢେ ୧୦ଟାରେ ଟିକରାପଡ଼ା ଗ୍ରାମରେ ଏକ ଏକୋଇଶିଆ ଉତ୍ସବ ନିକଟରେ ୨ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସେହି ବାଟରେ ଗଣେଶ ବେହେରା ମୋଟରସାଇକେଲରେ ଯାଉଥିବାବେଳେ ଅନ୍ୟପକ୍ଷ ତାଙ୍କୁ ଅଟକାଇଥିଲେ। ସେମାନଙ୍କ ମଧ୍ୟରେ ବଚସା ହେବାରୁ ଉଭୟ ପକ୍ଷର ପରିବାର ସଦସ୍ୟମାନେ ଘଟଣାସ୍ଥଳରେ ଏକତ୍ରିତ ହୋଇ ପରସ୍ପରକୁ ବାଉଁଶ ବାଡ଼ିରେ ଆକ୍ରମଣ କରିଥିଲେ। ଏହି ସମୟରେ, ବିଜୟ କୁମାର ବେହେରା ଓ ତାଙ୍କ ପୁଅ ପବିତ୍ର ଏବଂ ଗଣେଶଙ୍କ ପିତାମାତା ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ୨ପକ୍ଷଙ୍କ ଅଭିଯୋଗ ଆଧାରରେ ୨ଟି ପୃଥକ ମାମଲା(ନଂ. ୧୦୫/୨୦୨୬ ଓ ୧୦୬/୨୦୨୬) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିବା ସହ ଉଭୟ ପକ୍ଷର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସ୍ଥାୟୀ ଚାକିରି ନାଁରେ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା

ଅତାବିରା,୨।୫(ଯୁଧିଷ୍ଠିର ମହାପାତ୍ର)

ପୁଣି ଜଣେ ସରକାରୀ ଅଧିକାରୀଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ ହୋଇଛି। ନିଜ କାର୍ଯ୍ୟସ୍ଥଳରେ ଜଣେ ଅସ୍ଥାୟୀ ମହିଳା କର୍ମଚାରୀଙ୍କୁ ସ୍ଥାୟୀ ଚାକିରି କରେଇଦେବା ନାଁରେ ବରଗଡ଼ ଜିଲା ଅତାବିରା ଆର୍‌ଏମ୍‌ସିର ଜଣେ ଅଧିକାରୀ ଯୌନ ନିର୍ଯାତନା ଦେଉଥିଲେ। ସେହିପରି ତାଙ୍କ ତଳସ୍ତରର କର୍ମଚାରୀଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ମହିଳା କର୍ମଚାରୀଙ୍କ ଏତଲାକ୍ରମେ ଅତାବିରା ଥାନା ପୋଲିସ ଏକ ମାମଲା (ନଂ.୧୫୮/୨୬) ରୁଜୁ କରି ତଦନ୍ତ ଚଳାଇଛି।

ଅତାବିରା ନିୟନ୍ତ୍ରିତ ବଜାର କମିଟିର ଅଧିକାରୀ ନିଜ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଯୁବତୀଙ୍କୁ ଅସ୍ଥାୟୀରୁ ସ୍ଥାୟୀ ଚାକିରି କରାଇଦେବାର ପ୍ରଲୋଭନ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। କାହାକୁ କହିଲେ ମାରିଦେବାକୁ ଧମକ ମଧ୍ୟ ଦେଉଥିଲେ। ଏ ନେଇ ଯୁବତୀ ଜଣକ ଗତମାସ ୨୬ ତାରିଖରେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡିଛି ଯେ, ଆରଏମ୍‌ସି କର୍ମଚାରୀଙ୍କ ଝାମେଲା ଯୋଗୁ ଦୀର୍ଘଦିନ ହେଲା କାର୍ଯ୍ୟାଳୟ ବନ୍ଦ ରହିଛି। କାରଣ ଅଭିଯୋଗ ହେବା ପରଠୁ ସମ୍ପୃକ୍ତ ଅଧିକାରୀ ଦେଖା ଦେଉ ନାହାନ୍ତି କି ଫୋନ ବି ଉଠାଉନାହାନ୍ତି, ଯାହାକୁ ନେଇ ଏବେ ଚିନ୍ତାରେ ଚାଷୀ। କାରଣ ଚଳିତ ମାସ ୧୧ ତାରିଖରୁ ଡାଲୁଅ ଧାନ କିଣାବିକା ଆରମ୍ଭ ହେବାକୁ ଥିବାରୁ ତୁରନ୍ତ ଏହାର ସମାଧାନ କରିବାକୁ ଚାଷୀ ଦାବି କରିଛନ୍ତି। ଏ ନେଇ ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କୁ ପଚାରିବାରୁ ଥାନାରେ ମାମଲା ରୁଜୁ ହୋଇଛି ଏବଂ ପୋଲିସ ଏହାର ତଦନ୍ତ ଜାରି ରଖିଥିବା କହିଛନ୍ତି।

ସୂଚନାଯୋଗ୍ୟ, କିଛିଦିନ ତଳେ ଏଭଳି ଅଭିଯୋଗରେ ବରଗଡ଼ ଶିକ୍ଷାଧିକାରୀ (ଡିଇଓ) ସମେତ ବିଇଓ ଏବଂ ଜଣେ ଖେଳ ଶିକ୍ଷକ ଗିରଫ ହୋଇଥିଲେ।

## ଦେଢ଼ଶ୍ୱଶୁରଙ୍କ ଫାର୍ସା ଚୋଟରେ ଭାଇବୋହୂ ମୃତ

### ହତ୍ୟାକାରୀ ଦେଢ଼ଶ୍ୱଶୁର ଥାନାରେ ଅଟକ

ବଣାଇଁ,୨।୫(ପ୍ରଦୀପ ତ୍ରିପାଠୀ )

ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅନ୍ତର୍ଗତ ଜୀବିକା ଗ୍ରାମ କିଷାନସାହିରେ ଶନିବାର ସନ୍ଧ୍ୟା ପ୍ରାୟ ୭ ଟାରେ ଜଣେ ବିଧବାଙ୍କୁ ତାଙ୍କ ଦେଢ଼ଶ୍ୱଶୁର ଫାର୍ସାରେ ହାଣି ହତ୍ୟା କରିଥିବା ଜଣାପଡିଛି। ଏହି ଘଟଣାରେ ପୋଲିସ ଦେଢ଼ଶ୍ୱଶୁରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ ବଣାଇଁ ଥାନାରେ ଏକ ହତ୍ୟା ମାମଲା ନଂ.୧୧୯/୨୬ ରୁଜୁ ହୋଇଛି।

ଘଟଣାରୁ ପ୍ରକାଶ ଯେ, ବଣାଇଁ ଥାନା ଅନ୍ତର୍ଗତ ଜୀବିକା ଗ୍ରାମର କିଷାନ ସାହିରେ ଜୟନ୍ତୀ କିଷାନ(୪୫) ତାଙ୍କ ୨ ପୁଅଙ୍କ ସହ ରୁହନ୍ତି। ସେହି ସାହିରେ ତାଙ୍କ ଦେଢ଼ଶ୍ୱଶୁର ପରଦେଶୀ କିଷାନ ମଧ୍ୟ



ରୁହନ୍ତି। ଉଭୟ ଜୟନ୍ତୀ ଓ ପରଦେଶୀଙ୍କ ମଧ୍ୟରେ ମଝିରେ ମଝିରେ ଘରୋଇ କଳହ ଲାଗିରହୁଥିଲା। ଶନିବାର ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ପରଦେଶୀ ଏକ ଫାର୍ସାରେ ଜୟନ୍ତୀଙ୍କ ମୁଣ୍ଡକୁ ଚୋଟ ପରେ ଚୋଟ ମାରିଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ଜୟନ୍ତୀଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ବଣାଇଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ବଣାଇଁ ଥାନା ଭାରପ୍ରାପ୍ତ ଅଧିକାରୀ ପିଙ୍କି ମୁର୍ମୁ ସୂଚନା ଦେଇଛନ୍ତି।

# ଜିଡିପିର ୨% ଛୁଇଁବ ଚଳନ୍ତି ଜମା ନିଅଣ୍ଟ

## ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବ

ନୂଆଦିଲ୍ଲୀ, ୨।୫

ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବରେ ଭାରତର ମାକ୍ରୋ ଇକୋନୋମି(ବୃହତ୍ ଅର୍ଥନୀତି ବ୍ୟବସ୍ଥା) ଯଥେଷ୍ଟ ମାତ୍ରାରେ ପ୍ରଭାବିତ ହୋଇଛି। ଗୋଟିଏ ପଟେ ଆମଦାନୀଜନିତ ବ୍ୟୟ ବଢ଼ି ଚାଲିଥିଲାବେଳେ ମୁଦ୍ରାସ୍ଫୀତି ଏବଂ ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟର କ୍ରମାଗତ ଅବମୂଲ୍ୟାୟନ ଚିନ୍ତା ବଢ଼ାଇଛି। ଏହି କ୍ରମରେ ବୃହତର ଅର୍ଥନୀତି ବ୍ୟବସ୍ଥା ପ୍ରଭାବିତହେବା ଯୋଗୁ ଦେଶର ଚଳନ୍ତି ଜମା ନିଅଣ୍ଟ ରାଶି ମଧ୍ୟ ବୃଦ୍ଧିପାଇବାରେ ଲାଗିଛି ବୋଲି କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି.ଅନନ୍ତ ନାଗେଶ୍ୱରନ୍ କହିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଚଳନ୍ତି ଜମା ନିଅଣ୍ଟ ରାଶି ଜିଡିପିର ୧ ପ୍ରତିଶତ ରହିଥିଲାବେଳେ ୨୦୨୬-୨୭ ବର୍ଷରେ ଏହା ୨ ପ୍ରତିଶତ ହେବ ବୋଲି ସେ କହିଛନ୍ତି। ଆଇଜାକ୍ ସେଣ୍ଟର ଫର୍ ପବ୍ଲିକ୍ ପଲିସି(ଆଇସିପିପି) ଗ୍ରୋଥ୍ କନ୍‌ଫରେନ୍ସରେ ଯୋଗଦେବା ଅବସରରେ ଭାରତୀୟ ମାକ୍ରୋ ଅର୍ଥନୀତି ବ୍ୟବସ୍ଥା ସମ୍ପର୍କରେ ନାଗେଶ୍ୱରନ୍ କହିଛନ୍ତି, ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ମୁଖ୍ୟତଃ ୪ଟି କାରଣକୁ ନେଇ ଭାରତର ବର୍ଦ୍ଧିତ ଅର୍ଥନୀତି ପ୍ରଭାବିତ ହୋଇଛି। ଅନ୍ତର୍ଜାତୀୟ ବଜାରରେ ତୈଳ ଏବଂ ଅନ୍ୟାନ୍ୟ ପେଟ୍ରୋକେମିକାଲ ସାମଗ୍ରୀର ମୂଲ୍ୟ ବୃଦ୍ଧି, ଉପସାଗରୀୟ ଦେଶଗୁଡ଼ିକ ସମେତ ବୈଶ୍ୱିକ ବାଣିଜ୍ୟ କାରବାରରେ ହ୍ରାସ, ଲଜିଷ୍ଟିକ୍ ବ୍ୟୟ ବୃଦ୍ଧି ଏବଂ ଉପସାଗରୀୟ ଦେଶଗୁଡ଼ିକରୁ ପୁଞ୍ଜି ପ୍ରବାହରେ ଶିଥିଳତା ଜାତୀୟ ଅର୍ଥନୀତି ପାଇଁ ସମସ୍ୟା ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ବିଦେଶରେ ରହୁଥିବା ପ୍ରବାସୀ ଭାରତୀୟମାନଙ୍କ ଦ୍ୱାରା ବାର୍ଷିକ ପ୍ରାୟ ୧୨୦ ବିଲିୟନ ଡଲାରର ଅର୍ଥ ଭାରତକୁ ଆସିଥିଲାବେଳେ ଏହା ମଧ୍ୟରୁ ୩୦ରୁ ୪୦ ପ୍ରତିଶତ କେବଳ ଉପସାଗରୀୟ ଦେଶଗୁଡ଼ିକରୁ ଆସିଥାଏ। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ଏହି ଧାରା ବ୍ୟାହତ ହୋଇଛି। ଏହାକୁ ନେଇ ୨୦୨୬-୨୭ରେ ମାକ୍ରୋ ଅର୍ଥନୀତି ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇପାରେ ବୋଲି ସେ କହିଛନ୍ତି। ତେବେ ଅନ୍ୟାନ୍ୟ ଦେଶ ତୁଳନାରେ ଭାରତରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି(ଏଫ୍‌ଡିଆଇ) ନିବେଶ ପ୍ରକ୍ରିୟା ଶକ୍ତ ରହିଥିବାରୁ ଉପୁଜିଥିବା ସମସ୍ୟାର ସମାଧାନ ଲାଗି କ୍ଷେତ୍ର ପ୍ରସ୍ତୁତ କରାଯିବ ବୋଲି ନାଗେଶ୍ୱରନ୍ କହିଛନ୍ତି।


ଭି.ଅନନ୍ତ ନାଗେଶ୍ୱରନ

## ରୋହିତ ଜୈନ ଆର୍‌ବିଆଇର ନୂଆ ଡେପୁଟି ଗଭର୍ନର

ନୂଆଦିଲ୍ଲୀ, ୨।୫

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରୋହିତ ଜୈନଙ୍କୁ ଡେପୁଟି ଗଭର୍ନର ଭାବେ ନିଯୁକ୍ତ କରାଯାଇଛି। ଏଥିପାଇଁ କେନ୍ଦ୍ର କ୍ୟାବିନେଟ୍ ନିଯୁକ୍ତି କମିଟି ଜୈନଙ୍କ ନାମକୁ ଅନୁମୋଦନ ଦେଇଛି। ସେ ଆଗାମୀ ୩ ବର୍ଷ ପାଇଁ ଡେପୁଟି ଗଭର୍ନର ଭାବେ କାର୍ଯ୍ୟ କରିବେ। ୨୦୨୧ ମେ' ୩ରୁ ଡେପୁଟି ଗଭର୍ନର ଭାବେ କାର୍ଯ୍ୟ କରୁଥିବା ଟି. ରବିଶଙ୍କରଙ୍କ ସ୍ଥାନରେ ଜୈନ ଯୋଗଦେବେ। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଟି. ରବିଶଙ୍କରଙ୍କ ବ୍ୟତୀତ ସ୍ୱାମୀନାଥନ୍ ଜେ, ପୁନମ୍ ଗୁପ୍ତା ଏବଂ ଶିରିଶଚନ୍ଦ୍ର ମୁର୍ମୁ ଆରବିଆଇ ଡେପୁଟି ଗଭର୍ନର ଭାବେ କାର୍ଯ୍ୟ କରୁଛନ୍ତି।


ରୋହିତ ଜୈନ


ବିଏସ୍‌ଇ ସେନ୍‌ସେକ୍ସ
୭୭,୪୯୬ (+୬୦୯)


୧ ଡଲାର = ୯୪.୯୧ ଟଙ୍କା


ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍)
୧୦୮.୨୦ ଡଲାର

## ଯୁଦ୍ଧ ପ୍ରଭାବ ସତ୍ତ୍ୱେ ଷ୍ଟକ୍ ବଜାର ପାଇଁ ଏପ୍ରିଲ ସର୍ବୋତ୍ତମ ସାବ୍ୟସ୍ତ

ମୁମ୍ବାଇ, ୨।୫

୨୦୨୬ ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବକୁ ନେଇ ଅନ୍ତର୍ଜାତୀୟ ଏବଂ ଘରୋଇ ଷ୍ଟକ୍ ବଜାରରେ ଅସ୍ଥିରତା ସୃଷ୍ଟି ହୋଇଆସିଛି। ଏହାସତ୍ତ୍ୱେ ଏପ୍ରିଲ ମାସ ଭାରତୀୟ ଷ୍ଟକ୍ ବଜାର ପାଇଁ ଉତ୍ତମ ସାବ୍ୟସ୍ତ ହୋଇପାରିଛି। ଏହି ମାସରେ ଉଭୟ ବିଏସ୍‌ଇ ଏବଂ ଏନ୍‌ଏସ୍‌ଇ-୫୦ କାରବାରରେ ହାରାହାରି ଭାବେ ୭.୪ ପ୍ରତିଶତ ବୃଦ୍ଧି ଘଟିଛି; ଯାହାକି ୨୦୨୩ ଡିସେମ୍ବର ପରେ ସର୍ବାଧିକ ରହିଥିବା କୁହାଯାଇଛି। ୨୦୨୩ ଡିସେମ୍ବରରେ ଉଭୟ ସେନସେକ୍ସ କାରବାରରେ ଅନ୍ୟୂନ ୭.୯ ପ୍ରତିଶତ ବୃଦ୍ଧି ଘଟିଥିଲା। ଚଳିତ ସପ୍ତାହରେ ଅଧିକ ଦିନ କାରବାର ବନ୍ଦ ରହିଛି।

## ଯୁଦ୍ଧ ପ୍ରଭାବ: ବନ୍ଦ ହେଲା ସ୍ପିରିଟ୍ ଏୟାରଲାଇନ୍ସ

ନ୍ୟୁୟର୍କ, ୨।୫

ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବ ଏବେ ବିଭିନ୍ନ କ୍ଷେତ୍ରକୁ ପ୍ରଭାବିତ କରିଥିଲାବେଳେ ଏକ ଆମେରିକୀୟ ବିମାନ କମ୍ପାନୀ ପ୍ରଥମକରି ଏହାର ସିଧା ସଳଖ ଶିକାର ହୋଇଛି। ଗତ କିଛିବର୍ଷ ଧରି କ୍ଷତି ସହି ଆସୁଥିବା ଆମେରିକାର ସ୍ପିରିଟ୍ ଏୟାରଲାଇନ୍ସକୁ ଶନିବାର ବନ୍ଦ ଘୋଷଣା କରାଯାଇଛି। ଏହାଦ୍ୱାରା ଏହି କମ୍ପାନୀରେ କାର୍ଯ୍ୟ କରୁଥିବା ୧୭୦୦୦ରୁ ଅଧିକ କର୍ମଚାରୀ ନିଯୁକ୍ତି ହରାଇଛନ୍ତି। ୩୪ ବର୍ଷ ଧରି ଆମେରିକାର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ କାର୍ଯ୍ୟକରି ଆସୁଥିବା ଏହି କମ୍ପାନୀ ଅଚାନକ ବନ୍ଦ ହେବା ଘୋଷଣା ଆମେରିକାର ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଦେଇଛି। କିନ୍ତୁ ପଶ୍ଚିମ ଏସିଆ ଯୁଦ୍ଧକୁ ନେଇ ଏବେ ଜେଟ୍ ଫୁଏଲ ବା ବିମାନ ଇନ୍ଧନ ମୂଲ୍ୟ ଦୁଇ ଗୁଣରୁ ଅଧିକ ବଢ଼ିବା ଏବଂ ଏହାକୁ ନେଇ ବିମାନ ପରିଚାଳନା କ୍ଷେତ୍ରରେ ବ୍ୟୟବୃଦ୍ଧି ହେବା ଏହି କମ୍ପାନୀ ପାଇଁ ବଡ଼ ଚ୍ୟାଲେଞ୍ଜ ଆଣିଥିଲା। କମ୍ପାନୀର କ୍ଷତିକୁ ନେଇ ଆମେରିକା ସରକାର ସ୍ପିରିଟ୍ ଏୟାରଲାଇନ୍ସ ପାଇଁ ବେଲ୍‌ଆଉଟ୍ ଯୋଜନା ପ୍ରସ୍ତୁତ କରୁଥିଲେ ହେଁ ଏଥିପାଇଁ କେହି ଋଣ ଦେବାକୁ ପ୍ରସ୍ତୁତ ନ ହେବାରୁ ଶନିବାର କମ୍ପାନୀକୁ ବନ୍ଦ ଘୋଷଣା କରାଯାଇଛି।

## ଅରୁନ୍ଧତୀ ଜୁଏଲର୍ସର ୪ ଶାଖାର ବାର୍ଷିକ ଉତ୍ସବ



ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)

ଅରୁନ୍ଧତୀ ଜୁଏଲର୍ସର ରାଉରକେଲା , ବରଗଡ଼, କଟକ ଓ ଭବାନୀପାଟଣା ଆଦି ୪ ଶାଖାର ବାର୍ଷିକୀ ଉତ୍ସବ ପାଳନ କରାଯାଇଛି। ଅରୁନ୍ଧତୀର ରାଉରକେଲା ଶାଖାର ୪ର୍ଥ ବାର୍ଷିକୀ ଓ ବରଗଡ଼ ଶାଖାର ୭ମ ବାର୍ଷିକୀ ଉତ୍ସବ ପାଳନ କରାଯାଇଥିବାବେଳେ ମେ ୬ରେ କଟକ ଶାଖାର ୨ୟ ବାର୍ଷିକୀ ଉତ୍ସବ ଏବଂ ମେ ୧୨ରେ ଭବାନୀପାଟଣା ଶାଖାର ୧୫ତମ ବାର୍ଷିକୀ ଉତ୍ସବ ପାଳନ କରାଯିବ। ଏହି ଅବସରରେ ଗ୍ରାହକଙ୍କୁ ପ୍ରତ୍ୟେକ ଏକ୍ସକ୍ଲୁସିଭ୍ ସୁନା, ହୀରା ଏବଂ ରୁପା ଗହଣାର ଗଢ଼ାମଜୁରି ଉପରେ ସିଧାସଳଖ ଫ୍ଲାଟ୍ ୫୦% ଅଫର ବିଶାଳ ରିହାତି ପ୍ରଦାନ କରାଯାଉଛି। ଏନେଇ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଏକ ବ୍ରାଣ୍ଡ ଭାବରେ ଅରୁନ୍ଧତୀର ପରିଚୟ କେବଳ ଗହଣାରେ ସୀମିତ ନୁହେଁ, ଏହା ପ୍ରତ୍ୟେକ ଓଡ଼ିଶାବାସୀଙ୍କ ଅତୁଟ ଭରସାର ପ୍ରତୀକ। ଦୀର୍ଘ ୨୫ ବର୍ଷ ଧରି ଗ୍ରାହକମାନେ ଆମକୁ ଯେଉଁ ନିରନ୍ତର ସ୍ନେହ,ଶ୍ରଦ୍ଧା ଓ ଆଶୀର୍ବାଦ ଦେଇଆସିଛନ୍ତି, ତାହା ହିଁ ଆମର ଅସଲ ପୁଞ୍ଜି। ଗ୍ରାହକଙ୍କ ଏହି ଦୃଢ଼ ବିଶ୍ୱାସ ହିଁ ଆମକୁ ନିରନ୍ତର ସର୍ବଶ୍ରେଷ୍ଠ ସେବା ପ୍ରଦାନ କରିବାକୁ ପ୍ରେରଣା ଯୋଗାଉଛି। ଆଗାମୀ ଦିନରେ ଆହୁରି ଅନେକ ନୂତନ କଳାକୃତି ଭରା ଡିଜାଇନ ଏବଂ ମେଗା ଅଫର ଆମେ ଆପଣମାନଙ୍କ ପାଇଁ ଆଣିବାର ନିରନ୍ତର ପ୍ରୟାସ ଜାରିରଖିବୁ ବୋଲି ବ୍ରହ୍ମାନନ୍ଦ କହିଛନ୍ତି।

## ଲାଲ୍‌ଚନ୍ଦର 'ଏଭ୍ରିଡେ ଫେଷ୍ଟିଭାଲ୍'

ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)

ଲାଲଚାନ୍ଦ ଜୁଏଲର୍ସର ଶୋ'ରୁମ୍‌ଗୁଡ଼ିକରେ 'ଏଭ୍ରିଡେ ଫେଷ୍ଟିଭାଲ୍' ଆରମ୍ଭ ହୋଇଛି। ଏହି ଅବସରରେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର୍ ଉପଲବ୍ଧ ହେଉଛି। ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ହଲମାର୍କ ସୁନା ଚେନ୍‌ରେ ଫ୍ଲାଟ୍ ୫.୯% ଗଢ଼ା ମଜୁରି ରହିଛି, ଯେଉଁଥିରେ ହ୍ୟାଣ୍ଡମେଡ୍, ହଲୋ, ମେଶିନ୍‌ମେଡ୍, ଇଟାଲିଆନ୍ ଓ ଡିଜାଇନର୍ ଚେନ୍ ରହିଛି। ଅନ୍ୟ ସମସ୍ତ ସୁନା ଗହଣାରେ ଫ୍ଲାଟ୍ ୮.୯% ମେକିଂ ଚାର୍ଜେସ୍ ରହିଛି । ଜିଆଇ ସାର୍ଟିଫାଇଡ୍ ହୀରା ମୂଲ୍ୟରେ ୩୦% ରିହାତି, ରୁପା ଗହଣାର ମେକିଂ ଚାର୍ଜେସରେ ଫ୍ଲାଟ୍ ୬୦% ରିହାତି ଏବଂ ଲାଲଚାନ୍ଦ 'ସୋନେ ପେ ସୁହାଗା' ଇନଷ୍ଟଲମେଣ୍ଟ ସ୍କିମ୍ ଅଧୀନରେ କିଣାଯାଉଥିବା ସମସ୍ତ ସୁନା ଗହଣାରେ ୦% ଗଢ଼ା ମଜୁରି ରହିଛି। ଲାଲଚାନ୍ଦର ଏହି ଅଫରଗୁଡ଼ିକ ଆହୁରି ଆକର୍ଷଣୀୟ ହେଉଛି, କାରଣ ପୂର୍ବ ଭାରତରେ ଲାଲଚାନ୍ଦ ପାଖରେ ସବୁଠାରୁ ବିସ୍ତୃତ ଗହଣା ସଂଗ୍ରହ ଓ ଡିଜାଇନ୍ ରହିଛି। ଲାଇଟ୍‌ୱେଟ୍ ଡେଲିୱେୟାର୍ ଗହଣାଠାରୁ ଆରମ୍ଭ କରି ବ୍ରାଇଡାଲ୍ ମାଷ୍ଟରପିସ୍, ଆଣ୍ଟିକ୍ ଟେମ୍ପଲ୍ ଜୁଏଲେରିଠାରୁ ଆଧୁନିକ ଇଟାଲିଆନ୍ ଡିଜାଇନ୍, ଚେନ୍, ବାଙ୍ଗଲ୍ସ, ନେକ୍ଲେସ୍ ଓ ଭାରତର ବିଭିନ୍ନ ଅଞ୍ଚଳର ଡିଜାଇନର୍ ଗହଣା ପର୍ଯ୍ୟନ୍ତ-ଲାଲଚାନ୍ଦ ଗ୍ରାହକଙ୍କ ପାଖରେ ବାଛିବା ପାଇଁ ଅସୀମ ବିକଳ୍ପ ରହିଛି। ଗତ ମାସରେ ଗ୍ରାହକଙ୍କୁ ସ୍ମାର୍ଟ ଜୁଏଲେରି କ୍ରୟ ସମ୍ପର୍କରେ ସଚେତନ କରିବା ସହ ଲାଲଚାନ୍ଦ ଜୁଏଲର୍ସର ଶୋ'ରୁମ୍‌ଗୁଡ଼ିକରେ 'ଅକ୍ଷୟତୃତୀୟା ଗ୍ରେଟ୍ ଗୋଲ୍ଡ ରଶ୍' ଉତ୍ସବ ପରେ ଏହି 'ଏଭ୍ରିଡେ ଫେଷ୍ଟିଭାଲ୍' ନାମରେ ଏହି ଅଭିଯାନ ଓଡ଼ିଶାର ଗହଣା ବଜାରରେ ଉତ୍ସାହ ଆଣିଦେଇଛି । ଲାଲଚାନ୍ଦ ଗ୍ରୁପର ଚେୟାରମ୍ୟାନ୍ ଡ. ସଞ୍ଜୟ ହଂସ କହିଛନ୍ତି, ଏହି ଫେଷ୍ଟିଭାଲ୍ କୌଣସି ପ୍ରମୋଶନାଲ୍ ଅଫର୍ କିମ୍ବା କିଛିଦିନ ପାଇଁ ଥିବା ଅସ୍ଥାୟୀ ସ୍କିମ୍ ନୁହେଁ। ଏହା ହେଉଛି ଗ୍ରାହକଙ୍କ ପାଇଁ ଗହଣାର ମୂଲ୍ୟ କିପରି ସ୍ୱଚ୍ଛ ଓ ନ୍ୟାୟସଙ୍ଗତ ଭାବେ ନିର୍ଦ୍ଧାରିତ ହେବା ଉଚିତ, ତାହା ଦେଖାଇବାର ଏକ ପ୍ରୟାସ। ଆମେ ଏକ ଉଦାହରଣ ସୃଷ୍ଟି କରିବାକୁ ଚାହୁଁଛୁ।

## ଓପିଜିସି ଏମ୍‌ଡିଙ୍କୁ 'ସିଇଓ ୱିଥ୍ ଏଚଆର୍ ଓରିଏଣ୍ଟେଶନ' ସମ୍ମାନ



ଭୁବନେଶ୍ୱର,୨।୫

ଓଡ଼ିଶା ପାୱାର ଜେନେରେସନ କର୍ପୋରେଶନ(ଓପିଜିସି)ର ପରିଚାଳନା ନିର୍ଦ୍ଦେଶକ କେଦାର ରଞ୍ଜନ ପାଣ୍ଡୁଙ୍କୁ 'ସିଇଓ ୱିଥ୍ ଏଚଆର୍ ଓରିଏଣ୍ଟେସନ୍' ଆୱାର୍ଡରେ ସମ୍ମାନିତ କରାଯାଇଛି । ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଓଡ଼ିଶା ବେଷ୍ଟ ଏମ୍ପ୍ଲୟର ବ୍ରାଣ୍ଡ ଆୱାର୍ଡ-୨୦୨୬ କାର୍ଯ୍ୟକ୍ରମରେ ପାଣ୍ଡୁଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଯେକୌଣସି ଉଦ୍ୟୋଗ ପାଇଁ ମାନବସମ୍ବଳ ବିଭାଗର ବିକାଶ ଓ ସଶକ୍ତୀକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପାଣ୍ଡୁ କହିଥିଲେ।

## ଭାରତ ମସଲା ଟିଭିସିରେ ବବି ଦେଓଲ

ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)

ପୂର୍ବ ଭାରତର ଅଗ୍ରଣୀ ମସଲା ଏବଂ ଖାଦ୍ୟ ବ୍ରାଣ୍ଡ 'ଭାରତ ମସଲା' ପକ୍ଷରୁ ବବି ଦେଓଲଙ୍କୁ ନେଇ ପ୍ରସ୍ତୁତ ନୂଆ ଟିଭି ବିଜ୍ଞାପନ(ଟିଭିସି) ଉନ୍ମୋଚିତ ହୋଇଛି। ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍‌ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହାର ଉନ୍ମୋଚନ କରାଯାଇଛି। ୧୯୯୯ରେ ଓଡ଼ିଶାର ଏକ ପାରମ୍ପରିକ ମସଲା ଗ୍ରାଇଣ୍ଡିଂ ୟୁନିଟ୍ ଭାବେ ଆରମ୍ଭ 'ଭାରତ ମସଲା' ବର୍ତ୍ତମାନ ଏକ ବିଶ୍ୱସନୀୟ ଏଫ୍‌ଏମ୍‌ସିଜି ବ୍ରାଣ୍ଡ ଭାବେ ପରିଚୟ ଲାଭ କରିଛି। ମସଲା, ଖାଦ୍ୟ ସାମଗ୍ରୀ, କଣ୍ଡିମେଣ୍ଟସ୍, ଚା, ପାସ୍ତା, ସ୍ନାକସ୍ ଓ ବିଶେଷ ଫୁଡ୍ ମିକ୍ସ ସହ ବ୍ରାଣ୍ଡଟି ଅନେକ ଉତ୍ପାଦ ସହ ଦେଶ ବିଦେଶରେ ଆଦୃତି ଲାଭ କରିଛି। କମ୍ପାନୀ ବର୍ତ୍ତମାନ ଅତ୍ୟାଧୁନିକ ଉତ୍ପାଦନ ୟୁନିଟ୍ ସହିତ କ୍ରାଓଜେନିକ୍ ଗ୍ରାଇଣ୍ଡିଂ ସୁବିଧାକୁ ପରିଚାଳନା କରୁଛି। ଦୀର୍ଘବର୍ଷ ଧରି ବରିଷ୍ଠ ଅଭିନେତା ଧର୍ମେନ୍ଦ୍ର 'ଭାରତ ମସଲା'ର ବ୍ରାଣ୍ଡ ଆମ୍ବାସାଡର ଭାବେ ଜଡ଼ିତ ଥିଲେ। ବର୍ତ୍ତମାନ ବବି ଦେଓଲଙ୍କୁ ନେଇ ପ୍ରସ୍ତୁତ ହୋଇଥିବା ବିଜ୍ଞାପନ ଟେଲିଭିଜନ, ଡିଜିଟାଲ ଓ ସୋସିଆଲ ମିଡିଆରେ ପ୍ରସାରଣ ହେବ। କାର୍ଯ୍ୟକ୍ରମରେ 'ଭାରତ ମସଲା' ର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ନିର୍ଦ୍ଦେଶିକା ଏସ୍‌ଏନ୍ ମିଲେନିୟମ୍, ଜିଏମ୍(ଅପରେଶନ) ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ବିଭିନ୍ନ ଶାଖାରେ ଏହାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କଟକସ୍ଥିତ ମର୍କତନଗର ଶାଖାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଶୁଚିସ୍ମିତା ତ୍ରିପାଠୀ ଏହି ଶିବିରର ଉଦ୍‌ଘାଟନ କରିଥିବାବେଳେ ଶାଖା ପ୍ରବନ୍ଧକ ଦୀପ୍ତିମୟୀ ସାହୁ, କଟକ ଆଞ୍ଚଳିକ କାର୍ଯ୍ୟାଳୟର ବ୍ୟବସାୟିକ ମୁଖ୍ୟ ଅର୍ଜୁନ କୁମାର ସିଂ, କ୍ରେଡିଟ୍ ଅଫିସର ବିକାଶ କୁମାର ସ୍ୱାଇଁ, ସତ୍ତାପ୍ରିୟ ମହାନ୍ତି, ସୌମେନ୍ ମହାନ୍ତି ଏବଂ ୟୁନିଭରସାଲ ସାମ୍ପୋ ଇନ୍‌ସ୍ୟୁରାନ୍ସର କ୍ଲଷ୍ଟର ସେଲ୍ସ ମ୍ୟାନେଜର ବିଶ୍ୱରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସେବା ଓ କ୍ରେଡିଟ୍ ସୁବିଧା ସମ୍ପର୍କରେ ଅବଗତ କରାଯାଇଥିଲା।

ସେହିପରି ଜଗତ୍‌ସିଂହପୁର ଶାଖା ତରଫରୁ ଅନୁଷ୍ଠିତ ସିଏସ୍‌ଆର୍ କାର୍ଯ୍ୟକ୍ରମ ଅବସରରେ ଶିଶୁ ଅନାଥ ଆଶ୍ରମକୁ ଖାଦ୍ୟ ଓ ଶିଶୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଶୁଚିସ୍ମିତା ତ୍ରିପାଠୀ, ଶାଖା ପ୍ରବନ୍ଧକ ତୁଷାରକାନ୍ତ ସାହୁ, ସହାୟକ ଶାଖା ପ୍ରବନ୍ଧକ ପ୍ରକାଶ କୁମାର ସାହୁଙ୍କ ସମେତ ଆଞ୍ଚଳିକ କାର୍ଯ୍ୟାଳୟର କ୍ରେଡିଟ୍ ଅଫିସର ସୌମେନ୍ ମହାନ୍ତି ଏବଂ ଅନାଥ ଆଶ୍ରମର ପରିଚାଳକ ଅଞ୍ଜନେୟ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

ସମ୍ବଲପୁର ଜିଲ୍ଲା ବୁଢ଼ାରାଜାସ୍ଥିତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୦ଜଣଙ୍କୁ ମାଗଣା ଡାକ୍ତର ପରାମର୍ଶ ସହ ନମୁନା ସଂଗ୍ରହକରି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ରିପୋର୍ଟ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଆଞ୍ଚଳିକ ପ୍ରବନ୍ଧକ ସଞ୍ଜୀବ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ସହ ହିରଣ୍ମୟ ଦଳାଇ, ସ୍ୱରୂପ ସମ୍ପଦ ପୂଜାରୀ, ସୁଜିତ କୁମାର ପଣ୍ଡା, ପ୍ରଦ୍ୟୁମ୍ନ କୁମାର ପଣ୍ଡା ଏବଂ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଏକରରାଇଜ୍‌ର ସିଏସ୍‌ଆର୍ କାର୍ଯ୍ୟକ୍ରମ



ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)

ଏକରରାଇଜ୍ ଡେଭଲପର୍ସ ନିଜର କର୍ପୋରେଟ୍ ସୋସିଆଲ୍ ରେସ୍‌ପନ୍ସିବିଲିଟି (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଖୋର୍ଦ୍ଧା ଜିଲାର ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଖେଳ ଉପକରଣ ପ୍ରଦାନ କରିଛି। କମ୍ପାନୀ ପକ୍ଷରୁ ୨ ଆସନ ବିଶିଷ୍ଟ ଡିସ୍କ ସ୍ୱିଙ୍ଗ, ମେରୀ-ଗୋ-ରାଉଣ୍ଡ ଏବଂ ଆର୍ଚ୍ ସ୍ୱିଙ୍ଗ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଏକରରାଇଜ୍ ଡେଭଲପର୍ସର ସହ-ପ୍ରତିଷ୍ଠାତା ଶେଖ୍ ମୈରାଜୁଲ୍ ହକ୍ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଚ୍‌ଆର୍ ହେଡ୍ ସୁଚିତ୍ରା ପଟ୍ଟନାୟକ, ଏଚ୍‌ଆର୍ ବିଭାଗର ଦୀପା ଖଟେଇ, ମାର୍କେଟିଂ ମ୍ୟାନେଜର୍ ଦୀପକ ମିତ୍ର ଏବଂ ଡିଜିଟାଲ୍ ମାର୍କେଟିଂ ଟିମ୍‌ର ଜଗନମୋହନ ପରିଡ଼ା ଉପସ୍ଥିତ ଥିଲେ।

## ୮୧୦୦୦ କୋଟିର ସମ୍ପତ୍ତି ଜବତ କରିଛି ଇଡି

**ନୂଆଦିଲ୍ଲୀ, ୨।୫:** ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଅର୍ଥ ହେରଫେର(ମନି ଲଣ୍ଡରିଂ) ମାମଲାରେ ସର୍ବାଧିକ ଚଢ଼ଉ କରିଥିଲାବେଳେ ମୋଟ ୮୧,୦୦୦ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି ; ଯାହାକି ଇଡି ଇତିହାସରେ ରେକର୍ଡ ବୋଲି କୁହାଯାଇଛି। ' ପ୍ରିଭେନସନ ଅଫ୍ ମନି ଲଣ୍ଡରିଂ ଆକ୍ଟ(ପିଏମ୍‌ଏଲ୍‌ଏ)' ଅଧୀନରେ ଇଡି ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ ଘଟଣାରେ ଯେତିକି ସଂଖ୍ୟକ ଚଢଉ କରିଥିଲା ସେ ତୁଳନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ଦୁଇ ଗୁଣ ଅଧିକରେ ମୋଟ ୨୮୯୨ଟି ଚଢଉ କରିଛି ବୋଲି ଇଡି ପକ୍ଷରୁ କଥିତ ଆର୍ଥିକ ବର୍ଷର ବାର୍ଷିକ ରିପୋର୍ଟକୁ ନେଇ ଦିଆଯାଇଥିବା ତଥ୍ୟରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଗତ ୧ବର୍ଷ ତୁଳନାରେ ୨୦୨୫-୨୬ରେ ଗିରଫ ସଂଖ୍ୟା କମିଛି। ୨୦୨୩-୨୪ରେ ଇଡି ପକ୍ଷରୁ ବିଭିନ୍ନ ହେରଫେର୍ ମାମଲାରେ ମୋଟ ୨୭୨ ଜଣଙ୍କୁ ଗିରଫ କରାଯାଇଥିଲାବେଳେ ୨୦୨୪-୨୫ରେ ୨୧୪ ଜଣଙ୍କୁ ଗିରଫ କରାଯାଇଥିଲା। କିନ୍ତୁ ୨୦୨୫-୨୬ରେ ଏହି ସଂଖ୍ୟା ୨୭ ପ୍ରତିଶତ କମ୍‌ରେ ୨୧୪ ରହିଛି।

## ପତଞ୍ଜଳି ବିଶ୍ୱବିଦ୍ୟାଳୟରେ 'ଚିନ୍ତନ ଶିବିର'

ହରିଦ୍ୱାର,୨।୫

ଜନଜାତି କାର୍ଯ୍ୟ ମନ୍ତ୍ରଣାଳୟର ବରିଷ୍ଠ ପଦାଧିକାରୀଙ୍କ ଦୁଇ ଦିନର 'ଚିନ୍ତନ ଶିବିର' ହରିଦ୍ୱାରସ୍ଥିତ ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜନଜାତି ସମୁଦାୟର ସମଗ୍ର ବିକାଶ ଲକ୍ଷ୍ୟରେ ଅନୁଷ୍ଠିତ ଏହି ଶିବିରରେ ଜନଜାତି ବିକାଶ, ଆର୍ଥିକ ଉନ୍ନତି, ସ୍ୱାସ୍ଥ୍ୟ, ଶିକ୍ଷା ଓ ସାଂସ୍କୃତିକ ସଂରକ୍ଷଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ମୁଖ୍ୟ ଡ. ଜୟ ମଦାନ କହିଛନ୍ତି, ଧ୍ୟାନ ଓ ଚିନ୍ତନ ମାଧ୍ୟମରେ ଜୀବନକୁ ଆନନ୍ଦମୟ କରିହେବ। ସେ ବାସ୍ତୁ ବିଜ୍ଞାନ ମାଧ୍ୟମରେ ଜୀବନରେ ସନ୍ତୁଳନ ଓ ସକାରାତ୍ମକତା ସୃଷ୍ଟି କରିବାର ଉପାୟ ବର୍ଣ୍ଣନା କରିଥିଲେ। ଋଗ୍‌ବେଦରେ ଲିଖିତ 'ସୋମ' ରସ ବିଷୟରେ ଉଲ୍ଲେଖକରି ସେ ଆଧାତ୍ମିକ ଯୋଗକୁ ତନ୍-ମନ୍-ଆତ୍ମାର ସମନ୍ୱୟ ବୋଲି କହିଥିଲେ। ସମ୍ମାନିତ ଅତୁଲ କେ. ଶାହ ଅନାବଶ୍ୟକ ଚିନ୍ତା ଏଡ଼ାଇ ଆତ୍ମବିଶ୍ୱାସର ସହିତ ଜୀବନ ବଞ୍ଚିବା ଉପରେ ଗୁରୁତ୍ୱ ଦେଇଥିଲେ। 'ମୁନ୍ନାଭାଇ' ଫିଲ୍ମର ଉଦାହରଣ ଦେଇ ସେ କହିଥିଲେ, କେବଳ ପୁସ୍ତକୀୟ ଜ୍ଞାନ ଯଥେଷ୍ଟ ନୁହେଁ, ସହାନୁଭୂତି ଓ ଶାନ୍ତିରୁ ସମସ୍ୟାର ସମାଧାନ ହୁଏ।



## ୪ କି.ମି. ଭୂତଳ କେବୁଲ ନେଟୱର୍କ କାର୍ଯ୍ୟକ୍ଷମ କଲା ଟିପିସିଓଡିଏଲ୍

ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଗୋଠପାଟଣା ପିଏସ୍‌ଏସ୍ ଏବଂ ନୂଆଗାଁ ଛକଠାରେ ୨ଟି ଆରଏମ୍‌ୟୁ ସହିତ ୪ କିଲୋମିଟର ଦୀର୍ଘ ଭୂତଳ କେବୁଲ ନେଟୱର୍କ କାର୍ଯ୍ୟକ୍ଷମ କରାଯାଇଛି। ଏହାଦ୍ୱାରା କଣ୍ଟାବାଡ଼, ଗୋଠପାଟଣା, ଭରତପୁର ଏବଂ ଏହାର ଆଖପାଖ ଅଞ୍ଚଳର ପ୍ରାୟ ୧୨,୦୦୦ ଉପଭୋକ୍ତା ଉପକୃତ ହେବେ। ପଳାସପୁରଠାରେ 'ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା' ଅଧୀନରେ ଏକ ୬୩ କେଭିଏ ବିଦ୍ୟୁତ ବିତରଣ ସବ୍‌ଷ୍ଟେଶନ ସ୍ଥାପନ କରାଯାଇଛି। ଏହାଦ୍ୱାରା ପଳାଶପୁର ଗ୍ରାମ ଏବଂ ଭୁବନେଶ୍ୱରର ଉତ୍ତରା ଅଞ୍ଚଳର ପ୍ରାୟ ୪୦୦ ଉପଭୋକ୍ତା ଉନ୍ନତ ବିଦ୍ୟୁତ ସେବା ପାଇପାରିବେ।

## ଆଇସିଏଆଇର ଗ୍ଲୋବାଲ ଲିଡରସିପ୍ ସେମିନାର

ଭୁବନେଶ୍ୱର,୨।୫

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ(ଆଇସିଏଆଇ)ର ଗ୍ଲୋବାଲ ଟ୍ରେଡ୍ ଆଣ୍ଡ ସର୍ଭିସେସ୍ କମିଟି ପକ୍ଷରୁ 'ଆଇସିଏଆଇ ଗ୍ଲୋବାଲ ଅରବିଟ୍ : ଫ୍ରମ୍ ଜିସିସିଏସ୍ ଟୁ ଗ୍ଲୋବାଲ ଲିଡରଶିପ୍' ଶୀର୍ଷକ ଏକ ଦିନିକିଆ ସେମିନାର ମେ ଫେୟାର କନ୍‌ଭେନ୍‌ସନ୍‌ଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆଇସିଏଆଇ ଭୁବନେଶ୍ୱର (ଇଆଇଆର୍‌ସି) ଦ୍ୱାରା ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଅଧିବେଶନ ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ କରି ଆରମ୍ଭ କରାଯିବା ପରେ ଆଇସିଏଆଇ ଭୁବନେଶ୍ୱର ଅଧ୍ୟକ୍ଷ ସିଏ ଡ. ଗୌତମ ଲେଙ୍କା ସ୍ୱାଗତ ଭାଷଣ ଦେଇ ଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ପାଇଁ ବିଶ୍ୱସ୍ତରୀୟ ସୁଯୋଗ ବୃଦ୍ଧିପାଇବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଗ୍ଲୋବାଲ ଟ୍ରେଡ୍ ଆଣ୍ଡ ସର୍ଭିସେସ୍ କମିଟି ଅଧ୍ୟକ୍ଷ ସିଏ ସଞ୍ଜୀବ ସାଙ୍ଘି ଭାରତୀୟ ବୃତ୍ତିଗତ ସିଏମାନେ ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ଥାନ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଭିଡିଓ ବାର୍ତ୍ତା ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ସେମିନାରର ବିଭିନ୍ନ ପ୍ରାସଙ୍ଗିକ ବିଷୟ ଉପରେ ସିଏ ଚେତନ ବେଣୁଗୋପାଳ, ସିଏ ଦେବାୟନ ପାତ୍ର, ଜୋହୋ କର୍ପୋରେଶନର ନାରାୟଣନ୍ କେ.ପି, ସିଏ ଏଏନ୍‌ଜେଡ୍‌ର ବିଧି ଆଶିକୀ ମୋଦୀ ଏବଂ ସିଏ ଅଙ୍କିତ ବୁଘ ପ୍ରମୁଖ ଆଲୋଚନା କରିଥିଲେ। ଆଇସିଏଆଇ ଭୁବନେଶ୍ୱର ସଚିବ ସିଏ ସୌମ୍ୟ ସୁନୀଲ ସାହୁ ଧନ୍ୟବାଦ ଦେଇଥିଲେ।



# ଖୋର୍ଦ୍ଧାକୁ ହରାଇ ଭୁବନେଶ୍ୱର 'ଏ' ଚାମ୍ପିୟନ

ଭୁବନେଶ୍ୱର, ୨।୫ (ବିଜୟ ରଣା)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। କଟକ ଓ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ମୋଟ ୧୦୩ ମ୍ୟାଚ ଖେଳାଯାଇଥିଲା। ଶନିବାର ଅନୁଷ୍ଠିତ ଫାଇନାଲରେ ଭୁବନେଶ୍ୱର 'ଏ' ୧୦ଉଇକେଟରେ ଖୋର୍ଦ୍ଧାକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଏଥିରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଖୋର୍ଦ୍ଧା ଦଳ ୨୮.୧ ଓଭରରେ ମାତ୍ର ୬୬ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ସାରାଂଶ ତିୱାରୀ ୨୭ ବଲ୍‌ରୁ ୧୭ ରନ କରିଥିଲେ। ବିପକ୍ଷ ଦଳର ଶ୍ରେଷ୍ଠ ବୋଲର ଶୁଭମ ପରିଡ଼ା ୧୬ ରନ ବିନିମୟରେ ୬ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭୁବନେଶ୍ୱର 'ଏ' ୯.୪ଓଭରରେ ବିନା କୌଣସି ଉଇକେଟରେ ୬୯ରନ କରି ମ୍ୟାଚରେ ବିଜୟ ଲାଭ କରିଥିଲା। ଦଳ ତରଫରୁ ଶ୍ରେୟାଂଶ ବିଧାର ୪୫ରନ (୨୪ବଲ୍) କରି ଅପରାଜିତ ରହିଥିଲେ। ଶୁଭମ ପରିଡ଼ା ଶ୍ରେଷ୍ଠ ମ୍ୟାଚର ଖେଳାଳି ବିବେଚିତ ହୋଇଥିଲେ। କଟକସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ (ଇନ୍‌ଡୋର ହଲ୍) ପରିସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କଟକ-ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଏବଂ ଓସିଏ ସଦସ୍ୟ ଅଞ୍ଜନ କୁମାର ଖୁଣ୍ଟିଆ, ସୁଶାନ୍ତ କୁମାର ମହାନ୍ତି ଓ ଅମିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଚାମ୍ପିୟନ ଭୁବନେଶ୍ୱର 'ଏ' ଦଳ।


## ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



**ଶ୍ରୀନିକା ପଧାନ (ଶ୍ରୀନୁ)**
ଘେନୁପାଲି, ବଡସାହିର, ସମ୍ବଲପୁର
ତୋର ଚଲାପଥ କୁସୁମିତ ହେଉ, ଆଜି ତୋର ଅଷ୍ଟମ ଜନ୍ମବାର୍ଷିକୀରେ ମା' ସମଲେଶ୍ୱରୀଙ୍କଠାରେ ଏତିକି ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ମା', ବାପା, ଅଜା, ଆଇ ଓ ଶୁଭେଚ୍ଛୁବୃନ୍ଦ।
ଧ-୨୭୩


# ରେଲୱେକୁ ସିନିୟର ଦଳଗତ ଟାଇଟଲ

## ଜାତୀୟ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ
## ପହେଲ ଶାହାଙ୍କୁ ଅଲ୍ ଆରାଉଣ୍ଡ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨।୫ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିୟର ଓ ସିନିୟର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ର ଶନିବାର ତୃତୀୟ ଦିବସରେ ମହାରାଷ୍ଟ୍ରର ପହେଲ ଶାହା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଜନିୟର ମହିଳା ବ୍ୟକ୍ତିଗତ ଅଲ୍-ଆରାଉଣ୍ଡ ବିଭାଗରେ ସେ ୪୧.୩୬୬ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପଶ୍ଚିମବଙ୍ଗର ପାରୋମିତା ବେରା (୪୧.୧୬୬) ରୌପ୍ୟ ଓ ତାଙ୍କ ଟିମ୍‌ମେଟ୍ ଶ୍ରେୟା ଘୋଷ (୪୦.୬୬୭) ବ୍ରୋଞ୍ଜ ପଦକ ପାଇଛନ୍ତି। ସିନିୟର ମହିଳା ଦଳଗତ ଚାମ୍ପିୟନଶିପ୍‌ରେ ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ପ୍ରଭାବୀ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛି। ରେଲୱେ ଦଳକୁ ୧୩୦.୮୯୯ ପଏଣ୍ଟ ମିଳିଛି। ପଶ୍ଚିମବଙ୍ଗ ଦଳ ୧୨୪.୦୦ ପଏଣ୍ଟ ସହିତ ରୌପ୍ୟ ଏବଂ ମହାରାଷ୍ଟ୍ର ଦଳ ୧୨୩.୧୬୬ ପଏଣ୍ଟ ପାଇ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ଦଳ ୧୧୯.୬୩୫ ପଏଣ୍ଟ ସହିତ ଚତୁର୍ଥସ୍ଥାନରେ ସନ୍ତୁଷ୍ଟ ରହିଛି।


ଅତିଥିଙ୍କ ସହ ପୋଡିୟମ ଉପରେ ଉପସ୍ଥିତ ୩ ଦଳର ଜିମ୍ନାଷ୍ଟ।


# Classified Everyday
0674-2580101, 9692975378




**GROOM WANTED**

ବୟସ 26, Private ଚାକିରି କରୁଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7735667587. D-268

45 ବର୍ଷ, Food & Safety Departmentରେ କାର୍ଯ୍ୟ କରୁଥିବା ମହିଳାଙ୍କ ପାଇଁ ବରପାତ୍ର ଆବଶ୍ୟକ, 18455853154. D-272




**SALE**

Spacious 2BHK-1495sqft./3BHK-2149sqft. flats in Versa Sattva under construction near - Hi-Tech Hospital, Narayana School, Bhubaneswar. Price 1.12cr onwards. Contact: 9777622740, 9777632740. D-120

ହଂସପାଳ ଗୁଆଳିରେ ଘରବାରି ପ୍ଲଟ୍ ବ୍ୟାଙ୍କ୍ ଲୋନ ସୁବିଧାଥାଇ ବିକ୍ରି ହେବ। Sqft. Rs.1350/-, 9337259012. D-184

ଭୁବନେଶ୍ୱର AIIMS Medical ନିକଟରେ Gated society plot, Duplex ନିଅନ୍ତୁ। 6370132635. D-34




Construct Your Home with Premium Materials, Tata Rod Ultratech Cement, Colour, Tiles, Phd, Electric, All Complete starting price 1350/-. 9040987179. D-267

Supervision of construction of Building & planning by senior professional Civil Engineer. Mob.- 8144815298. D-262

Construct your dream home @999/-, 1560/- with branded materials, we provide plan approval, free boring(Vastu complaints) SNV Engineering- 9439295469. D-212




3BHK flat at Chandrama Complex, Block-A, Unit-III 3BHK flat at Park Tower, Ganga Nagar, Bhubaneswar Contact: 9348491449, 9437062777. D-230

Commercial Space Available: 200 to 1200sqft. suitable for Shop, Office, Bank, or Institute 1500 to 8000sqft. at Rajpath, Bhubaneswar Contact: 9348491449, 9437062777. D-231




Full body massage, Home service available, Male, Female. Contact: 7377143756. D-270

All types hair cutting/ massage by smart female, one hour 700/- , - Room services available. Contact: 9937833100. D-76308

Newly open health benefits spa by expert therapist. Contact- 7504222886. D-76963

Now Matrimonial ads. only on Wednesday & Sunday
Book 1 Get 1 FREE

All types of physiotherapy and massage. Contact 9556924059 / 7656969134. D-257




Get Astro Guidance/ Gemstone Suggestions WhatsApp to 8796287768. D-275

**LOST**

I, GOLAPI NAIK, W/o.- Late Gobinda Chandra Naik, R/o.- Bilaigarh, P.O.- Laing, P.S.- Rajgangpur, Dist.- Sundargarh, Odisha do hereby declare that on 05.02.2026 a cheque bearing No.- 050952 of "Honkong & Shanghai Banking Co-operation Ltd. 52/60, Mahatma Gandhi Road, Mumbai." has been misplaced at my esidence. In that respect I have lodged missing report at Kansbahal out-Post vide S.D. No.- 05/OP Dtd.- 26.4.2026. D-277

**AFFIDAVIT**

By virtue of an affidavit sworn before EXECUTIVE MAGISTRATE, BHUBANESWAR, on dated 29.04.2026, I, (Applicant Name) PRATIMA SAHOO, Address: Vill.- SUBUDHIPARA, P.O.- MANGALPUR, P.S.- PIPILI, DIST.- PURI, ODISHA, PIN- 752104, State- ODISHA declare that I have changed the name of my daughter from LAKINA SAHOO (Old name) to DIBYA PRIYADARSHINI SAHOO (New name). Henceforth, she shall be known as DIBYA PRIYADARSHINI SAHOO (New name) for all purposes.
Pratima Sahoo
D-278

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before Executive Magistrate/Notary Public, Rayagada dated: 17th April 2026. I, KADRAKA RUPA, At- resident of Vill.- Batabirisi, P.O.- Narayanpur, P.S.- K.Singpur, Dist.- Rayagada, Odisha- 765016 declare that I have changed my son's name from SANJIB KADRAKA to SANJIP KADRAKA. Henceforth, he shall be known as SANJIP KADRAKA for all purpose. D-276

I, Dharani Dhar Majhi, Son of late Netra Mohan Majhi, resident of Flat No.3A, 201, Spacetown Apartment, Gadakana, P.S.- Mancheswar, Bhubaneswar, Dist.- Khordha, Odisha PIN- 751017 have changed my name from Dharani Dhar Majhi to Dharanidhar Majhi vide affidavit dated 28.04.2026 at Bhubaneswar. D-263

By virtue of an affidavit before Executive Magistrate, Kantabanji on 13.3.2026 that before marriage I known as BABITA MEHERA which is mentioned in my Aadhaar Card along with Bank account but after marriage to DHUBEL DEWANGAN, S/o.- SHITO DEWANGAN of Tarun Bazar, Jogi Nagar, Santoshi Nagar, Raipur (C.G.) I treated as BABITA DEWANGAN, W/o.- DHUBEL DEWANGAN and updated my Aadhaar Card whereas BABITA MEHERA @ BABITA DEWANGAN, W/o.- DHUBEL DEWANGAN is same and one person. D-269

By virtue of an affidavit sworn before the Executive Magistrate, Reamal, dated April 30, 2026. I, Niral Kandulana, Address: At- Chingudijharan, P.O.- Lulang, P.S.- Reamal, Dist.- Deogarh, PIN- 768109 declare that I have changed my name from Niral Munda to Niral Kandulana. Henceforth, I shall be known as Niral Kandulana for all purposes.
Niral Kandulana
D-271

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



୰ ଶାନ୍ତିଲତା ବେହେରା
ବାଲଣା, ମାର୍ଶାଘାଇ, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୮।୧୦।୧୯୫୫
ତିରୋଧାନ: ୨୩।୦୪।୨୦୨୬
ଦେଖୁ ଦେଖୁ ୧୧ ଦିନ ହୋଇଗଲା, ଆମ୍ଭମାନଙ୍କୁ ଛାଡିଦେଇ ଚାଲିଗଲ। ତୁମ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ଦାୟିତ୍ୱବୋଧ ଆମ ପାଇଁ ସବୁଦିନ ଆଶୀର୍ବାଦର ଆଲୋକବର୍ତ୍ତିକା ପାଲଟିଯାଇଛି। ଆଜି ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣପୂର୍ବକ ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଦୁଇପୁତ୍ର, ପୁତ୍ରବଧୂ, ପୁତୁରା, ପୁତୁରାବୋହୂ, ଭଣଜା, ଭାଣିଜୀ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ, ପରିବାର ଓ ଆତ୍ମୀୟସ୍ୱଜନ।
ଧ-୨୬୬

**ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବଟକୃଷ୍ଣ ଚୌଧୁରୀ
ଗ୍ରାମ- ଅଲଣା, ଜିଲ୍ଲା- କଟକ
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ବନ୍ଧୁବାନ୍ଧବ ଓ ପରିବାରବର୍ଗ
ଧ-୧୨୧

**ଶ୍ରଦ୍ଧାଞ୍ଜଳି**



ଆମ୍ଭର ପରମପୂଜ୍ୟା ମା'
ସ୍ୱର୍ଗତା କିଶୋରୀ ମହାନ୍ତି
(ସ୍ୱର୍ଗତ ଯୋଗେନ୍ଦ୍ର ମହାନ୍ତିଙ୍କ ଧର୍ମପତ୍ନୀ)
ତା.୨୩.୦୪.୨୦୨୬ରିଖ ଗୁରୁବାର ମଧ୍ୟରାତ୍ର ୩.୧୫ ମିନିଟ ସମୟରେ ଆମ୍ଭମାନଙ୍କୁ ଗଭୀର ଶୋକ ସାଗରରେ ଭସାଇ ଇହଲୀଳା ସମ୍ବରଣ କରିଛନ୍ତି। ୯୪ ବର୍ଷ ବୟସରେ ସମସ୍ତ ପରିବାର ସଦସ୍ୟଙ୍କ ଗହଣରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ସ୍ନେହ ଶ୍ରଦ୍ଧା ଓ ଧର୍ମପରାୟଣ ମନୋଭାବ ସଦା ସ୍ମରଣୀୟ ହୋଇ ରହିବ। ଆଜି ତାଙ୍କର ଏକାଦଶାହ ତିଥିରେ ସମସ୍ତ ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଅଣନାତି-ଅଣନାତୁଣୀମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତାଙ୍କର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଧ-୨୬୪


# ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନର ସମର କ୍ୟାମ୍ପ

ଭୁବନେଶ୍ୱର, ୨।୫ (ତପନ ସ୍ୱାଇଁ)

ରାଜଧାନୀର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୩ ସପ୍ତାହ ବିଶିଷ୍ଟ ଫୁଟବଲ ସମରକ୍ୟାମ୍ପ ଆରମ୍ଭ ହେବାକୁ ଯାଉଛି। କେବଳ ୧୫ ବର୍ଷରୁ କମ୍ ବାଳକଙ୍କ ପାଇଁ ଉଦ୍ଦିଷ୍ଟ ଏହି କ୍ୟାମ୍ପ ଚଳିତ ମାସ ୧୨ରୁ ୟୁନିଟ୍-୬ ହାଇସ୍କୁଲ୍ ପଡ଼ିଆରେ ଅପରାହ୍ନ ୪ଟାରୁ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭୁବନେଶ୍ୱର ଅନ୍ତର୍ଗତ ସମସ୍ତ ସ୍କୁଲରୁ ପ୍ରାୟ ୧୦୦ ଖେଳାଳି ଅଂଶଗ୍ରହଣ କରିବେ ବୋଲି ଆୟୋଜକ ଆଶା ରଖିଛନ୍ତି। ପୂର୍ବତନ ଖେଳାଳିମାନେ ଏହି ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିବେ। ଏଥି ସହିତ ପ୍ରତି ରବିବାର ପେନାଲ୍ଟି ଶୁଟ୍‌ଆଉଟ୍, ଫୁଟବଲ୍ କୁଇଜ୍ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହିତ ପୁରସ୍କାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଆଗ୍ରହୀ ଖେଳାଳିମାନେ ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ କାର୍ଯ୍ୟାଳୟଠାରେ ଆସନ୍ତା ୮ରୁ ୧୦ ତାରିଖ ମଧ୍ୟରେ ନିଜ ନାମ ପଞ୍ଜୀକରଣ କରିପାରିବେ। ଏଥି ପାଇଁ ଆଧାର କାର୍ଡ, ପାସପୋର୍ଟ ସାଇଜ୍ ଫଟୋ ସହିତ ୧୦୦ ଟଙ୍କା ଦେୟ ଦେବାକୁ ପଡ଼ିବ। ପଞ୍ଜୀକୃତ ସମସ୍ତ ଖେଳାଳିଙ୍କୁ ୨ଟି ଲେଖାଏ ଜର୍ସି ପ୍ରଦାନ କରାଯିବ। ଏହି କ୍ୟାମ୍ପ ପାଇଁ ଆଗ୍ରହୀ ଖେଳାଳିମାନେ ଆସୋସିଏଶନ ସମ୍ପାଦକ ଦିଲୀପ କୁମାର ଦାସ କିମ୍ବା ଚିତ୍ତରଞ୍ଜନ ପାତ୍ରଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ ସଭାପତି ତପନ ମହାନ୍ତି ଶିବିର ଲାଗି ସହଯୋଗ କରିବାକୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ଏବଂ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର ସହଯୋଗ କାମନା କରିଛନ୍ତି।

# ରିଭବ ବାଳକ, ଅଲିନା ବାଳିକା ଚାମ୍ପିୟନ



ପୁରସ୍କୃତ ଖେଳାଳି ଓ ଅତିଥିବୃନ୍ଦ।

## ଆଇଟିଏଫ୍ ୱାର୍ଲ୍ଡ ଟୁର୍ ଜୁନିୟର୍ସ

ଭୁବନେଶ୍ୱର, ୨।୫ (ଭୁବନେଶ୍ୱର)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ସେଣ୍ଟରଠାରେ ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଜୁନିୟର୍ସ ଜେ୩୦ ଭୁବନେଶ୍ୱର ୨୦୨୬ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ, ୟୁଏସ୍‌ଏ, ଚାଇନା ଓ ନେପାଳ ଆଦି ଦେଶ ସମେତ ଦେଶ ଓ ବିଦେଶର ମୋଟ ୧୫୬ ଖେଳାଳି ଅଂଶଗ୍ରହଣ କରିଥିଲେ। ବାଳକ ସିଙ୍ଗଲ୍ସ ଫାଇନାଲରେ ରିଭବ ସରୋହା ୭-୬ (୨), ୬-୪ରେ ବୀର ମଦମଙ୍କୁ ହରାଇ ଚାମ୍ପିୟନ ହୋଇଥିବା ବେଳେ ବାଳିକା ବିଭାଗରେ ଅଲିନା ଫରିଦ ୬-୩, ୬-୩ରେ ଆଞ୍ଜେଲ ପଟେଲଙ୍କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛନ୍ତି। ସେହିପରି ବାଳକ ଡବଲ୍ସ ଫାଇନାଲରେ ରେ ଦକ୍ଷ କୁକ୍ରେଟି/ପନଶୁଲ ଉବୋଭେଜା ୬-୨, ୬-୪ରେ ବୀର ମଦମ/ବ୍ୟୋମ୍ ଶାହାଙ୍କୁ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ବାଳିକା ବିଭାଗ ଫାଇନାଲରେ ଅଲିନା ଫରିଦ/ ଆଞ୍ଜେଲ ପଟେଲ ୬-୨, ୭-୬ (୩)ରେ ତନୁଶ୍ରୀ ମାନେନି ସାଥେଶ/ଜାହ୍ନବୀ ତାମିନେଇଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଟେନିସ ଆସୋସିଏଶନ ସଭାପତି ତଥା ଅଲ୍‌ଇଣ୍ଡିଆ ଟେନିସ ଆସୋସିଏଶନ ଉପସଭାପତି ଅସିତ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନର ଉପ ସଭାପତି ସତ୍ୟଜିତ୍ ମହାନ୍ତି, ସମ୍ପାଦକ ସଞ୍ଜୀବ ପଣ୍ଡା; କୋଷାଧ୍ୟକ୍ଷ ସତ୍ୟଜିତ ମହାନ୍ତି (ରୁବୁନା), ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ; ଆଇଟିଏଫ୍ ସୁପରଭାଇଜର ପ୍ରବୀଣ କୁମାର ନାୟକ ଏବଂ ଟେନିସ ଆସୋସିଏଶନର ଅନ୍ୟ ସଦସ୍ୟଗଣ।

# କଟକ ଉତ୍କଳ କରାଟେ ସ୍କୁଲର ବେଲ୍ଟ ପରୀକ୍ଷା


ବେଲ୍ଟ ଟେଷ୍ଟରେ ଭାଗନେଇଥିବା କରାଟେକାମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨।୫ (ତପନ ସ୍ୱାଇଁ)

କଟକ ଦେଉଳ ସାହିସ୍ଥିତ ଆର ସ୍କୋୟାର୍ ସେଲିବ୍ରେଶନ ମଣ୍ଡପ ସ୍ଥିତ ଉତ୍କଳ କରାଟେ ସ୍କୁଲ, କଟକ ଶାଖାରେ କରାଟେକା ମାନଙ୍କ ବେଲ୍ଟ ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଉଳ ସାହି, ସିଡିଏ, ବକ୍ସିବଜାର, କଲ୍ୟାଣୀ ନଗର ଓ ମୁଣ୍ଡୁଳି ଶାଖାରୁ ମୋଟ ୧୨୦ ପରୀକ୍ଷାର୍ଥୀ ଅଂଶ ଗ୍ରହଣ କରି କୃତକାର୍ଯ୍ୟ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲ ର ମୁଖ୍ୟ ତଥା ପ୍ରତିଷ୍ଠାତା ହାନ୍‌ସି ହରି ପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସେନସେଇ ଖାରବେଳ ମଲ୍ଲିକ, ଗୋପାଳ ଚନ୍ଦ୍ର ଦାସ, ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ ଓ ଉମାକାନ୍ତ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସିନିୟର୍ କରଟେକା ଶୁଭାଶିଷ ମହାପାତ୍ର, ସୃଷ୍ଟି ମିଶ୍ର, ପ୍ରିୟଦର୍ଶିନୀ ଦାସ ଓ ତନାଲି ମିଶ୍ର ଓ ସାଗର ସ୍ୱାଇଁ,ପରୀକ୍ଷା ପରିଚାଳନାରେ ସହାୟତା କରିଥିଲେ। ଶେଷରେ ସମସ୍ତ କୃତି ଛାତ୍ର ଓ ଛାତ୍ରୀ ମାନଙ୍କୁ ଲେ୍ଟ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

ୟୁଥ୍ ଆଲର୍ଟ

# ହସ ରଖିବ ସୁସ୍ଥ



ପାଠପଢ଼ା, ଜବ୍ ହେଉ ଅବା ଅନ୍ୟାନ୍ୟ କାର୍ଯ୍ୟବ୍ୟସ୍ତତା ଭିତରେ ଅଧିକାଂଶ ଯୁବପିଢ଼ି ଖୁସି ବଦଳରେ ଚିନ୍ତା ଏବଂ ଅବସାଦରେ ରହୁଥିବା ଦେଖିବାକୁ ମିଳୁଛି; ଯାହାକି ସେମାନଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ବୃଦ୍ଧି କରୁଛି। ଯାହାକୁ ଦୂର କରିବା ଲାଗି ହସ ହେଉଛି ଏମିତି ଏକ ମହୌଷଧି, ଯାହା ରୋଗ ବିନାଶକାରୀ ଔଷଧଠାରୁ ବି ଅଧିକ ଉପକାରୀ। ଆଜି ବିଶ୍ୱ ହାସ୍ୟ ଦିବସ ଅବସରରେ ଜାଣନ୍ତୁ ସୁସ୍ଥ ରହିବା ଲାଗି ହସିବା କେତେ ଜରୁରୀ...



➔ବ୍ୟସ୍ତବହୁଳ ଜୀବନଶୈଳୀ ଭିତରେ ମାନସିକ ଚିନ୍ତା, ବିଷାଦ, କ୍ରୋଧ ଆଦି ଅଧିକାଂଶଙ୍କ ସ୍ୱାସ୍ଥ୍ୟର ପରମ ଶତ୍ରୁ ପାଲଟିଛି, ଯେଉଁଥିପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି। ହେଲେ ପ୍ରତିଦିନ ହସିଲେ 'ଏଣ୍ଡୋର୍ଫିନ୍' ନାମକ ହର୍ମୋନ୍ ଶରୀରରୁ ନିର୍ଗତ କରାଇଥାଏ, ଯାହା ମସ୍ତିଷ୍କରେ ତିଆରି ହେଉଥିବା ମାନସିକ ଚାପର ହର୍ମୋନ (ଷ୍ଟ୍ରେସ୍ ହର୍ମୋନ୍)କୁ କମାଇଥାଏ। ଏହା ମାନସିକ ଅବସାଦକୁ ଦୂରେଇ ଦେଇ ମଣିଷକୁ ଭଲ ମାନସିକ ସ୍ଥିତି ଆଡ଼କୁ ନେଇଥାଏ।

➔ସେହିପରି ବର୍ତ୍ତମାନ ହୃଦ୍‌ରୋଗ ଓ ହୃଦ୍‌ଘାତ ସବୁଠୁ ବଡ଼ ଘାତକ ବ୍ୟାଧି ପାଲଟିଛି ଏବଂ ଏଥିରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ହେଲେ ହସିଲେ ଉଚ୍ଚ ରକ୍ତଚାପ କମିଥାଏ ଏବଂ ଶରୀରକୁ ବିଶୁଦ୍ଧ ରକ୍ତ ଠିକ୍ ଭାବେ ସଂଚାଳିତ ହୋଇଥାଏ। ଯଦ୍ୱାରା ହୃତ୍‌ପିଣ୍ଡ ମଜଭୁତ ହୋଇଥାଏ ଏବଂ ହୃଦ୍‌ରୋଗ ଓ ହୃଦ୍‌ଘାତ ଆଶଙ୍କା ହ୍ରାସ ପାଇଥାଏ।

➔ମେଦବହୁଳତା ବି ଅନେକ ଯୁବତୀ ଯୁବକଙ୍କ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି। ଯଦି ଜଣେ ଲୋକ ଦିନକୁ ୧୦-୧୫ ମିନିଟ୍ ଯାଏ ହସେ, ତେବେ ୪୦ କ୍ୟାଲୋରି ଖର୍ଚ୍ଚ ହୋଇଯାଏ। ଏହା ନିୟମିତ ଭାବରେ କଲେ ମେଦବହୁଳତା ବି ହ୍ରାସ ହୁଏ। ଥରେ ହସିଲେ ହାରାହାରି ୩୫ ମିନିଟ୍‌ଯାଏ ଦେହ ହାଲୁକା ହୋଇ ଯାଇଥାଏ।

➔ହସିବା ଦ୍ୱାରା ମଣିଷର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ିଥାଏ। ହଜାର ହଜାର ଟଙ୍କା ଖର୍ଚ୍ଚ କରି ଔଷଧ ଖାଇବା ବଦଳରେ କିଛି ସମୟ ହୃଦୟ ଖୋଲି ହସିବା ଏକ ଉତ୍ତମ ବ୍ୟାୟାମ। ହସିବା ସମୟରେ ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଚଳପ୍ରଚଳ ଦ୍ୱାରା ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ। ଏହାଦ୍ୱାରା ଶରୀର ସୁସ୍ଥ ରହିବା ସହ ମନ ପ୍ରଫୁଲ୍ଲ ରହିଥାଏ।

# କ୍ୟାରିୟର ରିଜୋଲ୍ୟୁଶନ୍...




ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ଚାକିରି ହେଉ ଅବା ବ୍ୟବସାୟ ଆଦି ରୁଚି ଥିବା ଦିଗରେ ସଫଳ କ୍ୟାରିୟର ଗଢ଼ିବା ଏକ ବଡ଼ ଚ୍ୟାଲେଞ୍ଜ। କାରଣ ସଫଳତାର ମାର୍ଗ ଏତେ ସହଜ ହୋଇ ନ ଥାଏ। ବେଳେବେଳେ ଏହି ମାର୍ଗରେ ଅନେକ କଠିନ ପରିସ୍ଥିତି ଆସେ ଏବଂ ବିଫଳତାର ସମ୍ମୁଖୀନ ବି ହେବାକୁ ପଡ଼ିଥାଏ। ଏମିତିରେ ଅନେକେ କ୍ୟାରିୟରର ଦିଗ ପରିବର୍ତ୍ତନ କରିଦିଅନ୍ତି ତ କେହି କେହି ହାର୍ ମାନି ଲକ୍ଷ୍ୟପଥରୁ ଓହରିଯାଆନ୍ତି। ହେଲେ ଏପରି ନ କରି ଉଦ୍ୟମ ଓ ଦୃଢ଼ ବିଶ୍ୱାସ ସହ ଏକ ନିର୍ଦ୍ଦିଷ୍ଟ କ୍ୟାରିୟର ରିଜୋଲ୍ୟୁଶନ୍ ରଖିବା କ୍ୟାରିୟରରେ ସଫଳତା ହାସଲ କରିବା ଲାଗି ନିହାତି ଆବଶ୍ୟକ। ଏଥିପାଇଁ କେତେକ ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବା ଜରୁରୀ...

**ଆବଶ୍ୟକ ମାନସିକ ଦୃଢ଼ତା:** ସବୁବେଳେ ପ୍ରଥମ ଚେଷ୍ଟାରେ ହିଁ ଜଣେ ସଫଳତାର ଶୀର୍ଷରେ ପହଞ୍ଚିଯିବ ସେଭଳି ମାନସିକତା ରଖିବା କିମ୍ବା ଥରେ ବିଫଳ ହେଲେ ସମ୍ପୂର୍ଣ୍ଣ ଲକ୍ଷ୍ୟ ପଥରରୁ ଓହରିଯିବା ଠିକ୍ ନୁହେଁ। ତେଣୁ କୌଣସି ପରିସ୍ଥିତିରେ ବ୍ୟସ୍ତ ବିବ୍ରତ ନ ହୋଇ ନିଜକୁ ମାନସିକ ସ୍ତରରେ ସୁଦୃଢ଼ କରନ୍ତୁ। ପାଠପଢ଼ା ଏବଂ ନିଜ କ୍ୟାରିୟରକୁ ଫୋକସ୍ କରନ୍ତୁ। କାରଣ ମନୋବଳ ଦୃଢ଼ ହେଲେ ହିଁ ଆପଣ ସଫଳତା ହାସଲ କରିପାରିବେ, ସେଥିରେ ସନ୍ଦେହ ନାହିଁ।

**ବୃଦ୍ଧି କରନ୍ତୁ ଜ୍ଞାନର ପରିସର :** ଯେଉଁ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି, ସେ ଦିଗରେ ସବୁବେଳେ ଅଧିକରୁ ଅଧିକ ଜାଣିବାକୁ ଚେଷ୍ଟା କରନ୍ତୁ। ଏଥିପାଇଁ ବର୍ତ୍ତମାନ ଇଣ୍ଟରନେଟ୍ ଏକ ବଳିଷ୍ଠ ମାଧ୍ୟମ। ଅଧିକରୁ ଅଧିକ ପଢ଼ନ୍ତୁ। ବର୍ତ୍ତମାନ ସମୟକୁ ସୋସିଆଲ୍ ମିଡିଆ ଦେଖିବା, ବୁଲିବା ଆଦି କାର୍ଯ୍ୟରେ ନଷ୍ଟ ନ କରି ନିଜର ଜ୍ଞାନର ପରିସର ବୃଦ୍ଧି କରିବାକୁ ଚେଷ୍ଟା କରନ୍ତୁ। କାରଣ ଯେତେ ଅଧିକ ଶିଖିବେ, ସେତେ ଅଧିକ ଆଗକୁ ବଢ଼ିବା ସହଜ ହେବ। କେବଳ ଏତିକି ନୁହେଁ, ଇଣ୍ଟରନେଟ୍ ଜରିଆରେ ଆପଣ ଚାହିଁଲେ ନିଜ କ୍ୟାରିୟର୍ ସ୍ୱପ୍ନ ସାକାର କରିବା ଲାଗି କ'ଣ କରିବା ଆବଶ୍ୟକ, ସେ ସମ୍ପର୍କରେ ବିଭିନ୍ନ କ୍ୟାରିୟର୍ କାଉନ୍‌ସିଲରଙ୍କ ମତାମତ ବି ନେଇପାରିବେ, ଯାହାକି ଆପଣଙ୍କୁ ନିଜକୁ ଏଥିପାଇଁ ପ୍ରସ୍ତୁତ କରିବା ସରଳ ହୋଇପାରିବ।

**ସାଧନା ଜାରି ରଖନ୍ତୁ:** କ୍ୟାରିୟର୍‌କୁ ମଜଭୁତ କରିବାକୁ ଚାହୁଁଥିଲେ ଦିନକୁ ଅତିକମ୍‌ରେ ୭-୮ ଘଣ୍ଟା ପଢ଼ନ୍ତୁ। ବର୍ତ୍ତମାନ ବିଭିନ୍ନ ଅର୍ଗାନାଇଜେଶନ୍ ପକ୍ଷରୁ ଶର୍ଟଟର୍ମ ଅନ୍‌ଲାଇନ୍ କୋର୍ସ ମଧ୍ୟ କରାଯାଉଛି। ସୋସିଆଲ୍ ସାଇଟ୍, ଭିଡିଓ ଗେମ୍ ଆଦିରେ ଅଧିକ ସମୟ ନ ବିତାଇ ଏଭଳି ଅନ୍‌ଲାଇନ୍ କ୍ଲାସ୍ ଜଏନ୍ କଲେ ଉପକୃତ ହୋଇପାରିବେ। ମନେରଖନ୍ତୁ, ନିଜ ସାଧନା ଜାରି ରଖିଲେ କ୍ୟାରିୟର ସଫଳତା ପାଇବା ସହଜ ହୋଇଯିବ।

ଭଲ ପାଠ ପଢ଼ି ସଫଳ କ୍ୟାରିୟର ଗଢ଼ିବାକୁ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମନରେ ଥାଏ ସ୍ୱପ୍ନ। ହେଲେ କେବେକେବେ ବିଭିନ୍ନ ପରିସ୍ଥିତି ସେମାନଙ୍କୁ ବିଫଳତାର ସମ୍ମୁଖୀନ କରାଏ। ଏସବୁରେ ହାର୍ ନ ମାନି ଯେଉଁମାନେ ଲକ୍ଷ୍ୟ ପଥରୁ ଓହରି ନ ଯାଇ ଦୃଢ଼ ମନୋବଳ ସହ ଏକ ନିର୍ଦ୍ଦିଷ୍ଟ କ୍ୟାରିୟର ରିଜୋଲ୍ୟୁଶନ୍ ରଖି ଆଗକୁ ବଢ଼ିଚାଲନ୍ତି, ସେମାନଙ୍କ ଲାଗି ସଫଳ କ୍ୟାରିୟର ଗଢ଼ିବାର ମାର୍ଗ ହୋଇଯାଏ ସରଳ...

**ନିଜକୁ ଅପ୍‌ଡେଟ୍ କରନ୍ତୁ:** ନିଜର ଭବିଷ୍ୟତ ଲକ୍ଷ୍ୟ କ'ଣ ଏବଂ ଏହାକୁ ହାସଲ କରିବାକୁ ହେଲେ ଆପଣଙ୍କୁ କ'ଣ ସବୁ କରିବାକୁ ହେବ, ସେ ଦିଗରେ ନିଜକୁ ସର୍ବଦା ଅପ୍‌ଡେଟ୍ ରଖନ୍ତୁ। ପାଠପଢ଼ା ଦିଗରେ କେବେ ଅନ୍‌ଲାଇନ୍ କ୍ଲାସ୍, ପରୀକ୍ଷା, ନୂଆ ଆଡ୍‌ମିଶନ୍ ଆଦି ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରତିଟି ଖବର ଜାଣନ୍ତୁ। ଠିକ୍ ସେହିପରି ଜବ୍ କ୍ଷେତ୍ରରେ କେଉଁଠାରେ କେଉଁ ପୋଷ୍ଟ ବାହାରୁଛି, ଏହାର ଫର୍ମ, ଇଣ୍ଟରଭ୍ୟୁ ସମୟ ଆଦି ମଧ୍ୟ ଭଲ ଭାବେ ଜାଣିରଖନ୍ତୁ।

**ଛାଡ଼ନ୍ତୁ ଭୟ:** ଲକ୍ଷ୍ୟ ପଥରେ ଆସୁଥିବା ଚ୍ୟାଲେଞ୍ଜକୁ ଥରେ ସାମ୍ନା କରିବାକୁ ଭୟ କଲେ ଏହା ମାନସିକ ସ୍ତରରେ ଦୁର୍ବଳ କରିଦେବ, ଯଦ୍ୱାରା ଜଣେ ଏଥିରୁ ନିଜକୁ ଦୂରେଇବା ଖୁବ୍ କଷ୍ଟକର ହୋଇପଡ଼ିବ। ତେଣୁ ସର୍ବପ୍ରଥମେ ନିଜର ଦୁର୍ବଳତାକୁ ନିଜେ ଖୋଜିବା ଏବଂ ଏହାକୁ ଦୂର କରିବା ଲାଗି ବାରମ୍ବାର ଚେଷ୍ଟା କରନ୍ତୁ। କାରଣ ଏହାହିଁ ମନରୁ ଭୟ ଦୂର କରି ସଫଳତା ପାଇବାର ଏକମାତ୍ର ଉପାୟ।






## ଏ ସପ୍ତାହର ପ୍ରଶ୍ନ ?

୧- ଶଙ୍ଗଟଙ୍ଗ-କର୍ଚ୍ଛମ ହାଇଡ୍ରୋଇଲେକ୍‌ଟ୍ରିକ୍ ପ୍ରୋଜେକ୍ଟ ............ ରାଜ୍ୟରେ ଅବସ୍ଥିତ ?
୨- ଏସିଆନ୍ ଗେମ୍ସ ୨୦୨୬ ............ ଦେଶରେ ଆୟୋଜିତ ହେବ ?
୩- ଅମରନାଥ ଗୁମ୍ଫା ............ ଠାରେ ଅବସ୍ଥିତ ?
୪- ୱେଲ୍‌କମ୍ ଟୁ ନୋ ହୋୟାର୍ ପୁସ୍ତକର ଲେଖକ .............. ?
୫- ଆଡ୍‌ଭାନ୍ସଡ୍ ଲାଇଟ୍ ହେଲିକପ୍ଟର ଧ୍ରୁବକୁ .......... ଅର୍ଗାନାଇଜେଶନ୍ ନିର୍ମାଣ କରିଛି ?

## ଗତ ଥରର ଉତ୍ତର

୧ ........ ନାସା
୨ ........ କର୍ଣ୍ଣାଟକ
୩ ........ ବି ହମିଂବାର୍ଡ
୪ ........ ଗ୍ରୀସ୍
୫ ........ ରେବତୀ ସୁରେଶ

## ଉତ୍ତରଦାତା



ଅନ୍ନଦା ପ୍ରସାଦ ପଟ୍ଟନାୟକ, କଟକ



ସଚ୍ଚିଦାନନ୍ଦ ପରିଡ଼ା, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

ଲୋକପ୍ରିୟ ଲାପ୍‌ଟପ୍ ବ୍ରାଣ୍ଡ-୨୦୨୬ (ଗ୍ଲୋବାଲ୍ ବ୍ରାଣ୍ଡ ମାଗାଜିନ୍)

୧............ ଲେନୋଭୋ
୨............ ଏଚ୍‌ପି
୩............ ଡେଲ୍
୪............ ଆପଲ୍
୫............ ଆସସ୍
୬............ ଆସର୍
୭............ ମାଇକ୍ରୋସଫ୍ଟ
୮............ ଏମ୍‌ଏସ୍‌ଆଇ
୯............ ସାମ୍‌ସଙ୍ଗ୍
୧୦............ ରେଜର୍




ୟୁଥ୍ ଆଲର୍ଟ

# ଏମିତି ବି ଅଛି ରେଷ୍ଟୁରାଣ୍ଟ

**କାୟାବୁକିୟା ଟାଭର୍ନ:** ଜାପାନର ରାଜଧାନୀ ଟୋକିଓରେ ରହିଛି ଏହି ରେଷ୍ଟୁରାଣ୍ଟ। ଯେଉଁଠି ସ୍ୱାଦିଷ୍ଟ ଖାଦ୍ୟ ଖାଇବା ବଦଳରେ ୱେଟରଙ୍କୁ



ଦେଖିବା ଲାଗି ପ୍ରତିଦିନ ଲୋକଙ୍କ ଭିଡ଼ ଜମିଥାଏ। କାରଣ ସେଠାରେ କୌଣସି ପୁରୁଷ କିମ୍ବା ମହିଳା ନୁହନ୍ତି ବରଂ ଏହି କାର୍ଯ୍ୟ ମାଙ୍କଡ଼ମାନେ କରିଥା'ନ୍ତି। ରେଷ୍ଟୁରାଣ୍ଟର ମାଲିକ ମାଙ୍କଡ଼ମାନଙ୍କୁ ଏଭଳି ଭାବେ ତାଲିମ ଦେଇଛନ୍ତି ଯେ, ସେମାନେ ଗ୍ରାହକଙ୍କ ଅର୍ଡର ଅନୁଯାୟୀ ଖାଦ୍ୟ ପରଷିବା ସହ ଟେବୁଲ୍ ସଫା କରିବା ଏବଂ ଗ୍ରାହକଙ୍କ ହାତରେ ଆଣି ଟାୱେଲ୍ ଦେବା ପର୍ଯ୍ୟନ୍ତ ସବୁ କାର୍ଯ୍ୟ ନିର୍ଭୁଲ୍ ଭାବେ କରିଥା'ନ୍ତି।

**ପ୍ରିଜନ୍ ଥିମ୍ ରେଷ୍ଟୁରାଣ୍ଟ:** ଜେଲ ଯିବା ଏବଂ ସେଠାରେ ଖାଇବା ନାଁ ଶୁଣିଲେ ଲୋକ ଅପରାଧ କରିବାକୁ ଡରିଥା'ନ୍ତି। ହେଲେ ଜେଲ ଭିତରେ ବସି ଖାଇବା ଲାଗି ବି ଲୋକ ଭିଡ଼



ଜମାନ୍ତି, ଏକଥା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ହେଲେ ଏଠାରେ ପ୍ରକୃତ ଜେଲ ନୁହେଁ, ବରଂ ଜେଲ ଡିଜାଇନ୍‌ରେ ନିର୍ମିତ ଏକ ରେଷ୍ଟୁରାଣ୍ଟ ବିଷୟରେ କୁହାଯାଉଛି। ଚାଇନାର ତିୟାଜିନ୍ ସହରରେ ରହିଛି ଏହି କାରାଗାର ବା ପ୍ରିଜନ୍ ଥିମ୍ ରେଷ୍ଟୁରାଣ୍ଟ, ଯେଉଁଠି ବିଳାସପୂର୍ଣ୍ଣ କୋଠରି ବଦଳରେ ଗ୍ରାହକମାନେ ବିନା ଅପରାଧରେ କାରାଗାରର କୋଠରି ଭିତରେ ଥିବା ଟେବୁଲ୍ ଉପରେ ଖାଦ୍ୟ ଖାଇବାର ମଜା ନିଅନ୍ତି। ଏଠାରେ ୱେଟର ଏବଂ ଷ୍ଟାଫ୍‌ମାନେ କଏଦୀ ଏବଂ ଜେଲରଙ୍କ ପୋଷାକରେ ଖାଦ୍ୟ ପରଷିଥାନ୍ତି।

**ନ୍ୟୁ ଲକି ରେଷ୍ଟୁରାଣ୍ଟ:** ଆମ ଦେଶର ଅହମ୍ମଦାବାଦ ସହରରେ ରହିଛି ଏହି ଅଜବ ରେଷ୍ଟୁରାଣ୍ଟ, ଯେଉଁଠି କବରଗୁଡ଼ିକ



ମଝିରେ ଗ୍ରାହକଙ୍କୁ ଖାଇବାକୁ ହୋଇଥାଏ। ଏକ ପୁରୁଣା କବର ସ୍ଥାନ ଉପରେ ନିର୍ମାଣ କରାଯାଇଥିବା ଏହି ରେଷ୍ଟୁରାଣ୍ଟରେ ବର୍ତ୍ତମାନ ୧୨ଟି କବର ରହିଛି। ମାଲିକ ପ୍ରଥମେ ଏହାକୁ ସମ୍ପୂର୍ଣ୍ଣ ସଫା କରିବା ପରେ ରେଷ୍ଟୁରାଣ୍ଟ ଖୋଲିବେ ବୋଲି ଭାବିଥିଲେ, ହେଲେ ପରବର୍ତ୍ତୀ ସମୟରେ ଗ୍ରାହକଙ୍କୁ ଏକ ନିଆରା ପରିବେଶରେ ଖାଇବାର ଅନୁଭୂତି ଯୋଗାଇ ଦେବାକୁ କବରଗୁଡ଼ିକ ପାଖରେ ହିଁ ଟେବୁଲ୍-ଚେୟାର ପକାଇବାର ନିଷ୍ପତ୍ତି ନେଲେ। ସେଠାରେ ପ୍ରତିଦିନ ସକାଳୁ କବରଗୁଡ଼ିକୁ ସଫା କରାଯାଇ ଫୁଲ ଦିଆଯାଇଥାଏ। ବର୍ତ୍ତମାନ ବିନା ଭୟରେ ଏଠାରେ ବହୁସଂଖ୍ୟାରେ ଗ୍ରାହକ ଖାଇବା ଲାଗି ଆସୁଥିବା ଦେଖାଯାଉଛି।

ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୩ ମେ, ୨୦୨୬ Bhubaneswar, Sunday, 3 May, 2026




# ବିସିସିଆଇ ଏଚ୍‌ପିସି କ୍ୟାମ୍ପ ପାଇଁ ଅନ୍ୱେଷା ମନୋନୀତ

**ଭୁବନେଶ୍ୱର, ୨।୫ (ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ)ରେ ୧୫ ବର୍ଷରୁ କମ୍ ବାଳିକା ହାଇପର୍‌ଫର୍ମାନ୍ସ କ୍ୟାମ୍ପ ଚଳିତମାସ ୧୮ରୁ ମେ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କ୍ୟାମ୍ପରେ ଯୋଗଦେବା ପାଇଁ ଓଡ଼ିଶାର ପ୍ରତିଭା ସମ୍ପନ୍ନ କ୍ରିକେଟର ଅନ୍ୱେଷା ସ୍ୱାଇଁ ମନୋନୀତ ହୋଇଛନ୍ତି। ୨୦୧୧ ନଭେମ୍ବର ୨୫ରେ ଜନ୍ମିତା ଅନ୍ୱେଷାଙ୍କ ଘର ବାଲେଶ୍ୱର ଜିଲା ସୁତେଇ ବଡ଼ଗାଁ। ତେବେ ସେ ରାଜ୍ୟ ପ୍ରତିଯୋଗିତାଗୁଡ଼ିକରେ ପାରାଦୀପ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ସେ ଜଣେ ଡାହାଣହାତୀ ବ୍ୟାଟର ଓ ଲେଗ୍‌ବ୍ରେକ୍ ବୋଲର। ମା' ଅର୍ଚ୍ଚିତା ସ୍ୱାଇଁ ଓ ବାପା ରାଜୀବ କୁମାର ସ୍ୱାଇଁଙ୍କର ପ୍ରଥମ ଝିଅ ହେଉଛନ୍ତି ଅନ୍ୱେଷା। ସେ ସମ୍ପ୍ରତି ଭୁବନେଶ୍ୱର ଝାରପଡ଼ାସ୍ଥିତ


ଅନ୍ୱେଷା ସ୍ୱାଇଁ

ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ୧୦ମ ଶ୍ରେଣୀରେ ଅଧ୍ୟୟନରତ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଏବଂ ଅନ୍ୟ ସଦସ୍ୟମାନେ ଅନ୍ୱେଷାଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ଜେମିସନଙ୍କୁ ଡିମେରିଟ୍ ପଏଣ୍ଟ

**ଜୟପୁର, ୨।୫ (ପି.ଟି.)**

ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚବେଳେ ସ୍ୱଳ୍ପବୟସ୍କ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀ ଆଉଟ ହୋଇ ପଡ଼ିଆ ଛାଡୁଥିବା ବେଳେ ତାଙ୍କୁ ଲକ୍ଷ୍ୟ କରି ଦିଲ୍ଲୀ କ୍ୟାପିଟାଲ୍ସ ପେସର କାଇଲ ଜେମିସନଙ୍କ ଅଶୋଭନୀୟ ଅଙ୍ଗଭଙ୍ଗୀ ଯୋଗୁ ତାଙ୍କୁ ଏକ ଡିମେରିଟ୍ ପଏଣ୍ଟ ମିଳିଛି। ସେ ଆଇପିଏଲ ଆଚରଣବିଧି ଧାରା ୨.୫ର ଉଲ୍ଲଂଘନ କରିଥିଲେ। ପ୍ରଥମ ଇନିଂସର ଦ୍ୱିତୀୟ ଓଭରରେ ଏହି ଘଟଣା ଦେଖିବାକୁ ମିଳିଥିଲା। ୧୫ ବର୍ଷୀୟ ସୂର୍ଯ୍ୟବଂଶୀଙ୍କୁ ଆଉଟ କରିବା ପରେ ଜେମିସନ ଆକ୍ରମଣାତ୍ମକ ଭଙ୍ଗୀରେ ତାଙ୍କ ନିକଟକୁ ଯାଇଥିଲେ, ଯାହାକି ହୁଏତ ବ୍ୟାଟରଙ୍କୁ ଉତ୍କ୍ଷିପ୍ତ କରିପାରିଥାନ୍ତା। ଜେମିସନ ତାଙ୍କ ଭୁଲ୍ ସ୍ୱୀକାର କରିବା ସହ ମ୍ୟାଚ ରେଫରି ରାଜୀବ ସେଠ୍‌ଙ୍କ ପ୍ରଦତ୍ତ ଦଣ୍ଡବିଧାନକୁ ଗ୍ରହଣ କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା।

# ପୋଲଭଲ୍ଟରେ କୁଳଦୀପଙ୍କ ଜାତୀୟ ରେକର୍ଡ

**ଭୁବନେଶ୍ୱର, ୨।୫ (ତପନ ସ୍ୱାଇଁ)**

ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଛି ସର୍ବପ୍ରଥମ ଇଣ୍ଡିଆନ ଇନ୍‌ଡୋର ଓପନ କମ୍ବାଇନ୍ଡ ଇଭେଣ୍ଟ୍ସ ଆଣ୍ଡ ପୋଲଭଲ୍ଟ ପ୍ରତିଯୋଗିତା। ପ୍ରଥମ ଦିବସରେ ଅନୁଷ୍ଠିତ ପୁରୁଷ ପୋଲଭଲ୍ଟ ଇଭେଣ୍ଟରେ ଜାତୀୟ ରେକର୍ଡର ଅଧିକାରୀ ହୋଇଛନ୍ତି ମଧ୍ୟପ୍ରଦେଶର କୁଳଦୀପ କୁମାର। ୨୧ ବର୍ଷୀୟ କୁଳଦୀପ ନିଜ ପ୍ରଥମ ଉଦ୍ୟମରେ ୫.୪୧ ମିଟର କ୍ଲିୟର କରି ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ଏହାପରେ ସେ ୩ ଥର ୫.୪୬ ମିଟର କ୍ଲିୟର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ପୂର୍ବରୁ ମଧ୍ୟପ୍ରଦେଶର ଦେବ କୁମାର ମୀନା (୫.୪୦) ଜାତୀୟ ରେକର୍ଡର ଅଧିକାରୀ ଥିଲେ। ଏଠାରେ ଜାତୀୟ ରେକର୍ଡ ଭାଙ୍ଗିବା ସହ କୁଳଦୀପ ଜାତୀୟ ଇନ୍‌ଡୋର ରେକର୍ଡ (୫.୩୦)ରେ ମଧ୍ୟ ଉନ୍ନତି ଆଣିଛନ୍ତି। ଗତ ମାର୍ଚ୍ଚରେ ତାମିଲନାଡୁର ରିଗାନ ଜି. ଏହି ରେକର୍ଡର ଅଧିକାରୀ ହୋଇଥିଲେ।

ଏଥର ତାମିଲନାଡୁର ରିଗାନ ଏଠାରେ ୫.୨୫ ମିଟର କ୍ଲିୟର କରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ମଧ୍ୟପ୍ରଦେଶର ଦେବ କୁମାର ମୀନା (୫.୨୦ ମିଟର) ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କୁଳଦୀପ କୁମାରଙ୍କ ପାଇଁ ଏହା ପ୍ରଥମ ଇନ୍‌ଡୋର ପ୍ରତିଯୋଗିତା। ଭୁବନେଶ୍ୱର


କୁଳଦୀପ କୁମାର

ଇନ୍‌ଡୋର ଷ୍ଟାଡିୟମର ମୋଣ୍ଡୋ ଟ୍ରାକ୍‌ରେ ସେ ରିଦିମ ପାଇବାପାଇଁ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ହେଁ ସଫଳତା ପାଇଥିଲେ। "ଆଜି ଦିନଟି ମୋ ପାଇଁ ଖୁବ୍ ଭଲ ଥିଲା। ଏଠାରେ ଭଲ ଅଭିଜ୍ଞତା ହାସଲ କଲି" ବୋଲି କୁଳଦୀପ ପ୍ରକାଶ କରିଛନ୍ତି। କୁଳଦୀପଙ୍କ ସମେତ ରିଗାନ ଓ ଦେବ କୁମାର ଆଗାମୀ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଜାପାନ ଏସିଆନ ଗେମ୍ସରେ ଭାରତୀୟ ଦଳରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛନ୍ତି।

୨୦ ବର୍ଷରୁ କମ୍ ପୁରୁଷ ପୋଲଭଲ୍ଟରେ କଭିନରାଜା ଏସ. ୪.୯୦, ଆର. ବିଶାଲ ୪.୭୦ ଓ ଉତ୍ତର ପ୍ରଦେଶର ସୌରଭ ଯାଦବ ୪.୨୦ ମିଟର କ୍ଲିୟର କରି ସହିତ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରଥମ ଦିବସରେ ସିନିୟର ପୁରୁଷ ଏବଂ ୨୦ ବର୍ଷରୁ କମ୍ ପୁରୁଷ ହେପ୍ଟାଥଲନରେ ୬୦ ମିଟର ରେସ୍, ଲଙ୍ଗଜମ୍ପ, ଶଟ୍‌ପୁଟ୍ ଏବଂ ହାଇଜମ୍ପ ଇଭେଣ୍ଟ ଅନୁଷ୍ଠିତ ହୋଇଯାଇଛି। ତ୍ରିଭେନ୍ଦ୍ରମସ୍ଥିତ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସର ତୌଫିକ୍ ଏନ. ୨୯୪୩ ପଏଣ୍ଟ ସହିତ ଅଗ୍ରଣୀ ହାସଲ କରିଛନ୍ତି। ଓଡ଼ିଶାର ଯଶବୀର ନାୟକ ୨୯୨୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଦୁଇ ଦିନ ବିଶିଷ୍ଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହେବ।

## ପରାଜୟ ଧାରା ଭାଙ୍ଗିଲା ଦିଲ୍ଲୀ

**ଜୟପୁର, ୨।୫**

ଲୋକେଶ ରାହୁଲ ଓ ପଥୁମ ନିଶଙ୍କାଙ୍କ ଶତକୀୟ ଓପନିଂ ଭାଗୀଦାରି ବଳରେ ଶୁକ୍ରବାର ଅନୁଷ୍ଠିତ ଆଇପିଏଲ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୭ ଉଇକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଏହି ବିଜୟ ସହ ଦିଲ୍ଲୀ ଲଗାତର ୩ ମ୍ୟାଚ୍‌ରେ ପରାଜିତ ହେବା ପରେ ବିଜୟ ପଥକୁ ଫେରିଛି। ରାଜସ୍ଥାନ ଦ୍ୱାରା ପ୍ରଦତ୍ତ ୨୨୬ ରନର ଟାର୍ଗେଟକୁ ଦିଲ୍ଲୀ ୧୯.୧ ଓଭରରେ ୩ ଉଇକେଟରେ ହାସଲ କରି ନେଇଥିଲା। ଟାର୍ଗେଟର ପିଛା କରିବା ଦୃଷ୍ଟିରୁ ଏହା ଦିଲ୍ଲୀର ସର୍ବବୃହତ୍ ବିଜୟ। ଟସ୍ ଜିତି ବ୍ୟାଟିଂ କରିଥିବା ରାଜସ୍ଥାନ ୨୦ ଓଭରରେ ୬ ଉଇକେଟ ହରାଇ ୨୨୫ ରନ କରିଥିଲା। ଅଧିନାୟକ ରିୟାନ ପରାଗ ୯୦ ରନ କରିଥିଲେ। ଦିଲ୍ଲୀ ୧୯.୧ ଓଭରରେ ୩ ଉଇକେଟରେ ୨୨୬ ରନ କରିଥିଲା। ଲୋକେଶ ରାହୁଲ-୭୫ ଓ ପଥୁମ ନିଶଙ୍କା-୬୨ରନ କରିଥିଲେ।

# ମହିଳା ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଘୋଷଣା

**ନୂଆଦିଲ୍ଲୀ, ୨।୫**

ଆସନ୍ତା ଜୁନ ୧୨ରୁ ଜୁଲାଇ ୫ ପର୍ଯ୍ୟନ୍ତ ଇଂଲଣ୍ଡରେ ମହିଳା ଟି୨୦ ବିଶ୍ୱକପ୍ ଖେଳାଯିବ। ଏଥିଲାଗି ଶନିବାର ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ନନ୍ଦନୀ ଶର୍ମା ନୂଆ ଖେଳାଳି ଭାବେ ସ୍ଥାନ ପାଇଛନ୍ତି। ଚଣ୍ଡିଗଡ଼ରେ ଜନ୍ମିତ ୨୪ ବର୍ଷୀୟ ପେସର ଚଳିତବର୍ଷ ଡବ୍ଲ୍ୟୁପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଯୁଗ୍ମ ସର୍ବାଧିକ ୧୭ ଉଇକେଟ ନେଇଥିଲେ। ଉଇକେଟକିପର ଯସ୍ତିକା ଭାଟିଆ ଓ ଅଲରାଉଣ୍ଡର ରାଧା ଯାଦବ ଦଳକୁ ଫେରିଥିବା ବେଳେ ପ୍ରତୀକା ରାଓ୍ୱଲ, ଅନୁଷ୍କା ଶର୍ମା, ଉମା ଛେତ୍ରୀ ଓ କାଶଭି ଗୌତମ ବାଦ୍ ପଡ଼ିଛନ୍ତି। ଟି୨୦ ବିଶ୍ୱକପ୍‌ର ପ୍ରତ୍ୟେକ ସଂସ୍କରଣରେ ଖେଳିଥିବା ହରମନପ୍ରୀତ କୌର ପଞ୍ଚମ ଥର ପାଇଁ ବିଶ୍ୱକପ୍‌ରେ ଦଳର ନେତୃତ୍ୱ ନେବେ। ରାଧା ଯାଦବ ଦଳକୁ ଫେରିବାରୁ ସ୍ପିନ ବିଭାଗ ମଜଭୁତ ହୋଇଛି। ଏହି ବିଭାଗରେ ଦୀପ୍ତି ଶର୍ମା, ଶ୍ରୀ ଚରନୀ ଓ ଶ୍ରେୟଙ୍କା ପାଟିଲ ରହିଛନ୍ତି। ଏହି ଦଳ ବିଶ୍ୱକପ୍ ପୂର୍ବରୁ ଆସନ୍ତା ୨୮ ତାରିଖରୁ ଆୟୋଜକ ଇଂଲଣ୍ଡ ସହ ୩ ମ୍ୟାଚ୍ ବିଶିଷ୍ଟ ଏକ ଟି୨୦ ସିରିଜ୍ ଖେଳିବ। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତୀୟ ଦଳର ବିଶ୍ୱକପ୍ ଅଭିଯାନ ଜୁନ ୧୪ ତାରିଖରେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରୁ ଆରମ୍ଭ ହେବ। ଏହି ମ୍ୟାଚ୍ ବର୍ମିଂହାମରେ ଖେଳାଯିବ। ପରବର୍ତ୍ତୀ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ନେଦରଲାଣ୍ଡ୍ସ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଓ ଅଷ୍ଟ୍ରେଲିଆକୁ ଭେଟିବ। ଦୁଇ ଗ୍ରୁପ୍‌ର ଟପ୍ ଦୁଇ ଦଳ ସେମିଫାଇନାଲକୁ ଯୋଗ୍ୟତା ହାସଲ କରିବେ।

**ଭାରତୀୟ ମହିଳା ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା(ଉପ ଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ଦୀପ୍ତି ଶର୍ମା, ରିଚା ଘୋଷ(ଉଇକେଟକିପର), ଅରୁନ୍ଧତି ରେଡ୍ଡୀ, ରେଣୁକା ଟାକୁର, କ୍ରାନ୍ତି ଗୌଡ଼, ଶ୍ରୀ ଚରନୀ, ଶ୍ରେୟଙ୍କା ପାଟିଲ, ଭାରତି ଫୁଲମାଲି, ଯଶତିକା ଭାଟିଆ, ନନ୍ଦିନୀ ଶର୍ମା, ରାଧା ଯାଦବ।

**ଭାରତୀୟ ଟେଷ୍ଟ ଦଳ**

ଟି୨୦ ବିଶ୍ୱକପ୍ ପରେ ଜୁଲାଇ ୧୦ରୁ ୨୩ ପର୍ଯ୍ୟନ୍ତ ଭାରତ ଓ ଇଂଲଣ୍ଡ ମଧ୍ୟରେ ଲର୍ଡ୍‌ସଠାରେ ଏକମାତ୍ର ମହିଳା ଟେଷ୍ଟ ମ୍ୟାଚ୍ ଖେଳାଯିବ। **ଭାରତୀୟ ମହିଳା ଟେଷ୍ଟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ ଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ପ୍ରତୀକା ରାଓ୍ୱଲ, ରିଚା ଘୋଷ (ଉଇକେଟକିପର), ଶ୍ରୀ ଚରନୀ, ଯଶତିକା ଭାଟିଆ, ନନ୍ଦିନୀ ଶର୍ମା, ହର୍ଲିନ ଦେଓଲ, ରେଣୁକା ଠାକୁର ସିଂ, କ୍ରାନ୍ତି ଗୌଡ଼, ସ୍ନେହ ରାଣା, ସୟାଲି ସାଟଘରେ।

# ଚେନ୍ନାଇକୁ ଜିତାଇଲେ ଋତୁରାଜ


ଶଟ୍ ଖେଳିବା ଅବସରରେ ଋତୁରାଜ ଗାଏକ୍ୱାଡ।

**ଚେନ୍ନାଇ, ୨।୫**

ବୋଲରଙ୍କ ମାପଚୁପ ବୋଲିଂ ପରେ ଅଧିନାୟକ ଋତୁରାଜ ଗାଏକ୍ୱାଡଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଶନିବାର ଅନୁଷ୍ଠିତ ଆଇପିଏଲ୍ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ୮ ଉଇକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହି ବିଜୟ ସହ ଚେନ୍ନାଇ ୯ ମ୍ୟାଚ୍‌ରେ ୪ ବିଜୟ ଓ ୮ ପଏଣ୍ଟ ସହ ଷଷ୍ଠ ସ୍ଥାନକୁ ଉଠିଛି।

ମୁମ୍ବାଇକୁ ରିୟାନ ରିକଲଟନ (୩୭ ରନ, ୫ ଛକା) ଓ ନମନ ଧିର ୫୮ ରନର ଭଲ ଆରମ୍ଭ ପ୍ରଦାନ କରିଥିଲେ। ତିଳକ ବର୍ମା(୫) ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା(୧୮) ଫେଲ୍ ମାରିଥିବା ବେଳେ ସୂର୍ଯ୍ୟକୁମାର (୨୧ ରନ, ୩ ଚୌକା ଓ ୧ ଛକା) ପାଇଥିବା ଭଲ ଆରମ୍ଭକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ନମନ ୩୭ ବଲରେ ୫୭ (୪ ଚୌକା ଓ ୩ ଛକା) ରନ କରି ଆଉଟ୍‌ଥିଲେ। ଫଳରେ ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୫୯ ରନ୍ କରିଥିଲା। ଚେନ୍ନାଇ ପକ୍ଷରୁ ଅଂଶୁଲ କମ୍ବୋଜ ୩ ଓ ନୂର ଅହମଦ ୨ ଉଇକେଟ ନେଇଥିଲେ। ଜବାବରେ ଚେନ୍ନାଇକୁ ଅଧିନାୟକ ଋତୁରାଜ ଗାଏକ୍ୱାଡ ଓ ଉର୍ଭିଲ ପଟେଲ (୨୪) ୪୯ ରନର ଆରମ୍ଭ ଦେଇଥିଲେ। ଏହାପରେ ଗାଏକ୍ୱାଡ ଓ କାର୍ତ୍ତିକ ଶର୍ମା ଅବିଭାଜିତ ତୃତୀୟ ଉଇକେଟରେ ୭୫ ବଲରେ ୯୮ ରନର ପାର୍ଟନରଶିପ୍ କରି ଦଳକୁ ଜିତାଇଥିଲେ। ଚେନ୍ନାଇ ୧୮.୧ ଓଭରରେ ୨ ଉଇକେଟ ହରାଇ ୧୬୦ ରନ୍ କରିଥିଲା। ଋତୁରାଜ ୪୮ ବଲରେ ୬୭ (୫ ଚୌକା ଓ ୨ ଛକା) ଓ କାର୍ତ୍ତିକ ୪୦ ବଲରେ ୫୪ (୪ ଚୌକା ଓ ୩ ଛକା) ରନ କରିଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୧୫୯/୭ (ନମନ ଧିର-୫୭, ରିୟାନ ରିକଲଟନ-୩୭, ଅଂଶୁଲ କମ୍ବୋଜ-୩/୩୨, ନୂର ଅହମଦ-୨/୨୬)। ଚେନ୍ନାଇ ସୁପର କିଙ୍ଗ୍ସ: ୧୮.୧ ଓଭରରେ ୧୬୦/୨ (ଋତୁରାଜ ଗାଏକ୍ୱାଡ-୬୭*, କାର୍ତ୍ତିକ ଶର୍ମା-୫୪*, ଯଶପ୍ରୀତ ବୁମରା-୧/୨୦)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ହାଇଦ୍ରାବାଦ ବନାମ କୋଲକାତା**
ସ୍ଥାନ: ହାଇଦ୍ରାବାଦ
ସମୟ: ଅପରାହ୍ନ ୩.୩୦

**ଗୁଜରାଟ ବନାମ ପଞ୍ଜାବ**
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୮ | ୬ | ୧ | ୧ | ୧୩ | +୧.୦୪୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୯ | ୬ | ୩ | ୦ | ୧୨ | +୧.୪୨୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୬ | ୩ | ୦ | ୧୨ | +୦.୮୩୨ |
| ରାଜସ୍ଥାନ ରୟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୫୧୦ |
| ଗୁଜରାଟ ଟାଇଟନ୍ସ | ୯ | ୫ | ୪ | ୦ | ୧୦ | -୦.୧୯୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୪ | ୫ | ୦ | ୮ | +୦.୦୦୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୪ | ୫ | ୦ | ୮ | -୦.୮୯୫ |
| ନାଇଟ ରାଇଡର୍ସ | ୮ | ୨ | ୫ | ୧ | ୫ | -୦.୭୫୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୨ | ୭ | ୦ | ୪ | -୦.୮୦୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୨ | ୬ | ୦ | ୪ | -୧.୧୦୬ |

## ଆମେ ଟିମ୍ ଇଣ୍ଡିଆ ଡ୍ରେସିଂ ରୁମ୍‌କୁ ଯାଇଥିଲୁ: ଆଘା

**ଇସଲାମାବାଦ, ୨।୫**

ଗତବର୍ଷ ଏସିଆ କପ୍ ବେଳେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ଆପଣେଇଥିବା ନୋ ହ୍ୟାଣ୍ଡଶେକ ନୀତି ଏବେ ବି ପ୍ରଶଂସକଙ୍କ ମନରେ ଉଜ୍ଜୀବିତ ରହିଛି। ଏ ସମ୍ପର୍କରେ ପାକିସ୍ତାନ ଦଳର ଅଧିନାୟକ ସଲମାନ ଆଘା ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି। "ମୁଁ ଟସ୍ ପାଇଁ ଯାଇଥିଲି। ସେଥି ପୂର୍ବରୁ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ସେଠାରେ ସମସ୍ତେ ହାତ ମିଳାଇବା ସହ ଟ୍ରଫି ଶୁଟ୍ ହୋଇଥିଲା। ଟସ୍ ବେଳେ ମୁଁ ଆମ ମିଡିଆ ମ୍ୟାନେଜର ନଇମ ଭାଇଙ୍କ ସହ ଯାଇଥିଲି। ମ୍ୟାଚ୍ ରେଫରି ମୋତେ ଦୂରକୁ ନେଇ କହିଥିଲେ, ହ୍ୟାଣ୍ଡଶେକ ହେବ ନାହିଁ। ମ୍ୟାଚ୍‌ରେ ପରାଜିତ ହେବା ପରେ ଆମେ ସେମାନଙ୍କ ଡ୍ରେସିଂ ରୁମ୍‌କୁ ଯାଇଥିଲୁ। କିନ୍ତୁ ସେମାନେ ହ୍ୟାଣ୍ଡଶେକ କରି ନ ଥିଲେ" ବୋଲି ଆଘା କହିଛନ୍ତି।

# ୟୁନିୟନ-ପ୍ରଗତି ଫାଇନାଲ

**ସର୍ବଭାରତୀୟ ନୀଳାଚଳ ଟ୍ରଫି**

**ପୁରୀ, ୨।୫ (ଅଜିତ୍ କୁମାର ମହାନ୍ତି)**

ପାୟୋନିୟର କ୍ଲବ ଆନୁକୂଲ୍ୟରେ ଜଗନ୍ନାଥ ଷ୍ଟାଡିୟମରେ ଚାଲିଥିବା ଜଗଦୀଶ ଚନ୍ଦ୍ର ରାଉତରାୟ ସ୍ମାରକୀ ସର୍ବଭାରତୀୟ ନୀଳାଚଳ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିଲ୍ଲୀର ପାଲାମ ବିହାର କ୍ଲବକୁ ୭ ଉଇକେଟରେ ହରାଇ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। କଟକର ୟୁନିୟନ ସ୍ପୋର୍ଟିଂ ଓ ପ୍ରଗତି ମଧ୍ୟରେ ଫାଇନାଲ ରବିବାର ଅନୁଷ୍ଠିତ ହେବ। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାଲାମ ବିହାର କ୍ଲବ ୩୧.୫ ଓଭରରେ ୧୧୨ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସିମରନଜିତ ସିଂ ସର୍ବାଧିକ ୪୦



ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି ମିଳନ ସାମଲ।

ରନ କରିଥିଲେ। ବିପକ୍ଷ ଦଳର ଅଭିଜିତ ରାଉତ ଓ ମିଳନ ସାମଲ ୪ଟି ଲେଖାଏ ଉଇକେଟ ନେଇ ଦିଲ୍ଲୀ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୧୧୩ ରନର ବିଜୟ ଲକ୍ଷ୍ୟକୁ ପ୍ରଗତି ୧୪.୧ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଆୟୁଷ ଚାନ୍ଦ ସର୍ବାଧିକ ୪୧ ଓ ଆୟୁଷ ୩୮ ରନ ସ୍କୋର କରିଥିଲେ। ଦିଲ୍ଲୀ ଦଳ ପକ୍ଷରୁ ନିଶାନ୍ତ ନିଶିକେର ୨ଟି ଉଇକେଟ ନେଇଥିଲେ। ୨୬ ରନ ବିନିମୟରେ ୪ ଉଇକେଟ ନେଇଥିବା ମିଳନ ସାମଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦିଲ୍ଲୀର ସିମରନଜିତ ସିଂ ଇମ୍ପାକ୍ଟ ଖେଳାଳି ପୁରସ୍କାର ପାଇଥିଲେ। ଅଜିତ ରଥ ଓ ହରେଶ କୁମାର ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ଦେବବ୍ରତ ଦାଶ ଓ ଚନ୍ଦ୍ର ମୋହନ ବରାଳ ମ୍ୟାଚ ପରିଚାଳନା କରିଥିଲେ।

# ଅଲିମ୍ପିକ ପଦକ ବିଜେତାଙ୍କୁ ବାସନ୍ଦ

**ମୋନାକୋ, ୨।୫ (ଏପି)**

ଡୋପିଂ ନିରୋଧୀ ନିୟମ ଉଲ୍ଲଂଘନ ପାଇଁ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ଆଲିଶା ନ୍ୟୁମାନଙ୍କୁ ୨୦ମାସ ବାସନ୍ଦ ଦଣ୍ଡରେ ଦଣ୍ଡିତ କରାଯାଇଛି। ଜବାବରେ ସେ କହିଛନ୍ତି, ଇତିମଧ୍ୟରେ ଜଣେ ପୋଲଭଲ୍ଟର ଭାବେ ସେ ତାଙ୍କ କ୍ୟାରିୟର ଶେଷ କରିସାରିଛନ୍ତି। କାନାଡାର ନ୍ୟୁମ୍ୟାନଙ୍କୁ ବର୍ତ୍ତମାନ ୩୧ବର୍ଷ ବୟସ। ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ପାଇଥିଲେ। ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) କହିଛି, ନ୍ୟୁମ୍ୟାନ ଗତବର୍ଷ ଫେବୃଆରୀରେ ଥରେ ଏବଂ ପୁନଶ୍ଚ ଅଗଷ୍ଟରେ ଦୁଇଥର ଅଘୋଷିତ ଡୋପ୍ ଟେଷ୍ଟ ପାଇଁ ଉପଲବ୍ଧ ନ ଥିଲେ। ବାର ମାସ ମଧ୍ୟରେ ୩ଥର ସେ ତାଙ୍କ ଠିକଣା (ହୋୟାରଏବାଉଟ୍ସ) ଜଣାଇବାରେ ବିଫଳ ହୋଇଛନ୍ତି। ତୃତୀୟ ଘଟଣାଟିରେ ଆଥଲେଟ୍ ଜଣକ ସାମ୍ପଲ ସଂଗ୍ରହ କରୁଥିବା ଜାଣେ ଅଫିସିଆଲଙ୍କୁ କହିଥିଲେ, ଏକ ଟେଲିଭିଜନ ଗେମ୍ ଶୋ' ପାଇଁ ଶୁଟିଂଲାଗି ଯାଉଥିବାରୁ ସେ ତୁରନ୍ତ ଉପଲବ୍ଧ ହୋଇପାରିବେ ନାହିଁ।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ Business queries: <advt@dharitri.com>